# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୭/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 17/2025 | Page 14 | ₹ 7.00

୫୧ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 142 | ମୂଲ୍ୟ ₹୭/-





**‘ଡନ୍ ୩’: ରଣବୀରଙ୍କ ବିପକ୍ଷରେ ଶର୍ବରୀ**

‘ଡନ୍ ୩’ ଫିଲ୍ମରେ ଅଭିନେତା ରଣବୀର ସିଂଙ୍କ ବିପକ୍ଷରେ ଅଭିନେତ୍ରୀ ଶର୍ବରୀ ୱାଘ୍ ନଜରକୁ ଆସିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ୦୨

୧୪ **ସୁରୁଚିଙ୍କୁ ସ୍ୱର୍ଣ୍ଣ**

ଆଇଏସ୍ଏସ୍ଏଫ୍ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ସୁରୁଚି ଇନ୍ଦର ସିଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।






ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବୁଧବାର ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଆଲୋଚନା କରୁଛନ୍ତି। (ଏ ସମ୍ପର୍କିତ ଖବର: ପୃଷ୍ଠା-୩)

## ହିନ୍ଦୁ ଟ୍ରଷ୍ଟରେ ମୁସ୍‌ଲିମଙ୍କୁ ରଖିବ କି

**ହିନ୍ଦୁ ଧର୍ମୀୟ ଟ୍ରଷ୍ଟଗୁଡ଼ିକରେ ମୁସ୍‌ଲିମମାନଙ୍କୁ ସାମିଲ କରାଯିବ କି ବୋଲି ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ୱାକ୍‌ଫ (ସଂଶୋଧନ) ଆଇନ-୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଖଲ ହୋଇଥିବା ପିଟିଶନଗୁଡ଼ିକର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏହା ପଚାରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍ ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ପ୍ରଥମେ ଏହି ପ୍ରସଙ୍ଗରେ ଶୁଣାଣି ଆରମ୍ଭ କରି ନୋଟିସ୍ ଜାରି ସହ ସଂକ୍ଷିପ୍ତ ରାୟ ପ୍ରକାଶ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ତେବେ ଅନ୍ତରୀଣ ରାୟ ପ୍ରକାଶ ପୂର୍ବରୁ କେନ୍ଦ୍ର ଓ ଅନ୍ୟ କେତେକ ରାଜ୍ୟ ନିଜ ଯୁକ୍ତି ରଖିବାକୁ ସମୟ ମାଗିବାରୁ ଖଣ୍ଡପୀଠ ଏହା ଉପରେ ଗୁରୁବାର ଅପରାହ୍ନ ୨ଟାରେ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।**

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**



ନୂଆଦିଲ୍ଲୀ,୧୬।୪

ଦେଶରେ ୱାକ୍‌ଫ (ସଂଶୋଧନ) ଆଇନ-୨୦୨୫ ଲାଗୁ ହେବା ନେଇ ଗତ ୮ରେ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାର ଉକ୍ତ ଆଇନ ବଳରେ ମୁସଲମାନ ସମ୍ପ୍ରଦାୟର ଅଧିକାର ଛଡ଼ାଇନେବାକୁ ଉଦ୍ୟମ କରୁଥିବା ଦର୍ଶାଇ ଏହାର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି, ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ’ ବୋର୍ଡ (ଏଆଇଏମ୍‌ପିଏଲ୍‌ବି), ଜମାଇତ୍ ଉଲାମା-ଇ-ହିନ୍ଦ୍, ଦ୍ରାବିଡ ମୁନେତ୍ରା କାଝାଗାମ୍ (ଡିଏମ୍‌କେ), କଂଗ୍ରେସ ଏମ୍‌ପି ଇମ୍ରାନ୍ ପ୍ରତାପଗଡ଼ି ଏବଂ ମହମ୍ମଦ ଜାୱେଦଙ୍କ ସମେତ ବିଭିନ୍ନ ପକ୍ଷଙ୍କ ତରଫରୁ ମୋଟ ୭୩ଟି ପିଟିଶନ ଦାଖଲ ହୋଇଛି। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଯେପରି କୌଣସି ରାୟ ପ୍ରକାଶ ପୂର୍ବରୁ କେନ୍ଦ୍ରର ଯୁକ୍ତିକୁ ମଧ୍ୟ ଶୁଣିବେ ତାହା ସୁନିଶ୍ଚିତ କରିବା ପାଇଁ ସରକାର ଏପ୍ରିଲ ୮ରେ ଏକ କ୍ୟାଭେଟ୍ ଦାଖଲ କରିଛନ୍ତି।

ବୁଧବାର ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ଖଣ୍ଡପୀଠ ଅନେକ ପ୍ରଶ୍ନ କରିଥିଲେ। ବିଶେଷକରି ନୂଆ ଆଇନର ଅନେକ ନିୟମରେ ରହିଥିବା ‘ୱାକ୍‌ଫ ବାଇ ୟୁଜର’ଙ୍କ ସମ୍ପତ୍ତି ଉପରେ ପ୍ରଶ୍ନ କରିଥିଲେ। କେନ୍ଦ୍ରୀୟ ୱାକ୍‌ଫ କାଉନ୍‌ସିଲରେ ଅଣମୁସଲିମ୍‌ମାନଙ୍କୁ ରଖାଯିବା ପ୍ରାବଧାନକୁ ନେଇ ଖଣ୍ଡପୀଠ ପଚାରିଥିଲେ, ହିନ୍ଦୁ ଏଣ୍ଡୋମେଣ୍ଟ (ଦେବୋତ୍ତର) ବୋର୍ଡଗୁଡ଼ିକରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ସରକାର ସାମିଲ କରିବେ କି? ଏହି ଅବସରରେ ଜଣେ ଆବେଦନକାରୀଙ୍କ ଆଇନଜୀବୀ କପିଲ ସିବଲ ‘ୱାକ୍‌ଫ ବାଇ ୟୁଜର’ ନିୟମ ଉପରେ ଆପତ୍ତି ଉଠାଇଥିଲେ। ଏହି ନିୟମ ଅଧୀନରେ ଏକ ସମ୍ପତ୍ତି ବିନା କୌଣସି ଆନୁଷ୍ଠାନିକ ଦସ୍ତାବିଜରେ ମଧ୍ୟ ଦୀର୍ଘ ସମୟ ଧରି ଧର୍ମୀୟ ବା ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲେ, ତାହା ୱାକ୍‌ଫ ସମ୍ପତ୍ତି ରୂପେ ପରିଗଣିତ ହେବ ବୋଲି ନିୟମ ରହିଛି। ନୂଆ ଆଇନରେ ଏକ ବ୍ୟତିକ୍ରମ ଯୋଡ଼ାଯାଇଛି: ଯେଉଁ ସମ୍ପତ୍ତିକୁ ନେଇ ବିବାଦ ରହିଥିବ କିମ୍ବା ତାହା ସରକାରୀ ହୋଇଥିବ, ସେହି କ୍ଷେତ୍ରରେ ସମ୍ପୃକ୍ତ ସମ୍ପତ୍ତି ୱାକ୍‌ଫ ପ୍ରପର୍ଟି ରୂପେ ବିବେଚିତ ହେବ ନାହିଁ। ସିବଲ କହିଥିଲେ, ‘ୱାକ୍‌ଫ ବାଇ ୟୁଜର’ ହେଉଛି ଇସ୍‌ଲାମର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସମସ୍ୟା ହେଉଛି, ଯଦି ଏକ ସମ୍ପତ୍ତି ୩,୦୦୦ ବର୍ଷ ପୂର୍ବେ ପ୍ରତିଷ୍ଠିତ ହୋଇଥିବ ତାହା ହେଲେ ସେମାନେ ଦଲିଲ ମାଗିବେ। ଅନ୍ୟ ଜଣେ ଆବେଦନକାରୀଙ୍କ ଓକିଲ ଅଭିଷେକ ମନୁ ସିଂଘ୍‌ଭି କହିଥିଲେ, ଦେଶରେ ରହିଥିବା ୮ ଲକ୍ଷ ୱାକ୍‌ଫ ସମ୍ପତ୍ତି ମଧ୍ୟରୁ ୪ ଲକ୍ଷ ହେଉଛି ‘ୱାକ୍‌ଫ ବାଇ ୟୁଜର’। ସିଜେଆଇ ହସ୍ତକ୍ଷେପ କରି କହିଲେ, ଆମକୁ କୁହାଯାଇଛି ଯେ ଦିଲ୍ଲୀ ହାଇକୋର୍ଟ ମଧ୍ୟ ୱାକ୍‌ଫ ଜମି ଉପରେ ନିର୍ମିତ ହୋଇଛି। ସବୁ ‘ୱାକ୍‌ଫ ବାଇ ୟୁଜର’କୁ ଆମେ ଭୁଲ୍ ବୋଲି କହୁନାହୁଁ। କିନ୍ତୁ ଏହା ଏକ ଅନୁଧ୍ୟାନଯୋଗ୍ୟ ବିଷୟ। ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ, ସଂସଦରେ ବିସ୍ତୃତ ବିତର୍କ ପରେ ଏହି ଆଇନ ଗୃହୀତ ହୋଇଛି। ଏହା ପୂର୍ବରୁ ଏକ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଉକ୍ତ ବିଲ୍‌କୁ ଯାଞ୍ଚ କରିଥିଲା। ସିଜେଆଇ ମେହେଟ୍ଟାଙ୍କୁ କହିଥିଲେ, ହିନ୍ଦୁ ଏଣ୍ଡୋମେଣ୍ଟ ବୋର୍ଡଗୁଡ଼ିକରେ ମୁସଲମାନମାନଙ୍କୁ ସାମିଲ କରିବେ କି? ଖୋଲାଖୋଲି କୁହନ୍ତୁ। ଏହା ପରେ ଉକ୍ତ ଆଇନ ବିରୋଧରେ ବିକ୍ଷୋଭ ବେଳେ ଚାଲିଥିବା ହିଂସାକାଣ୍ଡକୁ ନେଇ ସିଜେଆଇ ଚିନ୍ତାବ୍ୟକ୍ତ କରିଥିଲେ। କହିଥିଲେ, ସେମାନେ ବ୍ୟବସ୍ଥା ଉପରେ ଏମିତି ଚାପସୃଷ୍ଟି କରିବେ ବୋଲି ମନେକରୁଛନ୍ତି। ସିବଲ କହିଲେ, କିଏ ଚାପ ସୃଷ୍ଟି କରୁଛି ତାହା ଜଣାନାହିଁ। ଗୁରୁବାର ଏହା ଉପରେ ପୁଣି ଶୁଣାଣି ହେବ।

## ସୁନା @ ୯୬,୧୭୦ ଟଙ୍କା



ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ଗତ ୨ ଦିନ ହେବ ସୁନା ଦର ଲଗାତର ହ୍ରାସ ପାଇବା ପରେ ବୁଧବାର ଉପରମୁହାଁ ହୋଇଛି। ଭାରତୀୟ ବଜାରରେ ୧୦ ଗ୍ରାମ୍ ୨୪ କ୍ୟାରେଟ ସୁନା ମଙ୍ଗଳବାର ୯୫,୧୮୦ ଟଙ୍କା ଥିଲାବେଳେ ଏଥିରେ ୯୯୦ ଟଙ୍କା ବୃଦ୍ଧି ପାଇ ୯୬,୧୭୦ ଟଙ୍କା ଛୁଇଁଛି। ୨୨ କ୍ୟାରେଟ ସୁନା ଦାମ୍ ୧୦ ଗ୍ରାମ୍‌କୁ ୮୮,୧୫୦ ଟଙ୍କା ହୋଇଛି। ୧୮ କ୍ୟାରେଟ ସୁନା ଦାମ୍ ୧୦ ଗ୍ରାମ୍‌କୁ ୭୨,୧୩୦ ଟଙ୍କା ରହିଛି। ମଙ୍ଗଳବାର ଏହା ୭୧,୩୫୦ ଟଙ୍କା ଥିଲା ଓ ଏଥିରେ ୭୮୦ ଟଙ୍କା ବୃଦ୍ଧି ହୋଇଛି। ସେହିପରି ରୁପା ଦାମ୍ ମଧ୍ୟ ବୃଦ୍ଧି ପାଇଛି। ୧୦୦ ଗ୍ରାମ୍ ରୁପା ଦାମ୍ ୧୧,୦୦୦ ରହିଛି। ମଙ୍ଗଳବାର ଏହା ୧୦,୯୮୦ ଟଙ୍କା ଥିଲାବେଳେ ଏବେ ଏଥିରେ ୨୦ ଟଙ୍କା ବୃଦ୍ଧି ହୋଇଛି। ତେବେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ୍ ପ୍ରତି ୮୮,୧୫୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟର ଦାମ ୯୬,୧୭୦ ଟଙ୍କା ଓ ୧୮ କ୍ୟାରେଟର ଦାମ ୭୨,୧୩୦ ଟଙ୍କା ରହିଛି। ୨୨, ୨୪ ଓ ୧୮ କ୍ୟାରେଟ୍ ସୁନା ଦାମ୍ ଭରି ପିଛା ଯଥାକ୍ରମେ ୯୫୦,୯୯୦ ଓ ୭୮୦ ଟଙ୍କା ବୃଦ୍ଧି ହୋଇଛି।

# ରାଉରକେଲାରେ ହାଜତ ମୃତ୍ୟୁ

**ଷ୍ଟିଲ୍ ସିଟି ରାଉରକେଲାରେ ଗତ ସପ୍ତାହକ ମଧ୍ୟରେ ୫ଟି ହତ୍ୟାକାଣ୍ଡ ଘଟିବା ପରେ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡ଼ି ଯାଇଥିବା କୁହାଯାଉଥିବାବେଳେ ଏବେ ଅବକାରୀ ପୋଲିସ ମାଡ଼ରେ ଜଣେ ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଗିରଫର ମାତ୍ର ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କୁ ହାଜତରେ ପିଟି ପିଟି ହତ୍ୟା କରାଯାଇଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅବକାରୀ ପୋଲିସ ଏବଂ ଜେଲ କର୍ତ୍ତୃପକ୍ଷ ଉଭୟ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।**

- **ଅବକାରୀ ମାମଲାରେ ଗିରଫ ଅଭିଯୁକ୍ତଙ୍କ ମୃତ୍ୟୁ**
- **ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ପରିବାର ଲୋକେ**



ରାଜେଶ କୁଜୁର

ରାଉରକେଲା,୧୬।୪(ସଙ୍ଗୀତା ଜେନା)

ଏକ ଅବକାରୀ ମାମଲାରେ ଗିରଫ ହୋଇ ରାଉରକେଲା ସ୍ୱତନ୍ତ୍ର ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ରାଏବୋଗା ଥାନା ଅନ୍ତର୍ଗତ ଦଲକୀ ଦୁଙ୍ଗାଘାଟ ଗ୍ରାମର ରାଜେଶ କୁଜୁର(୪୫)। ମୃତଦେହକୁ ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍) ମର୍ଗ ହାଉସରେ ରଖାଯାଇଛି। ଏନେଇ ଜେଲ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ ରଘୁନାଥପାଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୩/୨୫) ରୁଜୁ କରି ଅଧିକ ତଦନ୍ତ କରୁଛି। ରାଜେଶଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ତ୍ରୀ ଅମ୍ରିତା କୁଜୁର ବୁଧବାର ଅପରାହ୍ନରେ ରଘୁନାଥପାଲି ଥାନାରେ ଲିଖିତ ଏତଲା ଦେଇଛନ୍ତି। ତାଙ୍କ ସ୍ୱାମୀଙ୍କୁ ପିଟି ପିଟି ମାରି ଦିଆଯାଇଥିବା କୁଜୁର ଅଭିଯୋଗ କରିଛନ୍ତି। ସେହିପରି ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ବୀରମିତ୍ରପୁର ନିବାସୀ ରଶ୍ମି ଏକ୍କା, ଆଲବର୍ଟ କିଣ୍ଡୋଙ୍କ ନେତୃତ୍ୱରେ ପରିବାର ଲୋକେ ଏବଂ ଗ୍ରାମବାସୀ ଆର୍‌ଜିଏଚ୍ ମର୍ଗ ହାଉସ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏପରି କି ଦାବି ପୂରଣ ନ ହେବା ଯାଏ ମୃତଦେହ ଗ୍ରହଣ କରିବେ ନାହିଁ ବୋଲି କହି ଫେରି ଯାଇଛନ୍ତି।

ମୃତକଙ୍କ ସ୍ତ୍ରୀ ଅମ୍ରିତା କୁଜୁରଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଭୋର୍ ସାଢ଼େ ୫ଟାରେ ବୀରମିତ୍ରପୁର ଅବକାରୀ ବିଭାଗ ରାଜେଶଙ୍କୁ ମିଛ ମଦ ମାମଲାରେ ଘରୁ ଉଠାଇ ନେଇଥିଲା। ସେତେବେଳେ ତାଙ୍କ ସ୍ୱାମୀ ସୁସ୍ଥସବଳ ଥିଲେ। ହଠାତ୍ ରାତି ୧୦ଟାରେ ଜେଲ କର୍ତ୍ତୃପକ୍ଷ ଫୋନ୍ ଯୋଗେ ରାଜେଶ ଅସୁସ୍ଥ ଥିବା ସୂଚନା ଦେଇଥିଲେ। ବୁଧବାର ସକାଳେ ପରିବାର ଲୋକେ ଆର୍‌ଜିଏଚ୍ ଆସି ରାଜେଶଙ୍କ ମୃତ୍ୟୁ ହୋଇସାରିଥିବା ଦେଖିବାକୁ ପାଇଥିଲେ। ତାଙ୍କ ଦେହସାରା କ୍ଷତଚିହ୍ନ ସହ ରକ୍ତାକ୍ତ ଥିଲା। ଏପରି କି ସେ ପିନ୍ଧିଥିବା ପୋଷାକ ମଧ୍ୟ ଛିଣ୍ଡି ଯାଇଥିଲା। ରାଜେଶଙ୍କୁ ଅବକାରୀ ଥାନା କିମ୍ବା ଜେଲରେ ପିଟି ପିଟି ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ଅମ୍ରିତା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ରାଉରକେଲା ସ୍ୱତନ୍ତ୍ର ଜେଲ ଅଧିକାରୀ ରତିକାନ୍ତ ଶୁକ୍ଳା କହିଛନ୍ତି, ରାଜେଶଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ ପରେ ଜେଲକୁ ଅଣାଯାଇଥିଲା। ରାତି ସାଢ଼େ ୮ଟାରେ ରାଜେଶଙ୍କୁ ସ୍ୱତନ୍ତ୍ର ଜେଲ ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ହେଲେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ବୁଧବାର ଭୋର୍ ୫ଟା ୪୫ ମିନିଟ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ନାଁରେ ଆପରାଧିକ ମାମଲା ସମ୍ପର୍କରେ କୌଣସି ତଥ୍ୟ ତାଙ୍କ ନିକଟରେ ନାହିଁ ବୋଲି ଶୁକ୍ଳା କହିଥିଲେ। ଅପରପକ୍ଷରେ ହାଜତ ମୃତ୍ୟୁ ଅଭିଯୋଗକୁ ରାଉରକେଲା ଅବକାରୀ ପୋଲିସ ଖଣ୍ଡନ କରିଛି। ବୀରମିତ୍ରପୁର ଓଆଇସି ଇଦ୍ରିସ ହୁସେନ୍ ଅଭିଯୁକ୍ତଙ୍କୁ ୧୮ଲିଟର ମଦ ରଖିବା ଅଭିଯୋଗରେ ଗିରଫ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପୂର୍ବରୁ ଡାକ୍ତରୀମାଇନା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଜାମିନ ଖାରଜ ହେବା ପରେ ପରେ ତାଙ୍କୁ ସ୍ୱତନ୍ତ୍ର ଜେଲକୁ ପଠାଇ ଦିଆଯାଇଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କୌଣସି ଆପରାଧିକ ମାମଲା ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖନୀୟ, ମୃତକଙ୍କ ୩ କନ୍ୟା ଓ ଏକ ପୁତ୍ର ସନ୍ତାନ ରହିଛନ୍ତି। ରାଜେଶଙ୍କ ମୃତ୍ୟୁପରେ ତାଙ୍କ ପରିବାରର ଭରଣପୋଷଣ ଏବେ ଚିନ୍ତାର ବିଷୟ ପାଲଟିଛି। ତେଣୁ ତାଙ୍କ ପରିବାରକୁ ନ୍ୟାୟ ସହ କ୍ଷତିପୂରଣ ଦିଆଯାଉ ବୋଲି ସମ୍ପର୍କୀୟ ଦାବି କରିଛନ୍ତି।


**ଆଜିର ସମ୍ପାଦକୀୟ**

**ସୁଗ୍ରୀବଙ୍କ ମାନଚିତ୍ରରେ ଭାରତ**


## ଜଷ୍ଟିସ୍ ବି.ଆର୍. ଗଭାଇ ହେବେ ପରବର୍ତ୍ତୀ ସିଜେଆଇ

ନୂଆଦିଲ୍ଲୀ,୧୬।୪(ପି.ଟି.)



ଜଷ୍ଟିସ୍ ବି.ଆର୍. ଗଭାଇ

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନା ବୁଧବାର ଜଷ୍ଟିସ୍ ଭୂଷଣ ରାମକ୍ରିଷ୍ଣା ଗଭାଇଙ୍କ ନାମ ପରବର୍ତ୍ତୀ ସିଜେଆଇ ରୂପେ କେନ୍ଦ୍ରକୁ ସୁପାରିସ କରିଛନ୍ତି। ଜଷ୍ଟିସ୍ ଖାନ୍ନା ମେ’ ୧୩ରେ ଅବସର ନେବେ। ୨୦୧୯ ମେ’ ୨୪ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଗଭାଇ ଶୀର୍ଷ ଅଦାଲତର ଦ୍ୱିତୀୟ ବରିଷ୍ଠତମ ବିଚାରପତି। ସେ ୧୪ ତାରିଖରେ ୫୨ତମ ସିଜେଆଇ ରୂପେ ଶପଥ ଗ୍ରହଣ କରି ୨୦୨୫ ନଭେମ୍ବର ୨୩ରେ ୬୫ ବର୍ଷ ବୟସରେ ଅବସର ନେବେ।

ଗତ ନଭେମ୍ବର ୧୧ରେ ୫୧ତମ ସିଜେଆଇ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଷ୍ଟିସ୍ ଖାନ୍ନା ଗଭାଇଙ୍କ ନାମ ଆଇନ ମନ୍ତ୍ରଣାଳୟକୁ ସୁପାରିସ କରିଛନ୍ତି। ଜଷ୍ଟିସ୍ ଗଭାଇ ୧୯୬୦ ନଭେମ୍ବର ୨୪ରେ ଅମରାବତୀରେ ଜନ୍ମ ଗ୍ରହଣ କରିଥିଲେ। ୨୦୦୩ ନଭେମ୍ବରରେ ସେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ରୂପେ ନିଯୁକ୍ତି ପାଇଥିଲେ। ୨୦୦୫ ନଭେମ୍ବରରେ ତାଙ୍କୁ ହାଇକୋର୍ଟ ସ୍ଥାୟୀ ବିଚାରପତି କରାଯାଇଥିଲା।

ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଗଭାଇ ଅନେକ ସାମ୍ବିଧାନିକ ପୀଠରେ ରହି ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ସମ୍ପର୍କିତ ସର୍ବସମ୍ମତ ରାୟ ପ୍ରଦାନକାରୀ ୫ ଜଣିଆ ସାମ୍ବିଧାନିକ ପୀଠରେ ମଧ୍ୟ ଜଷ୍ଟିସ୍ ଗଭାଇ ରହିଥିଲେ। ସେହିପରି ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ ବଣ୍ଡକୁ ରଦ୍ଦ କରିଥିବା ଅନ୍ୟ ଏକ ୫ ଜଣିଆ ସାମ୍ବିଧାନିକ ପୀଠର ସଦସ୍ୟ ରହିଥିଲେ ଜଷ୍ଟିସ୍ ଗଭାଇ।

# ଦୁଗ୍ଧ ଉତ୍ପାଦନ: ରାଜ୍ୟରେ ବଢ଼ିଛି, ୧୩ ଜିଲାରେ କମିଛି

**ଦେଶର ଅର୍ଥନୀତି ସୁଦୃଢ଼ କରିବାରେ ପ୍ରାଣିସମ୍ପଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଗ୍ରାମାଞ୍ଚଳର ଅନେକ ପରିବାର ଦୁଗ୍ଧ ଉତ୍ପାଦନ କରି ଗୁଜରାଣ ମେଣ୍ଟାଉଛନ୍ତି। ଏହି କ୍ରମରେ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଦେଶରେ ୨୦୨୩-୨୪ ଆର୍ଥିକବର୍ଷରେ ୨୩୯.୩୦ ନିୟୁତ ମେଟ୍ରିକ୍ ଟନ୍ (ଏମ୍ଏମ୍‌ଟି) ଦୁଗ୍ଧ ଉତ୍ପାଦନ ହୋଇଥିବା ମତ୍ସ୍ୟଚାଷ, ଦୁଗ୍ଧ ଓ ପଶୁପାଳନ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୨ ତାରିଖରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏ କ୍ଷେତ୍ରରେ ଓଡ଼ିଶାର ଅବଦାନ ୧.୧% ରହିବା ସହ ଦେଶରେ ଆମ ରାଜ୍ୟ ୧୬ ନମ୍ବର ସ୍ଥାନରେ ରହିଛି। ୨୦୦୯-୧୦ରୁ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବେ ବଢ଼ିଚାଲିଥିଲାବେଳେ ସଦ୍ୟତମ ତଥ୍ୟ ଅନୁଯାୟୀ ୨୦୨୩-୨୪ରେ ଏହା ୨୦୨୨-୨୩ ତୁଳନାରେ ୧୩ ଜିଲାରେ କମିଛି। ରାଜ୍ୟର ୪୩% ଜିଲାରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା ଗ୍ରାମୀଣ ଅର୍ଥନୀତିର ରୁଗ୍ଣ ଅବସ୍ଥାକୁ ଦର୍ଶାଉଛି। ନିକଟରେ ରାଜ୍ୟ ସରକାର ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ କାର୍ଯ୍ୟକାରୀ କରିଥିବାରୁ ସ୍ଥିତିରେ ସୁଧାର ଆସିପାରେ ବୋଲି କୁହାଯାଉଛି।**



ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)

ଦେଶରେ ୨୦୨୩-୨୪ରେ ସର୍ବାଧିକ ଉତ୍ତରପ୍ରଦେଶରେ ୩୮,୭୮୦ ହଜାର ମେଟ୍ରିକ ଟନ୍ (ଟିଏମ୍‌ଟି) ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ଓଡ଼ିଶାରେ ଏହାର ପରିମାଣ ରହିଛି ୨,୬୩୬ ଟିଏମ୍‌ଟି। ଦେଶର ମୋଟ ଉତ୍ପାଦନରେ ଏହି ଦୁଇ ରାଜ୍ୟର ଅବଦାନ ଯଥାକ୍ରମେ ୧୬.୨୧% ଏବଂ ୧.୧% ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ୨୪୭୬.୪୨ ଟିଏମ୍‌ଟି ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୩-୨୪ରେ ୧୫୯.୫୮ ଟିଏମ୍‌ଟି ବୃଦ୍ଧି ପାଇଛି। ମାତ୍ର ୧୩ ଜିଲା ତଥା ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଛି। କଟକ ଜିଲାରେ ୧୪,୦୩,୨୦୪ କ୍ଷୀର ଦେଉଥିବା ପ୍ରାଣୀଙ୍କଠାରୁ ସର୍ବାଧିକ ୩୯୧ ଟିଏମ୍‌ଟି ଦୁଗ୍ଧ ଉତ୍ପାଦନ ହୋଇଛି। କନ୍ଧମାଳରେ ୪,୭୩,୧୯୯ ପ୍ରାଣୀଙ୍କଠାରୁ ସର୍ବନିମ୍ନ ୧୧.୧୧ ଟିଏମ୍‌ଟି କ୍ଷୀର ଉତ୍ପାଦନ ହୋଇଛି। ମୟୂରଭଞ୍ଜରେ କ୍ଷୀର ଦେଉଥିବା ପ୍ରାଣୀଙ୍କ ସଂଖ୍ୟା ସର୍ବାଧିକ ୩୭,୬୧,୧୨୮ ରହିଥିଲେ ମଧ୍ୟ ଦୁଗ୍ଧ ଉତ୍ପାଦନ ଖୁବ୍ କମ୍ ରହିଛି। ବର୍ଷକରେ ଉତ୍ପାଦିତ କ୍ଷୀର ପରିମାଣ ୭୨.୮୭ରୁ ୬୨.୭୮ ଟିଏମ୍‌ଟିକୁ ହ୍ରାସ ପାଇଛି। ଏହି ୧୩ ଜିଲାରେ ଦେଶୀ ଗାଈଙ୍କ ସଂଖ୍ୟା ଅଧିକ ରହିଛି। ଏହି ବର୍ଗର ଗାଈ କମ୍ କ୍ଷୀର ଦେଉଥିବାରୁ ସାମଗ୍ରିକ ଭାବେ ଏହି ସବୁ ଜିଲାରେ ଦୁଗ୍ଧ ଉତ୍ପାଦନ ପ୍ରଭାବିତ ହୋଇଥିବା ସରକାରୀ ଭାବେ କୁହାଯାଉଛି।

ରାଜ୍ୟ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଏବେ ଓମ୍‌ଫେଡ୍ ଦୈନିକ ୫ ଲକ୍ଷ ୧୪ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି। ସେଥିରେ ଦେଶୀ ବା ବିଞ୍ଝାରପୁରୀ ଗାଈ କ୍ଷୀର ହେଉଛି ୨୫୦୦ ଲିଟର। ଅନ୍ୟାନ୍ୟ ଘରୋଇ କମ୍ପାନୀଗୁଡ଼ିକ ରାଜ୍ୟରୁ ଦୈନିକ ୨ ଲକ୍ଷ ୭୪ ହଜାର ଲିଟର ଦୁଗ୍ଧ ଦୈନିକ ସଂଗ୍ରହ କରୁଛନ୍ତି। ବର୍ଷ ସାରା ଓମଫେଡ୍‌ର ଦୁଗ୍ଧ ଚାଷୀଙ୍କୁ ଲିଟର ପିଛା ୨ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦେବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ମୁଣ୍ଡ ପିଛା କ୍ଷୀର ଆବଶ୍ୟକତା ପୂରଣ ପାଇଁ ଦୈନିକ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ‘ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା’ ଆରମ୍ଭ କରାଯାଇଛି। ଏହା ଅଧୀନରେ ପ୍ରତିବର୍ଷ ୨,୦୦୦ ହିତାଧିକାରୀଙ୍କୁ ୨ଟି କ୍ରସ୍‌ବ୍ରିଡ୍ ଗାଈ ରଖିବା ପାଇଁ କ୍ଷୁଦ୍ର ଦୁଗ୍ଧ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏଥିସହ ୨୦ ହଜାର ଦୁଗ୍ଧ ଚାଷୀଙ୍କୁ ରିହାତିରେ ବାଛୁରୀ ଖାଦ୍ୟ ଯୋଗାଇଦିଆଯିବ। ୧ ଲକ୍ଷ ଚାଷୀ ଦୁଧିଆଳୀ ଗାଈର ବୀମା ପାଇଁ ସହାୟତା ପାଇବେ। ତେବେ କୁଲାଙ୍ଗେଙ୍କ କହିବାନୁସାରେ ରାଜ୍ୟ ବାହାରର ବିଭିନ୍ନ ଘରୋଇ କମ୍ପାନୀ ଓଡ଼ିଶାର ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରୁ ନ ଥିଲେ ମଧ୍ୟ ରାଜ୍ୟରେ ବିକ୍ରି କରିଛନ୍ତି। ସେହିପରି ଓମ୍‌ଫେଡ୍ ଦୁଗ୍ଧ ଓ ଦୁଗ୍ଧଜାତଦ୍ରବ୍ୟ ଛତିଶଗଡ଼, ପଶ୍ଚିମବଙ୍ଗ, ଆସାମ ସହ ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ କିଛି ମାତ୍ରାରେ ଯାଉଥିବା କୁଲାଙ୍ଗେ ସୂଚନା ଦେଇଛନ୍ତି।

## ୪% ମୁସ୍‌ଲିମ ସଂରକ୍ଷଣ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଲେ ରାଜ୍ୟପାଳ

କର୍ଣ୍ଣାଟକରେ ମୁସଲମାନଙ୍କୁ ସରକାରୀ କଣ୍ଟ୍ରାକ୍ଟରେ ୪% ସଂରକ୍ଷଣ ପ୍ରଦାନ କରୁଥିବା ବିଲ୍‌କୁ ରାଜ୍ୟପାଳ ଥାୱର ଚନ୍ଦ୍ ଗେହଲୋଟ୍ ଅନୁମୋଦନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଛନ୍ତି। ଭାରତୀୟ ସମ୍ବିଧାନ ଧର୍ମକୁ ଆଧାରକରି ସଂରକ୍ଷଣର ଅନୁମତି ଦେଉନାହିଁ ବୋଲି ରାଜଭବନ ପକ୍ଷରୁ ଏକ ବୟାନ ଜାରିକରି କୁହାଯାଇଛି।

## ଚାଇନା ଉପରେ ୨୪୫% ଟାରିଫ ଲଗାଇଲା ଆମେରିକା

ୱାଶିଂଟନ, ୧୬।୪

ଆମେରିକା ଏବଂ ଚାଇନା ମଧ୍ୟରେ ଚାଲିଥିବା ଟାରିଫ ଯୁଦ୍ଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପକ୍ଷରୁ ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ୨୪୫% ପର୍ଯ୍ୟନ୍ତ ଟାରିଫ ଲାଗୁ କରାଯାଇଛି। ହ୍ୱାଇଟ ହାଉସ ପକ୍ଷରୁ ବୁଧବାର ଜାରି ହୋଇଥିବା ଏକ ଫ୍ୟାକ୍ଟ ଶିଟ୍‌ରେ ଏହି ସୂଚନା ଦିଆଯାଇଛି। ଆମେରିକା ବିରୋଧରେ ବେଜିଂର ପ୍ରତିଶୋଧମୂଳକ ଟାରିଫର ଜବାବରେ ଏହି ନିଷ୍ପତ୍ତି ନିଆଯାଇଥିବା ହ୍ୱାଇଟ ହାଉସ କହିଛି। ତେବେ ଆମେରିକାର ଏହି ଟାରିଫ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ରଖି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି, ଏହି ଟାରିଫ ଯୁଦ୍ଧକୁ ଆମେରିକା ପକ୍ଷରୁ ଆରମ୍ଭ କରାଯାଇଛି। ଚାଇନା ନିଜର ବୈଧ ଅଧିକାର, ସ୍ୱାର୍ଥ, ଅନ୍ତର୍ଜାତୀୟ ନିରପେକ୍ଷତା ଏବଂ ନ୍ୟାୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇଛି, ଯାହା ଆଇନଗତ ମଧ୍ୟ।



ଇରାକ୍‌ର ଶେଖାନ୍ ଜିଲାସ୍ଥିତ ଲଲିଶ୍ ମନ୍ଦିରରେ ୟାଜିଦି ସମ୍ପ୍ରଦାୟର ମହିଳାମାନେ ନବବର୍ଷ ଅବସରରେ ଚାର୍ଶମା ସୋର୍ (ଲୋହିତ ବୁଧବାର) ପାଳନ କରୁଛନ୍ତି।

## ଭେଣ୍ଟିଲେଟରରେ ଏୟାର ହୋଷ୍ଟେସ୍‌ଙ୍କୁ ଯୌନ ଉତ୍ପୀଡ଼ନ


**ହରିୟାଣାରେ ହସ୍ପିଟାଲ ହରର୍**


**ନୀରବଦ୍ରଷ୍ଟା ସାଜିଥିଲେ ୨ ନର୍ସ**

ଗୁରୁଗ୍ରାମ, ୧୬।୪

ହରିୟାଣାର ଗୁରୁଗ୍ରାମସ୍ଥିତ ମେଦାନ୍ତା ହସ୍ପିଟାଲ ଇନ୍‌ସେଣ୍ଟିଭ୍ କେୟାର ୟୁନିଟ୍ (ଆଇସିୟୁ)ର ଭେଣ୍ଟିଲେଟରରେ ଥାଇ ଚିକିତ୍ସିତ ହେଉଥିବା ଜଣେ ଏୟାର ହୋଷ୍ଟେସ୍‌ଙ୍କୁ ଯୌନଉତ୍ପୀଡ଼ନ କରାଯାଇଛି। ଉକ୍ତ ହସ୍ପିଟାଲର ଜଣେ କର୍ମଚାରୀ ତାଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ନେଇ ୪୬ ବର୍ଷୀୟା ଏୟାର ହୋଷ୍ଟେସ୍ ଗୁରୁଗ୍ରାମ ସଦର ଥାନାରେ ଅଭିଯୋଗ କରିଛନ୍ତି।

ପଶ୍ଚିମବଙ୍ଗ ନିବାସୀ ଏୟାର ହୋଷ୍ଟେସ୍ ତାଙ୍କ କମ୍ପାନୀ ପକ୍ଷରୁ ଟ୍ରେନିଂ ନେବା ପାଇଁ ଗୁରୁଗ୍ରାମକୁ ଆସିଥିଲେ। ସେ ଏକ ହଷ୍ଟେଲରେ ରହି ତାଲିମ ନେଉଥିବାବେଳେ ପହଁରିବା ସମୟରେ ପାଣିରେ ବୁଡ଼ିଯାଇଥିଲେ। ସେହିଦିନ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ୫ ତାରିଖରେ ତାଙ୍କ ସ୍ୱାମୀ ତାଙ୍କୁ ସେଠାରୁ ନେଇ ଦେଶର ଜଣାଶୁଣା ମେଦାନ୍ତା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ୬ ତାରିଖରେ ସେ ସଂଜ୍ଞାହୀନ ଅବସ୍ଥାରେ ଆଇସିୟୁର ଭେଣ୍ଟିଲେଟରରେ ଚିକିତ୍ସିତ ହେଉଥିଲେ। ସେହି ସମୟରେ ଜଣେ ହସ୍ପିଟାଲ କର୍ମଚାରୀ ଆସି ତାଙ୍କୁ ଯୌନ ଉତ୍ପୀଡ଼ନ କରିଥିଲେ। ପୀଡ଼ିତା ଜଣକ ରବିବାର (୧୩ ତାରିଖରେ) ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କ ସହ ବିତିଥିବା ସବୁକଥା ନିଜ ସ୍ୱାମୀଙ୍କୁ କହିଥିଲେ। ସୋମବାର ଉଭୟେ ଗୁରୁଗ୍ରାମ ସଦର ଥାନାକୁ ଯାଇ ହସ୍ପିଟାଲର ଅଜ୍ଞାତ ସଦସ୍ୟଙ୍କ ବିରୋଧରେ ଏତଲା ଦେଇଥିଲେ। ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ମହିଳାଙ୍କ ବୟାନ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ରେକର୍ଡ କରାଯାଇଥିବା ନେଇ ଗୁରୁଗ୍ରାମ ପୋଲିସ ସ୍ପଷ୍ଟ କରିଛି। ଭେଣ୍ଟିଲେଟରରେ ଥିବାରୁ ସେ ଉତ୍ପୀଡ଼ନକାରୀଙ୍କୁ ବାଧା ଦେଇପାରି ନ ଥିଲେ। ଏପରି କି ଯୌନ ଉତ୍ପୀଡ଼ନ ଶିକାର ହୋଇ ମହିଳା ଜଣକ ଭୟରେ ମୁହଁ ମଧ୍ୟ ଖୋଲିପାରି ନ ଥିଲେ। ତାଙ୍କ ସହ ଏହି କୁକାର୍ଯ୍ୟ କରାଯାଉଥିବାବେଳେ ୨ ଜଣ ନର୍ସ ତାଙ୍କ ନିକଟରେ ଉପସ୍ଥିତ ଥିଲେ। କିନ୍ତୁ ଉଭୟେ ଉତ୍ପୀଡ଼ନକାରୀଙ୍କୁ ବାଧା ଦେବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଥିଲେ ବୋଲି ମହିଳା ନିଜ ବୟାନରେ କହିଛନ୍ତି। ଘଟଣା ପ୍ରଘଟ ହୋଇ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବା ପରେ ଆଉ ଚପାଇଦେବା ଅବସ୍ଥାରେ ନ ଥିବା ଜାଣି ପୋଲିସ ମାମଲା ରୁଜୁ କରିଛି। ଏଥିସହ ହସ୍ପିଟାଲର ସିସିଟିଭି କ୍ୟାମେରା ଫୁଟେଜ୍ ସଂଗ୍ରହକରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଗୁରୁଗ୍ରାମ ପୋଲିସ କହିଛି। ଇତିମଧ୍ୟରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ରେଣୁ ଭାଟିଆଙ୍କୁ ଏନେଇ ଅବଗତ କରାଯାଇଛି। ବୁଧବାର ହସ୍ପିଟାଲ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଘଟଣା ସମ୍ପର୍କରେ ଆମେ ଅବଗତ ଅଛୁ। ତଦନ୍ତରେ ସହଯୋଗ କରୁଛୁ। ବର୍ତ୍ତମାନ ସ୍ଥିତିରେ ଅଭିଯୋଗ ପ୍ରମାଣିତ ହୋଇନାହିଁ। ସେହି ସମୟର ସିସିଟିଭି ଫୁଟେଜ ସମେତ ସମସ୍ତ ଜରୁରୀ ଦସ୍ତାବିଜ ପୋଲିସକୁ ହସ୍ତାନ୍ତର କରାଯାଇଛି ବୋଲି ମେଡିସିଟିସ୍ଥିତ ମେଦାନ୍ତା ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ସଞ୍ଜୟ ଦୁରାନୀ ବିବୃତି ଦେଇଛନ୍ତି।






# ‘ବସିଥିବା ଡାଳକୁ ହାଣୁଛନ୍ତି ଶାହା’

## ମୁର୍ଶିଦାବାଦ ହିଂସା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଦାୟୀକଲେ ମମତା

କୋଲକାତା, ୧୬।୪

ମୁର୍ଶିଦାବାଦରେ ୱାକ୍‌ଫ ଆଇନ ବିରୋଧୀ ହିଂସା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଦାୟୀ କରିଛନ୍ତି। ମମତା କହିଛନ୍ତି, ସଂଘୀୟ ସଂସ୍ଥାଗୁଡ଼ିକ ଭାଜପା ଏବଂ ଶାହାଙ୍କ ନିୟନ୍ତ୍ରଣରେ ରହିଛି। ସେମାନେ ବାଂଲାଦେଶରୁ ଆପରାଧିକ ତତ୍ତ୍ୱଙ୍କୁ ଭାରତରେ ଅନୁପ୍ରବେଶ କରାଇ ମୁର୍ଶିଦାବାଦରେ ହିଂସା ଭିଆଇବାକୁ ଅନୁମତି ଦେଇ ନିଜେ ବସିଥିବା ଡାଳକୁ ହାଣୁଛନ୍ତି।

ୱାକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ସମଶେରଗଞ୍ଜର ହରଗୋବିନ୍ଦ ଦାସ (୭୨), ତାଙ୍କ ପୁଅ ଚନ୍ଦନ ଦାସ (୪୦)ଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ହିଂସାତ୍ମକ ବିକ୍ଷୋଭ ଚାଲିଥିବାବେଳେ ପୋଲିସ ଗୁଳିରେ ଏଜାଜ୍ ଅହମଦ (୨୫) ପ୍ରାଣ ହରାଇଥିଲେ। ନୂଆ ୱାକ୍‌ଫ ଆଇନ ଉପରେ ଧର୍ମୀୟ ନେତାଙ୍କ ସହ ଆଲୋଚନା ପାଇଁ ଉଦ୍ଦିଷ୍ଟ ଏକ ସଭାକୁ ସମ୍ବୋଧିତ କରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ଏକ ନ୍ୟୁଜ୍ ଏଜେନ୍ସିର ସୋସିଆଲ ମିଡିଆ ପୋଷ୍ଟକୁ ସେ ଦେଖିଛନ୍ତି। ବାଂଲାଦେଶରୁ ଆସିଥିବା ଲୋକେ ଏହି ଦଙ୍ଗା ପାଇଁ ଷଡ଼ଯନ୍ତ୍ର ରଚିଥିବା ସେଥିରେ ଉଲ୍ଲେଖ କରାଯାଇଥିଲା। ସୀମା ଜଗିବା ତାଙ୍କ କାମ ନୁହେଁ। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଦାୟିତ୍ୱ, ଯାହାକି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ସୀମା ସେପଟୁ ପଶ୍ଚିମବଙ୍ଗକୁ ଆସିବା ପାଇଁ କାହିଁକି ଦିଆଗଲା ବୋଲି ମମତା ପ୍ରଶ୍ନ କରିଛନ୍ତି।

ଶାହାଙ୍କ ନାମ ନ ନେଇ ମମତା ଆହୁରି କହିଛନ୍ତି, ଆପଣ ଧ୍ରୁବୀକରଣ ଚାହାନ୍ତି। ହିନ୍ଦୁ ମୁସ୍‌ଲିମଙ୍କୁ ବିଭାଜିତ କରିବାକୁ ଚାହାନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଯେଉଁ ଡାଳରେ ବସିଛନ୍ତି, ସେହି ଡାଳକୁ ହାଣିଲେ ଆମକୁ ମୁହଁ ଖୋଲିବାକୁ ପଡ଼ିବ। ଶାହା ଦେଶର ସର୍ବାଧିକ କ୍ଷତି କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡ୍ୟାମେଜ୍ କଣ୍ଟ୍ରୋଲ କରୁଛନ୍ତି। ଶାହାଙ୍କୁ ଦେଶର ସମସ୍ତ ସଂଘୀୟ ଏଜେନ୍ସିର ଦାୟିତ୍ୱ ଦିଆଯାଇଛି। ସେ ସବୁ ଯୋଜନା ମଧ୍ୟ କରିଥାଆନ୍ତି। ପଶ୍ଚିମବଙ୍ଗ ବାହାରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଗୋଷ୍ଠୀ ଫେକ୍ ନ୍ୟୁଜ୍ ବିସ୍ତାର କରୁଛନ୍ତି। ଭାଜପା ସେମାନଙ୍କୁ ଟଙ୍କା ଦେଉଛି ବୋଲି ମମତା ସମାଲୋଚନା କରିଛନ୍ତି।

ଇତିମଧ୍ୟରେ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ମୁର୍ଶିଦାବାଦ ହିଂସା ପ୍ରଭାବିତ ଲୋକଙ୍କ ସହ ପୋଲିସ ମହାନିର୍ଦ୍ଦେଶକଙ୍କ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି। ଷଡ଼ଯନ୍ତ୍ର ରଚି ହିଂସା ଭିଆଇଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସୁକାନ୍ତ ଦାବି କରିଛନ୍ତି।



ମମତା ବାନାର୍ଜୀ

### ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ଏନ୍‌ସିଡବ୍ଲ୍ୟୁ

ନୂଆଦିଲ୍ଲୀ, ୧୬।୪

ୱାକ୍‌ଫ ଆଇନ ବିରୋଧୀ ବିକ୍ଷୋଭ ବେଳେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ମହିଳାମାନଙ୍କୁ ଉତ୍ପୀଡ଼ନ କରାଯାଇଥିବା ଅଭିଯୋଗ ହୋଇଛି। ଏହା ଉପରେ ଅନୁଧ୍ୟାନ କରିବା ପାଇଁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଏକ ତଦନ୍ତ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ସ୍ଥିତି ସମୀକ୍ଷା କରିବା ଓ ପୀଡ଼ିତାମାନଙ୍କୁ ଭେଟିବା ପାଇଁ ହିଂସା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ବୋଲି ନିଜ ଆଡୁ ମାମଲା ରୁଜୁ କରିଥିବା ଏନ୍‌ସିଡବ୍ଲ୍ୟୁ ମୁଖ୍ୟ ବିଜୟା ରାହତ୍‌କର ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୧ ଓ ୧୨ ତାରିଖରେ ମୁର୍ଶିଦାବାଦର ସୁତି, ଧୂଲିଆନ୍ ଓ ଜାଙ୍ଗିପୁରା ସମେତ ବିଭିନ୍ନ ଅଞ୍ଚଳରେ ୱାକ୍‌ଫ ଆଇନକୁ ବିରୋଧ କରି ବିକ୍ଷୋଭ ବେଳେ ହିଂସାକାଣ୍ଡ ହୋଇଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ହିଂସା ବେଳେ ଧୂଲିଆନ୍‌ର ମନ୍ଦିରପାରାର ଅନେକ ମହିଳାଙ୍କୁ ଉତ୍ପୀଡ଼ନ କରାଯାଇଥିବା ଅଭିଯୋଗ ହୋଇଛି।

## ସିଦ୍ଧାରାମୈୟାଙ୍କୁ ହାଇକୋର୍ଟଙ୍କ ନୋଟିସ

ବେଙ୍ଗାଲୁରୁ, ୧୬।୪

କର୍ଣ୍ଣାଟକର ମହୀଶୂର ଅର୍ବାନ ଡେଭଲପ୍‌ମେଣ୍ଟ ଅଥରିଟି (ଏମ୍‌ୟୁଡିଏ) ଦୁର୍ନୀତି ମାମଲା ସିବିଆଇକୁ ସ୍ଥାନାନ୍ତର କରିବା ପାଇଁ ଆର୍‌ଟିଆଇ କର୍ମୀ ସ୍ନେହମୟୀ କୃଷ୍ଣଙ୍କ ଆବେଦନ ଉପରେ ବୁଧବାର ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା ଓ ତାଙ୍କ ସ୍ତ୍ରୀ ପାର୍ବତୀ ବି. ଏମ୍.ଙ୍କୁ ହାଇକୋର୍ଟ ନୋଟିସ କରିଛନ୍ତି। ଏହି ମାମଲାର ତଦନ୍ତଭାର ଲୋକାୟୁକ୍ତ ପୋଲିସଠାରୁ ସିବିଆଇକୁ ହସ୍ତାନ୍ତର କରାଯାଉ ବୋଲି ଆବେଦନକାରୀ ଅନୁରୋଧ କରିଛନ୍ତି। ଏମ୍‌ୟୁଡିଏ ଦ୍ୱାରା ପାର୍ବତୀଙ୍କୁ କରାଯାଇଥିବା ୧୪ଟି ପ୍ଲଟ୍ ଆବଣ୍ଟନରେ ଅନିୟମିତତା ହୋଇଥିବା ନେଇ ସିଦ୍ଧାରାମୈୟାଙ୍କ ବିରୋଧରେ ଅଭିଯୋଗ ରହିଛି।

## ‘ଉର୍ଦ୍ଦୁ ବିଦେଶୀ ଭାଷା ନୁହେଁ’

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ମହାରାଷ୍ଟ୍ର ଓକଲା ଜିଲାସ୍ଥିତ ପାତୁର ପୌର ପରିଷଦ ନୂତନ କୋଠାର ସାଇନବୋର୍ଡରେ ଉର୍ଦ୍ଦୁ ଭାଷାର ବ୍ୟବହାରକୁ ପୂର୍ବରୁ ବମ୍ବେ ହାଇକୋର୍ଟ ଅନୁମତି ପ୍ରଦାନ କରିଥିଲେ। ଏହା ବିରୋଧରେ ପାତୁରର ପୂର୍ବତନ କାଉନସିଲର ବର୍ଷା ତାଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ବୁଧବାର ସର୍ବୋଚ୍ଚ ଅଦାଲତ ଶୁଣାଣି କରି ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ଶୁଣାଣି ବେଳେ ସୁପ୍ରିମକୋର୍ଟ ଭାଷାଗତ ବିବିଧତାକୁ ସମ୍ମାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଜଷ୍ଟିସ୍ ସୁଧାଂଶୁ ଧୂଲିଆ ଏବଂ ଜଷ୍ଟିସ୍ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ମହାରାଷ୍ଟ୍ରର କୌଣସି ପୌରପାଳିକା କାର୍ଯ୍ୟାଳୟର ସାଇନବୋର୍ଡରେ ଅତିରିକ୍ତ ଭାଷାର ବ୍ୟବହାର ମହାରାଷ୍ଟ୍ର ଲୋକାଲ ଅଥରିଟିଜ୍ (ଅଫିସିଆଲ ଲାଙ୍ଗୁଏଜେସ୍) ଆକ୍ଟ, ୨୦୨୨କୁ ଉଲ୍ଲଂଘନ କରୁନାହିଁ। ଉକ୍ତ ଆଇନରେ ମଧ୍ୟ ଉର୍ଦ୍ଦୁ ଭାଷାର ବ୍ୟବହାର ନେଇ କୌଣସି କଟକଣା ଜାରି କରାଯାଇ ନାହିଁ। ଭାଷା ବିଭିନ୍ନ ବିଚାରର ଆଦାନ ପ୍ରଦାନର ଏକ ମାଧ୍ୟମ। ଏହା ଭିନ୍ନ ଚିନ୍ତାଧାରା ଏବଂ ବିଶ୍ୱାସର ଲୋକଙ୍କୁ ନିକଟତର କରିଥାଏ।

## ‘ପରିବେଶକୁ ଯଥାସମ୍ଭବ ସୁରକ୍ଷିତ ରଖାଯିବ’

**ହାଇଦ୍ରାବାଦ ଗଛକଟାକୁ ନେଇ ତେଲଙ୍ଗାନା ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

ନୂଆଦିଲ୍ଲୀ, ୧୬।୪ (ପି.ଟି.)

ହାଇଦ୍ରାବାଦର କାଞ୍ଚା ଗାଚିବୋୱଲିସ୍ଥିତ ୪୦୦ ଏକରର ଜଙ୍ଗଲରେ ଗଛକଟା ମାମଲାର ଶୁଣାଣି ବୁଧବାର ସୁପ୍ରିମକୋର୍ଟରେ ହୋଇଛି। ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟି ନିକଟରେ ଥିବା ଏହି ଜଙ୍ଗଲରେ ବହୁସଂଖ୍ୟକ ଗଛ କଟାଯାଇଥିବାରୁ ଏହା ଯୋଗୁ ଉତ୍ପନ୍ନ ହୋଇଥିବା ପରିବେଶଗତ କ୍ଷତିକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିଛନ୍ତି। କାଞ୍ଚା ଗାଚିବୋୱଲି ଜଙ୍ଗଲରେ ଗଛ କାଟିବା ପାଇଁ ତେଲଙ୍ଗାନା ସରକାର ଏତେ ବ୍ୟଗ୍ର କାହିଁକି ଥିଲେ ବୋଲି ମାମଲାର ଶୁଣାଣି କରି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଗଛ କଟାଯାଇଥିବା ୧୦୦ ଏକର ଜମିର କିପରି ପୁନରୁଦ୍ଧାର କରାଯିବ ସେ ଦିଗରେ ତେଲଙ୍ଗାନା ସରକାର କାର୍ଯ୍ୟ କରନ୍ତୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାଞ୍ଚା ଗାଚିବୋୱଲି ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ତେଲଙ୍ଗାନାର ବନ୍ୟପ୍ରାଣୀ ୱାର୍ଡେନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବୃକ୍ଷ ଆଚ୍ଛାଦନ ଥିବା କ୍ଷେତ୍ରକୁ କିପରି ବିସ୍ତାର କରାଯିବ ସେନେଇ ପ୍ରାଥମିକତା ଭିତ୍ତିରେ ଯୋଜନା ପ୍ରସ୍ତୁତ କରିବାକୁ ସର୍ବୋଚ୍ଚ ଅଦାଲତ ତେଲଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ସୁରକ୍ଷା ପାଇଁ ଯଥାସମ୍ଭବ ପ୍ରୟାସ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାଞ୍ଚା ଗାଚିବୋୱଲି ଜଙ୍ଗଲରେ ଗଛକଟା ଉପରେ କଟକଣା ନେଇ ପୂର୍ବରୁ ଦେଇଥିବା ନିର୍ଦ୍ଦେଶକୁ ସର୍ବୋଚ୍ଚ ଅଦାଲତ ବଳବତ୍ତର ରଖିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାଞ୍ଚା ଗାଚିବୋୱଲିରେ ଗୋଟିଏ ବି ଗଛ କଟାଯିବା ଉଚିତ ନୁହେଁ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ ୧୫ରେ ହେବ।

## ମହାମାରୀ ଚୁକ୍ତି ସ୍ୱାକ୍ଷର କଲେ ଡବ୍ଲ୍ୟୁଏଚ୍‌ଓ ସଦସ୍ୟ ଦେଶ

ଜେନେଭା, ୧୬।୪

ଭବିଷ୍ୟତରେ ବିଭିନ୍ନ ମହାମାରୀର ମୁକାବିଲା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ସଦସ୍ୟ ଦେଶଗୁଡ଼ିକ ବୁଧବାର ଏକ ଐତିହାସିକ ମହାମାରୀ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। କୋଭିଡ୍-୧୯ ମହାମାରୀରୁ ଶିଖିବା ସହ ଭବିଷ୍ୟତର ମହାମାରୀ ପାଇଁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ସେଦିଗରେ ବିଭିନ୍ନ ପଦକ୍ଷେପଗୁଡ଼ିକ ଏହି ଚୁକ୍ତିରେ ସ୍ଥାନ ପାଇଛି। ମହାମାରୀ ସମୟରେ ଦେଶଗୁଡ଼ିକ କିପରି ନିରପେକ୍ଷ ଭାବରେ ପରସ୍ପର ସହ ଟିକା ବଣ୍ଟନ କରିବେ ତାହା ମଧ୍ୟ ଏହି ଚୁକ୍ତିରେ ଉଲ୍ଲେଖ ରହିଛି। ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଏଧନମ ଘେବ୍ରେୟେସସ୍ ଏହାକୁ ଡବ୍ଲ୍ୟୁଏଚ୍‌ଓର ବିଜୟ ବୋଲି କହିଛନ୍ତି।

**ଫୁରସତ୍**

# ଜନସଚେତନତାକୁ ପ୍ରାଥମିକତା ଦିଆଯାଉ

**ଆଜି ବିଶ୍ୱ ହେମୋଫିଲିଆ ଦିବସ**



**ହେ**ମୋଫିଲିଆ ଏକ ଜିନ୍ ରୋଗ ଓ ବଂଶାନୁକ୍ରମିକ। ଏହା ଏକ ରକ୍ତଜନିତ ରୋଗ। ପରିବାରର ଏକାଧିକ ବ୍ୟକ୍ତି ଏହି ରୋଗଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି। ମହିଳା ବା କନ୍ୟାସନ୍ତାନମାନେ ହେଉଛନ୍ତି ତ୍ରୁଟିଯୁକ୍ତ ଜିନ୍‌ର ବାହକ। ଏମାନଙ୍କଠାରେ ରୋଗଣା ଜିନ୍ ଥିଲେ ମଧ୍ୟ ଏମାନେ ଏହି ରୋଗ ଭୋଗି ନ ଥାନ୍ତି। ରୋଗ ଭୋଗିଥାଆନ୍ତି କେବଳ ପୁରୁଷ ବା ପୁତ୍ର ସନ୍ତାନମାନେ। ଏହି ରୋଗ ବିଷୟରେ ଜନସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଏପ୍ରିଲ ୧୭ ତାରିଖକୁ ‘ବିଶ୍ୱ ହେମୋଫିଲିଆ ଦିବସ’ ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷର ଥିମ୍ ରହିଛି (ଆସେସ୍ ଫର୍ ଅଲ୍: ଓମେନ୍ ଆଣ୍ଡ ଗର୍ଲ୍ସ ଠୁ) ଏହାର ଅର୍ଥ ହେଲା: ରକ୍ତସ୍ରାବ ସମସ୍ୟା ସହ ଜଡିତ ମହିଳା ଏବଂ ଯୁବତୀମାନଙ୍କୁ ଅବହେଳା କରିବା ଠିକ୍ ନୁହେଁ। ତା’ ସହ ହେମୋଫିଲିଆ ବିଷୟରେ ଅଧିକ ଜନସଚେତନତାକୁ ପ୍ରାଥମିକତା ଦିଆଯିବା ଦରକାର। ‘ହେମୋଫିଲିଆ ଶବ୍ଦଟିରେ ରହିଛି ଦୁଇଟି ଅଂଶ, ଯଥା ‘ହେମୋ’ ଏବଂ ‘ଫିଲିଆ’। ‘ହେମୋ’ ଅର୍ଥ ରକ୍ତ ସମ୍ବନ୍ଧୀୟ ଏବଂ ‘ଫିଲିଆ’ ଅର୍ଥ ପ୍ରବଣତା। ଏହି ରୋଗ ହେଲେ ରକ୍ତ ଜମାଟ ବାନ୍ଧି ପାରେ ନାହିଁ।

**ରୋଗକୁ ଚିହ୍ନିବ କିପରି:** ପୁଅଟିଏ ଖେଳିବା ବେଳେ ସାମାନ୍ୟ ଖଣ୍ଡିଆ ଖାବରା ହୋଇପଡିଲେ କି ଦୁର୍ଘଟଣାଗ୍ରସ୍ତ ହେଲେ କ୍ଷତ ସ୍ଥାନରୁ ବହୁ ସମୟ ଧରି ରକ୍ତସ୍ରାବ ଚାଲିଥାଏ। ଦାନ୍ତ ଉପାଡିଲେ ମାଢ଼ିର ଉପୁଡା ଯାଇଥିବା ସ୍ଥାନରୁ ରକ୍ତ ଝରିବା ସହଜରେ ବନ୍ଦ ହୁଏ ନାହିଁ। ଛୋଟକାଟିଆ ଅପରେଶନ କଲାବେଳେ ମଧ୍ୟ ବହୁ ସମୟଧରି ରକ୍ତ ବୋହୁଥାଏ।

ମାଂସପେଶୀ ଭିତରକୁ ରକ୍ତସ୍ରାବ ହେଲେ ଜାତ ହୁଏ ପେଶୀ ଯନ୍ତ୍ରଣା ଏବଂ ଉଦର ଭିତରକୁ ରକ୍ତସ୍ରାବ ହେଲେ ହୁଏ ଉଦର ଯନ୍ତ୍ରଣା। ମସ୍ତିଷ୍କ ଭିତରକୁ ରକ୍ତସ୍ରାବ ହୋଇ ଷ୍ଟ୍ରୋକ୍ ବା ପାରାଲିସିସ୍ ହୋଇପାରେ। ନାକ, ପାଟି ଓ ଦାନ୍ତ ମାଢ଼ିରୁ ବି ରକ୍ତ ଝରିପାରେ। ରକ୍ତବାନ୍ତି ଓ କଳାଝାଡା ହେବା ସଙ୍ଗେ ସଙ୍ଗେ ଝାଡା ଓ ପରିସ୍ରାରେ ମଧ୍ୟ ରକ୍ତ ପଡିପାରେ।

**ରୋଗ ନିର୍ଣ୍ଣୟ ପାଇଁ ପରୀକ୍ଷା :** ପିଲାର ରକ୍ତରେ ଫ୍ୟାକ୍ଟର VIII ଓ ଫ୍ୟାକ୍ଟର IXର ମାତ୍ରା ନିର୍ଦ୍ଧାରଣ କରି ରୋଗ ନିର୍ଣ୍ଣୟ କରାଯାଏ। ରୋଗୀଠାରେ ଫ୍ୟାକ୍ଟର VIIIର ଅଭାବ ଥିଲେ ‘ହେମୋଫିଲିଆ A’ ଏବଂ ଏବଂ ଫ୍ୟାକ୍ଟର IXର ଅଭାବ ଥିଲେ ‘ହେମୋଫିଲିଆ B’ ବୋଲି ନିର୍ଣ୍ଣୟ କରିବାରେ କୌଣସି ସନ୍ଦେହ ରହେ ନାହିଁ। ଏବେ ଗର୍ଭବତୀଙ୍କ ଗର୍ଭାଶୟରୁ ଜଳ ସଂଗ୍ରହ ଓ ସେହି ଜଳରେ ଥିବା ଜୀବକୋଷର ଜିନ୍ ପରୀକ୍ଷା କରି ଗର୍ଭସ୍ଥ ଶିଶୁ ରୋଗୀ କି ବାହକ ତାହା ଜାଣିହେଉଛି।

**ଚିକିତ୍ସା :** ହେମୋଫିଲିଆର ପ୍ରକାରକୁ ଚାହିଁ ରୋଗୀର ଶିରାବାଟେ ଫ୍ୟାକ୍ଟର VIII କିମ୍ବା ଫ୍ୟାକ୍ଟର IXର ଇଞ୍ଜେକସନ ଦେଇ ଚିକିତ୍ସା କରାଯାଉଛି। ଆମ ଦେଶର କେତେକ ରାଜ୍ୟ ସରକାର ହେମୋଫିଲିଆ ରୋଗୀଙ୍କର ଫ୍ୟାକ୍ଟର VIII ଏବଂ ଫ୍ୟାକ୍ଟର IX ମାଗଣାରେ ଯୋଗାଇ ଦେଉଛନ୍ତି। ଏବେ ମଧ୍ୟ ହେମୋଫିଲିଆ ରୋଗୀଙ୍କ ଚିକିତ୍ସା ପାଇଁ ଅନ୍ୟାନ୍ୟ ଔଷଧମାନ ମିଳିଲାଣି। ଜିନ୍ ଚିକିତ୍ସାର ମଧ୍ୟ ସୁଫଳ ମିଳୁଥିବା ପ୍ରକାଶ। ରୋଗୀଠାରେ ଗଣ୍ଠି ବିକୃତି ପ୍ରକାଶ ପାଇଥିଲେ ଫିଜିଓଥେରାପିଷ୍ଟଙ୍କ ପରାମର୍ଶ ମଧ୍ୟ ଲୋଡ଼ା।

**ନିବାରଣମୂଳକ ବ୍ୟବସ୍ଥା:** ରୋଗୀ ଯେପରି ଆଘାତ ପାଇ କ୍ଷତବିକ୍ଷତ ନ ହୁଅନ୍ତି ସେଥିପ୍ରତି ସତର୍କ ରୁହନ୍ତୁ। ରୋଗୀ ଖେଳାଖେଳି, ଓଜନିଆ ଜିନିଷ ଉଠାଇବା ସମୟରେ, ଧାରୁଆ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ସମୟରେ ସତର୍କ ରହିବା ଉଚିତ। ଏମାନେ ଦାନ୍ତ ଘଷିବା ସମୟରେ ନରମ ବ୍ରଶ୍ ବ୍ୟବହାର କରନ୍ତୁ। ରୋଗୀକୁ ବାରମ୍ବାର ରକ୍ତ ନେବାକୁ ପଡିଥାଏ। ତେଣୁ ସେ ଯେପରି ହେପାଟାଇଟିସ୍-ବି, ଏବଂ ହେପାଟାଇଟିସ-ସି ତଥା ଏଚ୍‌ଆଇଭି ଦ୍ୱାରା ସଂକ୍ରମିତ ନ ହୁଏ ସେଥିପ୍ରତି ନଜର ଦିଅନ୍ତୁ। ଜାଣି ରଖିବା ଉଚିତ ଯେ, ହେମୋଫିଲିଆ ରୋଗ ସଂକ୍ରାମକ ନୁହେଁ। ତେଣୁ ତାହା ଅନ୍ୟମାନଙ୍କୁ ଡେଇଁବାର ଆଦୌ ଆଶଙ୍କା ନାହିଁ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,**
ମୋ: ୮୩୨୮୯୭୫୧୧୮


## ‘ଡନ୍ ୩’: ରଣବୀରଙ୍କ ବିପକ୍ଷରେ ଶର୍ବରୀ



ଶର୍ବରୀ ୱାଘ୍

ମୁମ୍ବାଇ

ଫିଲ୍ମ ନିର୍ମାତା ଫରାନ ଅଖତରଙ୍କ ‘ଡନ୍’ ଫ୍ରାଞ୍ଚାଇଜ୍‌ର ତୃତୀୟ ସିକ୍ୱେଲ ‘ଡନ୍ ୩’କୁ ନେଇ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଫିଲ୍ମର କାଷ୍ଟରେ ପରିବର୍ତ୍ତନ ହୋଇଛି। ଅଭିନେତ୍ରୀ କିଆରା ଆଡ୍‌ଭାନୀଙ୍କ ବଦଳରେ ଅଭିନେତ୍ରୀ ଶର୍ବରୀ ୱାଘ୍‌ଙ୍କର ‘ଡନ୍ ୩’ ଫିଲ୍ମରେ ଏଣ୍ଟ୍ରି ହୋଇଛି। ଏହାସହ ଶର୍ବରୀ ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରରେ ଅଭିନେତା ରଣବୀର ସିଂଙ୍କ ବିପକ୍ଷରେ ମୁଖ୍ୟ ଅଭିନେତ୍ରୀ ଭାବେ ନଜରକୁ ଆସିବେ ବୋଲି ସ୍ପଷ୍ଟ ହୋଇଛି। ପୂର୍ବରୁ ‘ଡନ୍ ୩’ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଚରିତ୍ରରେ କିଆରା ନଜରକୁ ଆସିବେ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଗତ ଫେବୃଆରୀରେ କିଆରା ଗର୍ଭବତୀ ଥିବା ନେଇ ସୂଚନା ଦେଇଥିଲେ।




# ଇଣ୍ଡିଆ ମେଣ୍ଟ ସଂକଳ୍ପକୁ ଅଧିକ ସଶକ୍ତ କରିବା ଆବଶ୍ୟକ: ଅଖିଳେଶ

**ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)**

- **ସାମାଜିକ ନ୍ୟାୟର ଲଢ଼େଇ ଓଡ଼ିଶାରେ ଆଗକୁ ବଢ଼ିବା ଦରକାର**
- **ଭାଜପା ବିଷୟରେ କହିବାକୁ ଅଖିଳେଶଙ୍କ ନୈତିକ ଅଧିକାର ନାହିଁ: ମନମୋହନ**


ଅଖିଳେଶ ଯାଦବ

ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଅଚାନକ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଛି। ଏହି ଗସ୍ତ କାଳରେ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟିବା ସହିତ ଏକ ଖବରଦାତା ସମ୍ମିଳନୀ ମଧ୍ୟ କରିଛନ୍ତି। ଏହି ଅବସରରେ ଅଖିଳେଶ ସାମାଜିକ ନ୍ୟାୟ ବିଷୟରେ କହିବା ସହିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପଟେ ଅଖିଳେଶଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପାଲଟା ଜବାବ ଦେଇଛନ୍ତି। ଇଣ୍ଡିଆ ମେଣ୍ଟର ସଂକଳ୍ପକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

ଅଖିଳେଶ ବୁଧବାର ଦ୍ୱିପହର ସମୟରେ ଭୁବନେଶ୍ୱରସ୍ଥିତ ଶ୍ରୀକାନ୍ତଙ୍କ ଘରେ ପହଞ୍ଚିଥିଲେ। ଏହି ସମୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। କିଛି ସମୟ ଶ୍ରୀକାନ୍ତଙ୍କ ଘର ଭିତରେ ଆଲୋଚନା ହେବା ପରେ ଅଖିଳେଶ ଖବରଦାତା ସମ୍ମିଳନୀ କରିଥିଲେ। ଏହି ଅବସରରେ ସେ କହିଛନ୍ତି, କିଛିଦିନ ତଳେ ତାଙ୍କର ଶ୍ରୀକାନ୍ତଙ୍କ ସହ ଭେଟ ହୋଇଥିଲା। ତାଙ୍କର ଯେଉଁ ଚିନ୍ତା ରହିଛି, ତାହା ଏସ୍‌ପି କରିବାକୁ ଚେଷ୍ଟା କରୁଛି। ଏଠାକୁ ଆସିବା ଆଗରୁ ସିପିଆଇ, ସିପିଏମ୍, ଆର୍‌ଜେଡି ଆଦି ଦଳର ନେତାମାନେ ତାଙ୍କୁ ଭେଟିଥିଲେ। ଇଣ୍ଡିଆ ମେଣ୍ଟର ସଂକଳ୍ପକୁ ଅଧିକ ମଜଭୁତ କରିବାର ଆବଶ୍ୟକତା ରହିଛି। ସମୟ ଥିଲା ସେମାନେ ଜନଗଣନା ପ୍ରସଙ୍ଗରେ କଂଗ୍ରେସ ସହିତ ଲଢୁଥିଲେ। ଏବେ ଖୁସି ଲାଗୁଛି, କଂଗ୍ରେସ ସେହି କଥାକୁ ସ୍ୱୀକାର କରୁଛି ଜନଗଣନା ହେବା ଦରକାର। ସାମାଜିକ ନ୍ୟାୟ ବିନା ଜନଗଣନା ସମ୍ଭବ ନୁହେଁ। ସାମାଜିକ ନ୍ୟାୟ କଥା ଉଠାଇ ଶ୍ରୀକାନ୍ତ ଏଠାରେ ଲୋକତନ୍ତ୍ରକୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ସାମାଜିକ ନ୍ୟାୟଭିତ୍ତିକ ରାଜ୍ୟ ସ୍ଥାପନ କରିବା ଲକ୍ଷ୍ୟ ରହିବା ଦରକାର। ଆଦିବାସୀ, ଦଳିତ, ପଛୁଆ ବର୍ଗଙ୍କୁ ନ୍ୟାୟ ଦେବା ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ନିକଟରେ ଏକ ଚିଠି ଲେଖିଥିଲେ। ଲଢ଼େଇ ବହୁତ ବଡ଼। ହେଲେ ଆମେ ଉତ୍ତରପ୍ରଦେଶ ଲୋକଙ୍କୁ ଜାଗ୍ରତ କରିବାରେ ସଫଳ ହେଲୁଣି। ଏଠି ଏତେଗୁଡ଼ିଏ ଦଳ, ସଙ୍ଗଠନକୁ ସାଙ୍ଗରେ ପାଇବା ପରେ ଲାଗୁଛି, ଏହି ଲଢ଼େଇ ଏକାଠି ଲଢ଼ିହେବ। ଓଡ଼ିଶାକୁ ଏହା ପ୍ରଥମ ଯାତ୍ରା ନୁହେଁ। ନନ୍ଦନକାନନରେ ଏକ ବାଘର ମୃତ୍ୟୁ ଘଟଣାରେ ସେ ଏଠାକୁ ଆସିଥିଲେ। ସାମାଜିକ ଲଢ଼େଇ ଓଡ଼ିଶାରେ ଆଗକୁ ବଢ଼ିବା ଦରକାର। ୟୁପିରେ ବହୁମାତ୍ରାରେ ଭେଦଭାବ ରହିଛି। ଓଡ଼ିଶାରେ ମଧ୍ୟ ଶିକ୍ଷା ଓ ରୋଜଗାର କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଦଳିତଙ୍କୁ ସମାନ ଅଧିକାର ମିଳିବା ଦରକାର ବୋଲି ଅଖିଳେଶ କହିଛନ୍ତି। ସେ ଆହୁରି କହିଛନ୍ତି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବୁଛନ୍ତି, ପୋଷାକ ପିନ୍ଧି ଜଣେ ଯୋଗୀ ହୋଇଯିବେ। ହେଲେ ବହୁଥର ଆଗରୁ କହିଛି, ଆମର ସବୁଠାରୁ ବଡ଼ ଧାର୍ମିକ ଗ୍ରନ୍ଥ ଗୀତା। ଯିଏ ପରର ଦୁଃଖକୁ ନିଜର ବୋଲି ଭାବେ, ସେ ସବୁଠୁ ବଡ଼ ଯୋଗୀ। ଆମ ମୁଖ୍ୟମନ୍ତ୍ରୀ ଜଣେ ଅଣ୍ଡା ଅଟନ୍ତି। ତାଙ୍କଠାରୁ ଅଧିକ କ'ଣ ଆଶା କରାଯିବ। ଉତ୍ତରପ୍ରଦେଶ ଯୋଗୁ ନରେନ୍ଦ୍ର ମୋଦି ୩ ଥର ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ହେଲେ ବଜେଟ ଆସିବା ବେଳକୁ ଉତ୍ତରପ୍ରଦେଶ ସହିତ ଭେଦଭାବ ହେଉଛି। ଓଡ଼ିଶାରେ ଇଞ୍ଜିନ କିପରି ଚାଲିଛି, ସେକଥା ଜଣାନାହିଁ। ୟୁପିରେ ଡବଲ ଇଞ୍ଜିନ ପରସ୍ପର ସହିତ ଧକ୍କା ଲାଗୁଛନ୍ତି। ଏବେ ଇଞ୍ଜିନ ସହିତ ଡବା ବି ଧକ୍କା ଲାଗୁଛି। ଇଡି ଏବେ ଯେଉଁ ଚଢ଼ାଉ କରୁଛି, ସେହି କଥା ପୂର୍ବରୁ ଆମେ କହିଥିଲୁ। କଂଗ୍ରେସ ସରକାରରେ ଥିବାବେଳେ ଇଡି ଆଇନ ଆଣିଥିଲା। ସେତେବେଳେ ଆମେ କହିଥିଲୁ, ଏହାଦ୍ୱାରା ହଇରାଣ ହେବାକୁ ପଡ଼ିବ। ବହୁ ଦଳ ଏହାକୁ ବିରୋଧ କରି ସେତେବେଳେ କହିଥିଲେ, ଏହି ଆଇନ ଯୋଗୁ କଂଗ୍ରେସକୁ ମଧ୍ୟ ହଇରାଣ ହେବାକୁ ପଡ଼ିପାରେ। ମହାରାଷ୍ଟ୍ରରେ ଯେଉଁ ନେତାମାନେ ଭାଜପା ବିରୋଧରେ ଥିଲେ, ସମସ୍ତଙ୍କୁ ସିବିଆଇ, ଇଡି ଲଗାଇ ହଇରାଣ କରାଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସୀମା ପୁନଃନିର୍ଦ୍ଧାରଣ ନେଇ ଯେଉଁ ଆଭିମୁଖ୍ୟ ରଖିଛନ୍ତି, ସେଥିରେ ଆମେ ସହମତ। ଭାଜପା ସୀମା ପୁନଃନିର୍ଦ୍ଧାରଣ ନେଇ ଏପରି ଫର୍ମୁଲା ଆଣିବ, ଯାହା କାହାକୁ ଜଣା ନ ଥିବ। କିପରି ବିରୋଧୀଙ୍କ ନିର୍ବାଚନମଣ୍ଡଳୀରେ ସମସ୍ୟା ସୃଷ୍ଟି ହେବ ସେନେଇ ଭାଜପା ଚେଷ୍ଟା କରିବ।

ଅଖିଳେଶଙ୍କ ଖବରଦାତା ସମ୍ମିଳନୀ ଉପରେ ପ୍ରତିକ୍ରିୟା ରଖି ଭାଜପା ରାଜ୍ୟ ସଭାପତି ମନମୋହନ କହିଛନ୍ତି, ଅଖିଳେଶ ବିରୋଧୀ ମେଣ୍ଟର ଜଣେ ଅଂଶୀଦାର। ଅଖିଳେଶଙ୍କ ଶାସନକୁ ଉତ୍ତରପ୍ରଦେଶ ଲୋକ ଦେଖିଛନ୍ତି। ଅଖିଳେଶ ଶାସନର ୫ ବର୍ଷ ଭିତରେ ସେଠାରେ ଅରାଜକତା ସୃଷ୍ଟି କଲେ, ଆଇନଶୃଙ୍ଖଳା ଖରାପ ସ୍ଥିତିକୁ ନେଲେ। ୟୁପିରେ ଆତଙ୍କରାଜ ଚାଲିଲା। ସେଠାରେ ପାତରଅନ୍ତର ନୀତି ଆରମ୍ଭ କରିବାରୁ ଲୋକେ ତାଙ୍କୁ ଶାସନରୁ କାଢ଼ିଲେ। ସେଥିଲାଗି ଭାଜପା ବିଷୟରେ କହିବାକୁ ତାଙ୍କର ନୈତିକ ଅଧିକାର ନାହିଁ ବୋଲି ମନମୋହନ କହିଛନ୍ତି।

# ରାଜ୍ୟରେ ଆସିଛି ଶିଳ୍ପ ବିପ୍ଳବ: ମୁଖ୍ୟମନ୍ତ୍ରୀ

**ବାରିପଦା,୧୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

## ବାରିପଦାରେ ପିଏମ୍ ବିଶ୍ୱକର୍ମା ଓ ଜାତୀୟ ଏସ୍‌ସି,ଏସ୍‌ଟି ହବ୍ କନ୍‌କ୍ଲେଭ୍

ରାଜ୍ୟରେ ଶିଳ୍ପ ବିପ୍ଳବ ଆସିଛି। ଓଡ଼ିଶାକୁ ସମୃଦ୍ଧ ଓ ସଶକ୍ତ କରିବା ପାଇଁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। କୌଳିକ ବୃତ୍ତିକୁ ଆପଣାଇ ଜୀବନଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ଉଦ୍ୟୋଗୀ କରିବା ପାଇଁ ପ୍ରୟାସ ଜାରି ରହିଛି। ପିଏମ୍ ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରାଯାଇ କାରିଗରଙ୍କ ବୃତ୍ତିକୁ ଉଦ୍ୟୋଗରେ ପରିଣତ କରିବାର କୌଶଳକୁ ତ୍ୱରାନ୍ୱିତ କରାଯାଇଛି । ଫଳରେ ଅନୁସୂଚିତ ଜାତି ଓ ଜନଜାତିର ଲୋକେ ସ୍ୱାବଲମ୍ବୀ ହେବା ସହିତ ସେମାନଙ୍କ ଆର୍ଥିକ ବିକାଶର ଅଭିବୃଦ୍ଧି ଘଟିବ ବୋଲି ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ 'ପିଏମ୍ ବିଶ୍ୱକର୍ମା ଏବଂ ଜାତୀୟ ଏସ୍‌ସି-ଏସ୍‌ଟି ହବ୍' କନ୍‌କ୍ଲେଭ୍‌ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ କନ୍‌ଭୋକେସନ ହଲ୍‌ରେ ବୁଧବାର ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଜାତୀୟ ଏସ୍‌ସି-ଏସଟି ହବ୍ ଏବଂ ଏମ୍‌ଏସ୍‌ଏମଇ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ର ଏମ୍‌ଏସ୍‌ଏମଇ ମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ଯୋଗଦେଇ ଓଡ଼ିଶା ସମେତ ଦେଶରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସୁଦୃଢ଼ ଓ ସଶକ୍ତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁଥିରେ ଅନ୍ୟାନ୍ୟ ବିଷୟ ସହିତ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ, ଉଦ୍ୟୋଗ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, କ୍ରୟ ଏବଂ ବିପଣନ ସହାୟତା ଯୋଜନା ଓ ଅନ୍ତର୍ଜାତୀୟ ସହଯୋଗ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ନିୟନ୍ତ୍ରଣ ବିଭାଗ ମନ୍ତ୍ରୀ ଇଂ. ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ମିଳନୀରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ଓ ଅନ୍ୟମାନେ।

# ହାଇକୋର୍ଟରେ ୨୦୨୩ ପଦ୍ମଶ୍ରୀ ପୁରସ୍କାର ବିବାଦ ମାମଲାର ଅନ୍ତ

**କଟକ,୧୬।୪ (କାର୍ତ୍ତିକ ସାହୁ)**

## ଆବେଦନକାରୀଙ୍କୁ ୧୦ ହଜାର ଜରିମାନା

୨୦୨୩ ମସିହାର ପଦ୍ମଶ୍ରୀ ପୁରସ୍କାର ବିବାଦକୁ ନେଇ ରୁଜୁ ମାମଲାରେ ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି ହାଇକୋର୍ଟ। ତଥ୍ୟ ପ୍ରମାଣ ନ ଥାଇ କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଆବେଦନକାରୀ ପୁରସ୍କାର ପାଇବା ପାଇଁ ସମ୍ପୃକ୍ତ ସରକାରୀ ମନ୍ତ୍ରଣାଳୟରୁ ଚିଠି ପାଇଥିବା ନେଇ କୌଣସି ତଥ୍ୟ କୋର୍ଟରେ ଉପସ୍ଥାପନ କରିପାରିଲେ ନାହିଁ। ଫଳରେ ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଉପରୋକ୍ତ ଆଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଏଥିସହ ଜରିମାନା ଅର୍ଥ ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଅନ୍ତର୍ଯ୍ୟାମୀ ମିଶ୍ର ସମାନ ନାମ ଯୋଗୁ ଭୁଲ୍ ବ୍ୟକ୍ତି ପୁରସ୍କାର ପାଇଥିବା ନେଇ ହାଇକୋର୍ଟରେ ରୁଜୁ ମାମଲାରେ ଦର୍ଶାଯାଇଥିଲା। ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ଆବେଦନ କରିଥିଲେ। ହେଲେ କେନ୍ଦ୍ର ସରକାର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଆବେଦନକାରୀ ଉକ୍ତ ପଦ୍ମଶ୍ରୀ ପୁରସ୍କାରର ଦାବିଦାର ବୋଲି ଆବେଦନରେ ଦର୍ଶାଇଥିଲେ। ସେ ୨୦୨୩ ମାର୍ଚ୍ଚ ୨୯ରେ ଏନେଇ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ସେ ଦର୍ଶାଇଛନ୍ତି ଯେ, ସେ ଜଣେ ଡାକ୍ତର ଓ ଓଡ଼ିଆ ଭାଷାର ସାହିତ୍ୟିକ। ସେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ପ୍ରାୟ ୨୯ଟି ପୁସ୍ତକ ରଚନା କରିଛନ୍ତି। ସାହିତ୍ୟ କ୍ଷେତ୍ରକୁ ତାଙ୍କର ଏହି ଅବଦାନ ଯୋଗୁ ତାଙ୍କ ନାମ ୨୦୨୩ରେ ପଦ୍ମଶ୍ରୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଅପରପକ୍ଷରେ ପ୍ରତିପକ୍ଷ ପଦ୍ମଶ୍ରୀ ପାଇଥିବା ଅନ୍ତର୍ଯ୍ୟାମୀ ମିଶ୍ର ପେସାରେ ଜଣେ ସାମ୍ବାଦିକ, ହେଲେ ସେ କୌଣସି ପୁସ୍ତକ ରଚନା କରିନାହାନ୍ତି। ତେଣୁ ସରକାର ଏ ଦିଗରେ ସ୍ପଷ୍ଟ କରିବା ନିମନ୍ତେ ହାଇକୋର୍ଟ ଆଦେଶ ଦେବାକୁ ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ। ଆବେଦନକାରୀ ଅନ୍ତର୍ଯ୍ୟାମୀ ମିଶ୍ର ଏହି ମାମଲାରେ କେନ୍ଦ୍ର ସରକାର, ପ୍ରତିପକ୍ଷ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ସମେତ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏସ୍.ଏ. ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।




# ଓଡ଼ିଶା ମୋଟରଯାନ ନିୟମ ସଂଶୋଧନ ଚିଠା ବିଜ୍ଞପ୍ତି

**ଭୁବନେଶ୍ୱର,୧୬।୪ (ରବିନାରାୟଣ ଜେନା)**

ଓଡ଼ିଶା ମୋଟରଯାନ ନିୟମାବଳୀ-୧୯୯୩ର ସଂଶୋଧନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଚିଠା ବିଜ୍ଞପ୍ତି ଜାରି କରାଯାଇଛି। ଏହି ଚିଠା ବିଜ୍ଞପ୍ତିକୁ ନେଇ କୌଣସି ଆପତ୍ତି କିମ୍ବା ମତାମତ ଥିଲେ ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ଜଣାଇବାକୁ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ଏହି ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ଏକ୍ସ(ଟୁଇଟର) ହ୍ୟାଣ୍ଡେଲ୍‌ରେ ସୂଚନା ଦିଆଯାଇଛି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଏସ୍‌ଏଲ୍‌ଏସି କମିଟି

**ଭୁବନେଶ୍ୱର,୧୬।୪ (ରବିନାରାୟଣ ଜେନା)**

ରାଜ୍ୟର ସମସ୍ତ ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିଭଳି ଠିକଣା ଭାବେ କାର୍ଯ୍ୟକାରୀ ହେବ ଏବଂ ସହରାଞ୍ଚଳର ସମସ୍ତ ଗରିବଙ୍କ ମୁଣ୍ଡ ଉପରକୁ ଛାତ ମିଳିବ, ତାହାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଏହାକୁ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚଳିତ ମାସ ୧୦ରେ ଏକ ଷ୍ଟେଟ୍ ଲେଭଲ ଆପ୍ରାଇଜାଲ କମିଟି(ଏସ୍‌ଏଲ୍‌ଏସି) ଗଠନ କରାଯାଇଛି। ଏଥିରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଅଧ୍ୟକ୍ଷ ରହିଥିବାବେଳେ ମିଶନ ନିର୍ଦ୍ଦେଶକ ଆବାହକ ରହିଛନ୍ତି। ଏହାବାଦ୍ ନିର୍ମାଣ ବିଭାଗ କୋଠାବାଡ଼ି ମୁଖ୍ୟଯନ୍ତ୍ରୀ, ବିଭାଗୀୟ ଅତିରିକ୍ତ ସଚିବ, ହୁଡ୍‌କୋ କ୍ଷେତ୍ରୀୟ ମୁଖ୍ୟ ଏବଂ ଆଇଆଇଟି ଭୁବନେଶ୍ୱର ଟେକ୍ନୋ ପ୍ରତିନିଧି ସଦସ୍ୟ ରହିଛନ୍ତି।

# ମନ୍ତ୍ରୀ ଗୋକୁଳାନନ୍ଦଙ୍କ ମାତୃ ବିୟୋଗ


ବୁଗୁଡା,୧୬।୪(କାଳି ଚରଣ ଦାଶ): ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ମାତା ମାଳତୀ ମଲ୍ଲିକଙ୍କ ବିୟୋଗ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ବୁଧବାର ସନ୍ଧ୍ୟା ୭ଟାରେ ଭୁବନେଶ୍ୱରସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମାଳତୀ ଜଣେ ଦୟାଳୁ, ଧାର୍ମିକ ଓ ସାଧାରଣ ଜୀବନଯାପନ କରୁଥିବା ମହିଳା ଥିଲେ। ନିଜ ପରିବାରରେ ମାତୃସ୍ନେହ ଓ ସଂସ୍କାରର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ପରଲୋକରେ ପରିବାର, ଅନୁଗାମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।


ମାଳତୀ ମଲ୍ଲିକ

# ହାତୀ ଆକ୍ରମଣରେ ୨ ମହିଳା ମୃତ

**ଗାଇସିଲେଟ୍,୧୬।୪ (ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ପଦ୍ମପୁର ବନାଞ୍ଚଳ ଅଧୀନ ଗାଇସିଲେଟ୍ ବ୍ଲକ ଅନ୍ତର୍ଗତ ଟୁର୍ଙ୍ଗା ଗ୍ରାମରେ ବୁଧବାର ସକାଳେ ହାତୀ ଆକ୍ରମଣରେ ୨ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର କେତକୀ ସାହୁ(୪୮) ଏବଂ କୁମୁଦିନୀ ସାହୁ (୪୫)। ଘଟଣାସ୍ଥଳରେ କେତକୀଙ୍କ ମୃତ୍ୟୁ ହୋଇଥିବା ବେଳେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ କୁମୁଦିନୀଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁଯାୟୀ, ବୁଧବାର ସକାଳେ କେତକୀ ଏବଂ କୁମୁଦିନୀ ସକାଳୁ ମହୁଲ ଗୋଟାଇବା ପାଇଁ ନିଜ କ୍ଷେତକୁ ଯାଉଥିଲେ। ଏହି ସମୟରେ ହଠାତ୍ ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ କେତକୀଙ୍କ ମୃତ୍ୟୁ ହୋଇଥିବାବେଳେ କୁମୁଦିନୀ ଗୁରୁତର ହୋଇଥିଲେ। ଖବର ପାଇ ବନ କର୍ମଚାରୀ ପହଞ୍ଚି କେତକୀଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ସେହିପରି କୁମୁଦିନୀଙ୍କୁ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଥିଲା ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସରକାରଙ୍କ ତରଫରୁ ଉଭୟ ମୃତକଙ୍କ ପରିବାର ଲୋକଙ୍କୁ ୬ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବ ବୋଲି ବନଖଣ୍ଡ ଅଧିକାରୀ ବିକ୍ରମ ଦେବ ପଟ୍ଟନାୟକ ପ୍ରକାଶ କରିଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ବିଜୁ ପଟ୍ଟନାୟକ ପାର୍କ, ସମୟ: ସକାଳ ୮ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଦିବସୀୟ ସେମିନାର, ସ୍ଥାନ: ସେମିନାର ହଲ୍, ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ୪୮ତମ ବୈଶାଖୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- ଇଶା ଫାଉଣ୍ଡେସନର ଯୋଗ କାର୍ଯ୍ୟକ୍ରମ 'ଇନର୍ ଇଞ୍ଜିନିୟରିଂ'ର ନିଃଶୁଳ୍କ ପରିଚୟ ଅଧିବେଶନ, ସ୍ଥାନ: ଓଏଏସ୍ଏ ଭବନ, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡର ସୁନ୍ଦରାପାଟଣା– ରୁଦ୍ରପୁର ଗ୍ରାମର ମା ଗେହ୍ଲା ଦେବୀଙ୍କ ବିଜେସ୍ଥଳୀ, ସମୟ: ରାତି ୭ଟା ୩୦।
- ଲେଖକ ଅଶୋକ ନନ୍ଦଙ୍କ ପୁସ୍ତକ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' ତାରିଣୀଙ୍କ ବାର୍ଷିକୋ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମା' ତାରିଣୀ ମନ୍ଦିର, ୨ୟ ପୋଷ୍ଟାଲ କଲୋନୀ ନିକଟ, ବୀର ସୁରେନ୍ଦ୍ର ସାଏ ନଗର, ସମୟ: ରାତି ୮ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ରାମଲୀଳାର ନାଟକ 'ସୀତା ଚୋରି', ସ୍ଥାନ: ଶ୍ରୀ ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ଗୋତଲିନ୍ଧା, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ସେତୁ ବନ୍ଧ ପ୍ରତିଷ୍ଠା' ସ୍ଥାନ: ରାମଲୀଳା ପଡ଼ିଆ, ବଇତୁଆ ଗ୍ରାମ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ବାଳିବଧ' ସ୍ଥାନ: ଶ୍ରୀ ପତିତପାବନ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ସୀତା ଠାବ ଓ ଲଙ୍କା ପୋଡ଼ି' ସ୍ଥାନ: ରାମଲୀଳା ପଡ଼ିଆ ବେଣୁପୁର, ସମୟ: ରାତି ୧୧ଟା ୩୦।

**କଟକ**
- ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହ , ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରବୀନ୍ଦ୍ର କୁମାର ଲାଇବ୍ରେରୀର ୭୬ତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**
- ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ:ପଲଟନ ପଡ଼ିଆସ୍ଥିତ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ, ପ୍ରବଚନ ସ୍ଥାନ: ଜଟିପୁଟ ସଙ୍କଟମୋଚନ ମନ୍ଦିର, ସମୟ: ରାତି ୭ଟା।

**ପୁରୀ**
- ବିଜୁ ସ୍ମୃତି କମିଟି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧୋତ୍ସବ ପାଳନ, ସ୍ଥାନ: ସତ୍ୟବାଦୀ ବ୍ଲକ ଛକ ବାଟ ମହାବୀର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ବିଦ୍ୱତ୍ ପରିଷଦ ପକ୍ଷରୁ ଆମ୍ବୁଲାନ୍ସ ସେବା ଶୁଭାରମ୍ଭ, ସ୍ଥାନ: ଉତ୍ତରପାର୍ଶ୍ୱ ମଠ ସମ୍ମୁଖ, ସମୟ: ଅପରାହ୍ନ ୪ଟା ୩୦।
- ଭକ୍ତ ସାଲବେଗଙ୍କ ମହାପ୍ରୟାଣ ଦିବସ ପାଳନ, ସ୍ଥାନ: ସାଲବେଗ ପୀଠ, ବଳଗଣ୍ଡି ଛକ, ସମୟ: ଅପରାହ୍ନ ୫ଟା ୩୦।
- ଗୀତରେ ଗୀତରେ ଆର୍ତ୍ତତ୍ରାଣ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ମା' ପରମ ବୈଷ୍ଣବାଣୀଙ୍କର ବାର୍ଷିକ ଉତ୍ସବ ଓ ହରିହାଟ ଉଦ୍‌ଯାପନୀ ଦିବସ, ସ୍ଥାନ: ରାଣୀପାଟଣା, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବ, ସ୍ଥାନ: ଜହତା ଶିବ ମନ୍ଦିର ପଡ଼ିଆ, ରୂପସା, ସମୟ: ଦିବସବ୍ୟାପୀ।
- ପୋଷଣ ପକ୍ଷ–୨୦୨୫, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଫକୀର ମୋହନ ପ୍ରିମିୟର ଲିଗ୍ ସିଜନ–୩, ସ୍ଥାନ: କଲେଜ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଅଷ୍ଟମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

**ଭଦ୍ରକ**
- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଆଙ୍କୁଡ଼େଶ୍ୱରୀ ମନ୍ଦିର ପ୍ରାଣ ପ୍ରତିଷ୍ଠା ଓ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

**ମୟୂରଭଞ୍ଜ**
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।
- ସିଏମ୍ ଟ୍ରଫି–୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଶିମିଳିପାଳ ସ୍ପୋର୍ଟ୍ସ ସହିତ ରଘୁନାଥ ଏମ୍‌ଜିସି ଟିମର ମ୍ୟାଚ, ସ୍ଥାନ: ଷ୍ଟାଡିୟମ ପଡ଼ିଆ ବାରିପଦା, ସମୟ: ଅପରାହ୍ନ ୪ଟା।
- ବଳାଙ୍ଗୀ ମହୋତ୍ସବ, ସ୍ଥାନ: ବୁଢ଼ାରାଉଳ ମଠ ସନ୍ନିକଟ, ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଚୈତ୍ର ପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା
- ନାଟ୍ୟ ମହୋତ୍ସବର ନାଟକ 'କଏଦୀ ନମ୍ବର ୩୦୨', ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ:ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ ସଭା,ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୫ଟା।

**ଗଞ୍ଜାମ**
- ବିଜୁବାବୁଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ଆସିକା କଳିଙ୍ଗା ରୋଡସ୍ଥିତ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ଅଡିଟୋରିୟମ, ଆରଟିଓ ଅଫିସ ପାଖ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ପାରାଦୀପ ନଗର ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ବିଜୁ ପାର୍କ, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୮ଟା୩୦।

**କେନ୍ଦ୍ରାପଡ଼ା**
- ଶ୍ରୀମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଚବଲସାହି, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୬ଟା।
- ମା' ନଉଲକୁମାରୀଙ୍କ ଜନ୍ମ ବାର୍ଷିକ ଉତ୍ସବ ଓ ଗୀତାଯଜ୍ଞ, ସ୍ଥାନ: ନଳଯୋଡି, ରାଜନଗର, ସମୟ: ସକାଳ ୮ଟା।
- ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଅଷ୍ଟ ପ୍ରହର ଓ ନାମଯଜ୍ଞର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ହରିସୁବୁଦ୍ଧିପାଟଣାର ମଙ୍ଗଳାଙ୍କ ପୀଠ, ସମୟ: ସକାଳ ୮ଟା।
- ପଣା ସଂକ୍ରାନ୍ତି ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଶେଷ ଦିବସରେ ପାଣିଖେଳ, ସ୍ଥାନ: ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବୈଠକ, ସ୍ଥାନ: ବିଜେଡି କାର୍ଯ୍ୟାଳୟ ରାୟଗଡା, ସକାଳ: ୯ ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଟୁରିଗୁଡା ଉଚ୍ଚ ବିଦ୍ୟାଳୟ, ବୋରିଖାଲ ବିଦ୍ୟାଳୟ, ଚନ୍ଦ୍ରପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ ଟା।

**ନବରଙ୍ଗପୁର**
- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟସ୍ଥିତ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା।

**କୋରାପୁଟ**
- ବିଧାୟକଙ୍କ ଦ୍ୱାରା ନୂତନ ଆମ୍ବୁଲାନ୍ସ ଉଦ୍‌ଘାଟନ, ସ୍ଥାନ: କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚପଟ୍ଟମାଳି ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଦାମନଯୋଡ଼ି ନାଲ୍‌କୋ ଟାଉନସିପ୍‌ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୩୦।

**ସମ୍ବଲପୁର**
- ଜିଲା ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରେମେଡ ଛକ, ସମୟ : ସକାଳ ୯ଟା ୩୦।
- ଶ୍ରୀଶ୍ରୀ ପଣ୍ଡିତ ମହାସଭାର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ରେମେଡ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ : ପୂର୍ବାହ୍ନ ୧୦ଟା।
- ୩୪ତମ ୨୪ପ୍ରହର ନାମଯଜ୍ଞ ଉପଲକ୍ଷେ ମହିଳା କିର୍ତ୍ତନ ବୈଠକୀ, ସ୍ଥାନ : ଦୁର୍ଗାପାଲି କାନିଫୁରୀ, ସମୟ : ଅପରାହ୍ନ ୫ଟା।

**ରାଉରକେଲା**
- ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଡୁଙ୍ଗୁରିପାଲି, ପଦ୍ମପୁର, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସକାଳ ୯ଟା।

**ବୌଦ୍ଧ**
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱାଦଶ ଦିନ ସୁନ୍ଦରାକାଣ୍ଡ ପାରାୟଣ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱାଦଶ ଦିବସ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

**ଦେବଗଡ଼**
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଦେବଗଡ଼ ଡିଭିଜନ ପକ୍ଷରୁ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ସ୍ଥାନ: ଡିଏଫ୍‌ଓ କାର୍ଯ୍ୟାଳୟ, ଦେବଗଡ଼, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

**ନୂଆପଡ଼ା**
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: ଖଡିଆଳ ବ୍ଲକ ପଦ୍ମପୁର ଗାଁ, ସମୟ: ପ୍ରାତଃ ୪ଟା ୧୫।
- ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନୂଆପଡ଼ା ଆଦର୍ଶ ଆବାସିକ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ବିଶ୍ୱମୟଙ୍କ ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ନୂଆପଡା ସଦର ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ଅପରାହ୍ନ ୫ଟା।
- ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳସ୍ଥିତ ବିଦ୍ୟାଳ ପରିସର, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ଖଡିଆଳ ବ୍ଲକ ଚଳାନପଡା ଗାଁ, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ:ନୂଆପଡା ବ୍ଲକ ଅଁଳାଯୁବା ଗାଁ, ସମୟ: ସକାଳ ୯ଟା ୧୫।
- ଯୋଗବେଦାନ୍ତ ସେବା ସମିତି ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମ ଜାମ୍ପିଳି ନୂଆପଡା ପକ୍ଷରୁ ଛାତ୍ରୀ ଉଜ୍ଜ୍ୱଳ ଭବିଷ୍ୟ ନିର୍ମାଣ ଶିବିର, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ନିବାସ ନୂଆପଡା, ସମୟ: ଅପରାହ୍ନ ୪ଟା।

**ସୁବର୍ଣ୍ଣପୁର**
- ମାରୁତି ହନୁମାନଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ପୂଜା ଓ ହୋମ, ସ୍ଥାନ: ସୋନପୁର ସହର ପଟାଭାଡି ସ୍ଥିତ ମାରୁତି ନଗର, ସମୟ: ସକାଳ ୭ଟା।
- ତିରୋଧାନ ଦିବସରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୭ଟା୩୦।
- ବିଜେଡି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାମ ଦିବସ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି, ସ୍ଥାନ: ତରଭା ହାଟପଦା ସ୍ଥିତ କ୍ଲବ ଘର, ସମୟ: ସନ୍ଧ୍ୟା ୭ଟା।

**ଝାରସୁଗୁଡ଼ା**
- ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତିଳେଇ ନାମ ମଣ୍ଡପ, ସମୟ: ସକାଳ ୮ଟା। ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବଡ଼ମାଳ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ: ଯାନ୍ତ୍ରିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ୧୬ ପ୍ରହର ନାମ ସଂକୀର୍ତ୍ତନ ସମାପନ, ସ୍ଥାନ: ପଞ୍ଚଗାଁ ନାମ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ପର୍କ ସେତୁ ଉଦ୍‌ଘାଟନ, ସ୍ଥାନ: ଭିକମପାଲି ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା।

# ମୁକୁଳିଲେ ଦାରା ସିଂହଙ୍କ ସହଯୋଗୀ ମହେନ୍ଦ୍ର

**କେନ୍ଦୁଝର/ଆନନ୍ଦପୁର,୧୬।୪ (ନରେଶ ଚନ୍ଦ୍ର ପଟ୍ଟନାୟକ/ସୁଶାନ୍ତ କୁମାର ସାହୁ)**

**ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ, ୨ ପୁଅଙ୍କୁ ପୋଡ଼ି ଘଟଣା**


ମହେନ୍ଦ୍ର ହେମ୍ବ୍ରମ୍

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ମନୋହରପୁରର ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ପୋଡ଼ି ଘଟଣାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ତଥା ଦାରା ସିଂହଙ୍କ ସହଯୋଗୀ ମହେନ୍ଦ୍ର ହେମ୍ବ୍ରମ(୫୦) ବୁଧବାର କେନ୍ଦୁଝର କାରାଗାରରୁ ମୁକୁଳିଛନ୍ତି। ମହେନ୍ଦ୍ରଙ୍କୁ ଜେଲ ଅବଧି ପୂର୍ବରୁ (ପ୍ରିମାଚ୍ୟୁର ରିଲିଜ) ଆଦେଶ ବଳରେ ମୁକ୍ତି ମିଳିଛି। ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଜେଲର ମନସ୍ୱିନୀ ନାଏକ କହିଛନ୍ତି। ଏଥିସହ ପାରିଶ୍ରମିକ ବାବଦକୁ ମହେନ୍ଦ୍ର ହେମ୍ବ୍ରମଙ୍କ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ଜମା କରାଯାଇ ତାଙ୍କୁ ବ୍ୟାଙ୍କ ପାସ୍‌ବୁକ୍ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ୧୯୯୯ ଜାନୁଆରୀ ୨୨ ବିଳମ୍ବିତ ରାତିରେ ଅଷ୍ଟ୍ରେଲୀୟ ମିଶନାରି ଗ୍ରାହାମ୍ ଷ୍ଟୁଆର୍ଟ ଷ୍ଟେନ୍ସ ଓ ତାଙ୍କର ୨ ଶିଶୁ ପୁତ୍ର ଫିଲିପ୍ ଓ ଟିମୋଥି ଏକ ଗାଡ଼ିରେ ଶୋଇଥିବା ସମୟରେ ଦାରା ସିଂହ ଓ ତାଙ୍କ ସହଯୋଗୀମାନେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଘଟଣାସ୍ଥଳରେ ଷ୍ଟେନ୍ସ ଓ ତାଙ୍କ ୨ ପୁତ୍ର ମୃତ୍ୟୁବରଣ କରିଥିଲେ। ଘଟଣାରେ ମନୋହରପୁର ଗ୍ରାମର ମହେନ୍ଦ୍ର ହେମ୍ବ୍ରମ ୧୯୯୯ରେ ଗିରଫ ହୋଇଥିବାବେଳେ ରବୀନ୍ଦ୍ର କୁମାର ପାଲ ଓରଫ ଦାରା ସିଂ ୩୧ ଜାନୁଆରୀ ୨୦୦୦ରେ ଗିରଫ ହୋଇଥିଲେ। ଏମାନଙ୍କ ସହ ଆହୁରି ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ୧୧ ଜଣ ହାଇକୋର୍ଟରୁ ମୁକ୍ତି ପାଇଥିଲେ। ଦାରା ସିଂଙ୍କୁ ସେପ୍ଟେମ୍ବର ୨୦୦୩ରେ ଭୁବନେଶ୍ୱର ସିବିଆଇ କୋର୍ଟ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ୨୦୦୫ରେ ହାଇକୋର୍ଟ ମୃତ୍ୟୁ ଦଣ୍ଡାଦେଶକୁ କୋହଳ କରି ଆଜୀବନ କାରାଦଣ୍ଡରେ ପରିଣତ କରିଥିଲେ। ସେବେଠାରୁ ଦାରା ସିଂ ବନ୍ଦୀ ଭାବେ କେନ୍ଦୁଝର ଜେଲରେ ଅଛନ୍ତି। ମହେନ୍ଦ୍ର ଭୁବନେଶ୍ୱର ଝାରପଡ଼ା ଜେଲରେ ବିଚାରାଧୀନ ଥିବାବେଳେ ଅଦାଲତ ୨୨ ସେପ୍ଟେମ୍ବର ୨୦୦୩ରେ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

# ଲକ୍ଷ୍ୟଠାରୁ ଦୂରରେ ଜଳଶକ୍ତି ଅଭିଯାନ

**ଭୁବନେଶ୍ୱର,୧୬।୪(ରବିନାରାୟଣ ଜେନା)**

- ଛୁଇଁନି ୫ ପ୍ରତିଶତ
- ତ୍ୱରାନ୍ୱିତ ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ

କେନ୍ଦ୍ରର ଜଳଶକ୍ତି ଅଭିଯାନ ଅନ୍ତର୍ଗତ ଜଳ ସଞ୍ଚୟ ଜନଭାଗୀଦାରି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଯେଉଁସବୁ ଜଳଭଣ୍ଡାରର ପୁନର୍ବିନ୍ୟାସ କରାଯିବା କଥା ତାହା ହୋଇପାରିନାହିଁ। ଏହି ଅଭିଯାନରେ ରାଜ୍ୟରେ ୨ ଲକ୍ଷ ୬୦ ହଜାର ୭୦୫ ଭୂତଳ ଜଳଭଣ୍ଡାର ପୁନର୍ବିନ୍ୟାସ ହେବାକୁ ଲକ୍ଷ୍ୟ ରହିଥିଲା। ହେଲେ ଚଳିତମାସ ୧୧ ତାରିଖ ସୁଦ୍ଧା ୩୦ ଜିଲାରେ ମାତ୍ର ୮,୨୮୭ ଜଳଭଣ୍ଡାର ରିଚାର୍ଜ ହୋଇଥିବା ପୋର୍ଟାଲରେ ଦର୍ଶାଯାଇଛି, ଯାହାକି ୫%ରୁ ବି କମ୍। ତୁରନ୍ତ ଏଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣକରି ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ୍ କରିବାକୁ ସରକାରଙ୍କ ପକ୍ଷରୁ ସବୁ ଜିଲାପାଳଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ଚଳିତ ମାସ ୧୧ରେ ଉନ୍ନୟନ ଆୟୁକ୍ତ ତଥା ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସବୁ ଜିଲାପାଳଙ୍କ ସହ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲା ମହାନଗର ନିଗମ ଆୟୁକ୍ତଙ୍କୁ ପତ୍ର ଲେଖି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦର୍ଶାଇଛନ୍ତି।

ଗର୍ଗ ପତ୍ରରେ ଉଲ୍ଲେଖ କରିଛନ୍ତି, ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ହେଲା ବର୍ଷାଜଳକୁ ଅମଳ ଓ ସଂରକ୍ଷଣ କରିବା ସହ ପୁରାତନ ଜଳଉତ୍ସକୁ ପୁନରୁଦ୍ଧାର କରିବା, ସଂରକ୍ଷିତ ଜଳର ସୁବଣ୍ଟନ, ସଂରକ୍ଷଣ ଭଣ୍ଡାର ପ୍ରସ୍ତୁତ ଓ ଚାରା ରୋପଣ କରିବା। ଏହି ୫ଟି ଦିଗ ଉପରେ କାର୍ଯ୍ୟ କରାଗଲେ ଜଳାଭାବ ସମସ୍ୟାର ମୁକାବିଲା କରାଯାଇପାରିବ। ଏ ସଂକ୍ରାନ୍ତରେ ଜଳଶକ୍ତି ମନ୍ତ୍ରଣାଳୟର କ୍ୟାବିନେଟ୍ ସଚିବଙ୍କ ଅଧ୍ୟକ୍ଷତାରେ ମାର୍ଚ୍ଚ ୨୦ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତିକ୍ରମେ ଜିଲାପାଳମାନଙ୍କୁ ଏହାର କ୍ଷେତ୍ରୀୟ ଅଧିକାରୀ(ନୋଡାଲ ଅଫିସର) ଭାବେ ନିଯୁକ୍ତ କରାଯିବ। ସେମାନେ ତୃଣମୂଳସ୍ତରରେ ଲୋକଙ୍କ ସହ ସମନ୍ୱୟ ରକ୍ଷାକରି ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ। ସେହିପରି ପ୍ରତ୍ୟେକ ଗ୍ରାମରେ ଅତିକମ୍‌ରେ ୫ଟି ଲେଖାଏ ଜଳ ସଂରକ୍ଷଣ ଓ ରିଚାର୍ଜ ଭିତ୍ତିଭୂମି ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାସହ ପ୍ରତି ମହାନଗର ନିଗମ ଅଞ୍ଚଳରେ ୧୦ହଜାର ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଅନୁ ଆହୁରି ଦର୍ଶାଇଛନ୍ତି, ରାଜ୍ୟରେ ୨ ଲକ୍ଷ ୬୦ ହଜାର ୭୦୫ଟି ଭୂତଳ ଜଳଭଣ୍ଡାର ରିଚାର୍ଜ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଅଦ୍ୟାବଧି ମାତ୍ର ୮ ହଜାର ୨୮୭ଟି ହୋଇଥିବା ପୋର୍ଟାଲ ତଥ୍ୟରୁ ଜଣାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଜଳଶକ୍ତି ଅଭିଯାନ ଅନ୍ତର୍ଗତ ଜଳ ସଞ୍ଚୟ ଜନଭାଗୀଦାରି କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ହେବ। ଏଥିରେ ତୃଣମୂଳସ୍ତରରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ିବା ସହିତ ପ୍ରତ୍ୟେକ ରିଚାର୍ଜ ପଏଣ୍ଟ ଯେଭଳି ପୋର୍ଟାଲରେ ଅପ୍‌ଲୋଡ୍ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସବୁ ଜିଲାପାଳ ଓ ମହାନଗର ନିଗମ ଆୟୁକ୍ତଙ୍କୁ ପରାମର୍ଶ ଦିଆଯାଇଛି।

# ଏଆଇ: ଅଫିସରଙ୍କ ପାଇଁ କର୍ମଶାଳା

**ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)**

ରାଜ୍ୟର ସରକାରୀ ଅଫିସରମାନଙ୍କୁ 'କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ପ୍ରୟୋଗ ଉପରେ ବ୍ୟାବହାରିକ ତାଲିମ ନିମନ୍ତେ ବୁଧବାର ଲୋକସେବା ଭବନ ସ୍ଥିତ ରାଜ୍ୟ କନ୍‌ଭେନସନ୍ ସେଣ୍ଟରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ୱାଧ୍‌ୱାନି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଏକ କର୍ମଶାଳାର ଆୟୋଜନ କରାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି। ରାଜ୍ୟର ସରକାରୀ ଅଫିସରମାନଙ୍କୁ ଏଆଇର ପ୍ରୟୋଗ ଉପରେ ତାଲିମ ସମ୍ବନ୍ଧିତ ଏହା ଥିଲା ପ୍ରଥମ କର୍ମଶାଳା। ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ଅଫିସରଙ୍କୁ ଏଆଇରେ ତାଲିମ ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଆଇକୁ ଡାଟା ସମର୍ଥିତ ଦୃଷ୍ଟିଭଙ୍ଗୀ ଆପଣାଇ ବିଭିନ୍ନ ସରକାରୀ ବିଭାଗ ଜନସେବା ବିତରଣ ବ୍ୟବସ୍ଥାକୁ କିଭଳି ପ୍ରଭାବୀ ଢଙ୍ଗରେ ପରିଚାଳିତ କରିବା ଏହି କର୍ମଶାଳାର ମୌଳିକ ଲକ୍ଷ୍ୟ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ୱାଧ୍‌ୱାନି ଫାଉଣ୍ଡେଶନର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କୁମାର ଏବଂ ଓଡ଼ିଶା ଡିଜିଟାଲ ଗଭର୍ନାନ୍ସ ଇକୋସିଷ୍ଟମ୍‌ର ପ୍ରମୁଖ ହିତାଧିକାରୀଗଣ ଉକ୍ତ କର୍ମଶାଳାରେ ଅଂଶଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୩ ମାସ ମଧ୍ୟରେ ଏଆଇର ବ୍ୟବହାର ଶିଖିବାକୁ ଅଫିସରମାନଙ୍କୁ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# ନୟନୀ କୋଇଲା ଖଣି ଖନନ ଶୁଭାରମ୍ଭ



ଖଣି ଖନନ କାର୍ଯ୍ୟର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକଙ୍କ ସହ କମ୍ପାନୀ ଅଧିକାରୀମାନେ।

**ଛେଣ୍ଡିପଦା,୧୬।୪ (ଅଜିତ ଧଳ)**

## ୨୫ ବର୍ଷରେ ୩୫୦ ମିଲିୟନ ଟନ୍ ଉତ୍ପାଦନ ଲକ୍ଷ୍ୟ

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳରେ ଥିବା ନୟନୀ କୋଲ୍ ବ୍ଲକର ପ୍ରସ୍ତାବିତ କୋଇଲା ଖଣି ଅଞ୍ଚଳରେ ଭୂମି ପୂଜନ କରି ବୁଧବାର ଖନନ କାର୍ଯ୍ୟ ଆରମ୍ଭ କରିଛି ସିଙ୍ଗାରେନି କମ୍ପାନୀ। ଏହି ଖନନ କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ତେଲଙ୍ଗାନା ଉପ ମୁଖ୍ୟମନ୍ତ୍ରୀ ମାଲୁ ଭାଟ୍ଟୀ ବିକ୍ରମାର୍କ ଉଦ୍‌ଘାଟନ କରିଥିଲେ।

ସୂଚନା ଅନୁଯାୟୀ, ନୟନୀ କୋଲ୍ ବ୍ଲକରେ ତେଲଙ୍ଗାନା ସରକାରଙ୍କ ମେସର୍ସ ଦି ସିଙ୍ଗାରେନି କମ୍ପାନୀକୁ ୨୦୧୫ ଅଗଷ୍ଟ ୧୩ରେ ୯୧୨.୭୯୯ ହେକ୍ଟର ଜମି ଖୋଲା କୋଇଲା ଖଣି ପାଇଁ ଆବଣ୍ଟନ କରାଯାଇଥିଲା। ଏହି କୋଇଲା ଖଣି ଅଞ୍ଚଳରେ ୬୪୩ ହେକ୍ଟର ସଂରକ୍ଷିତ ଜଙ୍ଗଲ ଓ ୧୪୦ ହେକ୍ଟର ରାଜସ୍ୱ ଜଙ୍ଗଲ ଜମି ରହିଛି। ଏହି ଖଣି ନିମନ୍ତେ ୨୦୨୨ରେ ୬୪୩ହେକ୍ଟର ଜମି ହସ୍ତାନ୍ତର ପାଇଁ ଅନୁମୋଦନ ମିଳିଥିଲା। ଏହି ଖନନ କାର୍ଯ୍ୟକୁ ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ବେଳେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, କମ୍ପାନୀ ସିଏମ୍‌ଡି ଏନ୍. ବଳରାମ, ଡାଇରେକ୍ଟର ଅପରେଶନ ଏନ୍. ଭି. କେ. ଶ୍ରୀନିବାସ, ନୟନୀ ଜୀଏମ୍ ଟି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପରୁ ୨୫ ବର୍ଷ ମଧ୍ୟରେ ୩୫୦ ମିଲିୟନ ଟନ୍ କୋଇଲା ଉତ୍ପାଦନ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ଷକୁ ୧୦ ମିଲିୟନ ଟନ୍ ଉତ୍ପାଦନ କରାଯିବ ବୋଲି ନୟନୀ କୋଇଲା ଖଣିର ସିଏମ୍‌ଡି ସୂଚନା ଦେଇଛନ୍ତି। ଏହି କୋଇଲା ଖଣି ଯୋଗୁ ସ୍ଥାନୀୟ ଅଞ୍ଚଳର ବିକାଶ ହେବା ସହିତ ବହୁ ବେକାର ଯୁବତୀ ଯୁବକଙ୍କୁ ରୋଜଗାର ମିଳିପାରିବ ବୋଲି ଛେଣ୍ଡିପଦା ବିଧାୟକ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମ ଚନ୍ଦ୍ର ହେତୁ ମନ ଅନୁଯାୟୀ କୌଣସି କାମ ସମ୍ପନ୍ନ କରିବା କଷ୍ଟକର ହୋଇପାରେ। ବକେୟା ଅର୍ଥପ୍ରାପ୍ତିକୁ କେନ୍ଦ୍ର କରି ବିବାଦର ଅବସାନ ଘଟିବାର ସୂଚନା ରହିଛି। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ ଅଦାଲତ ସମ୍ପର୍କରେ ଟେନସନ୍ ବୃଦ୍ଧି ପାଇପାରେ।

**ବୃଷ** ପାରସ୍ପରିକ ଆପୋସ ଅଲୋଚନାଜନିତ ପାରିବାରିକ ସ୍ଥିରତା ସାଙ୍ଗକୁ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଆରମ୍ଭକରିଥିବା କାମଟି ପୂର୍ଣ୍ଣାଙ୍ଗ ହେବାରେ ନିଜ ପରିସରସ୍ଥ ସମ୍ପର୍କୀୟମାନେ ସାହାଯ୍ୟ କରିବେ। ଆବଶ୍ୟକତା ଅନୁଯାୟୀ କୌଣସି ନୂତନ ଜିନିଷ, ବସ୍ତ୍ରାଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମିଥୁନ** ଆଜି ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ରହିଥିବାରୁ କୌଣସି ବିବାଦୀୟ ମନ୍ତବ୍ୟ ଦେଇ ସମସ୍ୟା ଭିତରକୁ ଟାଣି ହୋଇଯାଇପାରନ୍ତି। ବଳହୀନ ରାଶ୍ୟାଧିପତି ଅନ୍ୟମାନଙ୍କ ସାହାଯ୍ୟ ନେଇ ସନ୍ତାନ ହେତୁକ ଦୁଶ୍ଚିନ୍ତାର ସମାଧାନ କରିବାକୁ ଚେଷ୍ଟା କରିବେ। ପାରିବାରିକ ସ୍ଥିତି ଗମ୍ଭୀର ରହିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ।

**କର୍କଟ** ଧନାଧିପତି ଉଚ୍ଚସ୍ଥ ହେତୁ ଅର୍ଥପ୍ରାପ୍ତି ସାଙ୍ଗକୁ କର୍ମସାଧନ, ବିଶିଷ୍ଟବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନରୁ ଖୁସି ରହିବେ। ଯାନବାହନ କ୍ରୟ ସାଙ୍ଗକୁ କଳକାରଖାନା, ପ୍ଲଟିଂ ବ୍ୟବସାୟ କ୍ଷେତ୍ରରୁ ସୁଫଳ ପାଇବେ। ନିଜଦ୍ୱାରା ଉପକୃତ ହୋଇଥିବା ଲୋକଙ୍କ ବେପରୁଆ ମନୋଭାବରୁ କ୍ଷୁବ୍ଧ ହେବେ। ସ୍ୱାସ୍ଥ୍ୟସମସ୍ୟା ବିଗିଡ଼ିଯାଇପାରେ।

**ସିଂହ** ଶିକ୍ଷା, ସନ୍ତାନ, ଆଲୋଚନା ଓ ଯୋଗାଯୋଗ କ୍ଷେତ୍ରରେ ସଫଳତା ହାସଲ କରିବେ। ରବିଙ୍କ ପ୍ରଭାବରୁ ସମସ୍ୟା ରହିଥିଲେ ମଧ୍ୟ ସମାଧାନର ରାସ୍ତା ଖୋଲିଯିବ। ଆତ୍ମୀୟଙ୍କ ସାନ୍ତ୍ୱନାମୂଳକ ସାହାଯ୍ୟର ପ୍ରତିଶ୍ରୁତି ମନ ହାଲୁକା କରିଦେବ। କର୍ମାରମ୍ଭ, ଗବେଷଣା, ଅଧ୍ୟୟନ, ସାହିତ୍ୟ,ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା** ଆଜି ଘରକାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଳିଯିବ ଫଳରେ ମାନସିକ ଶାନ୍ତି ରହିବ ନାହିଁ। ପରିବାର ସଦସ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ସାହାଯ୍ୟକାରୀ ମନୋଭାବାପନ୍ନରୁ ପ୍ରଶଂସିତ ହେବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା** କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ଅନ୍ତର୍ନିହିତ ଅସନ୍ତୋଷ ମାନସିକ ଅଶାନ୍ତି ସୃଷ୍ଟି କରିବ। ବିଭିନ୍ନ ପ୍ରତିବନ୍ଧକର ସାମ୍ନା କରି ପାରିବାରିକ ଓ କର୍ମକ୍ଷେତ୍ରକୁ ସଜାଡି ନେବାର ପ୍ରଯତ୍ନ କରିବେ। ଦୀର୍ଘଦିନ ପରେ କଚେରି ମାମଲାର ଶୁଣାଣିରୁ ଆଶ୍ୱସ୍ତିଲାଭ କରିବେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବନାହିଁ।

**ବିଛା** ନିଜଲୋକଙ୍କ ବେଖାତିର ମନୋଭାବ ଓ ଅଣଦେଖା ମନକୁ ବାଧିପାରେ। ଅତୀତର ପରିଚିତ ବ୍ୟକ୍ତିଙ୍କ ସହ ଆଜିର ଆଲୋଚନା ପ୍ରୀତିପ୍ରଦ ରହିବ। ପାରିବାରିକ ସମସ୍ୟା ସମାଧାନରେ ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ। ସରଳ ବିଶ୍ୱାସ କରିବା ଦ୍ୱାରା ଧନହାନି ସାଙ୍ଗକୁ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି।

**ଧନୁ** ଆପଣଙ୍କ ଚେଷ୍ଟା, ଆଶା ଓ ଅଭିଳାଷ ପୂରଣ ହେବ। ସାମୟିକ ସ୍ୱାସ୍ଥ୍ୟହାନି ହେଲେ ମଧ୍ୟ ବିଶେଷ ଗୁରୁତର ହେବନାହିଁ। ଆଲୋଚନା କ୍ଷେତ୍ରରେ ଉନ୍ନତ ମାନର ବୁଝାମଣା ହେତୁ ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। ପାରିବାରିକ, ପ୍ରଶାସନ ଓ ଯାତ୍ରା ଏବଂ ଶିଳ୍ପ, ବାଣିଜ୍ୟାରୁ ମଧ୍ୟ ଶୁଭଫଳ ପାଇବେ।

**ମକର** ଦୈହିକ ଓ ମାନସିକ ଅସୁସ୍ଥତାରୁ କାମ ଶୃଙ୍ଖଳିତ ହେବନାହିଁ। କର୍ମକ୍ଷେତ୍ରରେ କାର୍ଯ୍ୟ ସାଧନ, ବ୍ୟବସାୟ, ରାଜନୀତି ଓ ପ୍ରଶାସନିକ କ୍ଷେତ୍ର ପାଇଁ ମନ୍ଦ ହେବନି। ଆନୁଷ୍ଠାନିକ, ସାଂଗଠନିକ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟ,ପରିବହନ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବାରୁ ଖୁସି ହୋଇପାରନ୍ତି।

**କୁମ୍ଭ** ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ ସହ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ରୁକ୍ଷ ବ୍ୟବହାର ପ୍ରଦର୍ଶନ ଦ୍ୱାରା ବନ୍ଧୁଙ୍କ ମନରେ ଆଘାତ ଆସିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** ପରିସ୍ଥିତି ବିଶେଷ ଭଲ ନ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟାଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ। ତଥାପି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି।

ଆଜି ଏପ୍ରିଲ ୧୭ ତାରିଖ,ଗୁରୁବାର ବିଶ୍ୱ ହେମୋଫୋଲିଆ ଦିବସ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ। ରାଶି/ନକ୍ଷତ୍ର– ଜ୍ୟେଷ୍ଠା/ବିଛା, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୫.୩୦ ଗତେ ଘ.୦୭.୧୧ ମଧ୍ୟେ, ଘ.୧୦.୩୧ ଗତେ ଘ. ୦୧.୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୦ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ।

ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ ଭାରତ ସରକାର | ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (www.nhai.gov.in) |

# ଓଡ଼ିଶାରେ ଯୋଗାଯୋଗର ନୂଆଯୁଗ



"ଏକବିଂଶ ଶତାବ୍ଦୀର ନବ ଭାରତ, ସୁନ୍ଦର ଏବଂ ଆଧୁନିକ ଭିତ୍ତିଭୂମିର ନିର୍ମାଣ କରୁଅଛି । ଉନ୍ନତ ସଡ଼କ, ରେଳ ନେଟ୍‌ୱର୍କ ଏହା କେବଳ ଭିତ୍ତିଭୂମି ପ୍ରକଳ୍ପ ନୁହନ୍ତି, ବରଂ ଏଗୁଡିକ ସମସ୍ତ କ୍ଷେତ୍ରର କାୟାକଳ୍ପ କରି ଦେଇଥାନ୍ତି ।"

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

## ୪୦୦୦ କୋଟି ଟଙ୍କାରୁ ଅଧିକ ନିବେଶରେ ମୋଟ୍ ୧୫୪ କିମି ଦୀର୍ଘ ୧୯ ଟି ସଡ଼କ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଏବଂ ଲୋକାର୍ପଣ

### ଶିଳାନ୍ୟାସ (ଭୂମିପୂଜନ)

- ବଅଁରପାଳ-ଗୋଡ଼ିବନ୍ଧ ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୫୩, ଏବଂ ୧୪୯, ଦୈର୍ଘ୍ୟ-୧୭ କିମି, ନିବେଶ - ୯୭୩ କୋଟି ଟଙ୍କା)
- ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅନ୍ତର୍ଗତ ବାଙ୍ଗିରିପୋଷି ଘାଟୀ ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୪୯, ଦୈର୍ଘ୍ୟ-୧୦ କିମି, ନିବେଶ -୧୩୫ କୋଟି ଟଙ୍କା)
- ୦୫ ଟି ଭେହିକୁଲର୍ ଅଣ୍ଡର୍‌ପାସ୍ ଏବଂ ୦୧ ଟି ଫ୍ଲାଏଓଭର୍ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୭ କିମି, ନିବେଶ -୧୧୫ କୋଟି ଟଙ୍କା)
- ନିର୍ଗୁଣ୍ଡିଠାରେ ଭେହିକୁଲର୍ ଅଣ୍ଡର୍‌ପାସ୍ ଏବଂ ଛତିଆଠାରେ ଫ୍ଲାଏଓଭର୍ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୨ କିମି, ନିବେଶ -୩୫ କୋଟି ଟଙ୍କା)
- ସିଂଘରା-ବିଞ୍ଝିବାହାଲ ଖଣ୍ଡର ହାତୀ ଗତିପଥରେ ୪ ଲେନ୍ ଭାୟାଡକ୍ଟ ନିର୍ମାଣ (ଏନ୍ ଏଚ୍ -୪୯, ଦୈର୍ଘ୍ୟ-୨ କିମି, ନିବେଶ - ୪୮ କୋଟି ଟଙ୍କା)
- ୦୩ ଟି ଭେହିକୁଲର୍ ଅଣ୍ଡର୍‌ପାସ୍ ଏବଂ ୦୧ ଟି ଫ୍ଲାଏଓଭରର ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୫ କିମି, ନିବେଶ - ୮୦ କୋଟି ଟଙ୍କା)
- ପଳାଶୁଣୀଠାରେ ଗଙ୍ଗୁଆ ନାଳ ଉପରେ ଅତିରିକ୍ତ ୨ ଲେନ୍ ସେତୁ ନିର୍ମାଣ (ଏନ୍ ଏଚ୍ -୧୬, ଦୈର୍ଘ୍ୟ- ୧ କିମି, ନିବେଶ - ୪୦ କୋଟି ଟଙ୍କା)
- ଟିଟିଲାଗଡ଼ ଟାଉନ୍ ବାଏପାସ୍ (ଏନ୍ ଏଚ୍ -୫୯, ଦୈର୍ଘ୍ୟ- ୯ କିମି, ନିବେଶ -୧୪୫ କୋଟି ଟଙ୍କା)
- ଧର୍ମଗଡ଼ ଟାଉନ୍‌କୁ ବାଏପାସ୍ ସଡ଼କ ନିର୍ମାଣ (ଏନ୍ ଏଚ୍ -୧୩୦ ଠ, ଦୈର୍ଘ୍ୟ-୮ କିମି, ନିବେଶ - ୧୭୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ରେତ ନଦୀ ଉପରେ ସେତୁ ନିର୍ମାଣ (ଏନ୍ ଏଚ୍ -୨୬, ଦୈର୍ଘ୍ୟ-୨ କିମି, ନିବେଶ - ୪୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ସଗଡ଼ା ନଦୀ ଉପରେ ସେତୁ ନିର୍ମାଣ (ଏନ୍ ଏଚ୍ -୨୬, ଦୈର୍ଘ୍ୟ-୩ କିମି, ନିବେଶ - ୪୦ କୋଟି ଟଙ୍କା)
- ମଙ୍ଗଳପୁର-କର୍ପୁଁଗୋଲା-ଆରଡ଼ି ଖଣ୍ଡର ପ୍ରଶସ୍ତୀକରଣ (ଏନ୍ ଏଚ୍ -୨୦, ଦୈର୍ଘ୍ୟ-୧୭ କିମି, ନିବେଶ - ୩୭୫ କୋଟି ଟଙ୍କା)
- ଦାରିଙ୍ଗବାଡ଼ି ଘାଟି ପ୍ରଶସ୍ତୀକରଣ (ଏନ୍ ଏଚ୍ -୫୯, ଦୈର୍ଘ୍ୟ-୨୭ କିମି, ନିବେଶ - ୭୨୦ କୋଟି ଟଙ୍କା)
- ପୂଜାରିପାଲି ଘାଟି-ଜରିମୂଳିରେ ମହାନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୩ କିମି, ନିବେଶ - ୨୭୫ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ବୋରିଆ କୁଣ୍ଡବନ୍ଧ ଖଣ୍ଡରେ ତେଲ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୬୦ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ପୌରକେଲଠାରୁ ଘୁଁସର ତେଲ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୭୨ କୋଟି ଟଙ୍କା)
- କଳାହାଣ୍ଡି ଜିଲ୍ଲାରେ ଖନୀଡ଼ଙ୍ଗୀରିଗୁଡ଼ା-ବାଙ୍କପାଳ ଖଣ୍ଡରେ ହାତୀ ନଦୀ ଉପରେ ସେତୁ ନିର୍ମାଣ (ଦୈର୍ଘ୍ୟ-୧ କିମି, ନିବେଶ - ୨୫ କୋଟି ଟଙ୍କା)





### ଲୋକାର୍ପଣ

- ତାଳଚେରଠାରୁ କାମାକ୍ଷାନଗର ୪ ଲେନ୍ ରାଜମାର୍ଗ (ଏନ୍ ଏଚ୍ -୧୪୯ ଏବଂ ୫୩, ଦୈର୍ଘ୍ୟ-୪୧ କିମି, ନିବେଶ - ୮୦୦ କୋଟି ଟଙ୍କା)
- ବାଲିକୁଦା, ଶିଖରପୁର ଏବଂ ବଡ଼ଚଣାଠାରେ ଭେହିକୁଲର ଅଣ୍ଡରପାସ୍ ନିର୍ମାଣ (ଏନ୍ ଏଚ୍ -୧୬ , ଦୈର୍ଘ୍ୟ-୩କିମି, ନିବେଶ - ୪୫ କୋଟି ଟଙ୍କା)



**ନିତିନ ଗଡ଼କରି**
ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ
ଭାରତ ସରକାରଙ୍କ କରକମଳରେ

ଏବଂ

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ
ଅଧକ୍ଷତାରେ



**ଗୁରୁବାର, ୧୭ ଅପ୍ରେଲ, ୨୦୨୫, ଅପରାହ୍ଣ ୦୪.୦୦ ଘଟିକା | ସ୍ଥାନ : ବରମୁଣ୍ଡା ପଡିଆ, ଭୁବନେଶ୍ୱର**

### ପ୍ରକଳ୍ପସମୂହର ଲାଭ

- ବଅଁରପାଳ- ଗୋଡ଼ିବନ୍ଧ ଏବଂ ତାଳଚେର-କାମାକ୍ଷାନଗର ଖଣ୍ଡର ୪ ଲେନ୍ ପ୍ରଶସ୍ତୀକରଣ ଦ୍ୱାରା ଅନୁଗୁଳ, ତାଳଚେର ଏବଂ ଢ଼ୁବୁରି ମଧ୍ୟରେ ଯୋଗାଯୋଗରେ ସୁଧାର
- ରେତ, ମହାନଦୀ, ତେଲ, ହାତୀ ଏବଂ ସଗଡ଼ା ନଦୀଗୁଡ଼ିକ ଉପରେ ୦୬ ଟି ସେତୁ ନିର୍ମାଣ
- ଏନ୍ ଏଚ୍-୪୯ ର ବାଙ୍ଗିରିପୋଷି ଘାଟୀ ଭାଗରେ ୦୫ EUP ଏବଂ ୧୪ AUP ନିର୍ମାଣ ଫଳରେ ଯାତ୍ରା ସୁଗମ ଏବଂ ସୁରକ୍ଷିତ ହେବ ତଥା ବନ୍ୟ ଜନ୍ତୁଙ୍କ ପାରିହେବାରେ ସୁବିଧା
- ଏନ୍ ଏଚ୍-୧୬ ର କଟକରୁ ଇଚ୍ଛାପୁରମ ସେକ୍ସନ୍ ମଧ୍ୟରେ ୧୫ ଟି ବ୍ଲାକ ସ୍ପଟ୍‌ର ସ୍ଥାୟୀ ସୁଧାର
- ଟିଟିଲାଗଡ଼ ଏବଂ ଧର୍ମଗଡ଼ ବାଏପାସ୍ ନିର୍ମାଣ ଦ୍ୱାରା ସହର ଭିତରେ ଭିଡ଼ ସମସ୍ୟାରୁ ମୁକ୍ତି
- ପଳାଶୁଣୀ ରେ ଗଙ୍ଗୁଆ ନାଳ ଉପରେ ଅତିରିକ୍ତ ୨ ଲେନ୍ ସେତୁ ଦ୍ୱାରା ଯୋଗାଯୋଗ ହେଉଛି ସହଜ
- ଦାରିଙ୍ଗବାଡ଼ି ପର୍ଯ୍ୟଟନ ସ୍ଥଳ ସହ ଯୋଗାଯୋଗରେ ସୁଧାର ରୋଜଗାରକୁ ପ୍ରୋତ୍ସାହନ

### ଗରିମାମୟ ଉପସ୍ଥିତି

**ଧର୍ମେନ୍ଦ୍ର ପ୍ରଧାନ** – ଶିକ୍ଷା ମନ୍ତ୍ରୀ, ଭାରତ ସରକାର | **ଅଶ୍ୱିନୀ ବୈଷ୍ଣବ** – ରେଳ ମନ୍ତ୍ରୀ, ଭାରତ ସରକାର | **ଜୁଏଲ ଓରାମ୍** – ଜନଜାତୀୟ ବ୍ୟାପାର ମନ୍ତ୍ରୀ, ଭାରତ ସରକାର

**କନକ ବର୍ଦ୍ଧନ ସିଂହଦେଓ** – ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା | **ପ୍ରଭାତୀ ପରିଡ଼ା** – ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା | **ପୃଥ୍ୱୀରାଜ ହରିଚନ୍ଦନ** – ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ, ଓଡ଼ିଶା ସରକାର | **ବିଭୂତି ଭୂଷଣ ଜେନା** – ବାଣିଜ୍ୟ ଓ ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ , ଓଡ଼ିଶା ସରକାର | **ସୁରେଶ ପୂଜାରୀ** – ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ଓଡ଼ିଶା ସରକାର | **ଗଣେଶ ରାମ ସିଂହ ଖୁଣ୍ଟିଆ** – ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ , ଓଡ଼ିଶା ସରକାର

### ପ୍ରକଳ୍ପ ସହ ସମ୍ପୃକ୍ତ ସାଂସଦଗଣ

ରୁଦ୍ର ନାରାୟଣ ପାଣି | ଭର୍ତ୍ତୃହରି ମହତାବ | ନବ ଚରଣ ମାଝି | ମମତା ମହାନ୍ତ | ପ୍ରଦୀପ ପୁରୋହିତ | ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ | ବୈଜୟନ୍ତ ପଣ୍ଡା | ଅନନ୍ତ ନାୟକ
ଡ଼. ରବୀନ୍ଦ୍ର ନାରାୟଣ ବେହେରା | ମାଳବିକା ଦେବୀ | ସଙ୍ଗୀତା କୁମାରୀ ସିଂହଦେଓ | ନିରଞ୍ଜନ ବିଶି | ସୁଜୀତ କୁମାର | ଅପରାଜିତା ଷଡ଼ଙ୍ଗୀ
ସମ୍ବିତ ପାତ୍ର | ଅଭିମନ୍ୟୁ ସେଠୀ | ସୁକାନ୍ତ କୁମାର ପାଣିଗ୍ରାହୀ | ଅନିତା ଶୁଭଦର୍ଶିନୀ

### ପ୍ରକଳ୍ପ ସହ ସମ୍ପୃକ୍ତ ବିଧାୟକ ଗଣ

ବ୍ରଜ କିଶୋର ପ୍ରଧାନ | କୁଣ୍ଡଲା ଅନିଲ କୁମାର | ଲକ୍ଷ୍ମଣ କୁମାର ବାଗ୍ | ପ୍ରତାପ ଚନ୍ଦ୍ର ପ୍ରଧାନ | ଅଶୋକ ବେଦାଲମ୍ | ସୁଶାନ୍ତ କୁମାର ରାଉତ | ଦିବ୍ୟ ଶଙ୍କର ମିଶ୍ର
ସଞ୍ଜଳି ମୁର୍ମୁ | ଡ଼. ଫକୀର ମୋହନ ନାୟକ | ବାବୁ ସିଂହ | ବ୍ୟୋମକେଶ ରାୟ | ଭାଦବ ହାଁସଦା | ପ୍ରସନ୍ନ ଆଚାର୍ଯ୍ୟ | ସାଗର ଚରଣ ଦାସ | ପ୍ରମିଳା ମଲ୍ଲିକ | ଟଙ୍କଧର ତ୍ରିପାଠୀ
ନିହାର ରଞ୍ଜନ ମହାନନ୍ଦ | ମନୋରମା ମହାନ୍ତି | ସୁଜାତା ସାହୁ | କୃଷ୍ଣ ଚନ୍ଦ୍ର ନାୟକ | ବିଭୂତି ଭୂଷଣ ପ୍ରଧାନ | ସୁଧୀର ରଞ୍ଜନ ପାଟଜୋଷି | ନୀଳମଣି ବିଷୋଇ
ମନୋରଞ୍ଜନ ଦ୍ୟାନ ସାମନ୍ତରା | ଶତ୍ରୁଘ୍ନ ଜେନା | ନବୀନ କୁମାର ଜୈନ୍ | ଚକ୍ରମଣି କହଁର

ସିଧାପ୍ରସାରଣ: www.facebook.com/nitingadkary https://twitter.com/nitin_gadkari www.youtube.com/c/NitinGadkariOfficial

ସଡ଼କ ହିଁ ନୁହେଁ, ରାଷ୍ଟ୍ର ନିର୍ମାଣ ମଧ୍ୟ

ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ



# ସୁଗ୍ରୀବଙ୍କ ମାନଚିତ୍ରରେ ଭାରତ



ଦେବଦତ୍ତ ପଟ୍ଟନାୟକ

ବାଲ୍ମୀକି ରାମାୟଣରେ ଏକ କାହାଣୀ ଅଛି ଯାହା ୩୦୦୦ ବର୍ଷ ପୂର୍ବର ହୋଇପାରେ। କିନ୍ତୁ ୨୦୦୦ ବର୍ଷ ପୂର୍ବେ ବିଭିନ୍ନ ଲେଖକ ଏଥିରେ ଅନେକ କଥା ଯୋଡ଼ି ଲେଖିଥିଲେ। ଏହି କାହାଣୀରେ କୁହାଯାଇଛି , ବାନରରାଜା ସୁଗ୍ରୀବ ବାନରସେନା ଏବଂ ରାମଙ୍କୁ କହିଛନ୍ତି , କିଷ୍କିନ୍ଧ୍ୟାର ଉତ୍ତରରେ ଭାରତ ଥିଲା ଏବଂ ବିନ୍ଧ୍ୟ ଓ ନର୍ମଦା କିଷ୍କିନ୍ଧ୍ୟାର ଦକ୍ଷିଣରେ ରହିଥିଲା। ସେ ମଧ୍ୟ କିଷ୍କିନ୍ଧ୍ୟାର ପୂର୍ବ ଓ ପଶ୍ଚିମରେ ଥିବା ଅଞ୍ଚଳଗୁଡ଼ିକ ବିଶେଷକରି ଇଣ୍ଡୋନେସିଆ ଏବଂ କେନ୍ଦ୍ର ଏସିଆ ସମ୍ପର୍କରେ କହିଥିଲେ। ସୁଗ୍ରୀବ ଏସବୁ ବିଷୟରେ ଜାଣିଥିଲେ, କାରଣ ସେ ବିଶ୍ୱର ସବୁ ଆଡ଼କୁ ଯାଉଥିଲେ। ବଳି ତାଙ୍କୁ ହତ୍ୟା କରିବାକୁ ସବୁ ଆଡ଼େ ଖୋଜୁଥିବାରୁ ସେ ଲୁଚି ରହିବାକୁ ଏଭଳି ବୁଲୁଥିଲେ। ଏହି ତଥ୍ୟ ବାଲ୍ମୀକି ରାମାୟଣ କିଷ୍କିନ୍ଧ୍ୟା ଖଣ୍ଡ ଦୋହା ୪୦-୪୩ରୁ ଜଣାପଡ଼େ। ସମସ୍ତ ଦକ୍ଷିଣ ଏସିଆକୁ ସବୁବେଳେ ଭାରତ ଭାବେ ଦର୍ଶାଯାଉଥିବା ଏବଂ କର୍ନାଟକର ହାମ୍ପି ଅଞ୍ଚଳରେ କିଷ୍କିନ୍ଧ୍ୟା ଅବସ୍ଥିତି ବୋଲି ଯେଉଁ ବିଶ୍ୱାସ ରହିଛି ତାହାର ଏହା ବିରୋଧାଚରଣ କରେ। ଏହି ଦୋହା ସମ୍ଭବତଃ କେହି ଜଣେ ଖ୍ରୀଷ୍ଟାବ୍ଦ ୫୦୦ରେ ରଚନାକରି ପୁରାତନ ରାମାୟଣ ଗ୍ରନ୍ଥରେ ଯୋଡ଼ିଥିଲେ, ଯିଏ କି ସେସମୟର ବାଣିଜ୍ୟ ପଥ ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ। ଯଦିଓ ସୀତାଙ୍କୁ ଦକ୍ଷିଣ ଦିଗକୁ ନିଆଯାଇଥିଲା, ତେବେ କାହିଁକି ସୁଗ୍ରୀବ ତାଙ୍କୁ ଖୋଜିବା ପାଇଁ ଚାରିଦିଗ ଏପରିକି ହିମାଳୟ ସେପାଖ ଅଞ୍ଚଳକୁ ସେନା ପଠାଇଥିଲେ। ଏଥିରୁ ଜଣାପଡୁଛି କଥାକାର ତାଙ୍କ ଭୌଗୋଳିକ ବିଚାରକୁ ପାଠକଙ୍କୁ ଜଣାଇବା ପାଇଁ ଏଭଳି କରିଥିଲେ, ଏହାର ରାମାୟଣ ସହ କୌଣସି ସମ୍ପର୍କ ନାହିଁ।

ସୁଗ୍ରୀବଙ୍କ ଆଟ୍‌ଲାସ ବା ମାନଚିତ୍ର ସ୍ପଷ୍ଟ ଭାବେ ଖ୍ରୀଷ୍ଟାବ୍ଦ ୫୦୦ରେ କାହାଣୀରେ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେତେବେଳେ ହିନ୍ଦୁକୁଶ ବାଟ ଦେଇ ଭାରତ ଦକ୍ଷିଣ ଏସୀୟ ଅଞ୍ଚଳଗୁଡ଼ିକ ସହ ବାଣିଜ୍ୟ କରୁଥିଲା। ଏହାସହ ସେତେବେଳେ ମୌସୁମୀ ପ୍ରବାହର ଅନୁକୂଳ ସ୍ଥିତିର ସୁଯୋଗ ନେଇ ସମୁଦ୍ର ପଥରେ ପଶ୍ଚିମ ଉପକୂଳରୁ ରୋମ୍ ସହ ଏବଂ ପୂର୍ବ ଉପକୂଳରୁ ଜାଭା ସହ ମଧ୍ୟ ବାଣିଜ୍ୟ ହେଉଥିଲା। ପ୍ରଥମେ ଆସନ୍ତୁ ଦେଖିବା କାହିଁକି ସୁଗ୍ରୀବ କହିଥିଲେ ଉତ୍ତର ଭାରତ ସମ୍ଭବତଃ ହରିୟାଣା ଅଞ୍ଚଳରେ ଥିଲା। ଏହି ଅଞ୍ଚଳର ସମ୍ପର୍କ ଭରତ ବଂଶର ରାଜାମାନଙ୍କ ସହ ରହିଥିଲା ବୋଲି ଋଗ୍‌ବେଦରେ ଉଲ୍ଲେଖ ରହିଛି। ଭରତ ବଂଶର ରାଜାମାନେ ସେତେବେଳେ ସେହି ଅଞ୍ଚଳର ଯୋଦ୍ଧା ଆର୍ଯ୍ୟ ଆଦିବାସୀଙ୍କୁ ଏକାଠି କରିଥିଲେ ଏବଂ ଏହାକୁ ଖ୍ରୀଷ୍ଟପୂର୍ବ ୧୦୦୦ରେ ଋଗ୍‌ବେଦ ସଙ୍କଳନରେ ସୂଚିତ କରିଥିଲେ। ସେଥିପାଇଁ ଋଗ୍‌ବେଦର ଶେଷ ସ୍ତୋତ୍ର ଏକତା ଏବଂ ସହଭାଗିତା ପାଇଁ ଆହ୍ୱାନ ଦେଇଥାଏ।

ଖ୍ରୀଷ୍ଟପୂର୍ବ ୧୦୦ରେ ଓଡ଼ିଶାର ଖାରବେଳ ଉଦୟଗିରି ଗୁମ୍ଫାର କାନ୍ଥରେ ଖୋଦିତ କରିଥିଲେ ଯେ ସେ ଉତ୍ତରରେ ଭାରତବର୍ଷକୁ ଯାଇଥିଲେ। ଏହା ସୂଚିତ କରେ ଯେ,



ତାଙ୍କ ସାମ୍ରାଜ୍ୟ କଳିଙ୍ଗକୁ ସେ ଭାରତର ଏକ ଅଂଶ ଭାବେ ଦେଖୁ ନ ଥିଲେ। କେବଳ ଖ୍ରୀଷ୍ଟାବ୍ଦ ୫୦୦ର ବିଷ୍ଣୁ ପୁରାଣରେ ଭାରତକୁ ସମୁଦ୍ରର ଉତ୍ତରରେ ଏବଂ ହିମାଳୟର ଦକ୍ଷିଣରେ ଥିବା ଭୂଭାଗ ଭାବେ ଦର୍ଶାଯାଇଛି। ସେହି ସମୟରେ ବ୍ରାହ୍ମଣମାନେ ଆର୍ଯ୍ୟାବର୍ତ୍ତ (ଗଙ୍ଗା-ଯମୁନା ତ୍ରିକୋଣଭୂମି ଅଞ୍ଚଳ)ରୁ ଯାତ୍ରାକରି ପଶ୍ଚିମ (ଗୁଜରାଟ), ପୂର୍ବ( ଓଡ଼ିଶା) ଏବଂ ସମ୍ଭବତଃ ଦକ୍ଷିଣ ସୀମାନ୍ତ ଅଞ୍ଚଳ (କେରଳ)କୁ ଯାଇଥିଲେ। ସମ୍ରାଟ ଅଶୋକଙ୍କ ଖ୍ରୀଷ୍ଟପୂର୍ବ ୨୫୦ର ବୌଦ୍ଧ ଶିଳାଲେଖରେ ଦକ୍ଷିଣ ଏସିଆକୁ ପ୍ରଥମେ ଜମ୍ବୁଦୀପକୁ ଏକକ ୟୁନିଟ୍ (ରୋଜ୍-ଆପଲ୍ ଉପମହାଦ୍ୱୀପ) ଭାବେ ସୂଚିତ କରାଯାଇଥିଲା।

ଏବେ ଆସନ୍ତୁ କିଷ୍କିନ୍ଧ୍ୟାର ଅବସ୍ଥିତି ବିଷୟକୁ ଦେଖିବା। ସୁଗ୍ରୀବଙ୍କ ଅନୁଯାୟୀ, ଏହା ବିନ୍ଧ୍ୟ ପର୍ବତ ଓ ନର୍ମଦା ନଦୀର ଉତ୍ତରରେ ଥିଲା। ରାମାୟଣରେ ରାମ ଅନ୍ୟ କୌଣସି ନଦୀ ନୁହେଁ ,ବରଂ ଗଙ୍ଗା ଓ ଯମୁନା ପାରହେବା ବିଷୟ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯାଇଛି। ଯେତେବେଳେ ସୀତା ହରଣ ହୋଇଥିଲେ ସେତେବେଳେ ରାମ ଗୋଦାବରୀ କୂଳରେ ଥିବା ପଞ୍ଚବଟୀରେ ରହୁଥିଲେ। ଗୋଦା ହେଉଛି ଏକ ମୁଣ୍ଡାରି ଶବ୍ଦ ଯାହା ମଧୁର ସ୍ୱଚ୍ଛ ଜଳକୁ ବୁଝାଏ ଏବଂ ଏହି ଶବ୍ଦ ଗୋଣ୍ଡ ଆଦିବାସୀ ଓ ଗୋଣ୍ଡୱାନା ଭୂମି ସହ ଜଡ଼ିତ। ଏଣୁ ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଦେଇ ପ୍ରବାହିତ ଗୋଦାବରୀ ରାମାୟଣରେ ବର୍ଣ୍ଣିତ ଗୋଦାବରୀ ନୁହେଁ। ନାସିକ ହେଉଛି ଏକ ପୁରାତନ ଜନବସତି ଏବଂ ଖ୍ରୀଷ୍ଟାବ୍ଦ ୧୦୦ ପରେ ବ୍ରାହ୍ମଣମାନେ ଦକ୍ଷିଣାଞ୍ଚଳକୁ ପ୍ରବାସନ ପରେ ପଞ୍ଚବଟୀ ଓ ସୀତା ହରଣ ସହ ଏହାକୁ ଜଡ଼ିତ କରାଯାଇଥିଲା। ଏହି ସମୟରେ ମଧ୍ୟ ଦାକ୍ଷିଣାତ୍ୟର ଅନେକ ନଦୀକୁ ଗଙ୍ଗା ସହିତ ଜଡ଼ିତ କରାଯିବା ସହ ଅନେକ ପର୍ବତକୁ କୈଳାସ ସଙ୍ଗେ ସମ୍ପର୍କିତ କରାଯାଇଥିଲା।

ଏହା ସହ କିଷ୍କିନ୍ଧ୍ୟାରେ ଗୋଟିଏ ଶରକୁ ରାମ ସାତଟି ଶାଳବୃକ୍ଷରେ ବିଦ୍ଧକରି ସୁଗ୍ରୀବଙ୍କୁ ତାଙ୍କ ଧନୁର୍ବିଦ୍ୟା କୌଶଳ ପ୍ରଦର୍ଶନ କରିଥିଲେ। ହେଲେ ଶାଳବୃକ୍ଷ କେବଳ ଛତିଶଗଡ଼ ଏବଂ ଓଡ଼ିଶାରେ ରହିଛି, ଦାକ୍ଷିଣାତ୍ୟ ରାଜ୍ୟ ବିଶେଷକରି କର୍ନାଟକରେ ନୁହେଁ। ବାଲ୍ମୀକି ରାମାୟଣ ଅନୁଯାୟୀ, ଲଙ୍କାରେ ଶାଳଗଛ ଭର୍ତ୍ତି ହୋଇ ରହିଥିଲା। ଏଥିରୁ ପ୍ରମାଣ ମିଳେ ଯେ, ରାବଣଙ୍କ ଲଙ୍କା ଓଡ଼ିଶାରେ ଥିଲା। ଓଡ଼ିଶାର ସୋମବଂଶୀ ରାଜମାନେ ଅଷ୍ଟମ ଶତାବ୍ଦୀରେ ପଶ୍ଚିମ ଓଡ଼ିଶାକୁ ପଶ୍ଚିମ ଲଙ୍କା ଏବଂ ସ୍ୱର୍ଣ୍ଣପୁରୀ ବୋଲି କହୁଥିଲେ। ଏପରିକି ଏବେ ମଧ୍ୟ ସୋନପୁର ସହରରେ ଲଙ୍କେଶ୍ୱରୀଙ୍କୁ ପୂଜା କରାଯାଉଛି ଏବଂ ହନୁମାନ ଦ୍ୱାରା ଲଙ୍କା ପୋଡ଼ି ପାଳନ ହେଉଛି। ଷୋଡ଼ଶ ଶତାବ୍ଦୀରେ ଗୋଣ୍ଡ ରାଜାମାନେ ପୁଲସ୍ତ୍ୟ (ରାବଣ ବଂଶଜ) ନାମରେ ମୁଦ୍ରା ପ୍ରଚଳନ କରିଥିଲେ। ଚାଲୁକ୍ୟ ରାଜାମାନେ ଖ୍ରୀଷ୍ଟାବ୍ଦ ୭୦୦ ପାଖାପାଖିରେ ବଡାମି ଓ ପଟାଡାକଲରେ ଥିବା ମନ୍ଦିରଗୁଡ଼ିକର କାନ୍ଥରେ ରାମାୟଣ ଆଲୋଚକ ମଣ୍ଡଳୀର ଛବି ଖୋଦନ କରିଥିଲେ। କର୍ନାଟକ ଅଞ୍ଚଳକୁ ଯେତେବେଳେ କିଷ୍କିନ୍ଧ୍ୟା ସହ ଯୋଡ଼ାଗଲା ସେତେବେଳେ ସମ୍ଭବତଃ ଏହା ଘଟିଥିଲା।

ପାଖାପାଖି ୯୦୦ ଖ୍ରୀଷ୍ଟାବ୍ଦରେ ଶ୍ରୀଲଙ୍କା ରାବଣଙ୍କ ଲଙ୍କା ଭାବେ ଗଣାହେଲା। ଏହା ପୂର୍ବରୁ ଶ୍ରୀଲଙ୍କା ସିଂହଳ ଭାବେ ଜଣାଥିଲା ଏବଂ ଏହାର ରାବଣଙ୍କ ଲଙ୍କା ସହ କୌଣସି ସମ୍ପର୍କ ନ ଥିଲା। ଯେକୌଣସି ଦ୍ୱୀପକୁ ଲଙ୍କା ବୋଲି କୁହାଯାଉଥିଲା। ଚୋଳବଂଶର ଶାସନ ସମୟରେ ତାମିଲମାନେ ସେମାନଙ୍କ ପରମଶତ୍ରୁ ସିଂହଳୀଙ୍କୁ ଇଲାଙ୍କାଇ କହିବା ଆରମ୍ଭ କରିଦେଲେ। ସେମାନେ ରାମ ଓ ତାଙ୍କ ସେନାରେ ଥିଲେ ଏବଂ ସେମାନଙ୍କ ସାଙ୍ଗିଆ ସେତୁପଥି (ସେତୁ ଜଗୁଆଳି) ବୋଲି ସୂଚିତ କରିଥିଲେ। ପ୍ରାୟ ୫୦୦ ଖ୍ରୀଷ୍ଟାବ୍ଦରେ ପଶ୍ଚିମ ଓ ପୂର୍ବ ସମୁଦ୍ରକୁ ଯୋଡ଼ିବାରେ ସିଂହଳ ଥିଲା ପ୍ରମୁଖ କେନ୍ଦ୍ର। ଏହାର ପଶ୍ଚିମରେ ଥିଲା ରୋମ୍ , ଯେଉଁଠୁ ଖ୍ରୀଷ୍ଟପୂର୍ବ ୧୦୦ରୁ ରୋମ୍‌ର ବାଣିଜ୍ୟ ଶେଷ ହେବା ସମୟ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ରୋମ୍‌ରୁ ସୁରା ଏବଂ ସୁନା ଆମଦାନୀ ହେଉଥିଲା।

ପୂର୍ବ ସମୁଦ୍ରର ଜାଭା ଦ୍ୱୀପରେ ମଧ୍ୟ ଆମେ ରାମାୟଣ ସମ୍ପର୍କରେ ଆଲୋଚନ କରୁଥିବା ମଣ୍ଡଳୀର ଛବି ୮୦୦ ଶତାବ୍ଦୀର ପ୍ରମ୍ବାନନ୍ ମନ୍ଦିରର କାନ୍ଥରେ ଦେଖିବାକୁ ପାଉ। ଗୋଆ ସହ ସିଂହଳର ମଧ୍ୟ ବାଣିଜ୍ୟ କାରବାର ଚାଲିଥିଲା। ଏଣୁ କୋଙ୍କଣ ଓ ଗୋଆର ଶିଳାହାର ବଂଶ ରାଜାମାନଙ୍କୁ ୧୦୦୦ ଖ୍ରୀଷ୍ଟାବ୍ଦରେ ଲଙ୍କାର ରାଜା ବୋଲି କୁହାଯାଉଥିଲା। ଅବଶ୍ୟ ଶିଳାହାର ରାଜାଙ୍କୁ ପରାସ୍ତ କରିଥିବା ଜଣେ କଡମ୍ବା ରାଜା ଲେଖିଥିଲେ , କୌଣସି ସେତୁ ନିର୍ମାଣ (ଯେଭଳି ବାନରମାନେ କରିଥିଲେ)ନ କରି ସେ ଲଙ୍କା ଜୟ କରିଥିଲେ। ତେବେ ସନାତନୀ କଣ୍ଟେଣ୍ଟ କ୍ରିଏଟରମାନେ ରାମାୟଣର ଇତିହାସ ଖ୍ରୀଷ୍ଟପୂର୍ବ ୧୨୦୦୦ କିମ୍ବା ୧୦୦୦୦ ବା ୭୦୦୦ରେ କହି ପ୍ରଚାର କରୁଥିବାବେଳେ ସେମାନଙ୍କ ପାଖରେ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟଗତ ପ୍ରମାଣ ନାହିଁ। ତେବେ ଏ କ୍ଷେତ୍ରରେ ଆମେ ଭୂଗୋଳକୁ ଅଣଦେଖା କରିପାରିବା ନାହିଁ।

-devduttofficial@gmail.com

# କାମନାର ସୀମାଙ୍କନ



ଅନୀତା ପଟ୍ଟନାୟକ

ଶୀତଦିନେ ଥୁରୁଥୁରିଆ ବୁଢ଼ୀଟିଏ ବାଇଶ ପାହାଚ ଟପି ଶ୍ରୀମନ୍ଦିରରେ ଗରୁଡ଼ସ୍ତମ୍ଭ ନିକଟରେ ପହଞ୍ଚିଲା। ବୁଢ଼ୀଟି ଏକୁଟିଆ ଥିବାରୁ ଓ ତା'ର ଚର୍ମ କୁଞ୍ଚିତ ହୋଇଯାଇଥିବାରୁ ଦୟାପରବଶ ହୋଇ ମୁଁ ତା'ର ହାତକୁ ଧରି ବାଇଶ ପାହାଚ ପାଖକୁ ବାଟ କଢ଼ାଇ ନେଇଥିଲି। ମୁଁ ପଚାରିଲି ମାଉସୀ ଏ ପରିଣତ ବୟସରେ ମହାପ୍ରଭୁଙ୍କୁ କ'ଣ ମାଗିବାକୁ ଆସିଛ। ବୁଢ଼ୀଟି କହିଲା, ଝିଅ, ମୋର ଏ ଶରୀରରେ ଯୌବନ ସମୟଟିକୁ କାଟିଛି। ଶିଶୁ ବୟସରେ ମୋର ଯେଉଁ ଚାହିଦା ଥିଲା (ଯଥା ଖେଳଣା, ବହି) ତାହା ଯୌବନରେ କାମନା ବାସନରେ ପରିଣତ ହେଲା। କାଳିଆ ମୋର କାମନାକୁ ପୂରଣ କରିଛି। ହେଲେ କାମନା ଏପରି ଏକ ବିଷୟ ଯାହାକି ଯେତେ ପୂରଣ ହେଲେ ତାହା ଅଧିକରୁ ଅଧିକ ପାଇବାକୁ ଇଚ୍ଛାହୁଏ।

ମୁଁ କହିଲି, ମାଉସୀ କାମନା ବାସନା ଶୂନ୍ୟ ମଣିଷଙ୍କୁ ଭଗବାନ୍ କୁହାଯାଏ। ଆମ କାଳିଆର ନା ଅଛି କାମନା ନା ଅଛି ବାସନା। କିନ୍ତୁ ସେ ଆମର କାମନାକୁ ଦୂର କରେ। ସେଥିପାଇଁ ଗୌତମବୁଦ୍ଧ କହିଥିଲେ କାମନାର ବିନାଶରେ ଦୁଃଖର ବିନାଶ। ମୁଁ ପଚାରିଲି, ମାଉସୀ ତୁମେ କ'ଣ କରୁଥିଲ ? ସେ କହିଲେ, ମୁଁ ଜଣେ ଧନୀ ବ୍ୟକ୍ତିଙ୍କୁ ବିବାହ କରିଥିଲି ଓ ସେ ମୋର ବହୁତ ଯତ୍ନ ନେଉଥିଲେ ଓ ମୋର ସମସ୍ତ ଅଭିଳାଷ ପୂର୍ଣ୍ଣ କରୁଥିଲେ। ଥରେ ମୁଁ ଗୋଟିଏ ଗିର୍ଜାକୁ ଯାଇଥିଲି। ଜଣେ ପାଦ୍ରି ଭକ୍ତମାନଙ୍କୁ ବୁଝାଇ କହିଥିଲେ, ମଣିଷ କାମନା ବାସନା ଶୂନ୍ୟ ହେବା ଅତ୍ୟନ୍ତ କଷ୍ଟପ୍ରଦ। ଆମେ ଯିଶୁଙ୍କୁ ଯାହା ମାଗିଥାଉ ସେ ସବୁ ଦିଅନ୍ତି ନାହିଁ। କିଛିଟା ଦିଅନ୍ତି ଓ କିଛିଟା ଦିଅନ୍ତି ନାହିଁ। ତେଣୁ ଏପରି କାହିଁକି ? ମୁଁ ବହୁ ସାଧୁ ସନ୍ଥଙ୍କ ନିକଟକୁ ଗଲିଣି, ହେଲେ ଭଗବାନ୍ ଏପରି କାହିଁକି କରନ୍ତି ତା'ର ଉତ୍ତର ପାଉନାହିଁ। ଆଜି କାଳିଆକୁ ପଚାରିବି। ଧ୍ୟାନରେ ବସିବି ଓ ଏହାର ଉତ୍ତର ପାଇଲେ ଯାଇ ଉଠିବି। ବୁଢ଼ୀର ପାଗଳାମି ଦେଖି ମୋର କୌତୂହଳ ବଢ଼ିଗଲା। ମୁଁ କହିଲି, ମାଉସୀ ତୁମେ ଧ୍ୟାନ କରୁଥାଅ ମୁଁ ପାର୍ଶ୍ୱ ଦେବତାଙ୍କୁ ଦର୍ଶନ କରିଆସୁଛି। ବୁଢ଼ୀଟି କହିଲା ମୋତେ ଗରୁଡ଼ସ୍ତମ୍ଭର ବାମପାର୍ଶ୍ୱରେ ଥିବା ଖାଲି ଜାଗାରେ ବସାଇଦେ। ତୁ ଠାକୁର ଦର୍ଶନ ସାରି ମୋତେ ସତ୍ୟନାରାୟଣ ମନ୍ଦିର ନିକଟରେ ଛାଡ଼ି ଦେବୁ। ସେଇଠାରୁ ମୋର ପୁଅ ଆସି ମତେ ନେଇଯିବ।

ମୁଁ ଘଣ୍ଟାଏ ଖଣ୍ଡେ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କଲି। ବଟ ଗଣେଶ, ବିମଳା, ଲକ୍ଷ୍ମୀ ଠାକୁରାଣୀ ବଡ଼ ଜୀବନ୍ତ ଦେଖାଯାଉଥିଲେ। ମାଉସୀଙ୍କୁ ନେଇ ସତ୍ୟନାରାୟଣ ମନ୍ଦିରକୁ ଯିବାର ଥିବାରୁ ସେଠାକୁ ଯାଇ ନ ଥିଲି। ଆନନ୍ଦବଜାରରେ ପେଟେ ଖାଇସାରି ବୁଢ଼ୀ ମାଉସୀ କ'ଣ କରୁଛି ଜାଣିବା ପାଇଁ ତା' ନିକଟକୁ ଗଲି। ମୁଁ ଦେଖିଲି ମାଉସୀ ଆଖି ଖୋଲିଛନ୍ତି। ତାଙ୍କ ହାତ ଧରି ଉଠାଇଲି। ପଚାରିଲି, ମାଉସୀ କିଛି ଉତ୍ତର ପାଇଲ ? ଚାଲ ଏବେ ଯିବା। ମୁଁ ତୁମକୁ ସତ୍ୟନାରାୟଣ ମନ୍ଦିର ନିକଟରେ ଛାଡ଼ି ଦେବି। ବୁଢ଼ୀ ମାଉସୀ କହିଲେ, ମୁଁ ଆଖି ବନ୍ଦ କରିବା ପରେ ଜଗା ଆସିଲା ନାହିଁ। ସତିଆକୁ ପଠାଇଲେ। ମୁଁ କହିଲି, କ'ଣ ସତ୍ୟନାରାୟଣ ଦେବ ସେ କହିଲେ, ହଁ ମୁଁ କହିଲି, ଲୋକମାନେ ସେଠି ସନ୍ତାନ ସନ୍ତତି ପାଇଁ ପ୍ରାର୍ଥନା କରିଥାନ୍ତି। ସେ ତୁମକୁ କ'ଣ କହିଲେ ? ସେ ମତେ ଧ୍ୟାନରେ କହିଲେ, 'ମା କାମନା ଦୁଇ ପ୍ରକାର। ଯଥା ଗୋଟିଏ ଦରକାରୀ କାମନା ଓ ଅନ୍ୟଟି ଅଦରକାରୀ। ଭଗବାନ୍ କେବଳ ଦରକାରୀ କାମନାକୁ ପୂରଣ କରିଥାନ୍ତି ଓ କହିଲେ ମନୁଷ୍ୟମାନେ କାମନାର ସୀମାଙ୍କନ କରିବା ଉଚିତ। କାମନା ବାସନା ଶୂନ୍ୟ ମଣିଷଟିଏ ହେବା ଏ ସଂସାରରେ କଷ୍ଟକର। ଭଗବାନ୍ ଯେହେତୁ ଉଚିତ କାମନା ପୂର୍ଣ୍ଣ କରିଥାନ୍ତି ଓ ଯାହା ଆମେ ପାଇବାକୁ ଯୋଗ୍ୟ ତାହା ଦେଇଥାନ୍ତି ତେଣୁ ଆମେମାନେ କାମନାର ସୀମାଙ୍କନ କରିବା ଉଚିତ।

ଏମିତି ହାତଧରି ମାଉସୀଙ୍କୁ ଆଣି ସତ୍ୟନାରାୟଣ ମନ୍ଦିର ଟପି ବାଇଶ ପାହାଚ ଆଡ଼କୁ ଯିବାକୁ ଉଦ୍ୟତ ହେଉଥିବାବେଳେ ପ୍ରସାଦ ଧରି ଥିବା ସୁଆରମାନେ ମାଡ଼ି ଆସିଲେ। କର୍ମଚାରୀମାନେ ତଫାତ୍ ତଫାତ୍ କହୁଥାନ୍ତି। ସୁଆରଙ୍କ ମୁହଁରେ ତୁଣ୍ଡିବନ୍ଧା ହୋଇଥାଏ। ଭୋଗଲାଗି ହେବା ପାଇଁ ମହାପ୍ରସାଦ ନେଉଥାନ୍ତି। ବୁଢ଼ୀ ହାତଛଡ଼ା ହୋଇଗଲା। ପରେ ଯେତେ ଖୋଜିଲେ ବି ପାଇଲି ନାହିଁ।

**ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ,**
**ମୋ: ୯୬୯୨୯୮୦୦୨୬**

## ଏଇ ଭାରତରେ

ପୁରୁଣା ଖେଳନାକୁ ବାହାରେ ଫିଙ୍ଗିଦେବା ପରିବେଶ ପାଇଁ କ୍ଷତିକାରକ। ଏଭଳି ସମସ୍ୟା ଦୂର କରିବାକୁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି ମୁମ୍ବାଇର ପୁନମ୍ ଶାହା। ସେ ପୁରୁଣା ଖେଳନାରୁ ପରିବେଶ ଉପଯୋଗୀ ଜିନିଷ ତିଆରି କରୁଛନ୍ତି। ପୁନମ୍‌ଙ୍କ ବୟସ ଏବେ ୩୭। ସେ ମୁମ୍ବାଇରେ ବଢ଼ିଛନ୍ତି। ପରେ ଆମେରିକାରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କିଛିବର୍ଷ ଚାକିରି କରିଥିଲେ। ବିବାହ ପରେ ଫିଲାଡେଲଫିଆ ଚାଲିଯାଇଥିଲେ ଏବଂ ସେଠାରୁ ରେସିନ୍ ଆର୍ଟ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ସମ୍ପର୍କରେ ମଧ୍ୟ ସେଠାରୁ ସେ ପ୍ରଶିକ୍ଷଣ ନେଇଥିଲେ। ଭାରତ ଫେରିବା ପରେ କୋଭିଡ୍-୧୯ ଆସିଲା। ସେହି ସମୟରେ ସେ ରେସିନ୍ ଆର୍ଟ ପାଇଁ ଅଧିକ ସମୟ ଦେଲେ। ପ୍ରଥମେ ତାଙ୍କ ଝିଅର ଅଦରକାରୀ ଖେଳନାଗୁଡ଼ିକରୁ ରେସିନ୍ ସ୍ଲାବ୍ ପ୍ରସ୍ତୁତ କଲେ। ପରେ ୨୦୨୩ରେ ସେ ଏଭଳି ସାମଗ୍ରୀକୁ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ଏହି କାମରେ ସେ ୧୦ ଜଣଙ୍କୁ ନିଯୁକ୍ତ କରିଛନ୍ତି। ଏଥିପାଇଁ ସେ ପୁରୁଣା ଖେଳନା ଓ ଅନ୍ୟସବୁ କଞ୍ଚାମାଲ ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୭ ଏପ୍ରିଲ ୧୯୭୬**

- କାମାକ୍ଷାନଗର ସବ୍‌ଡିଭିଜନସ୍ଥ ଭୁବନ ବିଜ୍ଞାପିତ ଅଞ୍ଚଳରେ ହଠାତ୍ ନିଆଁ ଲାଗି ପ୍ରାୟ ୧ ହଜାର ପରିବାର ଗୃହଶୂନ୍ୟ।
- ପଶ୍ଚିମବଙ୍ଗର ଜନୈକ ପ୍ରଖ୍ୟାତ କବି ଓ ଗ୍ରନ୍ଥକାର ପୃଥ୍ୱୀସିଂହ ନାହାରଙ୍କ ୭୮ ବର୍ଷ ବୟସରେ ପରଲୋକ।
- ଭାରତ ଓ ରୁଷ ମଧ୍ୟରେ ଆଉ ଏକ ନୂଆ ପାଞ୍ଚବର୍ଷିଆ ବାଣିଜ୍ୟ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| | | | | | 1 | 6 | | |
| | 5 | | | | 6 | | | 9 |
| | | | | | 2 | 7 | | |
| | | 8 | 7 | | | | 6 | |
| | 6 | 2 | | | 9 | | | 1 |
| | | 9 | | 3 | | 8 | 2 | |
| | | | | 1 | 5 | | | 3 |
| | | | | | | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 5 | 7 | 9 | 1 | 6 | 4 | 2 |
| 4 | 1 | 7 | 2 | 6 | 3 | 8 | 9 | 5 |
| 2 | 6 | 9 | 4 | 8 | 5 | 7 | 3 | 1 |
| 5 | 4 | 1 | 6 | 2 | 8 | 9 | 7 | 3 |
| 9 | 7 | 8 | 3 | 1 | 4 | 2 | 5 | 6 |
| 6 | 3 | 2 | 9 | 5 | 7 | 4 | 1 | 8 |
| 7 | 9 | 6 | 5 | 3 | 2 | 1 | 8 | 4 |
| 8 | 2 | 3 | 1 | 4 | 9 | 5 | 6 | 7 |
| 1 | 5 | 4 | 8 | 7 | 6 | 3 | 2 | 9 |

ଗତକାଲିର ଉତ୍ତର

# ବିଶ୍ୱ ଅର୍ଥନୀତି ଓ ଆମେରିକା



ରିତେଶ କୁମାର ଶିଶୁ

ଆମେରିକା ରାଷ୍ଟ୍ରପତିଙ୍କ ଘନ ଘନ ଟାରିଫ୍ ମାଡ଼ ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଛି। ଅନ୍ୟ ପକ୍ଷରେ ମଧ୍ୟ ପ୍ରାଚ୍ୟ ଓ ରୁଷ-ୟୁକ୍ରେନ ଯୁଦ୍ଧ ଏହି ସମସ୍ୟାକୁ ଆହୁରି ସଙ୍ଗିନ କରିଦେଇଛି। ଆଜିର ପରିସ୍ଥିତିରେ ବିଶ୍ୱ ଅର୍ଥନୀତିର ଆଧାର ହେଲା ଆମେରିକାର ଡଲାର, ଯାହାର ଉତ୍ଥାନ ପତନରେ ପ୍ରାୟ ବିଶ୍ୱର ସମସ୍ତ ଦେଶରେ ଅର୍ଥନୀତି ପ୍ରଭାବିତ ହୁଏ। ଯେହେତୁ ବିଶ୍ୱରେ ଅଧିକାଂଶ ବାଣିଜ୍ୟିକ କାରବାର ଡଲାରରେ ହୁଏ ତେଣୁ ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଆମେରିକାର ଏକଚାଟିଆ ପ୍ରଭାବ ପରିଲକ୍ଷିତ ହୁଏ। ସେଥିପାଇଁ ବିଶ୍ୱର ପ୍ରାୟ ସମସ୍ତ ଦେଶ ଆମେରିକାରୁ ରପ୍ତାନି ଆମଦାନୀ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରନ୍ତି। ଏହି ରପ୍ତାନି ଓ ଆମଦାନୀ ପ୍ରକ୍ରିୟାରେ ଯେଉଁ ଦେଶ ଆମେରିକାକୁ ଅଧିକ ରପ୍ତାନି କରି କମ୍ ଆମଦାନୀ କରିବ ତାହାର ଡଲାରରେ ଲାଭ ଅଧିକ ହେବ। ଏହି ରପ୍ତାନି ଓ ଆମଦାନୀର ଅନ୍ତରକୁ ବାଣିଜ୍ୟିକ କ୍ଷତି ବା ଟ୍ରେଡ ଡେଫିସିଟ୍ କହନ୍ତି। ଏହି କ୍ରମରେ ବିଗତ କେତେ ବର୍ଷ ଧରି ଆମେରିକା ଅନେକ ବିକଶିତ ଓ ବିକାଶଶୀଳ ଦେଶଙ୍କଠାରୁ ଅନେକ ବାଣିଜ୍ୟିକ କ୍ଷତିରେ ଚାଲିଥିଲା। ଅନ୍ୟପକ୍ଷରେ ଆମେରିକାର ସମୁଦାୟ ଋଣଭାର ୨୦୨୫ ସୁଦ୍ଧା ପ୍ରାୟ ୩୬,୨୨୦୦୦ କୋଟି ଡଲାର ଯେଉଁଥିରୁ ବାହ୍ୟ ଋଣ ପାଖାପାଖି ୨୭,୦୦୦୦୦ କୋଟି ଡଲାର ରହିଛି। ଆମେରିକାର ମୋଟ ଘରୋଇ ଉତ୍ପାଦନ (ଜିଡିପି)ର ୯୬.୧୯% ଋଣ, ଯେଉଁଥିରୁ ବାହ୍ୟ ଋଣ ହେଉଛି ପାଖାପାଖି ୩୩%। ଏହି ବାହ୍ୟ ଋଣ ମଧ୍ୟରୁ ସର୍ବାଧିକ ଜାପାନ ପାଖରେ ପ୍ରାୟ ୧୧,୦୦୦୦ କୋଟି ଡଲାର ଓ ଦ୍ୱିତୀୟରେ ଚାଇନା ପାଖରେ ପ୍ରାୟ ୭,୪୯୦୦ କୋଟି ଡଲାର ମୂଲ୍ୟର ଋଣ ଆମେରିକା କରିଛି। ଏଥିରେ ଭାରତର ଭାଗ ପ୍ରାୟ ୨୧୬୦୦ କୋଟି ଡଲାର ରହିଛି।

ଏଭଳି ପରିସ୍ଥିତିରେ ମଧ୍ୟପ୍ରାଚ୍ୟ ଓ ରୁଷ-ୟୁକ୍ରେନ ଯୁଦ୍ଧ ଆମେରିକାର ଖର୍ଚ୍ଚ ବଢ଼ାଇ ଚାଲିଛି। ସେପଟେ ଆମେରିକାର ସହଯୋଗୀ ୟୁରୋପୀୟ ଦେଶଗୁଡ଼ିକ ରଷିଆ ୟୁକ୍ରେନ ଯୁଦ୍ଧରେ ଆର୍ଥିକ ଭାବରେ ଅନେକ ପ୍ରଭାବିତ ହୋଇଛନ୍ତି ବିଶେଷକରି ରୁଷରୁ ଆମଦାନୀ ହେଉଥିବା ଗ୍ୟାସ ବନ୍ଦ ହୋଇଯିବାରୁ ସେମାନେ ଶକ୍ତି କ୍ଷେତ୍ରରେ ଅଧିକ ଖର୍ଚ୍ଚାନ୍ତ ହୋଇ ନକାରାତ୍ମକ ଆର୍ଥିକ ଅଭିବୃଦ୍ଧିର ସମ୍ମୁଖୀନ ହେଉଛନ୍ତି।

ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକର ଏହି ଆର୍ଥିକ ସଙ୍କଟ ସମୟରେ ଏସୀୟ ମହାଦେଶର କେତେକ ଦେଶ ବିଶେଷକରି ଚାଇନା ନିଜର ଅର୍ଥନୀତିକୁ ସୁଦୃଢ଼ କରି ଡଲାରର ପ୍ରାଧାନ୍ୟ କମାଇବାକୁ ଚେଷ୍ଟା କଲେଣି। ଯେହେତୁ ଏକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମହଜୁଦ ରଖିଥିବା ସୁନାର ମୂଲ୍ୟ ଡାଲରର ମୂଲ୍ୟକୁ ପ୍ରଭାବିତ କରେ, ସେଥିପାଇଁ ଚାଇନା, ଭାରତ, ରୁଷ, ସିଙ୍ଗାପୁର ଭଳି ଏସୀୟ ଦେଶଗୁଡ଼ିକ ଅଧିକ ସୁନା କିଣି ମହଜୁଦ କରିବା ଆରମ୍ଭ କଲେଣି। ଚାଇନା ବିଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୧୨୦୦ ଟନ ସୁନା କିଣିଥିବା ବେଳେ ଭାରତ ବର୍ଷ ୨୦୨୪ରେ ୭୨.୬ ଟନ୍ ସୁନା କିଣିଛି।

ଆମେରିକା ଓ ଏହାର ସହଯୋଗୀ ୟୁରୋପୀୟ ଦେଶଗୁଡ଼ିକ ପାଖରେ ବିଶ୍ୱ ଅର୍ଥନୀତିର ଚାବିକାଠି ଥିବାରୁ ସେମାନେ ଅନ୍ୟ ବିକାଶଶୀଳ ଏସୀୟ ଓ ଆଫ୍ରିକୀୟ ଦେଶଗୁଡ଼ିକୁ ଟିକେ ଟିକେ କଥାରେ ଅର୍ଥନୈତିକ କଟକଣା, ଅର୍ଥନୈତିକ ବାଛନ୍ଦ ଓ ଟାରିଫ୍ ବୃଦ୍ଧିର ଭୟ ଦେଖାଇ ସେମାନଙ୍କର ଫାଇଦା ହାସଲ କରିବାକୁ ଲାଗିଛନ୍ତି। ଉଦାହରଣ



ସ୍ୱରୂପ ବେଲଜିୟମରେ ଥିବା ଏକ ସଂସ୍ଥା ସୋସାଇଟି ଫର ୱାର୍ଲ୍ଡ ୱାଇଡ୍ ଇଣ୍ଟରବ୍ୟାଙ୍କ ଫାଇନାନ୍ସିଆଲ ଟେଲିକମ୍ୟୁନିକେଶନ୍ସ (ସ୍ୱିଫ୍ଟ), ଯାହା ସାରା ବିଶ୍ୱରେ ଦେଶ ଦେଶମାନଙ୍କ ମଧ୍ୟରେ ହେଉଥିବା ଆର୍ଥିକ ଆଦାନ ପ୍ରଦାନ ପାଇଁ ଏକ ସୁବ୍ୟବସ୍ଥିତ ନେଟୱର୍କ ମାଧ୍ୟମରେ ସୂଚନାକୁ ପରିଚାଳନା କରିଥାଏ, ତାହାର ଚାବିକାଠି ଆମେରିକା ଓ ଏହାର ସହଯୋଗୀ ଗୋଷ୍ଠୀମାନଙ୍କ ପାଖରେ ଅଛି। ଏହି ବ୍ୟବସ୍ଥା ମାଧ୍ୟମରେ ୨୦୨୪ରେ ବିଶ୍ୱ ବଜାରରେ ପାଖାପାଖି ୪୯.୧% ଡଲାରର, ୨୧.୬% ୟୁରୋର, ୬.୫% ପାଉଣ୍ଡର ଏବଂ ୪.୭% ୟୁଆନର ବିପଣନ କରାଯାଇଛି । ତେଣୁ ଏହି ସ୍ୱିଫ୍ଟ ବ୍ୟବସ୍ଥାର କଟକଣା ଯେଉଁ ଦେଶ ଉପରେ ଲାଗେ ସେ ଦେଶ ଅନ୍ୟ ଦେଶ ସହିତ ଆର୍ଥିକ କାରବାର କରିବା କଷ୍ଟକର ହୋଇଯାଏ ଯାହା ଏବେ ରୁଷ ଉପରେ ଲାଗିଛି।

ଏହା ବ୍ୟତୀତ ଇଣ୍ଟରନ୍ୟାଶନାଲ ମନିଟାରି ଫଣ୍ଡ (ଆଇଏମ୍‌ଏଫ୍), ୱାର୍ଲ୍ଡ ବ୍ୟାଙ୍କ ଆଦି ବୈଶ୍ୱିକ ଆର୍ଥିକ ସଂସ୍ଥାଗୁଡ଼ିକ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକର ମାମଲତିରେ ଚାଲନ୍ତି। ବିକାଶଶୀଳ ଓ ଗରିବ ଦେଶଗୁଡ଼ିକର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆବଶ୍ୟକ ସଂସ୍ଥା ଓ ଭିତ୍ତିଭୂମିଗୁଡ଼ିକ ଆମେରିକା ଦ୍ୱାରା ପରିଚାଳିତ ହେଉଥିବାରୁ ସେମାନେ ଆମେରିକାର ସଖି କଣ୍ଢେଇ ହୋଇ ରହିଯାଇଛନ୍ତି। ଫଳରେ କେତେକ ଏସୀୟ ଓ ଆଫ୍ରିକୀୟ ଦେଶ ସମୂହ ଏହି ବ୍ୟବସ୍ଥାର ବିକଳ୍ପ ବ୍ୟବସ୍ଥା କରିବାକୁ ପ୍ରଚେଷ୍ଟା ଆରମ୍ଭ କଲେଣି। ବର୍ତ୍ତମାନ ଚାଇନା ସେସବୁ ପ୍ରତିବନ୍ଧକକୁ ଦୂର କରି ଆମେରିକାକୁ ଟପିଯିବାର ଆସ୍ପର୍ଦ୍ଧା କରୁଛି।

ଆମେରିକାର ଅର୍ଥନୈତିକ ଅଭିବୃଦ୍ଧି ଯେପର୍ଯ୍ୟନ୍ତ ସମୃଦ୍ଧ ଥିବ ସାରା ବିଶ୍ୱରେ ତାହାର ବଡ଼ଭାଇପଣିଆ ଓ ପତିଆରା ବଜାୟ ରହିବ। ଅପରପକ୍ଷରେ ଏବେ ଆମେରିକାର ବଜାର ଚାଇନା ଓ ଅନ୍ୟ କେତେକ ଦେଶ ଦ୍ୱାରା କବଳିତ। ବିଗତ କିଛି ଦଶନ୍ଧି ଧରି ଆମେରିକା ନିଜ ଦେଶରେ ଶିଳ୍ପ, ନିର୍ମାଣ ଓ ଉତ୍ପାଦନକୁ କମ୍ କରି ସେବା ଓ ପ୍ରତିରକ୍ଷା ଉପକରଣ ରପ୍ତାନି କ୍ଷେତ୍ରକୁ ଅଗ୍ରାଧିକାର ଦେଉଥିଲା, ଯାହାର ଫଳ ସ୍ୱରୂପ ଚାଇନା ପରି ଦେଶମାନେ ଶିଳ୍ପ, ନିର୍ମାଣ ଓ ଉତ୍ପାଦନକୁ ବୃଦ୍ଧି କରି ଆମେରିକାକୁ ରପ୍ତାନି କରି ମାଲାମାଲ ହେଲେ। ଆମେରିକାରେ ନିଯୁକ୍ତି ମଧ୍ୟ କମିଗଲା, ଫଳରେ ଆମେରିକାର ଅର୍ଥନୀତି ଏବେ ଦୋଦୁଲ୍ୟମାନ। ଏଥିରୁ ଏହା ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ ଶିଳ୍ପ, ନିର୍ମାଣ ଓ ଉତ୍ପାଦନ କ୍ଷେତ୍ରକୁ ବାଦ ଦେଇ ସେବା ଓ ପ୍ରତିରକ୍ଷା ଉପକରଣ ରପ୍ତାନି ମାଧ୍ୟମରେ ଯୁଦ୍ଧପୁଷ୍ଟ ଅର୍ଥନୀତିକୁ ନେଇ ଏକ ଦେଶ ସର୍ବଦା ଶିଖରରେ ରହି ପାରିବ ନାହିଁ।

ଅନ୍ୟପକ୍ଷରେ ଏସିଆ ଓ ଆଫ୍ରିକାର ବିକାଶଶୀଳ ଦେଶମାନେ ଆମେରିକାର ଡଲାରର ପ୍ରଭାବରୁ ମୁକ୍ତି ପାଇବାର ଅନ୍ୟ ଉପାୟ ଖୋଜିଲେଣି। ବ୍ରିକ୍ସ ପରି ଦେଶ ସମୂହ ଡଲାରର ବିକଳ୍ପ ମୁଦ୍ରା ଗ୍ରହଣ କରିବାକୁ ଚେଷ୍ଟା କଲେଣି ଯାହା ଆମେରିକାକୁ ଆଦୌ ପସନ୍ଦ ନୁହେଁ। ଯାହା ବି ହେଉ ଆମେରିକା ତା'ର ଆଧିପତ୍ୟ ବଜାୟ ରଖିବାକୁ ହେଲେ ୟୁରୋପୀୟ ଦେଶ ସହିତ ଅନ୍ୟ ଏସୀୟ ତଥା ଆଫ୍ରିକୀୟ ବିକାଶଶୀଳ ଓ ଗରିବ ଦେଶମାନଙ୍କୁ ନିଜର ସହଯୋଗୀ ଭାବରେ ବାଛିବାକୁ ଆଗେଇ ଅସିବା ଉଚିତ। ବ୍ୟବସାୟିକ ମନୋବୃତ୍ତି ରଖି ସାମାନ୍ୟ କଥାରେ ଅର୍ଥନୈତିକ କଟକଣା, ଅର୍ଥନୈତିକ ବାଛନ୍ଦ ଓ ଟାରିଫ୍ ବୃଦ୍ଧିର ଭୟ ଦେଖାଇବା ଛାଡ଼ି ବିଶ୍ୱର ଏକ ସାମଗ୍ରିକ ବିକାଶକୁ ପାଥେୟ କରି ସମସ୍ତ ଦେଶମାନଙ୍କର ଭାଗୀଦାରିରେ ଏକ ନୂତନ ଆର୍ଥିକ ପନ୍ଥା ବାଛିବା ଶ୍ରେୟଷ୍କର ହେବ। ଏହା ସହିତ ସଂଯୁକ୍ତ ରାଷ୍ଟ୍ରକୁ ଅଧିକ ସଶକ୍ତ ଓ କ୍ରିୟାଶୀଳ କରି ଏହାକୁ ଏକ ବିଶ୍ୱସନୀୟ ନିର୍ଭରଯୋଗ୍ୟ ସଂସ୍ଥା ରୂପରେ ଗଢ଼ି ତୋଳିଲେ ସମଗ୍ର ବିଶ୍ୱ ପାଇଁ ଏହା ଲାଭଦାୟକ ହେବ। ଅନ୍ୟଥା ଦିନ ଆସିବ ବିକାଶ ଚକ୍ରର ନିୟମ ଅନୁଯାୟୀ ଆମେରିକାର ଆଧିପତ୍ୟ ଧୀରେ ଧୀରେ କମ୍ ହୋଇ ଅନ୍ୟ ଦେଶମାନଙ୍କର ଆଧିପତ୍ୟ ବଢ଼ିବ ଓ ଶେଷରେ ଆମେରିକାର ସ୍ଥାନ ଆଉ କିଏ ମାଡ଼ି ବସିବ।

**ସାଇଲୋ ବଡ଼ବିଲ, କଟକ**
**ମୋ: ୮୦୧୮୮୩୪୭୩୪**

## ଚିରନ୍ତନୀ

ସକଳ ରୂପ ଅରୂପ ହେଲା
ଅତନୁ ହେଲା ତନୁ
ସକଳ ଭାବ ସକଳ ଭାଷା
ମିଳାଇ ଗଲା କନୁ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୈତିକ ଉଦ୍ଦେଶ୍ୟରେ ମିଶନ ଶକ୍ତି ପୁନର୍ଗଠନ ନ ହେଉ

ମହାଶୟ,

ରାଜ୍ୟରେ ମିଶନ ଶକ୍ତିର ପୁନର୍ଗଠନ ନିଷ୍ପତ୍ତି ମହିଳାଙ୍କ ସହ ବିଶ୍ୱାସଘାତକତା। ବିଭାଗୀୟ ସଚିବ ପ୍ରତ୍ୟେକ ଜିଲାପାଳଙ୍କୁ ମିଶନ ଶକ୍ତିର ପୁନର୍ଗଠନ ପାଇଁ ପତ୍ର ଲେଖିଛନ୍ତି। ଯେକୌଣସି ସଙ୍ଗଠନର କାର୍ଯ୍ୟକାରୀ କମିଟି ପୁନର୍ଗଠନରେ ଉକ୍ତ ସଙ୍ଗଠନର ସାଧାରଣ ସଭ୍ୟମାନେ ସର୍ବେସର୍ବା। ହେଲେ ଏ କ୍ଷେତ୍ରରେ ଆଉ ପୁରୁଣା କର୍ମକର୍ତ୍ତା ରହିପାରିବେ ନାହିଁ ନିଷ୍ପତ୍ତିକୁ ସଙ୍ଗଠନର ସଭ୍ୟମାନଙ୍କ ଉପରେ ଲଦି ଦିଆଯାଉଛି। ଭୁବନେଶ୍ୱରରେ ଆନ୍ଦୋଳନରତ ମିଶନ ଶକ୍ତିର ମହିଳାମାନେ ଆନ୍ଦୋଳନ ପ୍ରତ୍ୟାହାର କରିବା ପରଦିନ ଏଭଳି ଚିଠି ପ୍ରଦାନ କରାଯିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରରେ ମିଶନ ଶକ୍ତି କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏ କ୍ଷେତ୍ରରେ ପ୍ରଥମେ ଆକ୍ରମଣାତ୍ମକ ହେବା ଭବିଷ୍ୟତ ପାଇଁ ବିପଦ। ଏଥିନେଇ ସକାରାତ୍ମକ ଦିଗରେ କାର୍ଯ୍ୟକଲେ ସରକାର ଅଧିକ ଗ୍ରହଣୀୟ ହେବେ। ତେବେ ସରକାରଙ୍କ ମିଶନ ଶକ୍ତିର ପୁନର୍ଗଠନ ନିଷ୍ପତ୍ତି ପ୍ରଚାର ପରେ ବିଭିନ୍ନ ଗାଁରେ କ୍ଷମତାସୀନ ଦଳର କର୍ମୀମାନେ ନୂଆ କର୍ମକର୍ତ୍ତାଙ୍କୁ ମାସିକ ଆକାରରେ ଏବେ ଅର୍ଥ ପ୍ରଦାନ କରାଯିବା ମିଛ ପ୍ରଚାର ଚଳାଇଛନ୍ତି।

**-ସତୀଶ୍ ବିଶ୍ୱାଳ, ଧର୍ମଶାଳା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



ସୋର, ୧୬।୪(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଷ୍ଟେସନ କିଛି ଦୂର ମାର୍କୋଣାଠାରେ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଏକ କୋଇଲା ବୋଝେଇ ଟ୍ରେନର ଦୁଇଟି ବଗିରେ ନିଆଁ ଲାଗିଯାଇଥିଲା। ଦମକଳ ବାହିନୀ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଟ୍ରେନ ଧାମରାରୁ କୋଇଲା ବୋଝେଇ କରି ଜାମସେଦପୁର ଅଭିମୁଖେ ଯାଉଥିଲା। ମାର୍କୋଣା ନିକଟରେ ଟ୍ରେନରୁ ଧୂଆଁ ବାହାରୁଥିବା ଦେଖିବା ପରେ ଲୋକୋ ପାଇଲଟ୍ ସୋର ଷ୍ଟେଶନକୁ ଅବଗତ କରାଇଥିଲେ। ସୋରରେ ଟ୍ରେନ ପହଞ୍ଚିବା ପରେ ଟ୍ରେନକୁ ଅଟକାଯାଇଥିଲା। ସୋର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଷ୍ଟେଶନରେ ପହଞ୍ଚି ନିଆଁ ଲିଭାଇବା ପରେ ଟ୍ରେନ ଗନ୍ତବ୍ୟସ୍ଥଳକୁ ଯାଇଥିଲା।

## ଶ୍ରୀକାନ୍ତ ପୃଷ୍ଟି ହେଲେ ସମବାୟ ନିର୍ବାଚନ କମିଶନର

ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଶ୍ରୀକାନ୍ତ ପୃଷ୍ଟିଙ୍କୁ ରାଜ୍ୟ ସରକାର ନୂଆ ଦାୟିତ୍ୱ ଦେଇଛନ୍ତି। ରାଜ୍ୟ ସମବାୟ ନିର୍ବାଚନ କମିଶନର ଭାବେ ଶ୍ରୀକାନ୍ତଙ୍କୁ ସରକାର ନିଯୁକ୍ତ କରିଛନ୍ତି। ମାସେରୁ ଅଧିକ ସମୟ ଧରି ଏହି ପଦବୀ ଖାଲି ପଡ଼ିଥିଲା। ୨୦୦୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ଶ୍ରୀକାନ୍ତ ନିକଟରେ ଅବସର ନେଇଥିଲେ। ସେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଦାୟିତ୍ୱ ତୁଲାଇଛନ୍ତି। ସେ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ।

## ମୃତଦେହ ପରିବହନ ପାଇଁ କଲ୍ ସେଣ୍ଟର

ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)

ରାଜ୍ୟରେ ମୃତଦେହ ପରିବହନ ସମୟରେ ଉପୁଜୁଥିବା ସମସ୍ୟା ଦୂର କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ଏଣିକି ମୃତଦେହ ପରିବହନ ପାଇଁ କଲ୍ ସେଣ୍ଟର ରହିବ। ୧୦୮ ଆମ୍ବୁଲାନ୍ସ ଭଳି ରହିବ ସ୍ୱତନ୍ତ୍ର ଟୋଲ୍ ଫ୍ରି ନମ୍ବର। ଏଥିପାଇଁ ବୁଧବାର ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାରମ୍ଭିକ ଆଲୋଚନା କରାଯାଇଛି। ରାଜ୍ୟ ସରକାର ସୁବିଧାରେ ମୃତଦେହ ପରିବହନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଏହି ବ୍ୟବସ୍ଥାରେ କଲ୍ ସେଣ୍ଟର ମାଧ୍ୟମରେ ରୋଗୀ ପରିବାର ଓ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନକରି ମୃତଦେହକୁ ଠିକ୍ ସମୟରେ ଏବଂ ସୁବିଧାରେ ନିର୍ଦ୍ଧାରିତ ସ୍ଥାନକୁ ପହଞ୍ଚାଯାଇପାରିବ। ବୈଠକରେ ପ୍ରାରମ୍ଭିକ ଭାବେ ଆଲୋଚନା ଅନୁସାରେ, ଅନ୍ୟ ରାଜ୍ୟରେ ଥିବା ମୃତଦେହ ପରିବହନ ବ୍ୟବସ୍ଥା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ରାଜ୍ୟରେ କେଉଁ ଜିଲାର ହସ୍ପିଟାଲରେ ବାର୍ଷିକ କେତେ ଲୋକଙ୍କ ମୃତ୍ୟୁ ହେଉଛି, ସେହି ହିସାବରେ କେତେ ମୃତଦେହ ପରିବହନ ଗାଡ଼ି ଆବଶ୍ୟକ ସେନେଇ ସ୍ୱାସ୍ଥ୍ୟ ସଚିବ ତଥ୍ୟ ମାଗିଛନ୍ତି। ଆଗାମୀ ଦିନରେ ମୃତଦେହ ପରିବହନ ପାଇଁ କିଲୋମିଟର ପିଛା ଦର କେତେ ରହିବ, ସେନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି। ବିଶେଷକରି ସରକାରୀ ହସ୍ପିଟାଲରେ ପ୍ରାଣ ହରାଉଥିବା ଲୋକଙ୍କ ମୃତଦେହକୁ ନେବା ପାଇଁ ଏହା କାମ କରିବ।

## ବସ୍-ଟ୍ରେଲର ମୁହାଁମୁହିଁ ଧକ୍କା



ସୋର, ୧୬।୪ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଏକ ବସ୍ ଓ ଟ୍ରେଲର ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରେଲର ଚାଳକ ଗୁରୁତର ଆହତ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବୁଧବାର ଅପରାହ୍ନରେ ଟ୍ରେଲର (ନଂ. ସିଜି୦୭ସିଜି୮୨୪୧) କୋଲକାତାରୁ ଯାଜପୁର ଅଭିମୁଖେ ଯାଉଥିବା ବେଳେ କଲେଜ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବସ୍‌କୁ ଧକ୍କା ଦେଇଥିଲା। ଫଳରେ ଟ୍ରେଲର ଚାଳକ ବିହାର ଆରା ଜିଲା ମଙ୍ଗୋରୀ ଗ୍ରାମର ରମେଶ ଚନ୍ଦ୍ର ପାଣ୍ଡେ (୫୩) ଟ୍ରେଲର ମଧ୍ୟରେ ଚାପି ହୋଇ ଫଶି ରହିଥିଲେ। ସୋର ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଗାଡିକୁ କାଟି ରମେଶଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ସୋର ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ଥାନାକୁ ଆଣିଛି। ଏହି ଦୁର୍ଘଟଣା ପରେ ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବସ୍ ଯାତ୍ରୀମାନେ ସାମାନ୍ୟ ଆହତ ହୋଇ ଏକ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।

## ଆଜି ଓଡ଼ିଶା ଆସୁଛନ୍ତି ଗଡକରୀ, ବହୁ ପ୍ରକଳ୍ପର ଶିଳାନ୍ୟାସ କରିବେ

ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)

ଓଡ଼ିଶାରେ ଏନ୍ଏଚ୍ଏଆଇର ଅନେକ ପ୍ରକଳ୍ପର ଶିଳାନ୍ୟାସ ଗୁରୁବାର କରାଯିବ। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଗୁରୁବାର ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ପ୍ରାୟ ୪ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିବେ। ରୋଡ୍ କନେକ୍ଟିଭିଟିରେ ଓଡ଼ିଶା ନମ୍ବର ୧ ହେବ ବୋଲି ଭାଜପା ସରକାର ଘୋଷଣା କରିଥିଲେ। ସେହି କ୍ରମରେ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର-ପୁରୀ, ମେରାଇନ୍ ଡ୍ରାଇଭ୍ ଓ ପୁରୀ-ସାତପଡ଼ା ରୋଡ୍ ପ୍ରଶସ୍ତ ହେବ। ଖୁବ୍‌ଶୀଘ୍ର ଆରମ୍ଭ ହେବ ଉପକୂଳ ରାଜପଥ କାମ। ରାଜ୍ୟ ପାଇଁ ଏମିତି କିଛି କିଛି ବଡ଼ ବଡ଼ ପ୍ରକଳ୍ପ ନେଇ ମନ୍ତ୍ରୀ ଗଡକରୀ ଆସୁଛନ୍ତି। ଏହା ଭିତରେ ୨୯ଶହ ୫ କୋଟି ଟଙ୍କାର ୧୩ଟି ଜାତୀୟ ରାଜପଥ ପ୍ରକଳ୍ପର ଶିଳାନ୍ୟାସ ରହିଛି। ୪୨୭ କୋଟି ଟଙ୍କାର ୪ ସିଆର୍ଆଇଏଫ୍ ବ୍ରିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ, ୮୪୧ କୋଟି ଟଙ୍କାରେ ୪୪ କି.ମି. ବିଶିଷ୍ଟ ୨ଟି ଜାତୀୟ ରାଜପଥକୁ ଗଡକରୀ ଉଦ୍‌ଘାଟନ କରିବେ। ସେହିପରି ୧୪୪ କୋଟି ବ୍ୟୟରେ ଟିଟିଲାଗଡ଼ ଏନ୍ଏଚ୍-୫୯ରେ ବାଇପାସ୍ ରୋଡ୍, ୧୭୨ କୋଟି ବ୍ୟୟରେ ଧର୍ମଗଡଠାରେ ଏନ୍ଏଚ୍-୧୩୦ରେ ବାଇପାସ୍ ପ୍ରକଳ୍ପ ମଧ୍ୟ ରହିଛି। ଏହାସହ ୪୨୬ କୋଟି ଟଙ୍କା ବ୍ୟୟରେ ୪ଟି ହାଇଲେଭଲ୍ ବ୍ରିଜ୍, ୨୭୩ କୋଟି ବ୍ୟୟରେ ବରଗଡ଼-ଝାରସୁଗୁଡ଼ା ରାସ୍ତାରେ ମହାନଦୀ ଉପରେ ହାଇ ଲେଭଲ୍ ବ୍ରିଜ, ରାଉରକେଲା-ଘୁନ୍‌ସର ରାସ୍ତାରେ ତେଲ ନଦୀଠାରେ, କଳାହାଣ୍ଡିର ଖଣିଡ଼ାଙ୍ଗିରିଗୁଡ଼ା-ବାଙ୍କପାଳ ରାସ୍ତାର ହାତୀ ନଦୀ ଉପରେ ଏବଂ କେଶିଙ୍ଗା ଏବଂ ଭବାନୀପାଟଣା ରାସ୍ତାର ତେଲ ନଦୀ ଉପରେ ବ୍ରିଜ ହେବ। ଏହାଛଡ଼ା ଗଡକରୀ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଓଡ଼ିଶା ପକ୍ଷରୁ ଚଳିତ ବର୍ଷ ୨୮ ହଜାର କୋଟିର ଅନୁଦାନ ଦାବି କରାଯାଇଛି।

## ସାଇବର ଥାନା ସଂଖ୍ୟା ୩୪କୁ ବଢ଼ିବ

ଭୁବନେଶ୍ୱର, ୧୬।୪(ରବିନାରାୟଣ ଜେନା)

ବୁଧବାର ଗୃହ ବିଭାଗ ପକ୍ଷରୁ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଶାଖା ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବରୁ ରାଜ୍ୟରେ ୧୪ଟି ସାଇବର ଥାନା କାର୍ଯ୍ୟ କରୁଥିଲାବେଳେ ଏହି ସଂଖ୍ୟା ୩୪କୁ ବଢ଼ିବ। ଏହାସହ ୯୮୭ଟି ବିଭିନ୍ନ ବର୍ଗର ପଦ ସୃଷ୍ଟି କରାଯାଇଛି। ଏ ସଂକ୍ରାନ୍ତରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମହାଲେଖାକାରଙ୍କୁ ଅବଗତ କରାଇଛନ୍ତି।

ସୂଚନା ଅନୁଯାୟୀ ଏବେ ମାତ୍ର ୧୬୮ ଜଣ କର୍ମଚାରୀଙ୍କୁ ନେଇ ସାଇବର ଥାନାଗୁଡ଼ିକ କାର୍ଯ୍ୟକାରୀ ହେଉଛି। ନୂତନ ୯୮୭ଟି ପଦବୀ ମିଶିଲା ପରେ ୧୧୨୭କୁ ପଦବୀ ସଂଖ୍ୟା ବୃଦ୍ଧି ପାଇଛି। ଏହା ବ୍ୟତୀତ ୧୭୦ ଜଣ ବିଶେଷଜ୍ଞଙ୍କୁ ମଧ୍ୟ ଆଉଟ୍‌ସୋର୍ସିଂ ଜରିଆରେ ନିଯୁକ୍ତି ଦେବାକୁ ସରକାର ଅନୁମତି ଦେଇଛନ୍ତି। ଏଥିରେ ୬୮ ଜଣ ଆଇଟି ବିଶେଷଜ୍ଞ, ୪୮ ଜଣ ସାଇବର ଫୋରେନ୍‌ସିକ୍ ବିଶେଷଜ୍ଞ ଓ ଆଉ ୪୮ ଜଣ ଅର୍ଥନୈତିକ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବାକୁ ରହିଛି। ଏହାଦ୍ୱାରା ଆଗାମୀ ଦିନରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୁଧୁରିବ ବୋଲି ମୋହନ ସରକାର ଆଶା ରଖିଛନ୍ତି।

# ଟ୍ରେନ୍‌ରେ ଏଟିଏମ୍ ସେବା

ଭୁବନେଶ୍ୱର, ୧୬।୪(ଅନୁରାଧା ମହାରଣା)

ଟ୍ରେନ ଯାତ୍ରା ସମୟରେ ନଗଦ ଟଙ୍କା ନ ଥିଲେ ବେଳେବେଳେ ଯାତ୍ରୀମାନେ ସମସ୍ୟାରେ ପଡ଼ିଥା'ନ୍ତି। ମାତ୍ର ଏବେ ଏହି ସମସ୍ୟା ଦୂର ହୋଇଛି। ଭାରତୀୟ ରେଳପଥ ପକ୍ଷରୁ ପ୍ରଥମଥର ଟ୍ରେନ୍‌ରେ ଅଟୋମେଟେଡ୍ ଟେଲର ମେଶିନ୍(ଏଟିଏମ୍) ସେବା ଆରମ୍ଭ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ମୁମ୍ବାଇ-ମନମାଡ ପଞ୍ଚବଟୀ ଏକ୍ସପ୍ରେସ୍‌ରେ ଏହି ସେବା ଉପଲବ୍ଧ ହୋଇଛି। ଟ୍ରେନ୍ ଚାଲୁଥିବା ସମୟରେ ଟ୍ରେନ୍‌ର ଏସି କୋଚ୍‌ରେ ସ୍ଥାପିତ ଏହି ଏଟିଏମ୍‌ରୁ ସମସ୍ତ ଯାତ୍ରୀ ନଗଦ ଟଙ୍କା ଉଠାଇପାରିବେ। ଏହି ଏଟିଏମ୍‌କୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି, ଯାହାଦ୍ୱାରା ଟ୍ରେନ୍‌ଟି ପୂର୍ଣ୍ଣବେଗରେ ଥିଲେ ମଧ୍ୟ ଏହା ଠିକ୍‌ଭାବରେ କାମ କରିପାରିବ। ଏହା ବ୍ୟତୀତ ଏହାକୁ ଚୋରମାନଙ୍କଠାରୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସିସିଟିଭି ମାଧ୍ୟମରେ ଦିନକୁ ୨୪ ଘଣ୍ଟା ତଦାରଖ କରାଯିବ। ଏହା ସଫଳ ହେଲେ ଅନ୍ୟ ଦୂରଗାମୀ ଟ୍ରେନ୍‌ଗୁଡ଼ିକରେ ମଧ୍ୟ ଏପରି ବ୍ୟବସ୍ଥା କରାଯିବ। ଭୁସାବଲ ରେଳ ଡିଭିଜନ୍ ଏବଂ ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ରର ସହଭାଗିତାରେ ଏହି ନୂତନ ସୁବିଧା ଆରମ୍ଭ ହୋଇଛି ଏବଂ ଏହାର ପରୀକ୍ଷା ମଧ୍ୟ ସଫଳତାର ସହ ଶେଷ ହୋଇଛି। ପଞ୍ଚବଟୀ ଏକ୍ସପ୍ରେସ୍‌ର ସମସ୍ତ ୨୨ଟି କୋଚ୍ ଭେଷ୍ଟିବୁଲ ସହିତ ସଂଯୁକ୍ତ ହୋଇଛି। ଫଳରେ ଯେକୌଣସି କୋଚ୍‌ର ଯାତ୍ରୀମାନେ ଏହି ସୁବିଧା ପାଇପାରିବେ।



ଖୁବ୍‌ଶୀଘ୍ର ଏହି ଏଟିଏମ୍ ମୁମ୍ବାଇ-ହିଙ୍ଗୋଲି ଜନଶତାବ୍ଦୀ ଏକ୍ସପ୍ରେସ୍‌ରେ ମଧ୍ୟ ଉପଲବ୍ଧ ହେବ। ଏହି ଅନ୍‌ବୋର୍ଡ ଏଟିଏମ୍ ମାଧ୍ୟମରେ ଯାତ୍ରୀମାନେ କେବଳ ନଗଦ ଟଙ୍କା ଉଠାଇବା ସହ ଚେକ୍‌ବୁକ୍ ଅର୍ଡର, ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ଯାଞ୍ଚ କରିପାରିବେ ଏବଂ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ସେବା ମଧ୍ୟ ପାଇପାରିବେ। ଟ୍ରେନ୍‌ରେ ଏଟିଏମ୍‌ର ଟ୍ରାଏଲ ଚାଲିଛି। ଏହି ସମୟରେ ଟନେଲ ଏବଂ ଖରାପ ମୋବାଇଲ ସଂଯୋଗ ହେତୁ ଇଗତପୁରୀରୁ କାସରା ମଧ୍ୟରେ ସିଗ୍‌ନାଲ ସମସ୍ୟା ଦେଖାଦେଇଥିଲା। ଭୁସାବଲ ଡିଭିଜନ ଡିଆର୍‌ଏମ୍ ଇତି ପାଣ୍ଡେ କହିଛନ୍ତି, ଏହା ଆମର ଅଭିନବ ଯୋଜନା ଇନ୍‌ଫ୍ରିସ୍‌ର ଏକ ଅଂଶ ହୋଇଥିବାବେଳେ ପରୀକ୍ଷା ସଫଳ ହୋଇଛି। ଭବିଷ୍ୟତରେ ଅଧିକ ଟ୍ରେନ୍‌ରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହେବ। ଯାତ୍ରୀଙ୍କ ସୁବିଧା ତଥା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏଟିଏମ୍‌ଗୁଡିକ ଶଟର ସିଷ୍ଟମ, ସିସିଟିଭି ଏବଂ ବୈଷୟିକ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରସ୍ତୁତ କରାଯାଇଛି।

# ସାର୍ବଜନୀନ ହେଉନି କନିଷ୍ଠ ଶିକ୍ଷକ ନିଯୁକ୍ତି ପରୀକ୍ଷାର କଟ୍ ଅଫ୍ ମାର୍କ

ଭୁବନେଶ୍ୱର,୧୬।୪ (ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ୬ମାସ ତଳେ କନିଷ୍ଠ ଶିକ୍ଷକ(ସ୍କିମାଟିକ୍) ନିଯୁକ୍ତି ପ୍ରକ୍ରିୟା ସରିଯାଇଥିଲେ ମଧ୍ୟ ଏ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନ ଥିବା ଆଇନଜୀବୀ ରଜତ କୁମାର ମିଶ୍ରଙ୍କ ସମେତ କେତେଜଣ ପରୀକ୍ଷାର୍ଥୀ ଅଭିଯୋଗ ଆଣିଛନ୍ତି। ଏହି ପରୀକ୍ଷାଫଳ ସମ୍ପର୍କରେ ଓସେପା ସବିଶେଷ ତଥ୍ୟ ଦେଉ ନାହିଁ। ଏପରି କି 'କଟ୍ ଅଫ୍ ମାର୍କ' ମଧ୍ୟ ସାର୍ବଜନୀନ କରିନାହିଁ। ଫଳରେ ଆଶାୟୀମାନେ କେତେ ମାର୍କ କମ୍ ଯୋଗୁ ଏହି ନିଯୁକ୍ତିରୁ ବାଦ୍ ପଡ଼ିଛନ୍ତି, ସେ ନେଇ ଅନ୍ଧାରରେ ରହୁଛନ୍ତି। ଏ ସଂକ୍ରାନ୍ତରେ ଓସେପା କର୍ତ୍ତୃପକ୍ଷଙ୍କୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳୁନାହିଁ। କେତେକ କ୍ଷେତ୍ରରେ ତଥ୍ୟ ଉପଲବ୍ଧ ନ ଥିବା କୁହାଯାଉଥିବାବେଳେ ଆଉ କେତେକ ପ୍ରଶ୍ନର ଉତ୍ତରରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇନାହିଁ ବୋଲି ଦର୍ଶାଯାଇଛି। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଜୀବୀ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓସେପା ପକ୍ଷରୁ ରାଜ୍ୟର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ୨୦୨୩ ସେପ୍ଟେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ପରୀକ୍ଷା ସେହିବର୍ଷ ନଭେମ୍ବରରେ ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବା ପରେ ୨୦୨୪ ଅକ୍ଟୋବର ୫ରେ ମୁଖ୍ୟମନ୍ତ୍ରୀ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ତେବେ ଓସେପା କନିଷ୍ଠ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ପରୀକ୍ଷାଫଳ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ଲୁଚାଇ ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ କନିଷ୍ଠ ଶିକ୍ଷକମାନେ ନିଯୁକ୍ତି ପାଇବାର ଦୀର୍ଘ ୬ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଭିନ୍ନ ବର୍ଗର କଟ୍ ଅଫ୍ ମାର୍କ, ବ୍ୟକ୍ତିଗତ ମାର୍କ ବା ସଫଳ ପ୍ରାର୍ଥୀମାନଙ୍କ ମାର୍କ ସାର୍ବଜନୀନ କରାଯାଇ ନାହିଁ। ଓପିଏସ୍‌ସି, ଓଏସ୍ଏସ୍‌ସି ଏବଂ ଓଏସ୍ଏସ୍ଏସ୍‌ସି ଆଦି ସଂସ୍ଥା ପକ୍ଷରୁ ରାଜ୍ୟର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ମାର୍କ ସାର୍ବଜନୀନ କରାଯାଉଥିବାବେଳେ ଓସେପା କ୍ଷେତ୍ରରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଆଇନଜୀବୀ ରଜତ

### ତଦନ୍ତ ସହ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କଲେ ଆଶାୟୀ

କୁମାର ମିଶ୍ର ସୂଚନା ଅଧିକାର ଆଇନ ଜରିଆରେ ତଥ୍ୟ ମାଗିଥିଲେ ମଧ୍ୟ ଓସେପା ତାହା ନ ଦେଇ ବିଭିନ୍ନ ଆଳ ଦେଖାଉଥିବାରୁ ଏ ସଂକ୍ରାନ୍ତରେ ତଦନ୍ତ କରାଯିବାକୁ ତାଙ୍କ ସମେତ ଅନେକ ନିଯୁକ୍ତି ଆଶାୟୀ ଦାବି କରିଛନ୍ତି। ସେହିପରି ଆଇନଜୀବୀ ମିଶ୍ର ଓସେପା କର୍ତ୍ତୃପକ୍ଷଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଘଟଣା ସମ୍ପର୍କରେ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗପତ୍ର ଦାଖଲ କରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଏଭଳି ଅଭିଯୋଗ ସମ୍ପର୍କରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓସେପାର ଉପନିର୍ଦ୍ଦେଶକ ଇତିଶ୍ରୀ ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ପଚାରିବାରୁ ସେ କହିଛନ୍ତି ଯେ, କନିଷ୍ଠ ଶିକ୍ଷକ ନିଯୁକ୍ତି ପରୀକ୍ଷା ଫଳ ବାହାରିବା ପରେ ଏହା ୱେବ୍ ସାଇଟ୍‌ରେ ଉପଲବ୍ଧ ହୋଇ ନ ଥିବା ସମ୍ବନ୍ଧରେ ଏକାଧିକ ଅଭିଯୋଗ ଆସୁଛି। ଏ ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ବିଭାଗ ପକ୍ଷରୁ ଘଟଣା ସମ୍ପର୍କରେ କୌଣସି ନିର୍ଦ୍ଦେଶ ଆସିବା ପରେ ଏହାର କାର୍ଯ୍ୟକାରୀ କରାଯିବ ବୋଲି ଇତିଶ୍ରୀ କହିଛନ୍ତି।




DADLS - 14



ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
ତା.୧୭.୦୪.୨୦୨୫

ସକାଳ ୧୦ ଘଟିକା - ଓଡ଼ିଶା ବିଧାନସଭା ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପ ବାଚସ୍ପତି, ମନ୍ତ୍ରୀ ଓ ବିଧାୟକଗଣ ତଥା ଅନ୍ୟ ଅତିଥିମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ

ସନ୍ଧ୍ୟା ୬.୩୦ ମିନିଟ୍ – ଜୟଦେବ ଭବନ, ଭୁବନେଶ୍ୱର
ବିଜୁବାବୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ

ଭଜନ ସମାରୋହ
"କଳିଙ୍ଗ ଭାରତୀ ଲୋକନୃତ୍ୟ ଏବଂ ସଙ୍ଗୀତ ଗବେଷଣା କେନ୍ଦ୍ର" ତରଫରୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ, ଗୁରୁ ଶ୍ରୀ ବିଜୟ କୁମାର ଜେନା, ହରପ୍ରିୟା ସ୍ୱାଇଁ, ସୁଶାନ୍ତ ପଣ୍ଡା, ରଶ୍ମିତା ଦାଶ, ଅନିରୁଦ୍ଧ ପାଣି, ବସୁନ୍ଧରା ପରିଡ଼ା ଏବଂ ଦିବ୍ୟ ଶଙ୍କର ପାଲଙ୍କ ଭକ୍ତି ସଙ୍ଗୀତ ପରିବେଷଣ।

ସାନ୍ଧ୍ୟ ସମାରୋହରେ ଯୋଗଦେଇ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ବିନମ୍ର ନିବେଦନ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0544/2526

## ସଂକ୍ଷେପରେ

### ୬ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ :୨ ଗିରଫ

ଭୁବନେଶ୍ୱର,୧୬।୪(ସତ୍ୟଜିତ୍ ରାଉତ)

ନୟାପଲ୍ଲୀ ପୋଲିସ ବୁଧବାର ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ନୟାପଲ୍ଲୀ କସ୍ତୁରବା ସ୍କୁଲ ପଡ଼ିଆ ନିକଟରେ ଚଢ଼ାଉ କରି ୬ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ସାରୁଅ ଗାଁର ସଞ୍ଜୟ ମହାରଣା(୪୨) ଓ ଅଶୋକ ବେହେରା(୪୩)। କୋର୍ଟଚାଲାଣ ପରେ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ସକାଳେ ଅଭିଯୁକ୍ତଦ୍ୱୟ ୫ଟି ବସ୍ତାରେ ଗଞ୍ଜେଇ ଭର୍ତ୍ତିକରି ଏକ ବସ୍‌ରେ ଖୋର୍ଦ୍ଧାରୁ ଆସିଥିଲେ। ଏନେଇ ଖବର ପାଇବା ପରେ ପୋଲିସ ଚଢ଼ାଉ ପାଇଁ ଯୋଜନା କରିଥିଲା। ସେମାନେ କସ୍ତୁରବା ପଡ଼ିଆ ନିକଟରେ ବସ୍‌ରୁ ଓହ୍ଲାଇବା ପରେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା। ଯାଞ୍ଚବେଳେ ସେମାନଙ୍କଠାରୁ ୯୭.୫ କେଜି ଗଞ୍ଜେଇ ସହ ୨୧୦ ଟଙ୍କା ମିଳିଥିଲା। ତେବେ ଅଭିଯୁକ୍ତଦ୍ୱୟ କେଉଁଠୁ ଗଞ୍ଜେଇ ଆଣିଥିଲେ ଓ କାହାକୁ ଦେଇଥାନ୍ତେ ସେନେଇ ପୋଲିସ ଖୋଳତାଡ଼ କରୁଛି। ଏନେଇ ପୋଲିସ ମାମଲା(ନଂ.୧୭୧/୨୦୨୫) ରୁଜୁକରି ତଦନ୍ତ କରୁଛି। ସଞ୍ଜୟଙ୍କ ନାଁରେ ଖଣ୍ଡଗିରି ଥାନାରେ ଏକ ଏନ୍‌ଡିପିଏସ୍ ମାମଲା ଥିବା ବେଳେ ଅଶୋକଙ୍କ ନାଁରେ ଧଉଳି ଥାନାରେ ୨ଟି ଆପରାଧିକ ମାମଲା ରହିଥିବା ସୂଚନା ଦିଆଯାଇଛି।

### ଦୁର୍ବ୍ୟବହାର ଘଟଣାରେ ବ୍ୟାଙ୍କ କ୍ୟାଶିୟରଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ

ଟାଙ୍ଗୀ,୧୬।୪(ରଘୁନାଥ ସାହୁ)

କାଲୁପଡ଼ାଘାଟସ୍ଥିତ ଏକ ବ୍ୟାଙ୍କର କ୍ୟାଶିୟର ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ କ୍ୟାଶିୟରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ନିର୍ଦ୍ଦେଶ ମିଳିଥିବା ଜଣାପଡ଼ିଛି। ସୂଚନାଥାଉ କି, ଗତ ୧୩ ତାରିଖରେ ଜଗିପଡ଼ା ଆଞ୍ଚଳିକ ମହିଳା ମହାସଂଘର ସିଆର୍‌ପିଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ମହିଳା ମହାସଂଘ ବ୍ୟାଙ୍କ ମ୍ୟାନେଜର, ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ, ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିବା ସହ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲା। ସମ୍ପୃକ୍ତ କ୍ୟାଶିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହିଳାମାନେ ଅଡ଼ିବସିଥିଲେ। ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ, ଟାଙ୍ଗୀ ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଧାରଣାରୁ ହଟି ନ ଥିଲେ। ସମ୍ପୃକ୍ତ କ୍ୟାଶିୟରଙ୍କ ସ୍ଥାନାନ୍ତର ନିର୍ଦ୍ଦେଶ ଲିଖିତଭାବେ ଦେଖାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# 'ଶୈକ୍ଷିକ ଉତ୍କର୍ଷ, ବୈଜ୍ଞାନିକ ଭାବନା, ମାନବିକ ମୂଲ୍ୟବୋଧକୁ ଗୁରୁତ୍ୱ ଦିଅ'

### ବେସିକ୍ ସାଇନ୍ସ କଲେଜର ହୀରକ ଜୟନ୍ତୀ

ଭୁବନେଶ୍ୱର,୧୬।୪(ସୁଚିସ୍ମିତା ସାହୁ)


ହୀରକ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି,ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟମାନେ।

ଶୈକ୍ଷିକ ଉତ୍କର୍ଷ, ବୈଜ୍ଞାନିକ ଭାବନା ଓ ମାନବିକ ମୂଲ୍ୟବୋଧକୁ ଛାତ୍ରୀଛାତ୍ରମାନେ ଗୁରୁତ୍ୱ ଦିଅନ୍ତୁ। ଆଗାମୀ ସମୟ ପାଇଁ ଏସବୁ କ୍ଷେତ୍ରରେ ଆଲୋକବର୍ତ୍ତିକା ହେବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି। କୃଷି ଶିକ୍ଷା ସଦନ ଅଡିଟୋରିୟମଠାରେ ଅନୁଷ୍ଠିତ ଓୟୁଏଟି ଅଧୀନ କଲେଜ୍ ଅଫ୍ ବେସିକ ସାଇନ୍ସ ଆଣ୍ଡ୍ ହ୍ୟୁମାନିଟିଜ୍‌ର ହୀରକ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଷାଠିଏ ବର୍ଷ ଧରି ବିଜ୍ଞାନ ଏବଂ ଅନ୍ୟାନ୍ୟ ମୌଳିକ ବିଷୟଗୁଡ଼ିକୁ ଯୁବମାନସରେ ପ୍ରତିଫଳିତ କରାଇବାରେ ଏହି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଗବେଷଣା, ଶିକ୍ଷାଦାନ, ପ୍ରଶାସନ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ଅବଦାନ ରଖିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ଶୈକ୍ଷିକ ଭିତ୍ତିଭୂମି ସ୍ଥାପନ କରିଛି। ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ଅଗ୍ରଗତି ହେଉଥିଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ବଢୁଥିବା ସମସ୍ୟା ଦୃଷ୍ଟିରୁ ଏକ ସୁସଙ୍ଗତ, ସୁଚିନ୍ତିତ ଏବଂ ନୈତିକତାଯୁକ୍ତ ମାନବ ସମ୍ବଳର ଆବଶ୍ୟକତା ବଢ଼ିଯାଇଛି। ଏହି କଲେଜ ଶିକ୍ଷାଗତ ମାନଦଣ୍ଡକୁ ନିରନ୍ତର ଭାବେ ଆଗକୁ ନେବା ସହିତ ବିଦ୍ୟାର୍ଥୀଙ୍କ ମଧ୍ୟରେ ଅନୁସନ୍ଧାନ, ପରୀକ୍ଷଣ ଏବଂ ଅନ୍ୱେଷଣ ମନୋଭାବକୁ ପ୍ରୋତ୍ସାହିତ କରୁଛି। ଜାତୀୟ ଶିକ୍ଷାନୀତି ୨୦୨୦ ଦ୍ୱାରା ଶିକ୍ଷା, ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ନମନୀୟତା ଉପରେ ଗୁରୁତ୍ୱ ଦେଇଥିବାରୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି।

ବିଶିଷ୍ଟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ କହିଲେ, ମୌଳିକ ବିଜ୍ଞାନ ହେଉଛି ଉଦ୍ଭାବନର ମୂଳଦୁଆ। ଆଜିର ସମୟରେ ଜଳବାୟୁ ପରିବର୍ତ୍ତନ ଏକ ସମସ୍ୟା ରୂପେ ଉଭା ହୋଇଛି। ଏହାର ମୁକାବିଲା ପାଇଁ ଆମକୁ ବିଜ୍ଞାନର ପଦକ୍ଷେପଗୁଡ଼ିକୁ ଆପଣାଇବାକୁ ହେବ। ହୀରକ ଜୟନ୍ତୀ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାର୍ଥୀମାନେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରି ରାଜ୍ୟ ତଥା ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ସିଂଦେଓ କହିଛନ୍ତି।

ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କଲେଜ୍ ଅଫ୍ ବେସିକ୍ ସାଇନ୍ସ ପ୍ରତିଷ୍ଠାର ଇତିବୃତ୍ତି ଓ କ୍ରମ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ପ୍ରଫେସର ନନ୍ଦିତା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ହୀରକ ଜୟନ୍ତୀ ପାଳନ କମିଟିର ଆବାହକ ନିଶିକାନ୍ତ ରାଜ୍ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ର କମିଟିର ଉପଦେଷ୍ଟା ଡ. ପି.କେ. ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଓୟୁଏଟି କାର୍ଯ୍ୟଧାରା ସମୀକ୍ଷାକଲେ, ଶୈକ୍ଷିକ ସଂଗ୍ରହାଳୟ ବୁଲିଲେ ରାଜ୍ୟପାଳ

ଭୁବନେଶ୍ୱର,୧୬।୪(ସୁଚିସ୍ମିତା ସାହୁ)

ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ବୁଧବାର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଶୈକ୍ଷିକ ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଏଥିସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଉପସ୍ଥିତିରେ ଓୟୁଏଟିର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ବିଶ୍ୱବିଦ୍ୟାଳୟର ଶିକ୍ଷା, ଗବେଷଣା, ସମ୍ପ୍ରସାରଣର ପ୍ରଗତି ଏବଂ ଦେଶ ବିଦେଶର ବିଭିନ୍ନ ଶିକ୍ଷା ଓ ଗବେଷଣା ଅନୁଷ୍ଠାନ ସହିତ ଓୟୁଏଟିର ସମ୍ପର୍କ, ସମନ୍ୱୟ ଓ ଭାଗୀଦାରି ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉନ୍ନତି ତଥା ରାଜ୍ୟରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିଲେ। ବିଭିନ୍ନ ପ୍ରସଙ୍ଗରେ ରାଜ୍ୟପାଳ ସମୀକ୍ଷା କରିବା ଅବସରରେ ଓୟୁଏଟି ବୈଜ୍ଞାନିକଙ୍କ ସାମାଜିକ ଦାୟିତ୍ୱବୋଧ ଓ ବିକଶିତ ଭାରତ ନିର୍ମାଣରେ ବିକଶିତ ଓଡ଼ିଶାର ଭୂମିକା ଉପରେ ଆଲୋକପାତ କରିଥିଲେ। ମାଛ, ଅଣ୍ଡା ଆଦି ଖାଦ୍ୟ ପଦାର୍ଥ, ଡାଲି ଓ ତୈଳବୀଜ ଜାତୀୟ ଫସଲ ଉତ୍ପାଦନ ବୃଦ୍ଧି କରି ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଓୟୁଏଟି ପଦକ୍ଷେପ ନେବା ସହ ଗବେଷଣା ଜାରି ରଖିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଓୟୁଏଟିର ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ତଥା ବିଭିନ୍ନ କ୍ଷେତ୍ରରେ ଏହି ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସଫଳତାରେ ରାଜ୍ୟପାଳ ସନ୍ତୋଷ ପ୍ରକାଶ କରିଥିଲେ।

# ଟନେଲ ଟି-୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ କାର୍ଯ୍ୟ ସଫଳତା ସହ ସରିଲା

### ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପରେ ବଡ଼ ଉପଲବ୍ଧି

ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)


ଟନେଲ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିମ୍।

ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଗତ ଟନେଲ ଟି-୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ କାର୍ଯ୍ୟ ବୁଧବାର ସଫଳ ଭାବେ କରାଯାଇଛି। ୪,୧୮୫ ମିଟର ଲମ୍ବର ଏହି ରେଳ ସୁଡ଼ଙ୍ଗ ବୌଦ୍ଧ ଜିଲାର ଆଡେଣିଗଡ଼-ଚାରିଛକ ଷ୍ଟେଶନ ମଧ୍ୟରେ ଅବସ୍ଥିତ ଥିବାବେଳେ ନୂତନ ଜ୍ଞାନକୌଶଳ ପଦ୍ଧତି ଦ୍ୱାରା ବ୍ରେକ୍‌ଥ୍ରୁ କାର୍ଯ୍ୟ ଶେଷ ହୋଇଛି। ଓଡ଼ିଶାର ସୁଦୀର୍ଘ ରେଳ ସୁଡ଼ଙ୍ଗ ଭାବେ ଏହା ଇତିହାସ ରଚିଛି। ସୁଡ଼ଙ୍ଗ ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ମେଶିନ ନିୟୋଜିତ କରାଯାଇଥିଲା, ଯାହା ପୂର୍ବ ଘାଟର ଚ୍ୟାଲେଞ୍ଜିଂ ତଥା ଦୁର୍ଗମ ଭୂଖଣ୍ଡକୁ ନେଭିଗେଟ କରିବା ପାଇଁ ଡିଜାଇନ କରାଯାଇଥିଲା। ୩୦୧ କି.ମି. ଦୀର୍ଘ ଖୋର୍ଦ୍ଧା ରୋଡ୍- ବଲାଙ୍ଗୀର ରେଳ ଲାଇନ୍‌ର ପ୍ରକଳ୍ପରେ ୭୫ କି.ମି. ମଧ୍ୟରେ ୭ଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ, ଯାହାକି ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବସ୍ଥିତ। ତେବେ ଟନେଲ ଟି-୪ର ନିର୍ମାଣ କ୍ଷେତ୍ରରେ ଅନେକ ଇଞ୍ଜିନିୟରିଂ ଏବଂ ଲଜିଷ୍ଟିକ ଚ୍ୟାଲେଞ୍ଜଗୁଡିକର ସାମ୍ନା କରିବାକୁ ପଡିଛି। ବିଶେଷକରି ପୂର୍ବଘାଟର କଷ୍ଟକର ଭୂଖଣ୍ଡ ଦେଇ ନିର୍ମାଣ କାର୍ଯ୍ୟ ପ୍ରକଳ୍ପର ସବୁଠାରୁ ଜଟିଳ ଦିଗ ମଧ୍ୟରୁ ଗୋଟିଏ। ଏହି ପ୍ରକଳ୍ପରେ ଗୋଟିଏପଟେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ଏବଂ ଅନ୍ୟପଟେ ବଲାଙ୍ଗୀରରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୨୬ କି.ମି. ଅଂଶ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୭୫ କି.ମି. ମଧ୍ୟରେ ୭ଟି ଟନେଲ ନିର୍ମାଣ ଚାଲିଛି। ଟି-୪ର ଡେଲାଇଟିଂ ବ୍ରେକ୍‌ଥ୍ରୁ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଗତି ବଢ଼ାଇବାରେ ମୁଖ୍ୟ ଭୂମିକା ନେବ। ଏହି ଐତିହାସିକ ସଫଳତା ଓଡ଼ିଶାର ଉପକୂଳ ଅଞ୍ଚଳ ସହିତ ପଶ୍ଚିମାଞ୍ଚଳକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି ଅଞ୍ଚଳର ପରିବହନ ତଥା ଆର୍ଥିକ ସମ୍ଭାବନାକୁ ବୃଦ୍ଧି କରିବ ବୋଲି କୁହାଯାଇଛି।

### ପଦାସାହି ହୁଙ୍କା ଗୋସାଇଁ ପୀଠରେ ଅଖଣ୍ଡ ଧ୍ୱନି ଯଜ୍ଞ

ତ୍ରିଶୁଳିଆ,୧୬।୪(ତୁଷାରକାନ୍ତ ବେହେରା)

ପଦାସାହି ଭଗବତୀ ନଗର ସିଦ୍ଧ ସାଧୁ ହୁଙ୍କା ଗୋସାଇଁ ପୀଠରେ ୫୪ତମ ଅଖଣ୍ଡ ଧ୍ୱନି ଯଜ୍ଞ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିସହ ବାଦି ଭଜନ ଓ ବିଶ୍ୱ ବ୍ରହ୍ମାଣ୍ଡର ମଙ୍ଗଳ ପାଇଁ ସମବେତ ପ୍ରାର୍ଥନା ଓ ଆଲୋଚନା ହୋଇଥିଲା। ସାଧୁସନ୍ଥମାନେ ଅହୋରାତ୍ର ଭଜନ ଗାୟନରେ ମଜ୍ଜି ଯାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ସାଧୁ ଗୋକୁଳ ବାବାଙ୍କ ତତ୍ତ୍ୱାବଧାନରେ ହୁଙ୍କା ଗୋସାଇଁ ପୀଠରେ ଅଖଣ୍ଡ ଧ୍ୱନିଯଜ୍ଞ ହୋଇଥିଲା। ପଦାସାହି, ଭଗବତୀ ନଗର, ବିଶିକାଣ୍ଡିପାଟଣା, କେନ୍ଦୁପାଟଣା, ବାଲିପଡ଼ା ଆଦି ଅଞ୍ଚଳରୁ ଭକ୍ତ ସାମିଲ ହୋଇ ଗାୟକ ରମେଶ ବାବା ଓ ଗାୟକ ସୁକାନ୍ତ ବାବାଙ୍କ ଭଜନ ଶୁଣିଥିଲେ। ଯଜ୍ଞରେ ପୂର୍ବତନ ଜିଲା ପରିଷଦ ତଥା ଭାଜପା ଯୁବନେତା କୁନାଲ ରାଉତ ଓ ଚନ୍ଦନ ପାତ୍ର, ରଘୁନାଥପୁର ଗ୍ରାମ୍ୟ କମିଟି କୋଷାଧ୍ୟକ୍ଷ ସୁମନ୍ତ ସୁନ୍ଦରାୟ ପ୍ରମୁଖ ଯୋଗଦେଇ ସିଦ୍ଧ ସାଧୁ ହୁଙ୍କା ଗୋସାଇଁଙ୍କ ପୂଜାର୍ଚ୍ଚନା କରି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଗ୍ରାମ ଓ ବିଶ୍ୱର କଲ୍ୟାଣ ପାଇଁ ମଙ୍ଗଳ ପ୍ରାର୍ଥନା କରିଥିଲେ। ଉତ୍ସବକୁ ଗ୍ରାମର ମୁରବି କୈଳାସ ଚନ୍ଦ୍ର ଭଞ୍ଜ, ଲକ୍ଷ୍ମଣ କାଣ୍ଡି, ରମେଶ ଚନ୍ଦ୍ର ବେହେରା, ହୁଲ୍ଲାସ ଭଞ୍ଜ, ଅରୁଣ କାଣ୍ଡି, କିଶୋର ସାମଲ, ଅଭିରାମ ଭୋଇଙ୍କ ତତ୍ତ୍ୱାବଧାନରେ ଗ୍ରାମର ଯୁବଗୋଷ୍ଠୀ ପରିଚାଳନା କରିଥିଲେ।

### 'ମୁଁ ବି ସ୍କୁଲ ଯିବି' ପତ୍ରିକା ଉନ୍ମୋଚିତ



ବାଲିଅନ୍ତା,୧୬।୪(ନୀଳମାଧବ ସାହୁ)

ବାଲିଅନ୍ତା ହାଇସ୍କୁଲ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ 'ମୁଁ ବି ସ୍କୁଲ ଯିବି' ପତ୍ରିକାର ଉନ୍ମୋଚନ ସମାରୋହ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ବ୍ଲକ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଯୋଗଦେଇ ପତ୍ରିକା ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ କୃଷ୍ଣକେଶବ ଆପଟ, ଆଲୁମ୍ନି କମିଟି ସଭାପତି ଧୀରେନ କର, ରମାମଣି ଦେଇ, ସ୍ୱର୍ଣ୍ଣଲତା ପତି, ସୁଭାଷିନୀ ଦାଶ, କୁନି ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ବାଲିଅନ୍ତା ହାଇସ୍କୁଲ ପ୍ରଧାନଶିକ୍ଷକ ଭବାନୀ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ବରିଷ୍ଠ ପ୍ରଧାନ ଶିକ୍ଷକ ଗଣେଶ କରଣ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରମୋଦ କୁମାର ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

କଟକ ସଦର,୧୬।୪(ସୁଶାନ୍ତ କୁମାର ଜେନା)

କଟକ ଜିଲା ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପଇଁ ବୁଧବାର ନୋଟିସ ଦିଆଯାଇଛି। ୧୬ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ସ୍ୱାକ୍ଷର ଥାଇ ଏକ ପ୍ରସ୍ତାବ ପତ୍ର କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ପ୍ରଦାନ କରାଯାଇଛି। ୨୦୨୨ ମାର୍ଚ୍ଚରେ ପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ଇତିମଧ୍ୟରେ ସେ ୩ ବର୍ଷ କ୍ଷମତାରେ ରହିବା ପରେ ଅନାସ୍ଥା ଆସିଛି। ନିୟମ ମୁତାବକ ଏହି ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରିଥିବା ୱାର୍ଡ ସଭ୍ୟାସଭ୍ୟଙ୍କ ପୁନଃ ସ୍ୱାକ୍ଷର ଯାଞ୍ଚ ଉପଜିଲାପାଳଙ୍କ ଦ୍ୱାରା କରାଯିବ। ଏହାପରେ ପଞ୍ଚାୟତର ସ୍ୱତନ୍ତ୍ର ବୈଠକ ଡକାଯାଇ ଆଲୋଚନା ପରେ ଭୋଟିଂ କରାଯିବ।

# କିମ୍ସରେ ମିନିମାଲି ଇନ୍‌ଭେସିଭ ପଦ୍ଧତିରେ ହୃଦ୍‌ରୋଗର ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୬।୪(ଅନୁରାଧା ମହାରଣା)



କିମସ୍‌ରେ ମିନିମାଲି ଇନ୍‌ଭେସିଭ ପଦ୍ଧତିରେ ଜଟିଳ ହୃଦ୍‌ରୋଗର ସଫଳ ଅସ୍ତ୍ରୋପଚାର କରାଯାଇଛି। ନିକଟରେ ହୃତ୍‌ପିଣ୍ଡର ବାମ ଭାଗରେ ଗମ୍ଭୀର ମିଟ୍ରାଲ ଭଲ୍‌ଭ ଷ୍ଟେନୋସିସ୍ ରୋଗରେ ପୀଡିତ ଜଣେ ୫୪ ବର୍ଷୀୟ ରୋଗୀଙ୍କଠାରେ ଏହି ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ମିନିମାଲି ଇନ୍‌ଭେସିଭ ମିଟ୍ରାଲ ଭାଲ୍‌ଭ ଲଗାଯାଇଛି। କିମସ୍‌ର ହୃଦରୋଗ ସର୍ଜନ ଡା. ଅମିତ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି। ସାଧାରଣତଃ ଏଭଳି ଅସ୍ତ୍ରୋପଚାର ପାଇଁ ଷ୍ଟର୍ନମ କାଟିବାକୁ ପଡ଼ିଥାଏ। ଏଥିଯୋଗୁ ପ୍ରାୟତଃ ଅସ୍ତ୍ରୋପଚାର ପରେ ଯନ୍ତ୍ରଣା ହେବା ସହ ଛାତିରେ ଦାଗ ରହିଯାଇଥାଏ। ଏହି ପଦ୍ଧତିରେ ପଞ୍ଜରାଗୁଡ଼ିକୁ ନ କାଟି ପଞ୍ଜରା ମଧ୍ୟରେ ଏକ ଛୋଟ ଛିଦ୍ର କରି ଅସ୍ତ୍ରୋପଚାର କରାଯାଇଥାଏ। ଫଳରେ ଖର୍ଚ୍ଚ ମଧ୍ୟ ଅପେକ୍ଷାକୃତ କମ୍ ହୋଇଥାଏ। ଏହି କୌଶଳ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ଯନ୍ତ୍ରଣା ଯଥେଷ୍ଟ ହ୍ରାସ କରାଯିବା ସହ ରକ୍ତସ୍ରାବ ମଧ୍ୟ କମ୍ ହୋଇଥାଏ ବୋଲି ଡା. ଅଗ୍ରୱାଲ କହିଛନ୍ତି। ତେବେ ଏହି ପ୍ରକ୍ରିୟାରେ ଅସ୍ତ୍ରୋପଚାର ପାଇଁ ଡାକ୍ତର ସମ୍ପୂର୍ଣ୍ଣ ଅଭିଜ୍ଞ ଓ ଦକ୍ଷତାସମ୍ପନ୍ନ ହେବା ଆବଶ୍ୟକ ଏବଂ ଏଥିପାଇଁ ସ୍ୱତନ୍ତ୍ର ଅତ୍ୟାଧୁନିକ ଉପକରଣ ଆବଶ୍ୟକ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି। କିମ୍ସରେ ଏଭଳି ପଦ୍ଧତିରେ ହୃଦ୍-ଅସ୍ତ୍ରୋପଚାର ହେବା ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ରୋଗୀମାନେ ଉପକୃତ ହୋଇପାରିବେ ବୋଲି ଡା. ଅଗ୍ରୱାଲ ସୂଚନା ଦେଇଛନ୍ତି।

# ମୁଖ୍ୟ ସେବକ ଭାବେ କାମ କରିବାର ପ୍ରେରଣା ସଂଘରୁ ପାଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୪ (ସୌମ୍ୟରଞ୍ଜନ ରାଉତ)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ପ୍ରାକୃତିକ ଦୁର୍ବିପାକ ହେଉ ଅବା ଆପାତକାଳୀନ ପରିସ୍ଥିତି, ସବୁ ସମୟରେ ବିପନ୍ନ ଓଡିଶାବାସୀଙ୍କ ପାଖରେ ଉତ୍କଳ ବିପନ୍ନ ସହାୟତା ସମିତି ଆଗ ପହଞ୍ଚିଛି। ୪୩ ବର୍ଷର ଏହି ଯାତ୍ରାରେ ସାଧାରଣ, ଗରିବ ଓ ଅସହାୟ ଜନତାଙ୍କୁ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦେବା ପାଇଁ ଏ ଅନୁଷ୍ଠାନ ସବୁଠୁ ଅଗ୍ରଣୀ ଭାବେ ନିଜକୁ ପ୍ରତିପାଦନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ଉତ୍କଳ ମଣ୍ଡପଠାରେ ଉତ୍କଳ ବିପନ୍ନ ସହାୟତା ସମିତିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ୧୯୮୨ର ପ୍ରଳୟଙ୍କରୀ ବନ୍ୟା, ବାରିପଦା ମଧୁବନର ଭୟାବହ ଅଗ୍ନିକାଣ୍ଡ, ୧୯୯୯ ମହାବାତ୍ୟା ସମୟରେ ବିପନ୍ନ ଓଡ଼ିଶାବାସୀଙ୍କୁ ଦେବଦୂତ ଭଳି ସହାୟତା ପ୍ରଦାନ କରିଥିଲା ଉତ୍କଳ ବିପନ୍ନ ସହାୟତା ସମିତି। ଏଥିସହିତ ଭୁବନେଶ୍ୱର ଏମ୍ସ ପରିସରରେ ଥିବା ପାଞ୍ଚଶହ ଶଯ୍ୟା ବିଶିଷ୍ଟ ଧର୍ମଶାଳାର ପରିଚାଳନା ଭାର ଓ ଓଲଟପୁରଠାରେ ଥିବା ହାଡଭଙ୍ଗା ଚିକିତ୍ସା କେନ୍ଦ୍ର ନିର୍‌ତାରରେ ୩୦ ବଖରା ବିଶିଷ୍ଟ ଆରୋଗ୍ୟ ଭବନର ପରିଚାଳନା ମଧ୍ୟ ପ୍ରଶଂସନୀୟ। ସେବାକାର୍ଯ୍ୟରେ ନିଜ ଅନୁଭୂତି ବଖାଣି ମୁଖ୍ୟମନ୍ତ୍ରୀ କହିଲେ, ୧୯୯୯ ମହାବାତ୍ୟା ସମୟରେ ସଂଘର ଜଣେ ସକ୍ରିୟ ସେବକ ଭାବେ ମୁଁ ମଧ୍ୟ କେନ୍ଦୁଝର ଆନନ୍ଦପୁରରେ ସେବା ଓ ସହାୟତା କାର୍ଯ୍ୟରେ ସାମିଲ ହୋଇଥିଲି। ଏବେ ମୁଖ୍ୟମନ୍ତ୍ରୀ ଭାବରେ ନୁହେଁ, ଜଣେ ସାଧାରଣ ଲୋକ ଭାବେ ଲୋକଙ୍କ ମୁଖ୍ୟ ସେବକ ଭାବେ କାମ କରିବାର ପ୍ରେରଣା ମୁଁ ସଂଘରୁ ପାଇଛି। ସମାଜ ପ୍ରତି ସମର୍ପଣଭାବ ଓ ସମ୍ବେଦନଶୀଳତା ସଂଘର ବିଚାରଧାରାରୁ ପାଇଛି। ମୁଖ୍ୟବକ୍ତା ଭାବେ ସଂଘର ସଂଯୁକ୍ତ ମହାମନ୍ତ୍ରୀ ବିଜୟ ମନୋହର ପୁରାନିକ କହିଲେ, ରାଜନୀତି ପରିବର୍ତ୍ତନ ପାଇଁ ବହୁମତ ଆବଶ୍ୟକ। କିନ୍ତୁ ସମାଜ ପରିବର୍ତ୍ତନ ପାଇଁ ସୃଜନଶୀଳତାର ଆବଶ୍ୟକତା ରହିଛି। ଏହି ଅବସରରେ ସମାଜସେବା ଓ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସମାଜସେବୀ ଓ କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ସମିତିର ଦୁଇଟି ସ୍ମରଣିକା ଉନ୍ମୋଚନ କରିଥିଲେ। ହିମାଂଶୁ ଶେଖର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର


ଲଳିତକଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ରଠାରେ ୨୦୨୨-୨୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାଲିଥିବା ପେଣ୍ଟିଂ, ଗ୍ରାଫିକ୍ସ, ସେରାମିକ୍ସ, ସ୍କଲ୍‌ପଚର ଆଣ୍ଡ ଫଟୋଗ୍ରାଫି ପ୍ରଦର୍ଶନୀକୁ କଳାପ୍ରେମୀ ବୁଲି ଦେଖୁଛନ୍ତି।



ସିପିଆଇ ପକ୍ଷରୁ ବୁଧବାର ସୈନିକ ସ୍କୁଲ ଅସ୍ଥାୟୀ ଡମ୍ପିଂୟାର୍ଡ ନିକଟରେ ବିକ୍ଷୋଭ କରାଯାଉଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ଜୀବନ ଗଲା

**ନିରାକାରପୁର,୧୬।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ବାଇକ୍ ଦୁର୍ଘଟଣାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିରାକାରପୁର ପଞ୍ଚାୟତ ପାଣ୍ଡପାଟଣା ଗ୍ରାମର ଜୟଗୋବିନ୍ଦ ପ୍ରଧାନ(୩୫)। ସୂଚନା ମୁତାବକ, ଗୋବିନ୍ଦ ବାଇକ୍‌ରେ କୌଣସି କାର୍ଯ୍ୟରେ ଷ୍ଟେସନ ବଜାର ଯାଇ ଫେରୁଥିବା ବେଳେ ଗାଁ ମୁଣ୍ଡରେ ଦୁର୍ଘଟଣା ଘଟିଥିଲା। ଫଳରେ ତାଙ୍କ ମୁହଁ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ହୋଇ ବୁଧବାର ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୧୬।୪(ରବୀନ୍ଦ୍ରନାଥ ମହାନ୍ତ)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିଶ୍ୱନାଥ କଲୋନୀ ଗୋରୁହାଟରେ ଶ୍ରୀସଙ୍କଟମୋଚନ ହନୁମାନଙ୍କ ୨୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୧୪ ତାରିଖରେ ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ଯୁବକ ସଂଘ ଦ୍ୱାରା ଆୟୋଜିତ ଏହି ଯଜ୍ଞ ଉତ୍ସବର ବିଭିନ୍ନ ଦିବସରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ପଣାସଂକ୍ରାନ୍ତିରେ ପୂର୍ଣ୍ଣାହୁତିରେ ଏହି ମହାଯଜ୍ଞ ଉଦ୍‌ଯାପିତ ହୋଇଥିଲା। ସେହିପରି ସ୍ଥାନୀୟ ରେଲୱେ ଗୋଲେଇ ମାର୍କେଟ ଓ ମିନି ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ସିଦ୍ଧମହାବୀରଙ୍କ ୨୯ତମ ଜନ୍ମଉତ୍ସବ ଏବଂ ୭ ଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି।

### ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

**ଜଟଣୀ,୧୬।୪(ରବୀନ୍ଦ୍ରନାଥ ମହାନ୍ତ)**

ଜଟଣୀ ଶ୍ରୀଗୋପୀନାଥ ସେବାସମିତି ପକ୍ଷରୁ ସ୍ଥାନୀୟ ଥାନା ନିକଟରେ ମଙ୍ଗଳବାର ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଥାନା ଅଧିକାରୀ ସ୍ମିଲିନ୍ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଲୋକଙ୍କୁ ମିଠା ଏବଂ ଥଣ୍ଡା ତରଭୁଜ, ଦହିବରା ଏବଂ ଥଣ୍ଡା ପାଣି ବଣ୍ଟନ କରାଯାଇଥିଲା। ଶ୍ରୀଗୋପୀନାଥ ସେବାସମିତି ସଭାପତି ଜୟପ୍ରକାଶ ଶର୍ମା, ସୁଶୀଳ ଶର୍ମା, ରତନ ଅଗ୍ରୱାଲ, ଦୀପକ ଅଗ୍ରୱାଲ, ମୋହିତ ଅଗ୍ରୱାଲ, ନରେଶ ଅଗ୍ରୱାଲ, ରାହୁଲ ଗୁପ୍ତା, ଅଜୟ ଅଗ୍ରୱାଲ, ରାଧେଶ୍ୟାମ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ, ଶଙ୍କର ପ୍ରସାଦ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ, ବିଶ୍ୱନାଥ ରାୟ, ରୋଶିଦାସ ଅଗ୍ରୱାଲ, ବିଜୟ କୁମାର ରାୟ, ପ୍ରଦୀପ ହଲାନ ପ୍ରମୁଖ ଉପସ୍ଥିତ ଥିଲେ।

### ବଦାନ୍ୟ ବ୍ୟକ୍ତି ଥିଲେ ଭ୍ରମରବର

**ବାଣପୁର,୧୬।୪(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ଅଞ୍ଚଳର ପ୍ରତିଷ୍ଠିତ ତଥା ବଦାନ୍ୟ ବ୍ୟକ୍ତି ଭ୍ରମରବର ପାତ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାଣପୁର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପରିସରରେ ସ୍ୱର୍ଗତ ଭ୍ରମରବରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଶିକ୍ଷାବିତ୍ କବି ବାଙ୍କୁବିହାରୀ ଦାସ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ବାଣପୁର ନଗରପାଳ ମିଟୁ ନାୟକ, ଆଇନଜୀବୀ ରବୀନ୍ଦ୍ର ମାନସିଂହ, ସାହିତ୍ୟ ସିନ୍ଧୁରାର ସଭାପତି ଗୋଲୋକ ପରିଡା, ଗୋଦାବରୀଶ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ସମାଜସେବୀ ଅନନ୍ତ ଚରଣ ଖଟେଇ, ସନ୍ଧ୍ୟାରାଣୀ ହରିଚନ୍ଦନ ଏବଂ ବାଣପୁର ଅଞ୍ଚଳର ବହୁ ଶିକ୍ଷାବିତ୍ ମାଲ୍ୟାର୍ପଣ କରିଥିଲେ। ଭ୍ରମରବର ସର୍ବଦା ବାଣପୁରବାସୀଙ୍କ ହୃଦୟରେ ରହିଥିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ପ୍ରକଳ୍ପ କାର୍ଯ୍ୟକାରିତାରେ ସମନ୍ୱୟ ଜରୁରୀ

**ଜିଲ୍ଲା ପରିଷଦର ୪ର୍ଥ ସାଧାରଣ ବୈଠକ**

**ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)**



ବୈଠକରେ ଜିଲାପାଳ ଚଞ୍ଚଳ ରାଣା, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ୬ଷ୍ଠ ଜିଲ୍ଲା ପରିଷଦର ୪ର୍ଥ ସାଧାରଣ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ୨୦୨୪ ଅକ୍ଟୋବର ମାସରେ ଆୟୋଜିତ ସାଧାରଣ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶ୍ରମ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ, କ୍ଷୁଦ୍ର ଜଳସେଚନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଉପରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସ୍ତରରେ ବିପର୍ଯ୍ୟସ୍ତ ରାସ୍ତା, ପାନୀୟଜଳ, ଜଳସେଚନ, ମେଡିକାଲରେ ଡାକ୍ତର ଅଭାବ, ବିଦ୍ୟାଳୟ ଭିତ୍ତିଭୂମି ଆଦି ସମସ୍ୟା ଉପରେ ବିଧାୟକ ଏବଂ ସଦସ୍ୟମାନେ ଅଭିଯୋଗ ଉଠାଇଥିଲେ। ବୈଠକ ଆରମ୍ଭରୁ ସଦସ୍ୟମାନେ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ କୌଣସି ସୂଚନା ନ ପାଇବା ଅଭିଯୋଗ ଆଣି ହୋହଲ୍ଲା କରିଥିଲେ। ସ୍ଥାନୀୟସ୍ତରରେ ବିଡିଓମାନେ ଜିଲା ପରିଷଦମାନଙ୍କୁ ଅବଗତ କରାଇବା ପାଇଁ ଜିଲାପାଳଙ୍କୁ ତାଗିଦା କରିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ପଞ୍ଚାୟତସ୍ତରରେ ବିପର୍ଯ୍ୟସ୍ତ ରାସ୍ତାଘାଟ, ପାନୀୟଜଳ ସମସ୍ୟା ପ୍ରସଙ୍ଗ ଉଠାଇଥିଲେ। ବିଦ୍ୟାଳୟରେ ଖାଲିପଡିଥିବା ଶିକ୍ଷକ ପଦବୀ ପୂରଣ, ଗୁଣାତ୍ମକ ଶିକ୍ଷା, ଜମିକୁ ପର୍ଯ୍ୟାପ୍ତ ଜଳସେଚନ, ସ୍ୱାସ୍ଥ୍ୟାବସ୍ଥାରେ ଭିତ୍ତିଭୂମି ବିକାଶ ତଥା ମେଡିକାଲରେ ନୂତନ ନିର୍ମିତ କୋଠା ହସ୍ପିଟାଲକୁ ହସ୍ତାନ୍ତର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସ୍ୱଚ୍ଛତା ଉପରେ ବୈଠକରେ ଏକାଧିକ ଜିଲା ପରିଷଦ ସଭ୍ୟ ପ୍ରଶ୍ନ ଉଠାଇଥିଲେ। ବିଧାୟକ ଜଗଦେବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଏବଂ ଖୋର୍ଦ୍ଧାକୁ ଅଗ୍ରଣୀ ଜିଲାଭାବେ ଗଢ଼ି ତୋଳିବାକୁ ହେଲେ ସହଭାଗିତା, ସମନ୍ୱୟତା ଜରୁରୀ ବୋଲି କହିଥିଲେ। ବିକଶିତ ଓଡ଼ିଶା, ବିକଶିତ ଗାଁ ଯୋଜନାର ସଫଳ ରୂପାୟନ ଦିଗରେ ସମସ୍ତଙ୍କ ସହଯୋଗ ଜରୁରୀ ବୋଲି କହିଥିଲେ। ଜିଲା ପରିଷଦ ବିଜୟ ପାଲଟାସିଂହ ୨୦ଜଣ ଶ୍ରମିକ ମଜୁରି ପାଇ ନ ଥିବା ପ୍ରଶ୍ନର ଉତ୍ତରରେ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ମଣ୍ଡଳ ଶ୍ରମ ଅଧିକାରୀ କହିଥିଲେ। ସେହିପରି ଜିଲା ପରିଷଦ ବିଜୟ କୁମାର ଜେନା କୁହୁଡି-ଶୋରଣ, କୁହୁଡି-ହରିପୁର ପିଏମ୍‌ଜିଓ୍ୱାଇ ରାସ୍ତାର ମରାମତି ନେଇ ଉଠାଇଥିବା ପ୍ରଶ୍ନରେ ବିଭାଗୀୟ ଅଧିକାରୀ ଏହାର ତଥ୍ୟ ରଖିଥିଲେ। ବୋଲଗଡ଼ ବ୍ଲକର ବିଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ପାଇଁ ବିଧାୟକ ପ୍ରଶ୍ନ କରିଥିଲେ। ଯୋଜନା ଅନୁଯାୟୀ ଜିଲା ପରିଷଦ ସଦସ୍ୟମାନେ ପ୍ରସ୍ତାବ ଦେବାକୁ ଜିଲାପାଳ ଅନୁରୋଧ କରିଥିଲେ। ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲାରେ ୬୮୩ ନଳକୂପ ପ୍ରୋଜେକ୍ଟ ଆସିଥିବା ବେଳେ ସେଥିରୁ ୧୪୫ଟି ନଳକୂପ ଖନନ କରାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଚିଲିକା ବ୍ଲକ ବ୍ରାହ୍ମଣ କୁଷଡିହଠାରେ କୁକୁଡା ଚାଷଜନିତ ସମସ୍ୟା ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ କ୍ୱାର୍ଟର, ତାଳବୁଙ୍ଗ ଓ ମାଣିବନ୍ଧ ଘର ହସ୍ତାନ୍ତର, ୨୨ନଂ. ଜୋନରେ ଦୁଇଟି ମେଡିକାଲର ୨ଟି କ୍ୱାର୍ଟର ହସ୍ତାନ୍ତର ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଭିନ୍ନ ପ୍ରକଳ୍ପ ସଂକ୍ରାନ୍ତୀୟ ଫାଇଲ ସପ୍ତାହକ ମଧ୍ୟରେ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି କୁଶଭଦ୍ରା ନଦୀର ସେତୁ ଦୁଇପଟ ରାସ୍ତା, ବାଲିଅନ୍ତା ମେଡିକାଲ ଗୃହ ହସ୍ତାନ୍ତର, ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ସ୍ୱଚ୍ଛତା, ବନ୍ୟଜନ୍ତୁ ଦାଉରୁ ଫସଲ ରକ୍ଷା ନିମନ୍ତେ ସୋଲାର ବାଡ଼, ମାଣିଆବନ୍ଧ କାଜୁ ଜଙ୍ଗଲର ୧୦୦ ଏକର ଜମିରେ ପୁନଃ ବୃକ୍ଷରୋପଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବାଲିଅନ୍ତା ବ୍ଲକର ଶ୍ରୀକାନ୍ତ ପୃଷ୍ଟିଙ୍କ ଦୁଇଟି କିଡ୍‌ନୀ ଖରାପ ଯୋଗୁ ଆର୍ଥିକ ସହାୟତା ନିମନ୍ତେ ଜିଲାପାଳ ଘୋଷଣା କରିଥିଲେ। ଜଟଣୀ ବ୍ଲକ ବିନ୍ଧ୍ୟଗିରିଠାରେ ଟ୍ରାନ୍ସଫର୍ମର ବସାଇ ଆଲୋକ ସମସ୍ୟା ଦୂର, କୁମାର ପଞ୍ଚାୟତ ସ୍କୁଲକୁ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜୋନ୍‌ର ଜିଲା ପରିଷଦ ସଭ୍ୟାସଭ୍ୟ, ସିଡିଏମ୍‌ଓ ରାଜଶ୍ରୀ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଦୁର୍ବ୍ୟବହାର ଘଟଣାରେ ବ୍ୟାଙ୍କ କ୍ୟାଶିୟରଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶ

**ଟାଙ୍ଗୀ,୧୬।୪(ରଘୁନାଥ ସାହୁ)**

କାଲୁପଡ଼ାଘାଟସ୍ଥିତ ଏକ ବ୍ୟାଙ୍କର କ୍ୟାଶିୟର ଏକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ କ୍ୟାଶିୟରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ନିର୍ଦ୍ଦେଶ ମିଳିଥିବା ଜଣାପଡ଼ିଛି। ସୂଚନାଥାଉ କି, ଗତ ୧୩ ତାରିଖରେ ଜରିପଡ଼ା ଆଞ୍ଚଳିକ ମହିଳା ମହାସଂଘର ସିଆର୍‌ପିଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ମହିଳା ମହାସଂଘ ବ୍ୟାଙ୍କ ମ୍ୟାନେଜର, ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ, ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିବା ସହ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲା। ସମ୍ପୃକ୍ତ କ୍ୟାଶିୟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମହିଳାମାନେ ଅଡ଼ିବସିଥିଲେ। ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ, ଟାଙ୍ଗୀ ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଧାରଣାରୁ ହଟି ନ ଥିଲେ। ସମ୍ପୃକ୍ତ କ୍ୟାଶିୟରଙ୍କ ସ୍ଥାନାନ୍ତର ନିର୍ଦ୍ଦେଶ ଲିଖିତଭାବେ ଦେଖାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ସାପ କାମୁଡ଼ାରେ ଯୁବକ ଗୁରୁତର

**ବାଲୁଗାଁ,୧୬।୪(ସଂଗ୍ରାମ ପାଇକରାୟ)**

ସାପ କାମୁଡ଼ାରେ ବୁଧବାର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ସରନଇ ଗ୍ରାମର ମାରୁତି ମହାରଣା(୨୫)। ସେ ବଡ଼କୁଳ ବଜାରରେ ଘରଭଡ଼ା ନେଇ ରୁହନ୍ତି। ସାଙ୍ଗଙ୍କ ସହ ମାରୁତି ନିକଟ ଝିଣ୍ଟିକାପଲ୍ଲୀ ତାରିଣୀ ମନ୍ଦିରକୁ ଭୋଜି କରିବା ପାଇଁ ଯାଇଥିଲେ। ସେଠାରେ ସେ ଶୌଚ ପାଇଁ ଯାଇଥିବା ବେଳେ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ବେଗୁନିଆ,୧୬।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀ ଚିନ୍ମୟୀ କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିଜୟ କୁମାର ପଣ୍ଡା, ଜିଲା ପ୍ରିମିଅର ଇରିଗେଶନ ଆଡ୍ରିଟେକ ରିଜିଓନାଲ ମ୍ୟାନେଜର ଦିଲ ବାହାଦୁର, ସଫଳ ଚାଷୀ ଚନ୍ଦନ ଖୁଣ୍ଟିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ଉଦ୍ୟାନ କୃଷିଭିତ୍ତିକ ଚାଷ, ଶସ୍ୟକୁ ରୋଗ ଓ ପୋକ ଦାଉରୁ ରକ୍ଷା କରିବା, ଅଧିକ ଦିନ ସଂରକ୍ଷଣ କରିବା ଓ ଜମିରେ କିଭଳି ଜଳ ସିଞ୍ଚନର ବ୍ୟବସ୍ଥା ହୋଇପାରିବ, ସେ ସଂକ୍ରାନ୍ତରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମ୍ୟ ସମ୍ପ୍ରସାରଣ କୃଷି କର୍ମଚାରୀ ଆଶିଷ କୁମାର ଦଳବେହେରା ଓ ଗୀତାଞ୍ଜଳି ବେହେରା ପରିଚାଳନା କରିଥିଲେ।

## ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ,୧୬।୪(ରଘୁନାଥ ସାହୁ)**

ଟାଙ୍ଗୀର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଖାଉଟି ଅଦାଲତ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଟାଙ୍ଗୀ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଏକାଗ୍ରତା, ନିଷ୍ଠା, ଅଧ୍ୟବସାୟ ବଳରେ ଜୀବନରେ ସଫଳତା ପାଇବା ସହ ଜଣେ ଭଲ ମଣିଷ ହୋଇପାରିବେ ବୋଲି ମନ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଶିକ୍ଷାର୍ଥୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭଲ ପାଠ ପଢ଼, ଶୃଙ୍ଖଳିତ ହୁଅ




ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

**ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ହଳଦିଆ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡେଇ ଶବରସାହିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବଘେଇଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ କହିଥିଲେ, ପିଲାଙ୍କ ଭବିଷ୍ୟତ ଗଠନରେ ଶିକ୍ଷକ, ମାତାପିତାଙ୍କ ଗୁରୁଦାୟିତ୍ୱ ରହିଛି। ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହ ଶୃଙ୍ଖଳିତ ହୁଅନ୍ତୁ ବୋଲି କହିଥିଲେ। ଗଡ଼ହଳଦିଆ ପଞ୍ଚାୟତ ସରପଞ୍ଚ ବନିତା ବେହେରା, ନିଆଳ ମଲ୍ଲିପୁର ପଞ୍ଚାୟତ ସରପଞ୍ଚ ସୁଦାମ ଚରଣ ସେଠୀ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ନୂତନ ଶିକ୍ଷାନୀତି ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଯୁଧିଷ୍ଠିର ବେହେରା, ସ୍ୱାଗତ ମହାନ୍ତି, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ନାୟକ, ବିକାଶ ଚନ୍ଦ୍ର ମୁଦୁଲି, ସନ୍ତୋଷ ସ୍ୱାଇଁ, ନଟବର ବେହେରା, ନିବାସୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଚିତ୍ତାକର୍ଷକ ଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟଭାମା ରଣାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ମାରପିଟ, ଜଣେ ଗୁରୁତର

**ବାଣପୁର,୧୬।୪(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ଥାନା ନଛିପୁର ଗ୍ରାମରେ ମଙ୍ଗଳବାର ରାତିରେ ପୂର୍ବ ଶତ୍ରୁତାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଉଭୟ ଗୋଷ୍ଠୀର ଅଭିଯୋଗକ୍ରମେ ପୁଲିସ ପୃଥକ୍ ଦୁଇଟି ମାମଲା(ନଂ.୧୨୮, ୧୨୯/୨୫)ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ମଙ୍ଗଳବାର ବିଳମ୍ବିତ ରାତିରେ ନଛିପୁର ଗ୍ରାମର ଦେବେନ୍ଦ୍ର ହରିଚନ୍ଦନ ପଞ୍ଚୁଗାଁ ତାରିଣୀ ମନ୍ଦିର ମେଳଣରୁ ଫେରୁଥିବା ବେଳେ ଗ୍ରାମ ମୁଣ୍ଡରେ ପ୍ରସନ୍ନ ଭୋଳ ଓରଫ୍ ଜିତୁ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଦେବେନ୍ଦ୍ର ହରିଚନ୍ଦନ, ଯୁଗଳ ହରିଚନ୍ଦନ, ସୁବାସ ହରିଚନ୍ଦନ, ରମେଶ ହରିଚନ୍ଦନ ଓ ପ୍ରଦୀପ ମାର୍ଥା ପ୍ରମୁଖ ଏକାଠି ହୋଇ ଜିତୁ ଓ ତାଙ୍କ ମା' ସରୋଜିନୀ ଭୋଳଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାରେ ଜିତୁ ଗୁରୁତର ହୋଇଥିବା ସରୋଜିନୀ ଅଭିଯୋଗ କରିଛନ୍ତି। ସୂଚନାଥାଉ କି, ଜିତୁ ଖବରଦାତାଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି।

## ସଡ଼କ ଦୁର୍ଘଟଣାରେ ୩ ଗୁରୁତର

**ବାଲୁଗାଁ,୧୬।୪(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଥାନା ଅଧୀନ ଇଞ୍ଜିନପୁର ଛକ ନିକଟରେ ବୁଧବାର ଏକ ସଡ଼କ ଦୁର୍ଘଟଣାରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଇଞ୍ଜିନପୁର ଗ୍ରାମର ବିକାଶ ପାଢ଼ୀ(୩୦) ଅପରାହ୍ନ ୨ଟାରେ ସାଇକେଲରେ ବାଲୁଗାଁରୁ ଘରକୁ ଫେରୁଥିଲେ। ଏହି ସମୟରେ ବାଲୁଗାଁରୁ ଚିଲିକା ଛକ ଅଭିମୁଖେ ଯାଉଥିବା ଏକ ବାଇକ୍ ଇଞ୍ଜିନପୁର ଛକ ନିକଟରେ ବିକାଶଙ୍କ ସାଇକେଲ ପଛକୁ ଧକ୍କା ଦେଇଥିଲା। ଫଳରେ ବିକାଶଙ୍କ ସମେତ ବାଇକ୍ ଆରୋହୀ ଏବଂ ତାଙ୍କ ମା' ରାସ୍ତାରେ ଛିଟିକିପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଆହତ ତିନିଜଣଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବିକାଶଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ବାଇକ ଆରୋହୀ କରଡ଼ି ଗ୍ରାମର ଅଜିତ ପାଇକରାୟ ଓ ତାଙ୍କ ମା' ଝୁନି ପାଇକରାୟଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ପାଠାଗାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

**ବେଗୁନିଆ,୧୬।୪(ସନ୍ଧ୍ୟାରାଣୀ ମିଶ୍ର)**



ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରେଣା ହାଇସ୍କୁଲ ନିକଟରେ ପାଠାଗାର ନିର୍ମାଣ ପାଇଁ ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ସାଂସଦ ପାଣ୍ଠିରୁ ୫ଲକ୍ଷ ଟଙ୍କା ବିନିମୟରେ ଏହି କାର୍ଯ୍ୟ ହେଉଥିବା ବେଳେ ସାଂସଦଙ୍କ ପ୍ରତିନିଧି ପ୍ରକାଶ ବିଜୁଳି ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବରିଷ୍ଠ ଭାଜପା ନେତା ତଥା ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବେଦପାଠ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ଜେନା, ପ୍ରସନ୍ନ କୁମାର ସାହୁଙ୍କ ସମେତ ଜନସାଧାରଣ ଯୋଗଦେଇଥିଲେ।

**ପ୍ରଥମ ରାଜ୍ୟ କରାଟେ ନନ୍‌ଚାକୁ ଚାମ୍ପିୟନଶିପ୍**

## କ୍ରିଷ୍ଣା, ସଂଗ୍ରାମଙ୍କୁ ସ୍ୱର୍ଣ୍ଣ ପଦକ

**ବାଲୁଗାଁ,୧୬।୪(ସଂଗ୍ରାମ ପାଇକରାୟ)**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେଠାରେ ଆୟୋଜିତ ପ୍ରଥମ ରାଜ୍ୟ ନନ୍‌ଚାକୁ ଚାମ୍ପିୟନଶିପ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟରୁ ୮୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଲୁଗାଁ ଉତ୍କଳ କରାଟେ ସ୍କୁଲ ଶାଖାରୁ ୫ ପ୍ରତିଯୋଗୀ ଖୋର୍ଦ୍ଧା ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। କ୍ରିଷ୍ଣା ଶିକାରୀ ଫାଇଟିଂରେ ସ୍ୱର୍ଣ୍ଣ ଓ ଫ୍ରି ଷ୍ଟାଇଲରେ କାଂସ୍ୟ ପଦକ, ସଂଗ୍ରାମ ଲେଙ୍କା ଫାଇଟିଂରେ ସ୍ୱର୍ଣ୍ଣ, ସଂଗ୍ରାମ ନାୟକ ଫାଇଟିଂରେ ରୌପ୍ୟ, କୃତୀଦିପନ ବଳବନ୍ତରାୟ ଫାଇଟିଂରେ ରୌପ୍ୟ, ଧୃତିଦିପନ ବଳବନ୍ତରାୟ ଫାଇଟିଂରେ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀମାନେ କୋଚ୍ ଦୀପକ କୁମାର ସାମନ୍ତରାଙ୍କ ନିକଟରେ କରାଟେ ସହ ନନ୍‌ଚାକୁ ଶିକ୍ଷା ଗ୍ରହଣକରି ଏହି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ପ୍ରତିଯୋଗୀଙ୍କ କୃତିତ୍ୱ ପାଇଁ ଅଭିଭାବକ, କ୍ରୀଡ଼ାପ୍ରେମୀ ଏବଂ କୋଚ୍ ସାମନ୍ତରା ଶୁଭେଚ୍ଛା ଜଣାଇଛନ୍ତି। ନନ୍‌ଚାକୁ କୌଶଳ ଆତ୍ମରକ୍ଷା ପାଇଁ ବ୍ୟବହାର ହେଉଥିବା ସ୍ଥଳେ ଏବେ ଏହା କ୍ରୀଡ଼ାରେ ପରିଣତ ହୋଇଛି।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ବିଦ୍ୟାଳୟରେ ୟୁଏଏସ୍ ପୋର୍ଟାଲ ସିଷ୍ଟମ ଲାଗୁ ନିଷ୍ପତ୍ତିକୁ ବିରୋଧ



ବୈଠକରେ ଖୋର୍ଦ୍ଧା ଜିଲା ମିଳିତ ସ୍କୁଲ କଲେଜ ଶିକ୍ଷକ ସଂଘ କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)**

ୟୁନିଫାଏଡ୍ ଅଟୋମେଶନ୍ ସିଷ୍ଟମ(ୟୁଏଏସ୍)କୁ କାର୍ଯ୍ୟକାରୀ କରିବା ପାଇଁ ବିଦ୍ୟାଳୟଗୁଡିକରେ ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟି କରାଯାଉ। ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବା ସହିତ ମୋବାଇଲ, ଇଣ୍ଟରନେଟ୍, କମ୍ପ୍ୟୁଟରର ବ୍ୟବସ୍ଥା କରାଯାଉ। ଏସବୁ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟସ୍ତରରେ ଏହି ସିଷ୍ଟମ୍ ଲାଗୁ ନିଷ୍ପତ୍ତିକୁ ଖୋର୍ଦ୍ଧା ଜିଲା ସ୍କୁଲ କଲେଜ ମିଳିତ ଶିକ୍ଷକ ସଂଘ ବିରୋଧ କରିଛି। ଉପାନ୍ତ ଅଞ୍ଚଳରେ ମୋବାଇଲ ନେଟ୍‌ୱର୍କ ନ ଥିବାରୁ ଏହାକୁ କାର୍ଯ୍ୟକାରୀ କରିବା ସମ୍ଭବ ହେବ ନାହିଁ। ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇନାହାନ୍ତି। ଏଭଳି ସମସ୍ତ ସମସ୍ୟାକୁ ସମାଧାନ ନ କରି ଏହି ବ୍ୟବସ୍ଥାକୁ ଲାଗୁ କରାଗଲେ ଶିକ୍ଷକମାନେ ମାନସିକ ସ୍ତରରେ ଚାପଗ୍ରସ୍ତ ହେବେ ବୋଲି ପଲ୍ଲାସ୍ଥିତ ଜିଲା ଓଷ୍ଟା କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଖୋର୍ଦ୍ଧା ଜିଲା ମିଳିତ ସ୍କୁଲ କଲେଜ ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି। ଆବଶ୍ୟକ ଭିତ୍ତିଭୂମି ପରେ ଏହାକୁ ଲାଗୁ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଖୋର୍ଦ୍ଧା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜିଲା ସମ୍ପାଦକ ସୁଧାକର ମହାପାତ୍ର, ଉପସଭାପତି ପ୍ରକାଶ କୁମାର ପଲାଇ ଓ ରମେଶ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ସାହୁ, ସହସମ୍ପାଦକ ଶ୍ରୀହରି ମାଳୀ, ବ୍ଲକ ସମ୍ପାଦକ ଶରତ କୁମାର ରାଉତ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଜିଲା ସଭାପତି ଅଗାଧୁ ସେଠୀ, ସମ୍ପାଦକ ଅଜୟ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ମହାପାତ୍ର, ବ୍ଲକ ସଭାପତି ସପନେଶ୍ୱର ପ୍ରଧାନ, ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ବରିଷ୍ଠ କର୍ମକର୍ତ୍ତା ରତ୍ନାକର ରାଉତରାୟ, ଅଭିରାମ ବେହେରା, ପବିତ୍ର କୁମାର ସେଣ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ଯଜ୍ଞେଶ୍ୱର ମଲ୍ଲିକ, ବେଗୁନିଆ ବ୍ଲକ ସମ୍ପାଦକ ବସନ୍ତ କୁମାର ପ୍ରହରାଜ ପ୍ରମୁଖ ଦାବି କରିଛନ୍ତି।

**୭୨୦ ଜଣଙ୍କୁ ଆୟୁଷ୍ମାନ୍ କାର୍ଡ ବଣ୍ଟନ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୭୨୦ ଜଣଙ୍କୁ କାର୍ଡ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମାହାଳୀ, କନ୍ଦରପୁର ସରପଞ୍ଚ ସୁବାସିନୀ ରାଉତ, ଫକୀରପଡ଼ା ସରପଞ୍ଚ ମିଲି ସେଠୀ, ହୃଷୀକେଶ ଜେନା, ନିରଞ୍ଜନ ରାଉଳ, ଡ. ଜାଗୃତି ଜେନା, କଟକ ଜିଲା ଭାଜପା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ମଲ୍ଲିକ, ନିରଞ୍ଜନ ରାଉତ ଓ ସଂଯୋଜକ ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଖ୍ରୀଷ୍ଟ କଲେଜରେ ପିଜି ଏକାଡେମିକ୍ ବ୍ଲକ୍ ଉଦ୍‌ଘାଟିତ

କଟକ,୧୬।୪(କାର୍ତ୍ତିକ ସାହୁ)

ଖ୍ରୀଷ୍ଟ କଲେଜରେ ଉଚ୍ଚଶିକ୍ଷା ବିଭାଗର ଭିତ୍ତିଭୂମି ବିକାଶ ସହାୟତା ଯୋଜନା ଆର୍ଥିକ ଅନୁଦାନରେ ନିର୍ମିତ ପିଜି ଏକାଡେମିକ୍ ବ୍ଲକ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନାମ ଚରଣ ପାତ୍ର ଏହାକୁ ଉଦ୍‌ଘାଟନ କରି କହିଛନ୍ତି, କଟକ ସହରରେ ସ୍ନାତକୋତ୍ତର ଶିକ୍ଷା ପାଇଁ ଆଗ୍ରହୀ ବିଦ୍ୟାର୍ଥୀଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି ହେଲା। ଖ୍ରୀଷ୍ଟ କଲେଜରେ ଆରମ୍ଭ ହୋଇଥିବା ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ରସାୟନ ବିଜ୍ଞାନ, ଶିକ୍ଷା, ବାଣିଜ୍ୟ, ରାଜନୀତି ବିଜ୍ଞାନ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମର ଭିତ୍ତିଭୂମି ସୁଦୃଢ଼ ହେଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ପରିଚାଳନା ସମିତି ସଭାପତି ଅନୁପମ ପାତ୍ର, ସମ୍ପାଦକ ଶୁଭାଶିଷ ସାହୁ, ଅଧକ୍ଷା ମଧୁମିତା ପାତ୍ର, ପରିଚାଳନା ସମିତି ସଦସ୍ୟ ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ଡ. ଦେବଯାନୀ ଦାଶ, ସୁମନ ରଏ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡ. ଅଶୋକ କୁମାର ସାହୁଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

### ଆଲୋକୀକରଣ ପ୍ରକଳ୍ପ ଉଦ୍‌ଘାଟିତ

ଫୁଲନଖରା,୧୬।୪(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୪ ନମ୍ବର ୱାର୍ଡସ୍ଥିତ ନଖରା ଗ୍ରାମରେ ଆଲୋକୀକରଣ ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ଓ ସମ୍ମାନିତ ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ୧୫ ଦିନ ଭିତରେ ଶେଷ ହେବ ବୋଲି ବିଏମ୍‌ସି ୪ ନମ୍ବର ୱାର୍ଡ କର୍ପୋରେଟର ସୁକୁମାର ସାହୁ କହିଛନ୍ତି। ବର୍ଷା ହେଲେ ନଖରା ଗ୍ରାମ ରାସ୍ତାରେ ପାଣି ଜମି ରହୁଛି। ଏନେଇ ଗ୍ରାମବାସୀ ବରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେମାନେ ମେୟର ଓ ବିଧାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।


### ବିଶ୍ୱ ଧ୍ୱନି ଦିବସ ପାଳିତ

କଣ୍ଟାପଡ଼ା,୧୬।୪(ସୁରନାରାୟଣ ସାହୁ)

କଣ୍ଟାପଡ଼ା ବ୍ଲକ ଅଧୀନ ଓଲଟପୁରସ୍ଥିତ ଏସ୍‌ଭି ନିର୍‌ତାର୍ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ଓ ଗବେଷଣା କେନ୍ଦ୍ର ଏବଂ ଅଡ଼ଶପୁରସ୍ଥିତ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ସହଯୋଗରେ ବିଶ୍ୱ ଧ୍ୱନି ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ପଞ୍ଚାନନ୍ କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ନିର୍‌ତାର୍ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ଅନୁଷ୍ଠାନର ଅଧକ୍ଷ ସୁଶାନ୍ତ କୁମାର ମହାନ୍ତି ନିର୍‌ତାର୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ। ନିର୍‌ତାର୍ ବାକ୍ ଓ ଶ୍ରବଣ ବିଭାଗ ମୁଖ୍ୟ ଡା. ଜୟଶଙ୍କର ପଣ୍ଡା, ଅଧ୍ୟାପିକା ଶୁଭଶ୍ରୀ ମିଶ୍ର ସ୍ୱର ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ବାକ୍ ଓ ଶ୍ରବଣ ଚିକିତ୍ସା ବିଭାଗ ପକ୍ଷରୁ ପାଠଚକ୍ର ଅନୁଷ୍ଠିତ ହୋଇଥିଲା।

# ଜୁନ୍ ପହିଲାରୁ ଡ୍ରେନେଜ୍ କାମ ଆରମ୍ଭ

କଟକ,୧୬।୪(କାର୍ତ୍ତିକ ସାହୁ)



## ହାଇକୋର୍ଟରେ ଶିଶୁଭବନ ସମସ୍ୟା ମାମଲା
## ସିଏମ୍‌ସି ପକ୍ଷରୁ ସତ୍ୟପାଠ ଦାଖଲ

କଟକ ସହର ସମସ୍ୟା ସମ୍ପର୍କିତ ଜନସ୍ୱାର୍ଥ ମାମଲାରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଏକ ସତ୍ୟପାଠ ହାଇକୋର୍ଟରେ ଦାଖଲ କରାଯାଇଛି। ପୂର୍ବରୁ କଟକ ଆର୍ ଆଣ୍ଡ ବି ଡିଭିଜନ୍-୧ର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ଶିଶୁଭବନ ପରିସରରେ ଡ୍ରେନେଜ୍ ବ୍ୟବସ୍ଥା କାର୍ଯ୍ୟ ସିଏମ୍‌ସି ଦ୍ୱାରା ଖୁବ୍‌ଶୀଘ୍ର ହେବ ବୋଲି ଦର୍ଶାଯାଇଥିଲା। ଏବେ ସିଏମ୍‌ସି ପକ୍ଷରୁ ଦାଖଲ ସତ୍ୟପାଠରେ ଡ୍ରେନେଜ କାମ ଆରମ୍ଭ କରାଯିବା ଉପରେ ଅନୁଧ୍ୟାନ କରାଯାଉଛି ବୋଲି କୁହାଯାଇଛି। ଆସନ୍ତା ୨୫ ତାରିଖ ସୁଦ୍ଧା ଟେଣ୍ଡର କାର୍ଯ୍ୟ ଆରମ୍ଭ ହେବ। ମେ' ୧୫ ସୁଦ୍ଧା ଟେଣ୍ଡର କାର୍ଯ୍ୟ ଶେଷ ହୋଇ ୨୫ ତାରିଖ ସୁଦ୍ଧା କାର୍ଯ୍ୟାଦେଶ ପ୍ରଦାନ କରାଯିବ। ଏଥିସହ ଜୁନ୍ ପହିଲାରୁ ଡ୍ରେନେଜ୍ କାର୍ଯ୍ୟ ଆରମ୍ଭ ହେବ। ଏହି ଡ୍ରେନେଜ୍ ପ୍ରକଳ୍ପର ମୂଲ୍ୟ ୮ କୋଟିରୁ ଅଧିକ ଟଙ୍କା ହୋଇଥିବାରୁ କାର୍ଯ୍ୟ ଶେଷ ନିମନ୍ତେ ଅତି କମ୍‌ରେ ୧୦ରୁ ୧୨ ମାସ ଲାଗିବ। ତେଣୁ ୨୦୨୬ ଏପ୍ରିଲ ଶେଷ ସୁଦ୍ଧା ଡ୍ରେନେଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସତ୍ୟପାଠରେ ଦର୍ଶାଯାଇଛି।

ଉଲ୍ଲେଖଯୋଗ୍ୟ, ଶିଶୁଭବନ ସମସ୍ୟା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଉକ୍ତ ସତ୍ୟପାଠରେ ଶିଶୁଭବନର ନୂତନ କୋଠା ୨୦୨୫ ଡିସେମ୍ବର ୩୧ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା।

# ମହିଳା ସଙ୍ଗଠନ ସୁଦୃଢ଼ କରିବାକୁ ଗୁରୁତ୍ୱ




ବୈଠକରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମ ଓ ଅନ୍ୟମାନେ।

କଟକ,୧୬।୪(ଶିଳ୍ପା ପ୍ରିୟଦର୍ଶିନୀ)

## ମହିଳା କଂଗ୍ରେସର ସାଙ୍ଗଠନିକ ବୈଠକ

ବରିଷ୍ଠ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କ ଆହ୍ୱାନକ୍ରମେ କଟକ ମହିଳା କଂଗ୍ରେସର ସାଙ୍ଗଠନିକ ବୈଠକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପିସିସି ପର୍ଯ୍ୟବେକ୍ଷକ ହିମାଂଶୁ ଲେଙ୍କା ଯୋଗଦେଇ କଟକରେ ଦଳୀୟ ମହିଳା ସଙ୍ଗଠନକୁ ସୁଦୃଢ଼ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ଆସନ୍ତା ୨୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଶୋଭାଯାତ୍ରା କରାଯିବ। ଏହାକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ କର୍ପୋରେଟର ଭାନୁ ସେନାପତି, ଲିଜା ରାଉତ, ସ୍ୱର୍ଣ୍ଣପ୍ରଭା ପଶାୟତ, ପୂର୍ବତନ କର୍ପୋରେଟର ରେଣୁବାଳା ରାଉତ, ଅନିତା ନାୟକ, ଗୌରୀ ଦାସ, ସ୍ନେହଲତା ଚୌଧୁରୀ, କାଞ୍ଚନ ଦାସ, ସବିତା ସ୍ୱାଇଁ, କଂଗ୍ରେସ ନେତ୍ରୀ ଅମ୍ରିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଟକ ନଗର ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ଶୈଳବାଳା ଜେନା ଧନ୍ୟବାଦ ଦେଇଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ

କଟକ ସଦର,୧୬।୪(ସୁଶାନ୍ତ କୁମାର ଜେନା)

କଟକ ଜିଲା ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପଇଁ ବୁଧବାର ନୋଟିସ ଦିଆଯାଇଛି। ୧୬ ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ସ୍ୱାକ୍ଷର ଥାଇ ଏକ ପ୍ରସ୍ତାବ ପତ୍ର କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କୁ ପ୍ରଦାନ କରାଯାଇଛି। ୨୦୨୨ ମାର୍ଚ୍ଚରେ ପାତ୍ର ଦାୟିତ୍ୱ ଗ୍ରହଣ କରିଥିଲେ। ଇତିମଧ୍ୟରେ ସେ ୩ ବର୍ଷ କ୍ଷମତାରେ ରହିବା ପରେ ଅନାସ୍ଥା ଆସିଛି। ନିୟମ ମୁତାବକ ଏହି ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରିଥିବା ୱାର୍ଡ ସଭ୍ୟାସଭ୍ୟଙ୍କ ପୁନଃ ସ୍ୱାକ୍ଷର ଯାଞ୍ଚ ଉପଜିଲାପାଳଙ୍କ ଦ୍ୱାରା କରାଯିବ। ଏହାପରେ ପଞ୍ଚାୟତର ସ୍ୱତନ୍ତ୍ର ବୈଠକ ଡକାଯାଇ ଆଲୋଚନା ପରେ ଭୋଟିଂ କରାଯିବ। ବର୍ତ୍ତମାନ ଉକ୍ତ ପଞ୍ଚାୟତରେ ସରପଞ୍ଚଙ୍କ ବ୍ୟତୀତ ୧୭ ଜଣ ୱାର୍ଡ ସଭ୍ୟାସଭ୍ୟ ଅଛନ୍ତି। ପ୍ରସ୍ତାବ କାଟ୍ ଖାଇବା ପାଇଁ ୭ ଖଣ୍ଡ ଭୋଟ ଆବଶ୍ୟକ। ଏହି ପ୍ରସ୍ତାବ ଆଗତବେଳେ ସରପଞ୍ଚ ମଧ୍ୟ ନିଜର ଭୋଟ ଦେବାର ନିୟମ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନରେ ଉଲ୍ଲେଖ ରହିଛି।

## ଆୟୁଷ୍ମାନ୍ କାର୍ଡ ବଣ୍ଟନ ବେଳେ ଡାକ୍ତର ଅପଦସ୍ଥ

କଟକ ସଦର,୧୬।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ବୁଧବାର ଆୟୁଷ୍ମାନ୍‌କାର୍ଡବଣ୍ଟନ ପାଇଁ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ୧୦୦୦ ଲୋକଙ୍କୁ କାର୍ଡ ବଣ୍ଟନ କରିଥିଲେ। ସଭା ଶେଷରେ କିଶୋର ନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବଞ୍ଚୁ ମାରାଣ୍ଡିଙ୍କୁ କେତେଜଣ ଲୋକ ଅପଦସ୍ଥ କରିବା ସହ ସର୍ବସମ୍ମୁଖରେ ଧକ୍କା ମାରିଥିବା ଦେଖିବାକୁ ମିଳିଥିଲା। ଏପରି କି ତାଙ୍କୁ ୩ ଘଣ୍ଟା କାଳ ଘେରାଉ କରି ରଖାଯାଇଥିଲା। ଏହି ଖବର ପାଇ ବିଧାୟକ ସେଠୀ ହସ୍ତକ୍ଷେପ କରିବା ପରେ ଡା. ମାରାଣ୍ଡିଙ୍କୁ ଛଡାଯାଇଥିଲା।

## ଗ୍ରାମାଞ୍ଚଳ କଳାକାରଙ୍କୁ ନେଇ ଭଜନ ମଣ୍ଡଳୀ ଗଠିତ

ଫୁଲନଖରା,୧୬।୪(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ୍ ଅଧୀନ ମହୁରାସ୍ଥିତ ଚାନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାନ୍ଦେଶ୍ୱର ଭଜନ ମଣ୍ଡଳି ଗଠନ କରାଯାଇଛି। ଏହି ମଣ୍ଡଳୀର ପ୍ରୋପ୍ରାଇଟର ସୂର୍ଯ୍ୟନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଚନ୍ଦ୍ରମଣି ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଲେଖକ ତଥା କବି ରାଧାଶ୍ୟାମ ମହାନ୍ତି ଯୋଗଦେଇ ଭଜନ ମଣ୍ଡଳୀର କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏନେଇ ସୂର୍ଯ୍ୟ ନାରାୟଣ କହିଛନ୍ତି, ଗ୍ରାମାଞ୍ଚଳର କଳାକାରଙ୍କୁ ଲୋକଲୋଚନକୁ ଆଣିବା ଏହି ଭଜନ ମଣ୍ଡଳୀର ମୁଖ୍ୟ ଲକ୍ଷ୍ୟ। ଏହି କଳାକାରମାନେ କଳାକୁ ପ୍ରଦର୍ଶନ କରିବା ଫଳରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସୁବିଧାସୁଯୋଗ ପାଇପାରିବେ।

# ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ବୈଷ୍ଣବଙ୍କ ଅବଦାନ ଉଲ୍ଲେଖଯୋଗ୍ୟ




ସାରସ୍ୱତ ସାଧକ ବୈଷ୍ଣବ ଚରଣ ପରିଡ଼ାଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୧୬।୪(କାର୍ତ୍ତିକ ସାହୁ)

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ତୈଳଚିତ୍ର ଉନ୍ମୋଚିତ

ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ବୈଷ୍ଣବ ଚରଣ ପରିଡ଼ାଙ୍କ ଅବଦାନ ଉଲ୍ଲେଖଯୋଗ୍ୟ। ଓଡ଼ିଆ ଅନୁବାଦ ସାହିତ୍ୟରେ ତାଙ୍କର ସ୍ୱାକ୍ଷର ସର୍ବଦା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ପରିଡ଼ାଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ତଥା ପ୍ରଜାତନ୍ତ୍ରର ସମ୍ପାଦକ ଭର୍ତ୍ତୃହରି ମହତାବ ଯୋଗଦେଇ ବୈଷ୍ଣବ ଚରଣ ପରିଡ଼ାଙ୍କ ଜୀବନ, ସାହିତ୍ୟ, ଆଦର୍ଶରେ ଓଡ଼ିଆ ପ୍ରାଣ ବାରି ହୋଇପଡ଼େ ବୋଲି କହିଥିଲେ। ବରେଣ୍ୟ ଅତିଥି ସିଏମ୍‌ସି ମେୟର ସୁବାସ ସିଂ ବକ୍ତବ୍ୟରେ ବୈଷ୍ଣବ ଚରଣ ପରିଡ଼ାଙ୍କ ସାଧନାମୟ ଜୀବନ ଓ ଜଣେ ଏମ୍‌ପି ଭାବେ ତାଙ୍କର ସଫଳତାକୁ ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା କାଦମ୍ବିନୀ ଓ କୁନିକଥାର ସମ୍ପାଦିକା ଡ. ଇତି ସାମନ୍ତ ବକ୍ତବ୍ୟରେ ପରିଡ଼ାଙ୍କ ସଂଘର୍ଷମୟ ଜୀବନ ଏବଂ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆନ୍ଦୋଳନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପରିଡ଼ାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣପ୍ରଭା ପରିଡ଼ାଙ୍କ ସ୍ତୁତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ଡକ୍ଟର ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ରାଧାଶ୍ୟାମ ରାଉଳ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟର ଗୌରବ ବଢ଼ାଇବାକୁ ଆହ୍ୱାନ

ତିଗିରିଆ,୧୬।୪(ଜାଫର ଖାଁ)

## ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତସ୍ଥିତ ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କୁଳମଣି ରାଉତ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ସିଙ୍ଗୋ ହାଁସଦା, ମୁଖ୍ୟ ବକ୍ତା ବ୍ଲକର ନୋଡାଲ ଅଫିସର ହୃଷୀକେଶ ବେହେରା ଓ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ କୁମାର ସାହୁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ବିଆର୍‌ସିସି ମାଧବ ଚନ୍ଦ୍ର ଦେହୁରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ହାଁସଦା ନିଜ ଅଭିଭାଷଣରେ ବ୍ଲକର ପ୍ରଥମ ବିଦ୍ୟାଳୟ ଭାବେ ପିଏମ୍‌ଶ୍ରୀ ମାନ୍ୟତା ପାଇଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟାଳୟର ଗୌରବକୁ ଆଗକୁ ନେବାପାଇଁ ସେ ଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ମିତାଲି ମଧୁସ୍ମିତା ଧୀରସାମନ୍ତଙ୍କ ତତ୍ତ୍ୱାବଧାନରେ ପୂର୍ବରୁ ବିଦ୍ୟାଳୟ ସ୍ତରରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ୫ ଜଣ ଛାତ୍ରୀଛାତ୍ରଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତଭାବେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମାଧବ ଚନ୍ଦ୍ରପାତ୍ର ଏଥିରେ ସଂଯୋଜନା କରିଥିବାବେଳେ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# କାରଖାନାର ବିଷାକ୍ତ ପାଣି ଯୋଗୁ ଫସଲ ନଷ୍ଟ

ଖୁଣ୍ଟୁଣୀ,୧୬।୪(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ରମ୍ଭେଇଠାରେ ଥିବା ବି.କେ. ଷ୍ଟିଲ କାରଖାନାରୁ ବିଷାକ୍ତ କଳାଧୂଆଁ ବାହାରିବାରୁ ପରିବେଶ ପ୍ରଦୂଷଣ ହେଉଛି। ଏପରି କି ସେଠାରୁ କଳା ପ୍ରଦୂଷଣଯୁକ୍ତ ପାଣି ବାହାରି ନିକଟସ୍ଥ ଜମିରେ ମିଶିବାରୁ ଚଳିତବର୍ଷ ବ୍ୟାପକ ଫସଲ ନଷ୍ଟ ହୋଇଛି। ରାତିବେଳା ଶବ୍ଦ ପ୍ରଦୂଷଣ ହେବା ଯୋଗୁ ସ୍ଥାନୀୟ ରମ୍ଭେଇ, ଖୁଣ୍ଟୁଣୀ, ଡାବର, ରଗଡିପଡ଼ା, ପଥରକଟା ଷ୍ଟେଶନ ଓ କଲେଜ ସାହିର ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି ବୋଲି ବୁଧବାର ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ କିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚାଷୀମାନେ ଅଭିଯୋଗ କରିଛନ୍ତି। ପୂର୍ବରୁ ଏ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। କଳାଧୂଆଁ ଉଡ଼ି ସ୍ଥାନୀୟ ଲୋକଙ୍କ ଘରେ ପାଉଁଶଗୁଣ୍ଡ ପଶିବା ସହ କୂଅପାଣିରେ ମିଶୁଛି। ଏହି ପାଣି ବ୍ୟବହାର କରିବା ଦ୍ୱାରା କେତେଜଣ ଜନସାଧାରଣ ରୋଗାକ୍ରାନ୍ତ ହୋଇଥିବା ଜଣାପଡିଛି। ସ୍ଥାନୀୟ ଅଞ୍ଚଳକୁ ପ୍ରଦୂଷଣମୁକ୍ତ ପାଇଁ ପଦକ୍ଷେପ ନେବାକୁ ଆଠଗଡ଼ ଉପଜିଲାପାଳ, କାରଖାନା କର୍ତ୍ତୃପକ୍ଷଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଜଣାଇବେ। ଏଥିସହ ହାତୀ ଓ ବାର୍ହାଙ୍କ କବଳରୁ ଫସଲ ରକ୍ଷା ପାଇଁ ସୌରଶକ୍ତି ଚାଳିତ ତାରବାଡ଼ ଯୋଗାଇ ଦେବା ନିମନ୍ତେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କୁ ଲିଖିତ ଭାବେ ଜଣାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦିଲ୍ଲୀପ ରାଉଳ, ରଜନୀକାନ୍ତ ଜେନା, ସଞ୍ଜୟ ବେହେରା, ପ୍ରଶାନ୍ତ ନାୟକ, ରବୀନ୍ଦ୍ର ନାୟକ, ବିପିନ ବିହାରୀ ନାୟକ, ଗୋବିନ୍ଦ ବେହେରା, ପ୍ରସନ୍ନ ଜେନା, ଗୁଲୁରି ସାହୁ, ଟିକାମ ଦେହୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ କାରଖାନାର ସିନିୟର ମ୍ୟାନେଜର ପ୍ରଭାତ ସିଂ କହିଛନ୍ତି, ଆମେ ଚାଷୀମାନଙ୍କ ସହିତ ଅଛୁ। ଆଗାମୀ ଦିନରେ ଆଲୋଚନା ମାଧ୍ୟମରେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ସିଂ କହିଛନ୍ତି।

# ୧୬ ଦଫା ଦାବି ନେଇ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଚୌଦ୍ୱାର,୧୬।୪(ଆଶୁତୋଷ ଦାସ)



ସମାଜସେବୀ ପରିବାରର ସଦସ୍ୟମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

୧୬ ଦଫା ଦାବିନେଇ ଚୌଦ୍ୱାର ସମାଜସେବୀ ପରିବାର ପକ୍ଷରୁ ବୁଧବାର ସ୍ଥାନୀୟ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର ଧାରଣାକାରୀମାନଙ୍କୁ କାର୍ଯ୍ୟାଳୟକୁ ଡକାଇ ଦାବିଗୁଡ଼ିକ ଉପରେ ଆଲୋଚନା କରିବା ସହ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଭେଣ୍ଡିଂଜୋନ୍ ନିର୍ମାଣ, ଅସହାୟ ଲୋକଙ୍କ ପାଇଁ ଆଶ୍ରୟସ୍ଥଳ ନିର୍ମାଣ, ପ୍ରତି ୱାର୍ଡରେ ସପ୍ତାହକୁ ଥରେ ମଶାଧୂଆଁ ଦେବା, ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱ, ଆମିଷ ବ୍ୟବସାୟୀଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥଇଥାନ କରିବା, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, କାଞ୍ଜିଆହୁଦା ନିର୍ମାଣ, ପାନୀୟଜଳ ପାଇଁ ୱାଟର ଷ୍ଟାଣ୍ଡପୋଷ୍ଟ, ଚୌଦ୍ୱାର ଷ୍ଟାଡିୟମ ସହିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସର ସୌନ୍ଦର୍ଯ୍ୟକରଣ, ପୌରପାଳିକାରେ ଥିବା ୟୁପିଏଚ୍‌ସିକୁ ୨୫ ଶଯ୍ୟା ବିଶିଷ୍ଟ କରିବା ସହିତ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆଦି ଦାବି ରହିଛି। ସୂଚନାଯୋଗ୍ୟ, ୨୦୨୪ ଅକ୍ଟୋବର ୭ରେ ଧାରଣାକାରୀଙ୍କ ପକ୍ଷରୁ ଉପରୋକ୍ତ ସମସ୍ତ ସମସ୍ୟାର ସମାଧାନ ପାଇଁ ପୂର୍ବତନ ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଧାରଣାରେ ବସିବାକୁ ବାଧ ହେଲୁ ବୋଲି ସମାଜସେବୀ ପରିବାରର ସଦସ୍ୟ ଦେବେନ୍ଦ୍ର ପୃଷ୍ଟି କହିଛନ୍ତି। ଭୀମସେନ ବିଶ୍ୱାଳ, ପ୍ରତାପ କୁମାର ଜେନା, ଶ୍ରୀକାନ୍ତ ପାଢ଼ୀ, ସସ୍ମିତା ଦାସ, ମନୋଜ କୁମାର ସାହୁ, ପ୍ରଭାନନ୍ଦ ସାହୁ, ହରିହର ବେଉରା, ସନାତନ ବେହେରା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

## ଫଟୋରେ ଖବର




କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଜୋବ୍ରା କେନାଲ ରୋଡ୍‌ସ୍ଥିତ ଦୟାସାଗର ବିଦ୍ୟାମନ୍ଦିରର ୩୫ତମ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।



ବର୍ଷାଜଳ ଘେରରେ କଟକ ଶଙ୍କରପୁର ନାକେଇ ପଡ଼ିଆ ଅଞ୍ଚଳରେ ଥିବା ଜନସାଧାରଣ।

## ଦିବାରାତ୍ର କ୍ରିକେଟ୍ ମ୍ୟାଚ ଉଦ୍‌ଘାଟିତ

ଯୋଗେଶ୍ୱରପୁର,(ରଶ୍ମିରଞ୍ଜନ ସାହୁ): ନୟାହାଟ ଫାଣ୍ଡି ଅଧୀନ ଧୁମାଳ ପଞ୍ଚାୟତର ରଙ୍ଗତୋଟା ଗ୍ରାମରେ ବୁଧବାର ରାତିରେ ହବିବ କ୍ଲବ ପକ୍ଷରୁ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ଜିଲା ପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ ଓ ଯୁବନେତା ଅଭିମନ୍ୟୁ ସିଂ ଉଦ୍‌ଘାଟନ କରିଥିଲେ। ମଞ୍ଚାସୀନ ଅତିଥି ଭାବେ ଧୁମାଳ ସଭାପତି ଦିଲ୍ଲୀପ ରାୟ, ନାଏବ ସରପଞ୍ଚ ଅଶୋକ ସାହୁ, ସହଦେବ ମାଣିକ, ସାମାଜିକ କର୍ମୀ ମହମ୍ମଦ ସମସୁଲ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଯୋଗ ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୪।୨୦୨୫

| ୩,୭୬,୯୯୫ ଟଙ୍କା | |
|---|---|
| ସୁନା | ୧.୪୫୦ ଗ୍ରାମ୍ |
| ରୁପା | ୭୬.୧୦୦ ଗ୍ରାମ୍ |

# ୫୬ ବର୍ଷ ଧରି ଗୋପ କଲେଜ ଜମି ଜବରଦଖଲ

ଗୋପ,୧୬।୪(ଭାରତୀ ଭୂଷଣ ଉପାଧ୍ୟାୟ)

■ ପ୍ରଶାସନ ପଦକ୍ଷେପ ନେଉନାହିଁ

■ ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି

ଦୀର୍ଘ ୫୬ବର୍ଷ ଧରି ଗୋପ ମହାବିଦ୍ୟାଳୟର ୧୧ ଏକରରୁ ଉର୍ଦ୍ଧ୍ୱ ଜମି ଜବରଦଖଲରେ ରହିଛି। ଏହି ଜବରଦଖଲ ଜମିକୁ ନେଇ ବିଭିନ୍ନ ସମୟରେ କଲେଜ ପକ୍ଷରୁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଉଛି। ହେଲେ ଉକ୍ତ ଜମିରୁ ଅମଳ ହେଉଥିବା ଧାନ ଏବଂ ଅନ୍ୟାନ୍ୟ ଫସଲ କିଏ ନେଉଛି ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ୧୯୭୮ ମସିହାରେ ଗୋପରେ ବାଦାନ୍ୟ ବ୍ୟକ୍ତିମାନଙ୍କ ଉଦ୍ୟମରେ ଗୋପ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ସମୟରେ ଦୁଇ ଏକରୁ ଅଧିକ ଜମିରେ କଲେଜ ଗୃହ ନିର୍ମାଣ ହୋଇଥିବାବେଳେ ଗୋପର ସୁବର୍ଣ୍ଣପୁର ନିକଟ କୋଶିଙ୍ଗା ମୌଜାରେ ଖାତା ନମ୍ବର ୨୩୫, ଚକ ନମ୍ବର ୬୬, ୧୨୦ରେ ୧୧ ଏକର ୪୧ ଡିସିମିଲ ଜମି ରହିଛି। ତେବେ ଦାନସୂତ୍ରରେ ମିଳିଥିବା ଏହି ଜମିକୁ ଦୀର୍ଘ ବର୍ଷ ଧରି ଲୋକେ ଜବରଦଖଲ କରି ରଖିଥିବା ଜଣାପଡ଼ିଛି। କଲେଜ କର୍ତ୍ତୃପକ୍ଷ ଏହି ସବୁ ଜବରଦଖଲ ଜମିକୁ ନିଜ ଅକ୍ତିଆରକୁ ଆଣିବା ପାଇଁ ଚେଷ୍ଟା କରି ବିଫଳ ହେବା ପରେ ୧୯୯୩ ମସିହାରେ କେତେଜଣଙ୍କ ବିରୋଧରେ କୋର୍ଟ କଚେରୀ ମଧ୍ୟ ଯାଇଥିଲେ। କିଛି ବର୍ଷ ଏହି ଜମି ମାମଲାରେ ମିଥ୍ୟା କାଗଜପତ୍ର ଜରିଆରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ୧୧ ଏକରରୁ ଉର୍ଦ୍ଧ୍ୱ ଜମି କଲେଜ ନାମରେ ପଟା ରହିଥିବାବେଳେ କିପରି ଜବରଦଖଲ ହେଲା ତାହା ଏବେ ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ତୁରନ୍ତ ଏ ସଂକ୍ରାନ୍ତରେ ତଦନ୍ତ କରାଯିବା ସହ ଜବରଦଖଲ ଜମିକୁ କଲେଜ କର୍ତ୍ତୃପକ୍ଷ ନିଜ ଅକ୍ତିଆରକୁ ଆଣିବାକୁ ଦାବି କରାଯାଇଛି। ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କଲେଜ ପରିଚାଳନା ଦାୟିତ୍ୱରେ ଥିବା ଉପଜିଲାପାଳ ରାଜକିଶୋର ଜେନା ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ ଏଭଳି ଅଭିଯୋଗ ନେଇ ଗୋପ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡା କହିଛନ୍ତି, ଆମ ନିକଟରେ ଜମିପଟା ରହିଛି। ତେଣୁ ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ। ତେବେ ମୋ' କାର୍ଯ୍ୟକାଳ ସମୟରେ ଜମିଜମା ସମ୍ପର୍କିତ କୌଣସି ଅଭିଯୋଗ ନାହିଁ ବୋଲି ପଣ୍ଡା ପ୍ରକାଶ କରିଛନ୍ତି।



ପ୍ଲାଷ୍ଟିକ୍ ଫ୍ରି ପୁରୀ ନିମନ୍ତେ କୋକାକୋଲା କମ୍ପାନୀ ଏବଂ ପୁରୀ ମ୍ୟୁନିସିପାଲିଟିର ମିଳିତ ପ୍ରୟାସରେ ବୁଧବାର ବେଳାଭୂମିଠାରେ ରିଭର୍ସ ଭେଣ୍ଡିଂ ମେଶିନ୍ ସ୍ଥାପନ କରାଯାଉଛି।

## ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

ବଳଙ୍ଗା,୧୬।୪(କେଦାରେଶ୍ୱର ନନ୍ଦ)

ପୂର୍ତ୍ତ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରୁଣା ପିପିଲି-କୋଣାର୍କ ରାସ୍ତାଠାରୁ ହରିପୁର ପର୍ଯ୍ୟନ୍ତ ଭାୟା ବାମନାଳ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। ୧୬.୭୦୦ କି.ମି. ରାସ୍ତାର ଅଟକଳ ମୂଲ୍ୟ ୨୦ କୋଟି ୪୦ ଲକ୍ଷ ୨୨ ହଜାର ୬୭୦ ଟଙ୍କା ବୋଲି ଜଣାପଡ଼ିଛି। ଏହି ରାସ୍ତା ହେବା ଦ୍ୱାରା ବଳଙ୍ଗା, କୋଠକୁସାଙ୍ଗ, ଦକ୍ଷିଣରାଢ଼ଶ, ଉଚ୍ଛୁପୁର, ଗୋପୀନାଥପୁର ଓ ଶାଇଁଶଶାସନ ପଞ୍ଚାୟତର ଲକ୍ଷାଧିକ ଲୋକ ଉପକୃତ ହେବା ସଙ୍ଗେ ସଙ୍ଗେ ବଳଙ୍ଗାରୁ ନିମାପଡ଼ା ରାସ୍ତା ତୁରନ୍ତ କାମ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଶିଳାନ୍ୟାସ ଉତ୍ସବରେ ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ଅଞ୍ଜଳି ପ୍ରଧାନ, ଜୟନ୍ତୀ ବିଶ୍ୱାଳ, ପ୍ରସନ୍ନ ଦାଶ ଓ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, କୁଶାଳ ହେମ୍ବ୍ରମ ଓ ସହକାରୀ ଯନ୍ତ୍ରୀ ଶକ୍ତି ବ୍ରତ ଜେନା, ପୁରୀ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜ୍ଜୁନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପୋଲିସ ୧୪୫/୨୫ରେ ଏକ ମାମଲା ରୁଜୁ କରିଛି।

# 'ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ'


ସମାରୋହରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିବୃନ୍ଦ।

ନିମାପଡ଼ା,୧୬।୪(ବିଚିତ୍ରାନନ୍ଦ ସାହୁ)

### ବନ୍ତୁ ଗ୍ରାମ ନୋଡାଲ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ସମାରୋହ

ନିମାପଡ଼ା ବ୍ଲକ ଅଧୀନ ବନ୍ତୁ ଗ୍ରାମ ନୋଡାଲ ଉଚ୍ଚ ବିଦ୍ୟାଳୟର ୪୫ତମ ବାର୍ଷିକ ପୁରସ୍କାର ବିତରଣ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅମିତା ସେନାପତି ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ଓ ଶୁକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ଆମ ସରକାର ଦୃଢ଼ ସଂକଳ୍ପବଦ୍ଧ। ଶିକ୍ଷାର ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ଦିପକ ପାଢ଼ୀ, ଶିକ୍ଷାବିତ୍ ଗଙ୍ଗାଧର ସେନାପତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ଦାସ, ସରପଞ୍ଚ ପବିତ୍ରମୋହନ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତର୍ଯାମୀ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ ସମେତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୭୫ଜଣ ଛାତ୍ରୀଛାତ୍ରଙ୍କୁ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ୨୦ ଜଣ କୃତୀ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା।

## ଜଗନ୍ନାଥ ପଞ୍ଚାମୃତ ଯୋଗ ଆଲୋଚନା

ପୁରୀ,୧୬।୪(ଅଜିତ କୁମାର ମହାନ୍ତି)

ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ କ୍ୟାମ୍ପସର ଯୋଗବିଜ୍ଞାନ ଓ ଆଧ୍ୟାତ୍ମିକତା ବିଭାଗ ପକ୍ଷରୁ ଜୟଦେବ ଭବନରେ ବୁଧବାର ଜଗନ୍ନାଥ ପଞ୍ଚାମୃତ ଯୋଗ ଆଲୋଚନା ଏବଂ ବିଶ୍ୱ ଭବିଷ୍ୟତ ଦର୍ଶନ ମାଳିକା ବିଷୟ ଉପରେ ଏକ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ୟାମ୍ପସ ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ କହିଥିଲେ, ଆମ ଶରୀର ପଞ୍ଚତତ୍ତ୍ୱ ପୃଥିବୀ, ଅଗ୍ନି, ବାୟୁ, ଜଳ ଏବଂ ଆକାଶରେ ଗଠିତ। ଯେପରି ପଞ୍ଚାମୃତ, କ୍ଷୀର, ଦହି ଓ ମହୁ ସାହାଯ୍ୟରେ ଶରୀରକୁ ବ୍ୟବସ୍ଥିତ ରଖାଯାଏ, ସେହିପରି ଜ୍ଞାନାମୃତ, କ୍ରିୟାମୃତ, ଦିବ୍ୟାମୃତ, ଧ୍ୟାନାମୃତ ଏବଂ ଭାବାମୃତ ରୂପରେ ଯୋଗର ଅମୃତ ଅଭ୍ୟାସ କରି ମଣିଷ ସାଂସାରିକ ଦୁଃଖରୁ ମୁକ୍ତି ପାଇପାରିବ। ମୁଖ୍ୟ ବକ୍ତା ଭାବେ ଆଧ୍ୟାତ୍ମିକ ଯୋଗଗୁରୁ ଅକ୍ଷୟ କୁମାର ଗୃହାଚାର୍ଯ୍ୟ ପଞ୍ଚାମୃତ ଯୋଗ ସାଧନାରେ ବିଭିନ୍ନ ଗବେଷଣା ପ୍ରକ୍ରିୟା (ସର୍ବାଙ୍ଗ ଚକ୍ର ଶୁଦ୍ଧିକରଣ, ଚକ୍ର ଶୁଦ୍ଧିକରଣ, ଦଶାଙ୍ଗୁଳ ଚକ୍ର ଶୁଦ୍ଧିକରଣ ଇତ୍ୟାଦି) ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ପଞ୍ଚାମୃତ ଯୋଗ ସାଧନାରେ କୁଣ୍ଡଳୀ ଜାଗ୍ରତ ହୁଏ, ପଞ୍ଚକୋଷ ଶୁଦ୍ଧ ହୁଏ ଏବଂ ଜଣେ ବ୍ୟକ୍ତି ଶାରୀରିକ, ମାନସିକ, ସାମାଜିକ, ଆଧ୍ୟାତ୍ମିକ ଏବଂ ଭାବପ୍ରବଣ ସ୍ତରରେ ନିଜର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକଶିତ କରିପାରିବେ। ପ୍ରଫେସର ବିଜୟପାଲ କଛୱାହା କହିଥିଲେ, ପରିବର୍ତ୍ତିତ କ୍ୟାମ୍ପସ ପରିବେଶରେ ଯୋଗାଭ୍ୟାସର ଜରୁରୀ ଆବଶ୍ୟକତା ରହିଛି। ଏହାର ପ୍ରଚାର ଆବଶ୍ୟକ। ସଂଯୋଜକ ଡ. ପ୍ରେମ ପ୍ରକାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ୟାକରଣ ବିଭାଗ ମୁଖ୍ୟ ପ୍ରଫେସର ଅନୁପମା ପ୍ରୀତି, ସାଧୁଯୋଗ ବିଭାଗ ମୁଖ୍ୟ ଡ. ଅଶୋକ କୁମାର ମୀନା, ଡ. କୃଷ୍ଣଚନ୍ଦ୍ର କବି, ଡ. ଶକ୍ତିପ୍ରସାଦ ଦ୍ୱିବେଦୀ, ଡ. ଅଖିଳେଶ ମିଶ୍ର, ଡ. ଯତିରାଜ ବାରାଲ, ଡ. ସୁକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମଗିରି ପଞ୍ଚାୟତ ସମିତିର ବୈଠକ

ବ୍ରହ୍ମଗିରି,୧୬।୪(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ବୁଧବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରତ୍ନମାଳା ବେହେରା ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା ବିବରଣୀ ପାଠ କରିଥିଲେ। ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଏବଂ ଅନ୍ୟଟି ୨୦୨୪-୨୫, ୨୦୨୫-୨୬ ଆର୍ଥିକ ବର୍ଷର ବ୍ଲକ ପଞ୍ଚାୟତ ବିକାଶ ଯୋଜନା ପ୍ରମୁଖ ଉପରେ ଆଲୋଚନା ହେବା ସହ ଅନୁମୋଦନ ହୋଇଥିଲା। ବ୍ଲକର ୨୫ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ଜିଲା ପରିଷଦ ସଭ୍ୟ, ବିଭିନ୍ନ ବିଭାଗର ଉନ୍ନୟନ ଅଧିକାରୀ ଏଥିରେ ଯୋଗଦେଇଥିଲେ। କିଛି ବିଭାଗର ଅଧିକାରୀ ଅନୁପସ୍ଥିତ ଥିବାରୁ ବୈଠକରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିବା ସହ ହଇଗୋଳ କରିଥିଲେ। କେତେଜଣ ସଭ୍ୟ ୨୦୨୩-୨୪ ବାର୍ଷିକ ହିସାବ ମାଗିବାରୁ ତା'ର ହିସାବ ବିଡିଓ କିମ୍ବା ଅଧ୍ୟକ୍ଷା ମ୍ୟାଡାମ ଦେଇପାରି ନ ଥିଲେ। ଫଳରେ କିଛି ସମୟ ପାଇଁ ବୈଠକରେ ହୋହଲ୍ଲା ଦେଖିବାକୁ ମିଳିଥିଲା। ବୈଠକରେ ଉପାଧ୍ୟକ୍ଷା ମାଳିନୀ ଦଳାଇ, ୨୫ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ଏକମାତ୍ର ଜିଲାପରିଷଦ ସଭ୍ୟ କୈଳାସ ଚନ୍ଦ୍ର ପରିଡ଼ା ଉପସ୍ଥିତ ଥିବାବେଳେ ଅନ୍ୟ ୨ ଜଣ ଜିଲା ପରିଷଦ ସଭ୍ୟ ଓ ବିଧାୟିକା ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ୧୮ରୁ ପୁରୀ ଲିଟେରାରି ଫେଷ୍ଟିଭାଲ


ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଉଛି।

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

ଅଧ୍ୟୟନ ଫାଉଣ୍ଡେଶନ୍ ଫର ପଲିସି ଆଣ୍ଡ୍ ରିସର୍ଚ୍ଚ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ଓଡ଼ିଶା ସରକାର ଏବଂ ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ପୁରୀର ଏକ ଘରୋଇ ହୋଟେଲରେ ପୁରୀ ଲିଟେରାରି ଫେଷ୍ଟିଭାଲ ଆୟୋଜନ ହେବ। ସଂଳାପ, ପ୍ରଦର୍ଶନ ଏବଂ ବିତର୍କ ମାଧ୍ୟମରେ ଭାରତର ପ୍ରାଚୀନ ଜ୍ଞାନକୁ ଏହାର ସମସାମୟିକ ମହତ୍ତ୍ୱାକାଂକ୍ଷା ସହିତ ଯୋଡ଼ିବା ହେଉଛି ଏହି ଐତିହାସିକ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ବୁଧବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହୋତ୍ସବର ଆୟୋଜକ ଓମ୍ ପ୍ରିୟଦର୍ଶୀ ଛୋଟରାୟ, ଶିବମ୍ ରଘୁବଂଶୀ, ଶଶାଙ୍କ ଶେଖର ସିଂହ, ସୌମେନ୍ଦ୍ର ଦାସ, ରାକେଶ କୁମାର ବାରିକ, ଅଂଶୁଜିତ ମହାପାତ୍ର, ବିଶ୍ୱଶାନ୍ତି ତ୍ରିପାଠୀ ପ୍ରମୁଖ ସୂଚନା ଦେଇଛନ୍ତି।

ଆୟୋଜକମାନେ କହିଛନ୍ତି ଯେ, ଓଡ଼ିଶାର ରାଜ୍ୟପାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ ପାତ୍ର ଅତିଥି ଭାବେ ଯୋଗଦେବେ। ସେହିପରି ସମାପନ ଓ ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ବନ୍ଦର, ଜାହଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ୍, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରମାକାନ୍ତ ରଥ ସାହିତ୍ୟ ପୁରସ୍କାର ମୁଖ୍ୟ ଆକର୍ଷଣ ରହିବ। ସାହିତ୍ୟ କ୍ଷେତ୍ରରେ ଉତ୍ସର୍ଗୀକୃତ ଅବଦାନ ପାଇଁ ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ରମାକାନ୍ତ ରଥ ସାହିତ୍ୟ ପୁରସ୍କାରରେ ସମ୍ମାନିତ କରାଯିବ। ଓଡ଼ିଶା ୨୦୨୩, ପ୍ରକାଶକ ସମ୍ମିଳନୀ, ସ୍ୱାବଲମ୍ବନ, ନବସୃଜନ, ସାହିତ୍ୟରେ ମହିଳାଙ୍କ ଅବଦାନ, ପରିବେଶ, ଆଧୁନିକ ଯୁଗରେ ଇତିହାସ ଲିଖନ, ବଲିଉଡ୍‌ର ସାଂସ୍କୃତିକ ପ୍ରଭାବ, ଓଡ଼ିଶାର ସାମାଜିକ-ସାଂସ୍କୃତିକ ବିକାଶ ତଥା ଏକବିଂଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ଆଦି ଉପରେ ଆଲୋଚନା ହେବ। ଐତିହ୍ୟ ପଦଯାତ୍ରା, ବାଲୁକା କଳା, ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ, ଓଡ଼ିଆ ଖାଦ୍ୟ ପରିବେଷଣ ଆଦି ଆକର୍ଷଣ ରହିବ। ଐତିହାସିକ ବିକ୍ରମ ସମ୍ପଥ, ବିଶିଷ୍ଟ ଲେଖିକା ତସଲିମା ନସ୍‌ରିନ, ପଦ୍ମଶ୍ରୀ ମାଳିନୀ ଅୱସ୍ଥି, ଅଭିନେତ୍ରୀ ପ୍ରୟକ୍ତା କୋଲି, ଜିନ୍ଦଲ ଫାଉଣ୍ଡେଶନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ପ୍ରମୁଖ ଯୋଗଦେବେ।

## ପିଲା ଚୋରି ସନ୍ଦେହରେ ଥାନା ସମ୍ମୁଖରେ ଧାରଣା

ଡେଲାଙ୍ଗ,୧୬।୪(ରଶ୍ମୀରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳରୁ ଜଣେ ୧୧ ବର୍ଷୀୟ ନାବାଳକଙ୍କ ନିଖୋଜ ଅଭିଯୋଗ ଓ ପିଲା ଚୋରି ସନ୍ଦେହରେ ପରିବାର ଲୋକେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ପିପିଲି ଏସ୍‌ଡିପିଓ ଦେବାଶିଷ୍ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ପୋଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇ ଖୋଜାଖୋଜି କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିବାର ଲୋକେ ଧାରଣାରୁ ଓହରିଥିଲେ। ଏନେଇ ପୋଲିସ ୧୪୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନିଖୋଜ ନେଇ ପୋଷ୍ଟର ମରାଯିବ ବୋଲି ଜଣାପଡ଼ିଛି। ଇତିମଧ୍ୟରେ ନିଖୋଜର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ନାବାଳକଙ୍କ କୌଣସି ସନ୍ଧାନ ମିଳିନାହିଁ। ମଙ୍ଗଳବାର ସନ୍ଧ୍ୟାରେ ପିଲାଟି ଗାଁ ଦାଣ୍ଡରେ ସାଙ୍ଗଙ୍କ ସହ ଖେଳୁଥିବାବେଳେ ସଞ୍ଜରେ ଘରକୁ ଯାଇ ମା'କୁ ଖାଇବାକୁ ମାଗିଥିଲା। ମା' ଉପର ଘରୁ ଖାଇବା ଆଣି ପୁଅକୁ ଡାକିବାରେ ସେ ଆଉ ଶୁଣି ନ ଥିଲେ। ପରେ ତାଙ୍କୁ ବହୁ ସ୍ଥାନରେ ଖୋଜିଥିଲେ ମଧ୍ୟ ନ ପାଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଯୋଗ ଦ୍ୱାରା ଶାରୀରିକ, ମାନସିକ ଅଭିବୃଦ୍ଧି ଘଟିଥାଏ

ପିପିଲି,୧୬।୪
(ପ୍ରଭାତ ମହାପାତ୍ର/ଦୁର୍ଗା ମାଧବ ମିଶ୍ର)


ପିପିଲି ଇନ୍ଦିରା ମୈଦାନରେ ବୁଧବାର ଆୟୋଜିତ ଯୋଗ ମହୋତ୍ସବ।

ପିପିଲି ଇନ୍ଦିରା ମୈଦାନରେ ବୁଧବାର ଯୋଗ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ୧୧ଶ ଅନ୍ତର୍ଜାତୀୟ ଯୋଗ ଦିବସ ମାନ୍ୟତାକୁ ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପିପିଲି-ଡେଲାଙ୍ଗ ଯୋଗ ଶିକ୍ଷକ ସଂଘ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଯୋଗର ପ୍ରଚାରପ୍ରସାର କରୁଥିବା ବ୍ୟକ୍ତି ବିଶେଷଙ୍କ ପ୍ରଶଂସା କରିଥିଲେ। ଯୋଗ ଦ୍ୱାରା ମଣିଷ ସୁସ୍ଥ ସୁନ୍ଦର ରହିବା ସହ ଶାରୀରିକ ଓ ମାନସିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥାଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ମେଡିକାଲ ଅଫିସର ଡା. ବିନୟ କୁମାର ପଣ୍ଡା, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଡ. ପ୍ରେମ ସୁଖ, ଯୋଗଥେରାପିଷ୍ଟ ଡ. ସଙ୍ଗୀତା ଅଗ୍ରୱାଲ, ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ଭଟ୍ଟ, ଉମାଶଙ୍କର ଯୋଗାଶ୍ରମ ସଂସ୍ଥାପକ ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଯୋଗ ଗୁରୁ ଦୀପକ କୁମାର ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଛାତ୍ରୀଛାତ୍ର ଓ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଯୋଗ ପ୍ରତିଯୋଗିତା ହୋଇଥିଲା। ପରେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଏବଂ ବ୍ୟକ୍ତି ବିଶେଷ ତଥା ଅବସରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ବିନୟ କୁମାର ପଣ୍ଡାଙ୍କୁ ସଂଘ ପକ୍ଷରୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଡେଲାଙ୍ଗ-ପିପିଲି ବ୍ଲକରୁ ଆସିଥିବା ସମସ୍ତ ଯୋଗ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଯୋଗ ଶିକ୍ଷକ ମୁନୁ ଅଗ୍ରୱାଲଙ୍କ ସହ ଯୋଗ ଶିକ୍ଷକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ।

## କଂଗ୍ରେସର ମଶାଲ ଶୋଭାଯାତ୍ରା

ଅସ୍ତରଙ୍ଗ, ୧୬।୪ (ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଅସ୍ତରଙ୍ଗ ମୁଖ୍ୟ ବଜାର ତାରିଣୀ ମନ୍ଦିରଠାରୁ ଥାନା ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ହୋଇଥିଲା। ସୁକାନ୍ତ ମହାନ୍ତି, ତୁଷାରକାନ୍ତ ନାୟକ ପ୍ରମୁଖ ନେତୃବୃନ୍ଦ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଶୋଭାଯାତ୍ରାରେ ବ୍ଲକ କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ମହିଳା କଂଗ୍ରେସର କର୍ମକର୍ତ୍ତା ସାମିଲ ହୋଇଥିଲେ।


ମହାପ୍ରଭୁଙ୍କୁ ଦର୍ଶନ କରି ଫେରିବା ପରେ ଦିଲ୍ଲୀ ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ଏବଂ ଉପବାଚସ୍ପତି ମୋହନ ସିଂ ବିଷ୍ଟ ବୁଧବାର ଶ୍ରୀମନ୍ଦିର ନିକଟରେ ଭକ୍ତଙ୍କୁ ଟଙ୍କତୋରାଣି ବାଣ୍ଟୁଛନ୍ତି।

## ଗ୍ୟାସ୍ ସିଲିଣ୍ଡର, ଔଷଧ ଦର ବୃଦ୍ଧିକୁ ବିରୋଧ

ପୁରୀ,୧୬।୪(ଅଜିତ୍ କୁମାର ମହାନ୍ତି)

ଗ୍ୟାସ୍ ସିଲିଣ୍ଡର ଏବଂ ଔଷଧ ଦର ବୃଦ୍ଧିକୁ ବିରୋଧ କରି ସିପିଆଇ(ଏମ୍) ପକ୍ଷରୁ ବୁଧବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ର ସରକାର ଗ୍ୟାସ୍ ସିଲିଣ୍ଡର ଦର ୫୦ଟଙ୍କା ବଢାଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକେଟ୍ ଭରିଲେ। ସେହିପରି ଜୀବନ ରକ୍ଷାକାରୀ ଔଷଧ ଦର ବଢାଇ ଫାର୍ମା କମ୍ପାନୀଗୁଡ଼ିକ ପାଇଁ ଭଣ୍ଡାର ଖୋଲିଦେଉଛନ୍ତି। ଦେଶର ବହୁ ଲୋକ ବେରୋଜଗାର ଥିବାବେଳେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ୍ ବଢି ଚାଲିଛି। ତା'ଉପରେ ସରକାରଙ୍କ ଅଙ୍କୁଶ ନାହିଁ ବୋଲି ସିପିଆଇ(ଏମ୍) ଅଭିଯୋଗ କରିଛି। ବିକ୍ଷୋଭରେ ଦଳର ସମ୍ପାଦକ ଜଗନ୍ନାଥ ଦେଓ, ସମ୍ପାଦକ ମଣ୍ଡଳୀ ସଭ୍ୟ ଭୀମସେନ ସ୍ୱାଇଁ, ସୁରେନ୍ଦ୍ର ଜେନା, ବାନବସିନି ମହାପାତ୍ର, କାଶୀନାଥ ବେହେରା, ଗୋବିନ୍ଦ ନାୟକ, ସୁନିଲ ମହାରଣା, ଧନେଶ୍ୱର ସ୍ୱାଇଁ, ଟୁନା ନାୟକ ପ୍ରମୁଖ ସାମିଲ ଥିଲେ। ଶ୍ରମ କୋଡ୍ ଲାଗୁ ପ୍ରତିବାଦରେ ଆସନ୍ତା ମେ ୨୦ରେ ଦେଶବ୍ୟାପି ସାଧାରଣ ଧର୍ମଘଟ ହେବ।

# ସମିତିସଭ୍ୟ ଅନୁଦାନ ଅର୍ଥକୁ ନେଇ ପାଟିତୁଣ୍ଡ

କଣାସ,୧୬।୪(ବିଭୂତି ଭୂଷଣ ତ୍ରିପାଠୀ)

### କଣାସ ପଞ୍ଚାୟତ ସମିତିର ଦଶମ ବୈଠକ

■ ୧୭ ବିଦ୍ୟାଳୟରେ ଅଛନ୍ତି ଜଣେ ଲେଖାଏ ଶିକ୍ଷକ

■ ୭ ବର୍ଷ ହେଲା ସରୁନି ଟୁପୁରିଙ୍ଗି ପାନୀୟଜଳ ପ୍ରକଳ୍ପ

କଣାସ ପଞ୍ଚାୟତ ସମିତିର ଦଶମ ବୈଠକ ବୁଧବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତିସଭ୍ୟ ଅନୁଦାନ ଅର୍ଥକୁ ନେଇ ବୈଠକରେ ପାଟିତୁଣ୍ଡ ହୋଇଥିବାବେଳେ ବିଭିନ୍ନ ସ୍କୁଲରେ ଶିକ୍ଷକ ଅଭାବ ଓ ପାନୀୟଜଳ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗଦେଇଥିଲେ।

ପ୍ରଥମେ ପୂର୍ବ ଅଧିବେଶନର ବିବରଣୀ ପାଠ କରାଯିବା ପରେ ୨୦୨୧-୨୨ ମସିହାର ସମିତିସଭ୍ୟ ଅନୁଦାନ ଅର୍ଥ ୨୮ଟି ପଞ୍ଚାୟତ ବଦଳରେ ୫ଟି ପଞ୍ଚାୟତକୁ ଦିଆଯାଇଥିବାରୁ କେତେଜଣ ସରପଞ୍ଚ ଓ ସମିତି ସଭ୍ୟ ଏହାକୁ ବିରୋଧ କରିଥିଲେ। ଆମକୁ ସେହି ପରିମାଣର ଅର୍ଥ ଦିଆଯାଉ ବୋଲି କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଦାବି କରିବାରୁ ଗଡ଼ଖାରଦ ସରପଞ୍ଚ ଓ ଦେଇପୁର ସମିତିସଭ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇ ଜୋରସୋରରେ ପାଟିତୁଣ୍ଡ ହୋଇଥିଲା। ବିଧାୟକ ମିଶ୍ର ସମସ୍ତଙ୍କୁ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ନିବେଦନ କରିବା ପରେ ଗୃହ ଶାନ୍ତ ପଡ଼ିଥିଲା। ପାନୀୟଜଳ ଅଭାବକୁ ନେଇ କେତେଜଣ ସରପଞ୍ଚ ଓ ସମିତିସଭ୍ୟ ପ୍ରଶ୍ନ କରିବାରୁ କେଉଁ କେଉଁ ପଞ୍ଚାୟତରେ କେତୋଟି ନଳକୂପ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଛି ସେ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ସୂଚନା ଦେଇଥିଲେ। କଣାସ ବ୍ଲକକୁ ପାନୀୟଜଳ ଯୋଗାଇବା ପାଇଁ ଟୁପୁରିଙ୍ଗିଠାରେ ୨୦୧୮ ମସିହାରୁ ମେଗା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇପାରିନାହିଁ। ଦୀର୍ଘ ୭ବର୍ଷ ଧରି କକ ସବୁ କାର୍ଯ୍ୟ ହୋଇଛି ବିଧାୟକ ମିଶ୍ର ପଚାରିବାରୁ ସହକାରୀ ଯନ୍ତ୍ରୀ ସାମନ୍ତରାୟ ତଥ୍ୟ ଦେଇଥିଲେ। ତେବେ ଏଥିରେ ବିଧାୟକ ମିଶ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ୧୭ଟି ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଥିବାରୁ ପାଠପଢ଼ା ବ୍ୟାହତ ହେଉଥିବା ସରପଞ୍ଚମାନେ ଅଭିଯୋଗ କରିବା ସହ ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୮ଟି ପଞ୍ଚାୟତରେ ୮ଟି ଗୋଦାବରୀଶ ବିଦ୍ୟାଳୟ ନିର୍ମାଣ ହେବ ବୋଲି ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ସୂଚନା ଦେଇଥିଲେ। ୫-ଟି ସ୍କୁଲ ନିର୍ମାଣ ପାଇଁ ରାଜ୍ୟ ସରକାର ୫୫ ଲକ୍ଷ ଟଙ୍କା ଦେଇଥିବାବେଳେ ସମିତି ଶେୟାରରୁ କେତେକ ସ୍କୁଲକୁ ବ୍ଲକ କନିଷ୍ଠ ଯନ୍ତ୍ରୀମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ଦିଆଯାଇ ଆତ୍ମସାତ୍ କରାଯାଇଥିବା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ ଅଭିଯୋଗ ଆଣି ତଦନ୍ତ ପାଇଁ ଦାବି କରିଥିଲେ। ପୂର୍ବତନ ବିଡିଓ ଦୂର ବ୍ୟାଙ୍କରେ ଟଙ୍କା ରଖି ତୋଷରପାତ କରିଥିବା ସେ ଅଭିଯୋଗ କରିଥିଲେ। କେତେକ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ବୈଠକରେ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜନପ୍ରତିନିଧିମାନେ ଦାବି କରିଥିଲେ। ବୈଠକରେ ଜିଲାପରିଷଦ ସଭ୍ୟା ଲତାମଣି ଜଗଦେବ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଏବିଡିଓ ମଙ୍ଗଳସିଂ ହେମ୍ବ୍ରମ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଥାନା ଆଇଆଇସି ପ୍ରଦୀପ କୁମାର ଝୁଝାରସିଂ, ଗଡ଼ିଶାଗୋଦା ଆଇଆଇସି ଦୁର୍ଗାଚରଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ।



ବୈଠକରେ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି।

# ଇଡି ଏବେ ମୋଦିଙ୍କ କମ୍ପାନୀ : ଭକ୍ତ

## ଇଡି କାର୍ଯ୍ୟାଳୟ ଘେରିଲା କଂଗ୍ରେସ



ରାଜ୍ୟ କଂଗ୍ରେସ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟକୁ ଘେରାଉ କରାଯାଇଛି।

ଭୁବନେଶ୍ୱର,୧୬।୪(ରବିନାରାୟଣ ଜେନା)

ନ୍ୟାଶନାଲ ହେରାଲ୍ଡ ମାମଲାରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ପକ୍ଷରୁ ଅଭିଯୋଗପତ୍ର ଦାଖଲକୁ ନେଇ କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏଆଇସିସିର ଆହ୍ୱାନକ୍ରମେ ବୁଧବାର ପୂର୍ବାହ୍ନ ୧୧ଟାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କାର୍ଯ୍ୟାଳୟ ଘେରାଉ କରାଯାଇଛି।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଇଡି କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ଇଡି ଏବେ ମୋଦିଙ୍କ କମ୍ପାନୀ ହୋଇଯାଇଛି। ମିଥ୍ୟା ମାମଲାରେ କଂଗ୍ରେସ ନେତୃବୃନ୍ଦଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରିଛି। ହେଲେ ସେ ସଫଳ ହୋଇପାରିବନାହିଁ। ମୋଦି ଓ ଶାହାଙ୍କ ନିର୍ଦ୍ଦେଶରେ ଇଡି ଏକ ମିଛ ମାମଲାରେ ଅଭିଯୋଗପତ୍ର ଦାଖଲ କରିଛି। ଏହା ସମସ୍ତ ଆଇନକାନୁନ୍ ବ୍ୟବସ୍ଥାର ଖୋଲାଖୋଲି ଉଲ୍ଲଂଘନ। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ନ୍ୟାଶନାଲ ହେରାଲ୍ଡ ସମ୍ପତ୍ତି ଓ ଅର୍ଥ ହେର୍‌ଫେର୍ କଥା କୁହାଯାଉଛି, ପ୍ରକୃତରେ ଏହି ଘଟଣାରେ ଏକ ଟଙ୍କାର କାରବାର ହୋଇନାହିଁ । ୟଙ୍ଗ୍ ଇଣ୍ଡିଆ କମ୍ପାନୀ ଏକ ବିନା ଲାଭକାରୀ କମ୍ପାନୀ। ଯଦି ୧ ଟଙ୍କାର କାରବାର ହୋଇନାହିଁ ଏବଂ କୌଣସି ସମ୍ପତ୍ତି ହସ୍ତାନ୍ତର ହୋଇନାହିଁ, ତା'ହାଲେ ଅର୍ଥ ହେର୍‌ଫେର୍ କଥା ଆସିଲା କେଉଁଠୁ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।

ସେ କହିଥିଲେ, ଏହି କମ୍ପାନୀ ଦ୍ୱାରା ନବଜୀବନ ପତ୍ରିକା ଓ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶିତ ହେଉଥିଲା। ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାକୁ ଦେଶର ଜନସାଧାରଣ ଓ ବିଦେଶରେ ଥିବା ଲୋକମାନଙ୍କ ପାଖରେ ପହଞ୍ଚାଇବା ଥିଲା ଏହି ଖବରକାଗଜର ମୂଳ ଉଦ୍ଦେଶ୍ୟ। ଏଥିପାଇଁ ନେହେରୁ ନିଜର ପୈତୃକ ଜାଗାକୁ ଲକ୍ଷ୍ନୌଠାରେ ପତ୍ରିକା ପ୍ରକାଶନ ପାଇଁ ଦେଇଥିଲେ। ମାତ୍ର ଏହାକୁ ନେଇ କେନ୍ଦ୍ର ସରକାର ଷଡ଼ଯନ୍ତ୍ର ରଚିଛନ୍ତି। ଏହାର ପ୍ରତିବାଦରେ ଆଗକୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ୍, ସୁରେଶ କୁମାର ରାଉତରାୟ, ନକୁଳ ନାୟକ, ଜଗନ୍ନାଥ ପଟ୍ଟନାୟକ, ଶିବାନନ୍ଦ ରାୟ ପ୍ରମୁଖ ଯୋଗଦେଇ ଭାଜପା ସରକାରଙ୍କ ଇଡି ଅପବ୍ୟବହାରକୁ ନେଇ ନିନ୍ଦା କରିଥିଲେ।

# ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଲାଗି ଧାରଣା ଦେଉଛି କଂଗ୍ରେସ: ମନମୋହନ

ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)



ମନମୋହନ ସାମଲ

'ଧାରଣା ଦେବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ଦେଶର ସମ୍ପତ୍ତି, ଜମି ଓ ଧନ ଲୁଟ କରିବାର ଅଧିକାର କାହାକୁ ଦିଆଯାଇନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କଂଗ୍ରେସ ଅତ୍ୟନ୍ତ ନିର୍ଲଜ କାମ କରୁଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ୫ ହଜାରରୁ ଊର୍ଦ୍ଧ୍ୱ ଦେଶଭକ୍ତ ଓ କ୍ରାନ୍ତିକାରୀଙ୍କ ଆର୍ଥିକ ସହଯୋଗରେ ୧୯୩୭ରେ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶନ ଆରମ୍ଭ ହୋଇଥିଲା। ଏହା କେବଳ ନେହେରୁ ପରିବାରର ବ୍ୟକ୍ତିଗତ ଅଫିସ ନ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ୯୦ କୋଟି ଟଙ୍କାର ଆର୍ଥିକ ଋଣ ଦେଖାଇ ୨୦୦୮ରେ ଏହାକୁ ବନ୍ଦ କରିଦିଆଗଲା। ମାତ୍ର ୫୦ ଲକ୍ଷ ଟଙ୍କା ଦେଇ ଏହି ସଂସ୍ଥାର ସମସ୍ତ ସମ୍ପତ୍ତି ୟଙ୍ଗ୍ ଇଣ୍ଡିଆ ସଂସ୍ଥାକୁ ଦିଆଗଲା। ଏହାର ୩୮% ଅଂଶ ସୋନିଆ ଗାନ୍ଧୀ ଏବଂ ୩୮% ଅଂଶ ରାହୁଲ ଗାନ୍ଧୀଙ୍କର ଥିଲା। ଅର୍ଥାତ୍ ମାତ୍ର ୫୦ ଲକ୍ଷ ଟଙ୍କା ବିନିମୟରେ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତିକୁ ନିଜ ନାମରେ କରିଦିଆଗଲା ବୋଲି ସେ କହିଛନ୍ତି।

ମନମୋହନ କହିଛନ୍ତି, ଗତ ୪ ବର୍ଷ ଧରି ନ୍ୟାଶନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି। କୋର୍ଟରେ ସନ୍ତୋଷଜନକ ତଥ୍ୟ ଉପସ୍ଥାପନ ପରିବର୍ତ୍ତେ କଂଗ୍ରେସ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରୁଛି। ଆସନ୍ତା ୨୧ରେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଥିବାରୁ କଂଗ୍ରେସ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ପ୍ରସଙ୍ଗରୁ ଦୃଷ୍ଟି ହଟାଇବାକୁ ଚେଷ୍ଟା କରୁଛି ବୋଲି ମନମୋହନ କହିଛନ୍ତି।

# ଶ୍ରୀକାନ୍ତଙ୍କ ଘରକୁ ଅଖିଳେଶଙ୍କ ଆସିବା ନେଇ ରାଜନୀତି

ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)

- ଏସ୍‌ପିରେ ମିଶିବା ଚର୍ଚ୍ଚା ଭୁଲ୍: ଶ୍ରୀକାନ୍ତ
- ଡକାଇଥିଲେ, କାମ ବ୍ୟସ୍ତ ଯୋଗୁ ଯାଇପାରିଲିନି: ଭକ୍ତ

ସମାଜବାଦୀ ପାର୍ଟି(ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିବା ଆରମ୍ଭ ହୋଇଛି। ଅଖିଳେଶ ଭୁବନେଶ୍ୱର ଆସି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ସାମାଜିକ ନ୍ୟାୟ ଉପରେ ଖବରଦାତା ସମ୍ମିଳନୀ କରିଛନ୍ତି। ଏହି ଅବସରରେ ଶ୍ରୀକାନ୍ତ ଜେନାଙ୍କ ସହ ଦିଲ୍ଲୀରେ ଦେଖାହୋଇଥିଲା, ତାଙ୍କ କଥା ମନକୁ ପାଇଛି ବୋଲି ଅଖିଳେଶ କହିଛନ୍ତି। ଏସ୍‌ପି ଏବେ ଇଣ୍ଡିଆ ମେଣ୍ଟରେ ଥିବାବେଳେ ଅଖିଳେଶ ଓଡ଼ିଶା ଆସିବା ବେଳକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ନ ରହିବା ଏବଂ ଶ୍ରୀକାନ୍ତଙ୍କ ଦୀର୍ଘଦିନର ଦାବିକୁ ଉଠାଇ ଖବରଦାତା ସମ୍ମିଳନୀ କରିବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ଆରମ୍ଭ ହୋଇଛି। ହେଲେ ଭକ୍ତ ଦଳୀୟ କାର୍ଯ୍ୟକ୍ରମ ଥିବା ଯୋଗୁ ଅଖିଳେଶଙ୍କୁ ଭେଟିପାରି ନ ଥିବା କହିଛନ୍ତି। ଅନ୍ୟପଟେ ଅଖିଳେଶଙ୍କ ଦଳରେ ଶ୍ରୀକାନ୍ତ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହାକୁ ଶ୍ରୀକାନ୍ତ ଖଣ୍ଡନ କରିଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀକାନ୍ତ କହିଛନ୍ତି, କଂଗ୍ରେସରେ ସେ ଅଛନ୍ତି ଆଉ ରହିବେ। ସମାଜବାଦୀ ପାର୍ଟିରେ ମିଶିବା ନେଇ ଚାଲିଥିବା ଚର୍ଚ୍ଚା ଭୁଲ୍ କଥା। ଓଡ଼ିଶାରେ ସାମାଜିକ ନ୍ୟାୟ ପାଇଁ ଲଢ଼େଇ ଜୋର୍‌ଦାର ହେବ। ଜାତିଗତ ଜନଗଣନା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିସାରିଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି।

ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଅଖିଳେଶ ଯାଦବ ଇଣ୍ଡିଆ ମେଣ୍ଟରେ ଅଛନ୍ତି। ତାଙ୍କର ଯେଉଁ ପୁରୁଣା ଜଣାଶୁଣା ଲୋକ ଥିଲେ ସେମାନଙ୍କୁ ଭେଟିବାକୁ ଆସିଛନ୍ତି। ତାଙ୍କୁ ମଧ୍ୟ ଦେଖାହେବା ଲାଗି ଡକାଇଥିଲେ। କାର୍ଯ୍ୟ ବ୍ୟସ୍ତତାରୁ ଯାଇପାରିଲେ ନାହିଁ ବୋଲି ଭକ୍ତ କହିଛନ୍ତି।

# ୱାକ୍‌ଫ ବିଲ୍: ୨୦ରୁ ୧୫ ଦିନ ରାଜ୍ୟବ୍ୟାପୀ ଜନଜାଗରଣ କରିବ ଭାଜପା




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ସମୀର ଓରାମ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬।୪(ସୁନିତ୍ ମିଶ୍ର)

ଏପ୍ରିଲ ୨ରେ ପାର୍ଲାମେଣ୍ଟରେ ୱାକ୍‌ଫ ବିଲ୍ ପାରିତହୋଇଛି। ଏହି ଐତିହାସିକ ନିଷ୍ପତ୍ତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଉକ୍ତ ବିଲ୍ ପାରିତହେବା ଫଳରେ ୱାକ୍‌ଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତ୍ତିକୁ ରକ୍ଷା କରାଯାଇପାରିବ। ୱାକ୍‌ଫ ବିଲ୍ ପାରିତହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢ଼ିପାରିବେ। ଏ ସମ୍ପର୍କରେ ଓଡ଼ିଶାର ୩୩ଟି ଜନଜାତି ବହୁଳ ବିଧାନସଭା ମଣ୍ଡଳୀ ସମେତ ରାଜ୍ୟବ୍ୟାପୀ ଜନଜାଗରଣ ସୃଷ୍ଟି କରାଯିବ। ଏହି କାର୍ଯ୍ୟକ୍ରମ ୨୦ ଏପ୍ରିଲରୁ ମେ ୫ ପର୍ଯ୍ୟନ୍ତ ଚାଲିବ ବୋଲି ଭାଜପା ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷ ସମୀର ଓରାମ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଏହି ବିଲ୍ ପାରିତ କରିଥିବାରୁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଧନ୍ୟବାଦ। ଓଡ଼ିଶା, ମହାରାଷ୍ଟ୍ର, ତେଲଙ୍ଗାନା, ଗୁଜରାଟ, ଝାଡ଼ଖଣ୍ଡ ଭଳି ଜନଜାତି ବହୁଳ ରାଜ୍ୟବାସୀମାନେ ବିଶେଷ ଲାଭାନ୍ୱିତ ହେବେ। ଏହି ସଂଶୋଧନ ବିଲ୍ ବିଷୟରେ ବୁଝାଇବାକୁ ଲୋକଙ୍କ ପାଖକୁ ଭାଜପା ଯିବ। ୱାକ୍‌ଫ ଅଧୀନରେ ପର୍ଯ୍ୟାପ୍ତ ପରିମାଣର ସମ୍ପତ୍ତି ଥାଇ ମଧ୍ୟ କଂଗ୍ରେସ କେବେହେଲେ ଗରିବ ଲୋକଙ୍କ ଉତ୍‌ଥାନ କଥା ଚିନ୍ତାକରି ନ ଥିଲା। ମୁସଲିମ୍ ସମୁଦାୟ ଲୋକଙ୍କୁ ସମାଜର ମୁଖ୍ୟ ଧାରାରେ ଆଣିବା ପାଇଁ ଚେଷ୍ଟା ନ କରି କେବଳ ଭୋଟବ୍ୟାଙ୍କ ଭଳି ସେମାନଙ୍କୁ ବ୍ୟବହାର କରୁଥିଲା। ମୁସଲିମ ସମ୍ପ୍ରଦାୟର ଗରିବ, ଖଟିଖିଆ ଓ ମହିଳାଙ୍କୁ କେବେ ଆଗକୁ ଯିବାକୁ ୱାକ୍‌ଫ ବୋର୍ଡ ଦେଉ ନ ଥିଲା। ଏହା ସତ୍ତ୍ୱେ ୱାକ୍‌ଫ ବୋର୍ଡକୁ ଜମି ଲୁଣ୍ଠନର ଲାଇସେନ୍ସ କଂଗ୍ରେସ ଦେଇଥିଲା। କଂଗ୍ରେସର ଏହି ଲାଇସେନ୍ସକୁ ପ୍ରଧାନମନ୍ତ୍ରୀ ରଦ୍ଦ କରିଛନ୍ତି ବୋଲି ସମୀର କହିଛନ୍ତି।

## ଆଜି ସଭାପତି ପଦ ପାଇଁ ନାମାଙ୍କନ ଭରିବେ ନବୀନ

ଭୁବନେଶ୍ୱର,୧୬।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ପଦ ଲାଗି ନବୀନ ପଟ୍ଟନାୟକ ଗୁରୁବାର ନାମାଙ୍କନ ପତ୍ର ଦାଖଲ କରିବେ। ଦଳର ରିଟର୍ନିଂ ଅଫିସର ପ୍ରତାପ ଦେବଙ୍କୁ ସେ ତାଙ୍କର ନାମାଙ୍କନପତ୍ର ଦେବେ। ଏହି ଅବସରରେ ନବୀନଙ୍କ ସହ ଦଳର ବହୁ ବରିଷ୍ଠ ଏବଂ ଯୁବନେତା ସାମିଲ ହେବେ ବୋଲି ଜଣାପଡ଼ିଛି। ଦଳର ସଭାପତି ଭାବେ ନବୀନଙ୍କୁ ନିର୍ବାଚନ କରାଇବାକୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଛି। ସେହି କ୍ରମରେ ଦଳୀୟ ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ମଧ୍ୟ କରାଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସରେ ଏହି କାର୍ଯ୍ୟକ୍ରମ କରାଯିବା ନେଇ ଦଳ ଭିତରେ ନିଷ୍ପତ୍ତି ହୋଇଛି। ରାଜ୍ୟବ୍ୟାପୀ ବିଜେଡି ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ମଧ୍ୟ ପାଳନ କରାଯିବ। ଆସନ୍ତା ୧୯ରେ ନବୀନଙ୍କୁ ଦଳର ସଭାପତି ନେଇ ଘୋଷଣା କରାଯିବ। ବର୍ତ୍ତମାନ ସୁଦ୍ଧା ବିଜେଡି ୧୮ ଜିଲ୍ଲାର ସଭାପତିଙ୍କୁ ନିଯୁକ୍ତ କରିସାରିଛି। ଦଳର ସଭାପତି ଚୟନ ଲାଗି ଅତିକମ୍‌ରେ ୧୭ ଜଣ ଜିଲ୍ଲା ସଭାପତି ରହିବା ଦରକାର, ଯାହା ବିଜେଡି କରିସାରିଛି। ବାକି ୧୫ ସାଙ୍ଗଠନିକ ଜିଲ୍ଲାରେ ଦଳର ସହମତି ହୋଇପାରି ନ ଥିବାରୁ ଜିଲ୍ଲା ସଭାପତି ଘୋଷଣା ହୋଇପାରୁ ନ ଥିବା କୁହାଯାଉଛି।

# ନେହେରୁଙ୍କୁ ଅସମ୍ମାନ ବରଦାସ୍ତ କରାଯିବ ନାହିଁ : ପ୍ରସାଦ

ଭୁବନେଶ୍ୱର,୧୬।୪ (ରବିନାରାୟଣ ଜେନା)

ଓଡ଼ିଶା ପ୍ରତି ପଣ୍ଡିତ ଜବାହର ଲାଲ୍ ନେହେରୁଙ୍କ ଅବଦାନ କହିଲେ ସରିବ ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ତାଙ୍କର ନିବିଡ଼ତା ସମସ୍ତଙ୍କୁ ଜଣା। ହେଲେ ପୂର୍ବ ବିଜେଡି ସରକାର ଯେଉଁଭଳି ନେହେରୁଙ୍କୁ ଅସମ୍ମାନ କରୁଥିଲା ଏବର ଭାଜପା ସରକାର ମଧ୍ୟ ସମାନ ନୀତି ଆପଣାଇଛି ବୋଲି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି।

ବୁଧବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ଜବାହରଲାଲ୍ ନେହେରୁଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରସାଦ କହିଛନ୍ତି, ବିଜେଡି ସରକାର ୨୦୧୮ରେ ନେହେରୁ ଓ ଜୟପ୍ରକାଶ ନାରାୟଣଙ୍କ ପ୍ରତିକୃତି ସ୍ଥାପନ ପାଇଁ ଜମି ଚିହ୍ନଟ ଆଳ ଦେଖାଇ ରହିଯାଇଥିବାବେଳେ ଭାଜପା ସରକାର ସେମାନଙ୍କ ଜନ୍ମ କି ତିରୋଧାନ ଦିବସରେ ଫୁଲଟିଏ ବି ଦେଉନାହିଁ। ତେବେ ବିଜେଡିର କଟକ ଏମ୍‌ପି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ନେହେରୁଙ୍କ ଭଳି ଜଣେ ମହାନ୍ ପୁରୁଷଙ୍କ ସହ ଭି. କେ. ପାଣ୍ଡିଆନଙ୍କୁ ତୁଳନା କରିବାର ଦୁଃସାହସ କରିଛନ୍ତି। ଏହାକୁ କଂଗ୍ରେସ ଆଦୌ ବରଦାସ୍ତ କରିବ ନାହିଁ। କଂଗ୍ରେସ ପକ୍ଷରୁ ଦିଆଯାଇଥିବା ନବୀନନିବାସ ଘେରାଉ ଡାକରାକୁ ଜୋର୍‌ଦାର କରାଯିବ ବୋଲି ପ୍ରସାଦ କହିଛନ୍ତି।

## 'ଶଙ୍ଖ ଭବନ' ପଛରେ ଥିଲା ନବୀନ ହଟାଅ ଷଡ଼ଯନ୍ତ୍ର : ଜଗଦ୍ଦେବ

ଖୋର୍ଦ୍ଧା,୧୬।୪(ପ୍ରଭାତ ପାଣିଗ୍ରାହୀ)

ଶଙ୍ଖ ଭବନର ଗୁମର ଖୋଲିଛନ୍ତି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁରେ ନାମିତ ବିଜୁ ଜନତା ଦଳର କାର୍ଯ୍ୟାଳୟ କାହିଁକି 'ଶଙ୍ଖ ଭବନ' ଲେଖାଗଲା, ଏହା ପଛରେ ବଡ଼ ରହସ୍ୟ ରହିଛି ବୋଲି ବୁଧବାର ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଗଦ୍ଦେବ କହିଛନ୍ତି। ପ୍ରଥମେ ବିଜୁ ପଟ୍ଟନାୟକ ଓ ପରେ ନବୀନ ପଟ୍ଟନାୟକଙ୍କୁ ହଟାଇ ଦଳର ନେତୃତ୍ୱକୁ ଜଣେ ବ୍ୟକ୍ତି ନିଜ ଅକ୍ତିଆରକୁ ନେବା ପାଇଁ ଷଡ଼ଯନ୍ତ୍ର କରିଥିଲେ ବୋଲି ଜଗଦ୍ଦେବ ଅଭିଯୋଗ ଆଣିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ବିଜୟଲାଭ କରିଥିଲେ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। ନବୀନଙ୍କୁ ଆଗରେ ରଖି ଜଣେ ବ୍ୟକ୍ତି ଶାସନଭାର ନିଜ ହାତକୁ ନେବା ପାଇଁ ମସୁଧା କରୁଥିଲେ, ମାତ୍ର ବିଜେଡି ନିର୍ବାଚନ ହାରିଗଲା ବୋଲି ଜଗଦ୍ଦେବ କହିଛନ୍ତି।


**ପୂର୍ବତଟ ରେଳପଥ**

Tender Notice No.: 06/ET/SBP/ENGG/2025-26, ତା.08.04.2025 ରିଖ

କାର୍ଯ୍ୟର ନାମ: ସମ୍ବଲପୁର ଡିଭିଜନର ଝାରସୁଗୁଡା ଜଙ୍କସନ୍-ସମ୍ବଲପୁର ସେକ୍ସନରେ ରେଙ୍ଗାଲି-ଶାସନ ଷ୍ଟେସନ ଗୁଡିକରେ LC NO. JT-18ର ବନ୍ଦ ସହିତ LC NO. JT-19 ପରିବର୍ତ୍ତେ LC NO.JT-18 ର 547/12 କିମିରୁ LHS ଆଡକୁ 310 ମିଟର ଦୈର୍ଘ୍ୟ ଡାଇଭର୍ସନ ରୋଡ୍ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.1,01,67,161.25

ବିଡ୍ ସିକ୍ୟୁରିଟି: ଟ.2,00,900/-, କାର୍ଯ୍ୟସମାପ୍ତିର ଅବଧି: 6(ଛଅ)ମାସ

(2) Tender No.: 09-eT-DENE-SBP-25

କାର୍ଯ୍ୟର ନାମ: ସମ୍ବଲପୁର ଡିଭିଜନର ଝାରସୁଗୁଡା ରୋଡ୍-ସମ୍ବଲପୁର ସିଟି-କେରେଜଙ୍ଗା ସେକ୍ସନରେ ଚଳାଚଳ ବନ୍ଦ କରିବା ପାଇଁ 527/6-7 B/W କିମି ବୃନ୍ଦାମାଳ-ଲପଙ୍ଗ, 552/12-14, B/W କିମି ସର୍ଲା-ଶାସନ ଏବଂ 111/7-8 B/W ହଣ୍ଡପା-ବୋଇଣ୍ଡା କିମି ସବୱେ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.16,27,47,625.23

ବିଡ୍ ସିକ୍ୟୁରିଟି: ଟ.9,63,800/-, କାର୍ଯ୍ୟ ସମାପ୍ତିର ଅବଧି : 8 (ଆଠ) ମାସ

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା. 01.05.2025 ରିଖ 1500 ଘଡିକାରେ (ସମସ୍ତ ଟେଣ୍ଡର ନିମନ୍ତେ)

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବାପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ୱେବସାଇଟ୍ : www.ireps.gov.in

ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଞ୍ଜିନିୟରିଂ) ଖୋର୍ଦ୍ଧା ରୋଡ୍

PR-39/Q/25-26



**SHREE JAGANNATH TEMPLE OFFICE, PURI**

RFP Identification No. 01/Gen./2025 Memo 5342 Dt.15.04.25 in Single stage two Cover System for "Comprehensive Facility Management Service (CFMS)" for 4 Nos. of Bhakta Niwas of SJTA, Puri.

Visit Website: **www.shreejagannatha.in**

**Last date: 15.05.2025 by 5.00 P.M.**

Sd./- Administrator
Shri Jagannath Temple, Puri



**OFFICE OF THE REGULATED MARKET COMMITTEE, NARASINGHPUR**

No. 115 Dt.15.04.2025

**e-Procurement Notice**

Organization Chain-Odisha State Agricultural Marketing Board/RMC Narasinghpur

e-Procurement No. RMC/NARASINGHPUR-02/2024-25

1. The Sub-Collector, Athgarh-cum-Chairman, R.M.C., Narasinghpur invites percentage rate bids in double cover system (Technical Bid & Price Bid) in ONLINE MODE from eligible contractors for "Construction of Office building and 50MT Godowns at different PACS under Athgarh Sub-Divisional area under RMC Narasinghpur".
2. Nature of work : Civil Construction works as per DTCN.
3. No. of works : 04 (Four)
4. Tender Paper Cost : Rs.10,000/-
5. Class of Contractor : "A" & "B"
6. Availability of bid documents in the website : From 10.00 A.M. of 17.04.2025 to 5.00 P.M. of 06.05.2025
7. Date of Opening of Bid : Dt.07.05.2025 at 12.00 P.M.

The bidders have to participate in ONLINE bidding only. Further details can be seen from the website: **http://www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Sub-Collector, Athgarh-cum-Chairman
RMC Narasinghpur



**कार्यपालक अभियंता का कार्यालय,**
पथ निर्माण विभाग, पथ प्रमण्डल, धनबाद।

**ई–प्रोक्योरमेंट सूचना**

ई–निविदा (1st Call) निविदा सूचना सं0–RCD /DHANBAD/606/2025-26
दिनांक : 16.04.2025

| | | |
|---|---|---|
| 1. | कार्य का नाम | पथ प्रमण्डल, धनबाद अन्तर्गत "IRQP work of Bus Stand to Polic e Line via Housing Colony Road (Length - 1.10 km), Housing Colony Road (Length - 2.80 km) and Dhanbad Link Road (Length -1.50 km) (कुल लम्बाई– 5.40 कि0मी0) कार्य" (वित्तीय वर्ष 2025–26)। |
| 2. | प्राक्कलित राशि (रू0) | रू0 4,31,73,569/– |
| 3. | कार्य पूर्ण करने की अवधि | 2 माह |
| 4. | ई–निविदा प्राप्त करने की अंतिम तिथि एवं समय | 23.05.2025 के पूर्वाह्न 12.00 बजे तक |
| 5. | ई–निविदा का बेबसाईट पर प्रकाशन की तिथि एवं समय | 23.04.2025 के पूर्वाह्न 10.30 बजे से |
| 6. | ई–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 0326–2313368 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विस्तृत जानकारी **http://jharkhandtenders.gov.in** पर देखी जा सकती है।

PR 350512 Road (25-26)D

कार्यपालक अभियंता,
पथ निर्माण विभाग, पथ प्रमण्डल, धनबाद।



**ODISHA PUBLIC SERVICE COMMISSION**

**NOTICE**

No. 2389/P.S.C. (1E-01-2025-26) (DR-II) Dt.15.04.25

No. D-12: It is for information of all concerned that, the Commission have decided to conduct the Main Examination of **Assistant Executive Engineer (Civil)**, under the P.R. & D.W. Department pursuant to Advertisement No. 33 of 2023-24, in 03 zones of the State i.e. Bhubaneswar, Cuttack & Sambalpur.

The concerned candidates are advised to visit the website of the Commission **(www.opsc.gov.in)** regularly for further updates in this regard.

**PROGRAMME OF EXAMINATION**

| Date | Session | Paper | Time |
|---|---|---|---|
| 11.05.2025 (Sunday) | 1st Session | Paper - I (General Studies) | 9.30 A.M. to 12.00 Noon (9.30 A.M. to 12.50 P.M. for PWD Candidates) |
| | 2nd Session | Paper - II (Specialized Paper - Civil Engg.) | 2.00 P.M. to 4.30 P.M. (2.00 P.M. to 5.20 P.M. for PWD Candidates) |

OIPR-12002/11/0188/2526 Sd./- Secretary



**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-04-25

କାର୍ଯ୍ୟର ବିବରଣୀ: ପାଞ୍ଚ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ଷ୍ଟେସନଗୁଡ଼ିକଠାରେ ଘରୋଇ ଦୋକାନ, ୟୁନିୟନ କାର୍ଯ୍ୟାଳୟ, କ୍ଲବ୍, ସଂସ୍ଥା ସମୂହ ଇତ୍ୟାଦିରେ ସଂସ୍ଥାପିତ ପ୍ରିପେଡ୍ ମିଟରିଂ ସିଷ୍ଟମ ନିମନ୍ତେ ପ୍ରତି ମିଟର ପ୍ରତ୍ୟେକ ବ୍ୟବହାରକାରୀ ବିକ୍ରୟ କାରବାର (Vending transaction) ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି (AMC)/ବାର୍ଷିକ ଶୁଳ୍କ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 14,66,832.50, EMD (ଟଙ୍କାରେ): 29,300/-।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-05-25

କାର୍ଯ୍ୟର ବିବରଣୀ: ତାଳଚେର ରେଳ ଷ୍ଟେସନଠାରେ ରିଙ୍ଗ୍ ମେନ୍ ଆରେଞ୍ଜମେଣ୍ଟ (Ring main arrangement) ର ବ୍ୟବସ୍ଥା ସହିତ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାର ଉନ୍ନୟନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,08,63,177.19, EMD (ଟଙ୍କାରେ): 2,54,300/-।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-06-25

କାର୍ଯ୍ୟର ବିବରଣୀ: ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ଦ୍ୱାରା ଟମକା, ନୟାଗଡ଼, ପର୍ଜନପୁର, ଗୋଆଲଡିହ ଏବଂ ଧାନମଣ୍ଡଳ ଗୁଡ୍‌ସ ସେଡ୍‌ର ଉନ୍ନୟନ ସମ୍ବନ୍ଧୀୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 4,71,11,654.39, EMD (ଟଙ୍କାରେ): 3,85,600/-।

(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-07-25

କାର୍ଯ୍ୟର ବିବରଣୀ: ମୌଳିକ ସୁବିଧା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ଦ୍ୱାରା କପିଳାସ ରୋଡ୍, କଟକ, ନିର୍ଗୁଣ୍ଡି, ଜଗନ୍ନାଥପୁର ଗୁଡ୍‌ସ ସେଡ୍‌ର ଉନ୍ନୟନ ସମ୍ବନ୍ଧୀୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 3,28,14,561.37, EMD (ଟଙ୍କାରେ): 3,14,100।

ଶେଷ ହେବା ଅବଧି : 60 ମାସ (କ୍ରମ ସଂ.1 ନିମନ୍ତେ) ଏବଂ 06 ମାସ (କ୍ରମ ସଂ.2, 3 ଏବଂ 4 ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.30.04.2025 ରିଖ 1500 ଘଡିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G), ଖୋର୍ଦ୍ଧା ରୋଡ୍

PR-36/Q/25-26



**STATE HIGHWAYS AUTHORITY OF JHARKHAND**
**Government of Jharkhand**

e-procurement Notice inviting RFP (3rd Call)
for
Engineering, Procurement & Construction (EPC)

**Ref No: SHAJ/Tech/Patratu/Nalkari River Bridge/2024/378 Date:16.04.2025**

1. State Highways Authority of Jharkhand, Ranchi invites Request for Proposal for Engineering Procurement & Construction basis from eligible bidders for **"Construction of H. L. Bridge over Nalkari River under Patratu Block in Ramgarh District" in the State of Jharkhand.** The approximate cost of the work is Rs. **9.27** Crore.
2. The interested bidders who have experience in execution of similar works and required technical & financial strength may obtain Request for Proposal (RFP) document for Engineering, Procurement & Construction document from e-tendering portal www.jharkhandtenders.gov.in from **21.04.2025 (03:00 P.M.) to 06.05.2025 (upto 12:30 P.M.).**

The complete RFP Application shall be submitted online by **06.05.2025 (upto 12:30 PM)** on e-tendering portal www.jharkhandtenders.gov.in All the details regarding this RFP will be available on the above mentioned website. It will opened on **07.05.2025 (at 12:30 PM).**

3. The contractors are required to submit non-refundable **Tender Fee** of Rs. 50,000/- (Rs. Fifty thousand only) & **Bid Security (EMD)** of Rs. 9.27 Lakh (Rs. Nine Lakhs Twenty Seven Thousand) only. Tender fees and Earnest money Deposit(EMD) shall be deposited online as per Information technology & E-Governance Department order no 120 dated 03.10.2023.
4. **The cost of the work and Bid Security (EMD) may change.**

**Sd/-Member (Technical)**
**State Highways Authority of Jharkhand**
**Deen Dayal Nagar (Near Office of Executive Engineer, NH Division, Ranchi)**
**Booty Road, Ranchi-834008. Ph.: 0651-2361306,**
**E-mail: membertechnical.shaj3@gmail.com**

PR 350456 (State Highway Authority of Jharkhand)25-26*D



**GOVERNMENT OF ODISHA** No. A-40
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER**
**DEO IRRIGATION PROJECT, KARANJIA**
At/P.O.: Karanjia, Dist.: Mayurbhanj - 757037
Tel.: 06796-296144, e-mail: cce.dip.dowr@gmail.com

**"e" Procurement Notice**

**Bid Identification No. 01/CCEDIP of 2025-26**

Name of Work : As per Detailed Tender Call Notice
Total No. of Packages : 01 (One) No. of Individual Work
Estimated Cost of Package : 253.81 Lakhs
Period of Completion : 9 (Nine) Calendar Months (Execution) and AMC for five years after completion of one year warranty period.
Class of Contractor : Registered & Licenced authorize dealer / agencies / eligible manufacturer having certificate carried out similar nature of work as per specification/ bidders registered with M/s. AIMIL Ltd. (Instrumentation and Technologies), India
Other Details :

| Procurement Officer | Bid Identification No. | Availability of tender Online for Bidding | | Date of Opening of Technical Bid |
|---|---|---|---|---|
| | | From | To | |
| Chief Construction Engineer, Deo Irrigation Project, Karanjia | 01/CCEDIP of 2025-26 | 19.04.2025 at 10.00 A.M. | 03.05.2025 upto 05.30 P.M. | 05.05.2025 at 10.00 A.M. |

N.B.: Further details can be seen from the Govt. website **www.tendersodisha.gov.in**. Any addendum/corrigednum/cancellation of tender can also be seen in the said website.

OIPR-32337/11/0006/2526 Sd./- Chief Construction Engineer
Deo Irrigation Project, Karanjia

**ଶିଶୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ**

କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ): କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଏକ ଶିଶୁ ବଳାତ୍କାର ମାମଲା (ନଂ. ୯୯/୨୦)ର ରାୟ ବୁଧବାର ପ୍ରକାଶ ପାଇଛି। ଆଡିଶନାଲ ଡିଷ୍ଟ୍ରିକ୍ଟ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍ସୋ ମାମଲାର ଶୁଣାଣି କରି ଅଭିଯୁକ୍ତ ଚନ୍ଦ୍ରଶେଖର ମଲ୍ଲିକ ଓରଫ ଗଞ୍ଜାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦେୟରେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡିତା ନାବାଳିକାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ୮ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟାକଲେ ୟୁଟ୍ୟୁବର

## ତଣ୍ଟି ଚିପି ହତ୍ୟା ପରେ ଡ୍ରେନ୍‌ରେ ଫିଙ୍ଗି ଦେଇଥିଲେ

ଭିୱାନି(ହରିୟାଣା),୧୬।୪

ୟୁଟ୍ୟୁବ୍‌ରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହେବାର ନିଶା ତାଙ୍କୁ ଘାରି ଥିଲା। ଏପରି କି ସ୍ୱାମୀ ଏବଂ ପରିବାର ଲୋକଙ୍କ ବାରଣକୁ ମଧ୍ୟ ସେ ଶୁଣୁ ନ ଥିଲେ। ଇନ୍‌ଷ୍ଟାଗ୍ରାମରୁ ପରିଚିତ ହୋଇଥିବା ଅନ୍ୟ ଜଣେ ୟୁବ ୟୁଟ୍ୟୁବ୍‌ରଙ୍କ ସହ ମିଶି ଏକାଧିକ ଭିଡିଓ କରିଥିଲେ। ସମୟକ୍ରମେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦିନେ ଉଭୟଙ୍କୁ ଅସଂଯତ ଅବସ୍ଥାରେ ଦେଖି ସ୍ୱାମୀ ବିରୋଧ କରିବାରୁ ତାଙ୍କୁ ହତ୍ୟା କରିବାକୁ ପଛାଇଲେ ନାହିଁ। ସ୍ୱାମୀଙ୍କୁ ଓଢ଼ଣିରେ ତଣ୍ଟି ଚିପି ହତ୍ୟା କରିବା ପରେ ଘଟଣାକୁ ଲୁଚାଇବା ଉଦ୍ଦେଶ୍ୟରେ ପ୍ରେମିକଙ୍କ ସହ ମିଶି ମୃତଦେହ ନେଇ ଡ୍ରେନ୍‌ରେ ପକାଇଦେଲେ। ଏଭଳି ଏକ ଘଟଣା ହରିୟାଣା ଭିୱାନିରେ ଘଟିଥିବାବେଳେ ଏବେ ପୋଲିସ ଉଭୟ ୟୁଟ୍ୟୁବ୍‌ର ଏବଂ ତାଙ୍କ ପ୍ରେମିକଙ୍କୁ ଗିରଫ କରି ଜେଲ ପଠାଇଛି।

ମିଳିଥିବା ସୂଚନାନୁସାରେ, ୟୁଟ୍ୟୁବ୍‌ର ରବିନା ୨୦୧୭ରେ ପ୍ରବୀନଙ୍କୁ ବିବାହ କରିଥିଲେ। ଉଭୟଙ୍କ ଏକ ୬ବର୍ଷର ଶିଶୁ ପୁତ୍ର ରହିଛି। ରବିନା ଜଣେ ୟୁଟ୍ୟୁବର ଭାବେ ଜଣାଶୁଣା। ସେ ଇନ୍‌ଷ୍ଟାଗ୍ରାମ୍‌ରେ ସୁରେଶ ନାମକ ଅନ୍ୟ ଜଣେ ୟୁଟ୍ୟୁବରଙ୍କ ସହ ପରିଚିତ ହୋଇଥିଲେ। ପରେ ଉଭୟେ ମିଶି ଏକାଧିକ ଭିଡିଓ ଏବଂ ରିଲ୍‌ସ ସୋସିଆଲ ମିଡିଆରେ ଛାଡ଼ିଛନ୍ତି। ସେମାନଙ୍କ ବହୁ ଫଲୋଅର୍ସ ମଧ୍ୟ ଅଛନ୍ତି। ପ୍ରବୀନ ଜଣେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ପ୍ରବୀନ ଏବଂ ତାଙ୍କ ପରିବାର ଲୋକ ରବିନାଙ୍କ ଏଭଳି କାର୍ଯ୍ୟକୁ ପ୍ରଥମରୁ ବିରୋଧ କରିଆସୁଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ରବିନା ଏବଂ ସୁରେଶଙ୍କ ମଧ୍ୟରେ ସମୟକ୍ରମେ ସମ୍ପର୍କରେ ଘନିଷ୍ଠତା ଦେଖାଦେଇଥିଲା। ଗତ ୨୫ତାରିଖରେ ରବିନା ଏବଂ ସୁରେଶଙ୍କୁ ଅସଂଯତ ଅବସ୍ଥାରେ ପ୍ରବୀନ ଦେଖିବାକୁ ପାଇଥିଲେ। ସେ ଏହାକୁ ବିରୋଧ କରିବାରୁ ଉଭୟ ରବିନା ଏବଂ ସୁରେଶ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ପ୍ରବୀନଙ୍କ ତଣ୍ଟିକୁ ଓଢ଼ଣିରେ ଚାପି ହତ୍ୟା କରିଥିଲେ। ପରିବାର ଲୋକେ ପ୍ରବୀନଙ୍କ ସମ୍ପର୍କରେ ରବିନାଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି ବୋଲି କହିଥିଲେ। ପରେ ମୃତଦେହକୁ ସୁରେଶଙ୍କ ସହ ମିଶି ରବିନା ଏକ ମୋଟର ସାଇକେଲରେ ଘରଠାରୁ ୬କିଲୋମିଟର ଦୂର ଏକ ସ୍ଥାନକୁ ନେଇ ସେଠାରେ ଥିବା ଏକ ଡ୍ରେନ୍‌ରେ ପକାଇ ଦେଇଥିଲେ। ପରେ ପ୍ରବୀନଙ୍କ ନିଖୋଜ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୨୮ ତାରିଖରେ ପୋଲିସ ପ୍ରବୀନଙ୍କ ଗଳିତ ମୃତଦେହ ଡ୍ରେନରୁ ଉଦ୍ଧାର କରିଥିଲା। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ଘଟଣା ଦିନ ରାତି ପ୍ରାୟ ୨ଟା ୩୦ମିନିଟରେ ଏକ ମୋଟରସାଇକେଲରେ ୩ଜଣ ଯାଉଥିବା ଦେଖିବାକୁ ମିଳିଥିଲା। ଏପରି କି ଏହାର ୨ଘଣ୍ଟା ପରେ ସେହି ବାଟ ଦେଇ ଏକ ମୋଟରସାଇକେଲରେ ୨ଜଣ ଫେରୁଥିବାର ଦେଖାଯାଇଥିଲା। ପୋଲିସ ସନ୍ଦେହରେ ରବିନାଙ୍କୁ ଆଣି ପଚରାଉଚରା କରିବା ବେଳେ ସେ ତାଙ୍କ ପ୍ରେମିକ ସୁରେଶଙ୍କ ସହ ମିଶି ସ୍ୱାମୀ ପ୍ରବୀନଙ୍କୁ ହତ୍ୟା କରିବା ପରେ ଡ୍ରେନ୍‌ରେ ପକାଇ ଦେଇଥିବା ସ୍ୱୀକାର କରିଥିଲେ। ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।


ୟୁଟ୍ୟୁବର ରବିନା ଓ ସୁରେଶ।

# ଜେଲ ଗଲେ ଶରଣକୁଳ ଥାନା ଏସ୍‌ଆଇ

## ଲାଞ୍ଚ ନେବାବେଳେ ଧରିଥିଲା ଭିଜିଲାନ୍ସ

ଭୁବନେଶ୍ୱର,୧୬।୪ (ସତ୍ୟଜିତ୍ ରାଉତ)

ମାମଲାରେ ସହଯୋଗ କରିବା ପାଇଁ ବିଚାର ବିଭାଗୀୟ ହାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ଝିଅଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଥିବା ନୟାଗଡ଼ ଜିଲା ଶରଣକୁଳ ଥାନାର ଏସ୍‌ଆଇ ରାଜେଶ କୁମାର ଶ୍ରୀଚନ୍ଦନଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ଅଭିଯୁକ୍ତ ରାଜେଶଙ୍କୁ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଜେଶ ୨୦୧୭ ଜାନୁଆରୀ ୨ରେ ଏସ୍‌ଆଇ ଭାବେ ଚାକିରି ଆରମ୍ଭ କରିଥିଲେ। ନୟାଗଡ଼ର ବିଭିନ୍ନ ଥାନାରେ ସେ କାମ କରିବା ପରେ ୨୦୨୪ ଅକ୍ଟୋବରରେ ଶରଣକୁଳ ଥାନାକୁ ଆସିଥିଲେ। ଶରଣକୁଳ ଥାନାରେ ଗତ ୬ ତାରିଖରେ ରୁଜୁ ଏକ ହତ୍ୟା ଉଦ୍ୟମ ମାମଲାରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ରାଉତରାପୁର ଅଞ୍ଚଳର ନିରଞ୍ଜନ ଦାସଙ୍କୁ ଗିରଫ କରାଯିବା ପରେ ସେ ଜେଲ ଯାଇଥିଲେ। ଏହି ମାମଲାର ଆଇଓ ଥିଲେ ରାଜେଶ। ତେବେ ବୁଧବାର ନୟାଗଡ଼ କୋର୍ଟରେ ନିରଞ୍ଜନଙ୍କ ଜାମିନ ଶୁଣାଣି ଥିବାରୁ ଆଇଓ ରାଜେଶ କେସ୍ ଡାଏରୀ(ସିଡୀ) ଦାଖଲ କରିବାର ଥିଲା। ଏଥିରେ ରାଜେଶ ସାହାଯ୍ୟ କରିବାକୁ କହି ନିରଞ୍ଜନଙ୍କ ଝିଅ ମୋନାଲିସାଙ୍କଠାରୁ ଟଙ୍କା ଦାବି କରି ନେଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ।


ରାଜେଶ କୁମାର ଶ୍ରୀଚନ୍ଦନ

# କୋଲ୍ ୱାସରି ସିଲ୍

## ୧୫୦୦ ଟନ୍‌ରୁ ଊର୍ଦ୍ଧ୍ୱ ବେଆଇନ ଗଚ୍ଛିତ କୋଇଲା ଜବତ


ଅଧିକାରୀମାନେ ଖଣି ସିଲ୍ କରୁଛନ୍ତି।

ସୁନ୍ଦରଗଡ଼,୧୬।୪
(ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡ଼ ଜିଲା ହେମଗିର ତହସିଲ ଅଧୀନରେ ଚାଲିଥିବା ଚୋରା କୋଇଲା ଖଣି ଠାବ ପରେ ଏବେ ଜିଲା ପ୍ରଶାସନ ଏବଂ ଖଣି ବିଭାଗ ପକ୍ଷରୁ ବିଭିନ୍ନ କୋଲ ୱାସରୀ ଓ ସାଇଡିଂଗୁଡିକରେ ଚଢ଼ାଉ କରାଯାଇ ତନାଘନା ଚାଲିଛି। ଏହି କ୍ରମରେ ହେମଗିର ବ୍ଲକର କନିକାଠାରେ ଥିବା ଆର୍ଯ୍ୟନ କୋଲ ୱାସରୀ ଉପରେ ଜିଲା ପ୍ରଶାସନ, ପୋଲିସ, ଖଣି ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ବୁଧବାର ସନ୍ଧ୍ୟାରେ ଏହାକୁ ସିଲ୍ କରାଯାଇଛି। ଏହି ଚଢ଼ାଉବେଳେ କୋଲ ୱାସରୀ କ୍ୟାମ୍ପସ ବାହାରେ ଥିବା ଜଙ୍ଗଲ ଭିତରୁ ବେଆଇନ ଭାବେ ଗଚ୍ଛିତ ଥିବା ୧୫୦୦ଟନରୁ ଊର୍ଦ୍ଧ୍ୱ କୋଇଲା ଜବତ ହୋଇଥିବା ନେଇ ସଦର ଉପଜିଲାପାଳ ଦାଶରଥି ସରାବୁ ସୂଚନା ଦେଇଛନ୍ତି। ଏହି କୋଲ ୱାସରୀ ଉପରେ ମଙ୍ଗଳବାର ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ କରାଯାଇଥିଲା। ୱାସରୀ କ୍ୟାମ୍ପ ସ୍ ଭିତରେ ଥିବା କୋଇଲା କାଗଜପତ୍ର ଠିକ୍ ଥିବା ବେଳେ କ୍ୟାମ୍ପସ୍ ବାହାରେ ୱାସରୀର ଜମିରେ ଥିବା ଜଙ୍ଗଲ ଭିତରେ ଗଦା ହୋଇଥିବା କୋଇଲାର କାଗଜପତ୍ର ଠିକ ନଥିବାରୁ ଏହାକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ସଦର ଉପଜିଲାପାଳ ସରାବୁଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଖଣି ଉପ ନିର୍ଦ୍ଦେଶକ ବିଦ୍ୟାଧର ସେଠୀ, ହେମଗିର ତହସିଲଦାର ସାରିକାରାଣୀ ଢମେଲ, ସଦର ଏସ୍‌ଡିପିଓ ନିର୍ମଳଚନ୍ଦ୍ର ମହାପାତ୍ର ପ୍ରମୁଖ ଅଧିକାରୀମାନେ ସାମିଲ ଥିଲେ। ଆର୍ଯ୍ୟାନ କୋଲ ୱାସରୀର ଏଜିଏମ ବିବେକ ଶର୍ମା କହିଛନ୍ତି ଯେ, କୋଲ ୱାସରୀ ଭିତରେ ବିଭିନ୍ନ ସମୟରେ ଷ୍ଟକ ଗୁଡିକରେ ନିଆଁ ଲାଗିଯାଉଥିବାରୁ କ୍ୟାମ୍ପସ ବାହାରେ କୋଇଲା ଷ୍ଟକ କରି ରଖାଯାଉଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଚମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

ବୈଶିଙ୍ଗା,୧୬।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପଦ୍ମନାଭପୁର ଗ୍ରାମସ୍ଥିତ ଅଙ୍ଗନୱାଡିକେନ୍ଦ୍ରରେ ବୁଧବାର ଅପରାହ୍ନ ୨ଟା ସମୟରେ ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ପଦ୍ମନାଭପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଝିଅ ଅମ୍ରିତା ମାମୁ ଘର ବାଲେଶ୍ୱର ଜିଲା କାଠସିଙ୍ଗଡ଼ା ଗ୍ରାମରେ ରହି ପଞ୍ଚମ ଶ୍ରେଣୀରେ ପଢୁଥିଲେ। ମହାବିଷୁବ ସଂକ୍ରାନ୍ତିରେ ସ୍କୁଲ ଛୁଟି ଥିବା ଯୋଗୁ ଘରକୁ ଆସିଥିଲେ। ତାଙ୍କ ଜେଜେମା' ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ପାଚିକା ସହାୟିକା ଭାବେ କାମ କରୁଥିବା ଯୋଗୁ ବୁଧବାର ସେ ତାଙ୍କ ପାଖକୁ ଯାଇଥିଲେ। ଅଙ୍ଗନୱାଡି ଛୁଟି ହେବା ପରେ ଜେଜେମା' ପିଲାଙ୍କୁ ସେମାନଙ୍କ ଘରେ ଛାଡ଼ିବା ପାଇଁ ଯାଇଥିଲେ। ହେଲେ ସେ କିଛି ସମୟ ପରେ ଫେରି ଦେଖିଲା ବେଳକୁ ନାତୁଣୀ ଅମ୍ରିତା ପିଲାମାନଙ୍କ ଓଜନ ମେସିନ ପାଇଁ ଟଙ୍ଗା ଯାଇଥିବା ଦଉଡ଼ିକୁ ବେକରେ ଗୁଡ଼ାଇ ଝୁଲନ୍ତା ଅବସ୍ଥାରେ ଥିଲେ। ସ୍ଥାନୀୟ ଲୋକେ ଅମ୍ରିତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୫) ରୁଜୁ ହୋଇଛି। ତେବେ ପାଠପଢ଼ାକୁ ନେଇ ପରିବାର ଲୋକେ ତାଗିଦ କରିବା ଯୋଗୁ ଛାତ୍ରୀ ଜଣକ ଏଭଳି ନିଷ୍ପତ୍ତି ନେଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଆଠମଲ୍ଲିକ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଧରିଲା ଭିଜିଲାନ୍ସ

ଢେଙ୍କାନାଳ,୧୬।୪ (ରତନ ନାୟାର)/
ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)/
ଭବାନୀପାଟଣା,(ଉତ୍ତମ କୁମାର ଦାଶ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ। ଢେଙ୍କାନାଳ ସହର ୧୫ନଂ ୱାର୍ଡ ଗାୟତ୍ରୀ ନଗରସ୍ଥିତ ବାସଭବନରୁ ସକାଳେ ସେ ଆଠମଲ୍ଲିକ ଅଭିମୁଖେ ବାହାରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏହାପରେ ଗାୟତ୍ରୀ ନଗରସ୍ଥିତ ବାସଭବନ ସମେତ ସଦର ବ୍ଲକର ବଣସିଂହ ଓ ଗଁଦିଆ ବ୍ଲକ କରମୂଳ ଗ୍ରାମ ଏବଂ ଆଠମଲ୍ଲିକସ୍ଥିତ କାର୍ଯ୍ୟାଳୟ, ସରକାରୀ ବାସଭବନ, କଟକ ଓ କଳାହାଣ୍ଡି ଜିଲାରେ ଥିବା ସମ୍ପର୍କୀୟଙ୍କ ଘର ଆଦି ୯ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି।

କଟକସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ୱାରେଣ୍ଟ ବଳରେ ଭିଜିଲାନ୍ସ ବିଭାଗ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ୭ଜଣ ଡିଏସ୍‌ପି, ୧୫ ଇନ୍ସପେକ୍ଟର ଓ ସହଯୋଗୀ କର୍ମଚାରୀଙ୍କ ଦ୍ୱାରା ଚଢ଼ାଉ କରାଯାଇଥିଲା। ଢେଙ୍କାନାଳରୁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଧରିବା ପରେ ତାଙ୍କୁ ଭିଜିଲାନ୍ସ ଟିମ୍ ସାଙ୍ଗରେ ଧରି ପୂର୍ବାହ୍ନ ୧୧ଟା ୩୦ରେ ଆଠମଲ୍ଲିକରେ ପହଞ୍ଚିଥିଲା। ଭିଜିଲାନ୍ସ ଟିମ୍ ଉପସ୍ଥିତିରେ ତାଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଗୃହ ତାଲା ଖୋଲାଯାଇ ବିଭିନ୍ନ କାଗଜପତ୍ର ଜବତ କରିବା ସହ ତଦନ୍ତ କରାଯାଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଢେଙ୍କାନାଳ ଗାୟିତ୍ରୀ ନଗରଠାରେ ପ୍ରାୟ ୫ ହଜାର ବର୍ଗଫୁଟର ଏକ ୨ ମହଲା ଘର ରହିଛି। ଏଥିସହ କଟକ ବାରଙ୍ଗ ବଛିପୁରଠାରେ ଏକ ବହୁମୂଲ୍ୟ ଟଙ୍କାର ପ୍ଲଟ ଏବଂ ଢେଙ୍କାନାଳ ସହର ମହିଷାପାଟ, ବଡ଼ ଷାଠିଏବାଟିଆ, ଗଁଦିଆ ବ୍ଲକର ଚାଉଳିଆ, ଢେଙ୍କାନାଳ ସହରର ଶ୍ୟାମାଚରଣପୁର, କାଠଗଡ଼ା ଓ କଣ୍ଟେଇକୋଳିଆ ଆଦି ସ୍ଥାନକୁ ମିଶାଇ ମୋଟ ୧୭ଟି ପ୍ଲଟ ଠାବ ହୋଇଛି। ଚଢ଼ାଉ ସମୟରେ ୩୨୬ଗ୍ରାମ ସୁନା ଅଳଙ୍କାର ଜବତ ହୋଇଛି। ଢେଙ୍କାନାଳସ୍ଥିତ ଘରୁ ନଗଦ ୪୮ ହଜାର ୫୧୦ ଟଙ୍କା ସହ କିଛି ପୁରୁଣା ୨ ହଜାର ଟଙ୍କିଆ ନୋଟ୍ ଜବତ କରାଯାଇଛି। ସେହିପରି କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ତାଙ୍କ ଶ୍ୱାଇଁ ତଥା ମେଡିକାଲ ଅଫିସର ତପନ ତ୍ରିପାଠୀଙ୍କ ଗାୟତ୍ରୀ ନଗର ପଡ଼ାସ୍ଥିତ ଭଡ଼ାଘରେ ଚଢ଼ାଉ କରାଯାଇ ନଗଦ ୨୩.୯୫ଲକ୍ଷ ଟଙ୍କା ଜବତ କରାଯାଇଛି। ସେହିପରି ଆଉ ଜଣେ ଶ୍ୱାଇଁ ଭବାନୀପାଟଣାରେ ଥିବା ଡାକ୍ତରଙ୍କ ଘରେ ମଧ୍ୟ ଭିଜିଲାନ୍ସ ଚଢ଼ାଉ କରିଥିବା ସୂଚନା ମିଳିଛି। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ମୋଟ ୬୩.୬୯ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଓ ଅନ୍ୟାନ୍ୟ ଡିପୋଜିଟ୍ ଜବତ କରାଯାଇଛି। ରାମଚନ୍ଦ୍ରଙ୍କ ନାମରେ ଗୋଟିଏ କାର୍, ତାଙ୍କ ଶ୍ୱାଇଁଙ୍କ ନାମରେ ଗୋଟିଏ କାର୍ ଓ ୨ଟି ବାଇକ୍ ରହିଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି। ସମସ୍ତ ଜାଗାରେ ଚଢ଼ାଉ ସରିବା ପରେ ସମ୍ପତ୍ତିର ପୂର୍ଣ୍ଣ ଆକଳନ କରିହେବ ବୋଲି ଢେଙ୍କାନାଳ ଜିଲା ଭିଜିଲାନ୍ସ ଶାଖାର ଡିଏସ୍‌ପି ଅନୁସୟା ସେନାପତି କହିଛନ୍ତି।


ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀଙ୍କୁ ଭିଜିଲାନ୍ସ ବିଭାଗ ଧରି ନେଉଛି ଏବଂ ଢେଙ୍କାନାଳ ଗାୟିତ୍ରୀ ନଗରସ୍ଥିତ ନିଜସ୍ୱ ବାସଭବନ।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**
- ଏକକାଳୀନ ୯ ସ୍ଥାନରେ ଚଢ଼ାଉ, ୧୭ ପ୍ଲଟ ଠାବ
- ୬୩.୬୯ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ୍ ଜବତ
- ଶ୍ୱାଇଁଙ୍କ ଘରୁ ବାହାରିଲା ନଗଦ ୨୩.୯୫ ଲକ୍ଷ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନିର୍ଲଜ୍ଜ ଗାଏ ସଲଜ୍ଜ ବାଏ,
ଅତି ଅଲାଜୁକ ନାଚି ଯାଏ।**

ଯେଉଁମାନଙ୍କ ମୁହଁରେ ଲାଜ ସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପେଟେ ଭୋକ
ମୁହେଁ ଲାଜ।**

ଭୋକ ଲାଗୁଥିଲେ ଅଧିକ ଖାଦ୍ୟ ମଗାଇ ଖାଇବାରେ କୌଣସି ସଂକୋଚ କରିବା ଉଚିତ ହୋଇ ନ ଥାଏ। ତେବେ ଲଜ୍ଜାବଶତଃ ଖାଇବାକୁ ନ ମାଗିଲେ ପେଟ ଅପୋଷା ରହିଯିବାର ସମ୍ଭାବନା ରହିଥାଏ। ମୁହଁ ନ ଖୋଲିଲେ କେହି ଯାଚିକରି ଦେଇଯିବା ସମ୍ଭବ ନୁହେଁ। ଏପରି ସ୍ଥଳେ ବ୍ୟକ୍ତି ନିଜର ଆବଶ୍ୟକତାକୁ ଚାହିଁ ମୁହଁ ନ ଖୋଲିଲେ ଅସୁବିଧାରେ ପଡ଼ିଯିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

କଟକ,୧୬।୪(କାର୍ତ୍ତିକ ସାହୁ)

ବୃଦ୍ଧାଙ୍କୁ ବଳାତ୍କାର କରିବା ଅଭିଯୋଗରେ କଟକ ଆଡ୍‌ହକ୍ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ (ଫାଷ୍ଟଟ୍ରାକ୍-୨) କୋର୍ଟ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ବୁଧବାର ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ କଟକ ବକ୍ସିବଜାର ପେନ୍‌ସନ୍ ଲେନ୍ ଅଞ୍ଚଳର ଛେଲା ସରକାର (୩୫)।

ମାମଲାର ବିବରଣୀ ଅନୁଯାୟୀ, ବକ୍ସିବଜାର ଅଞ୍ଚଳରେ ବୃଦ୍ଧା ଜଣଙ୍କ ଏକାକୀ ରହୁଥିଲେ। ୨୦୨୨ ଡିସେମ୍ବର ୨୨ ତାରିଖ ସନ୍ଧ୍ୟାରେ ବୃଦ୍ଧା ଜଣଙ୍କ ତାଙ୍କ ଘର ବାରଣ୍ଡାରେ ବସିଥିବାବେଳେ ଛେଲା ତାଙ୍କୁ ଘର ଭିତରକୁ ନେଇ ବଳାତ୍କାର କରିଥିଲେ। ସ୍ଥାନୀୟ କର୍ପୋରେଟର ଏ. ଶ୍ରୀଦେବୀ ଏନେଇ ଖବର ପାଇବା ପରେ ମହିଳା ଥାନାରେ ଏତଲା ଦେଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କଟକ ଆଡ୍‌ହକ୍ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ (ଫାଷ୍ଟଟ୍ରାକ୍-୨) କୋର୍ଟରେ ମାମଲାର ବିଚାର ହୋଇଥିଲା। ମାତ୍ର କୋର୍ଟରେ ବୟାନ ଦେବା ପୂର୍ବରୁ ପୀଡ଼ିତା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ୧୩ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଏମ୍.ଏମ୍. ବେଗ ମାମଲା ପରିଚାଳନା କରୁଥିଲେ।

# ଜେଲ ଗଲେ ଅଭିଯୁକ୍ତ, ସହଯୋଗୀ

## ମହିଳାଙ୍କୁ ଜମି ଦେବା ନାଁରେ ଠକେଇ, ବଳାତ୍କାର ଘଟଣା

ରାଜନଗର, ୧୬।୪
(ଭାସ୍କର ରାଉତରାୟ)

ବିଧବା ମହିଳାଙ୍କୁ ଜମି ଦେବାକୁ କହି ଜଣେ ବ୍ୟକ୍ତି ଟଙ୍କା ନେଇଥିଲେ। ହେଲେ କବଲା ନ କରିବାରୁ ମହିଳା ଜଣକ ଟଙ୍କା ମାଗିଥିଲେ। ହେଲେ ବ୍ୟକ୍ତି ଜଣକ ଟଙ୍କା ନ ଫେରାଇ ମହିଳାଙ୍କୁ ଘରେ ପଶି ବଳାତ୍କାର କରିବା ଓ ବଳାତ୍କାରର ନଗ୍ନଚିତ୍ର ଉତ୍ତୋଳନ କରି ବ୍ଲାକମେଲିଂ କରୁଥିବା ନେଇ ରାଜନଗର ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୁଧବାର ପୋଲିସ ପୀଡ଼ିତା ମହିଳା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିଛି। ଅଭିଯୁକ୍ତ ସଞ୍ଜୟ କୁମାର ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ୨ ଅଭିଯୁକ୍ତଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଦଫା ୩୩୨ (ବି), ୩୧୮ (୪), ୨୯୬, ୬୪ (୧), ୩୫୧ (୩), ୪୯ ବିଏନ୍‌ଏସ୍‌ରେ ନଂ. ୧୨୬/୨୫ରେ ମାମଲା ରୁଜୁ ହୋଇଛି।

ପୋଲିସ ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ରାଜନଗର ଥାନା ଅଞ୍ଚଳରେ ଘର ଭଡ଼ା ନେଇ ୫ବର୍ଷ ହେଲା ରହୁଛନ୍ତି। ୨ ବର୍ଷ ତଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ସଞ୍ଜୟ ପଣ୍ଡା ଓ ତାଙ୍କ ସହଯୋଗୀ ଶିଶିର ସେଣ ମହିଳାଙ୍କ ଘରେ ପହଞ୍ଚି ଏକ ସଂଘର ନେତା ବୋଲି ପରିଚୟ ଦେଇ କମ୍ ମୂଲ୍ୟରେ ଜମି କରାଇଦେବେ ବୋଲି କହିଥିଲେ। ବାରମ୍ବାର ମିଥ୍ୟା ପ୍ରଲୋଭନ ଦେଖାଇ କମ୍ ମୂଲ୍ୟରେ ଜମି ବିକ୍ରି କରିବେ ବୋଲି କହି ୨୦୨୨ ମାର୍ଚ୍ଚରେ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଓ ଆଉ ୨୦ ହଜାର ଟଙ୍କା ନେଇଥିଲେ। ଟଙ୍କା ନେବା ପରେ ଜମି କବଲା ନ କରି ବାରମ୍ବାର ସମୟ ଗଡାଇ ଚାଲିଥିଲେ। ଜମି କବଲା ନ କରି ୧ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ୍ ଦେଇଥିଲେ। ୨୦୨୪ ଡିସେମ୍ବରରେ ମହିଳା ଜଣକ ଘରେ ଏକା ଥିବା ବେଳେ ସଞ୍ଜୟ ଓ ଶିଶିର ଘରକୁ ଜବରଦସ୍ତି ପ୍ରବେଶ କରି ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ପରେ ମହିଳାଙ୍କ ଚୁଟି ଧରି ବେଡ ରୁମ୍ ଭିତରକୁ ଘୋଷାଡ଼ି ନେଇଗଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଶିଶିର ପାଟିକୁ ଜାବୁଡ଼ି ଧରିଥିଲେ। ସଞ୍ଜୟ ବଳାତ୍କାର କରିବା ବେଳେ ଶିଶିର ଏହାର ଭିଡିଓ ଉତ୍ତୋଳନ କରିଥିଲେ। ବଳାତ୍କାର ଓ ନଗ୍ନ ଭିଡିଓ ଉତ୍ତୋଳନ କରିଥିଲେ। ଏପରିକି ଆଉ ଟଙ୍କା ମାଗିଲେ ନଗ୍ନ ଭିଡିଓ ଭାଇରାଲ ସହ ପୁଅକୁ ହତ୍ୟା କରିଦେବୁ ବୋଲି ଧମକ ଦେଇଥିଲେ। ଏଥିସହ ସେ ଦେଇଥିବା ଚେକ୍‌କୁ ଜୋର ଜବରଦସ୍ତ ନେଇ ଯାଇଥିଲେ ବୋଲି ମହିଳା ଜଣକ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଅଭିଯୁକ୍ତମାନେ ସମ୍ପୃକ୍ତ ମହିଳାଙ୍କୁ ସେହି ଭିଡିଓ ଚିତ୍ରର ଧମକ ଦେଇ ପୁଣି ଶାରୀରିକ ସମ୍ପର୍କ ରଖିବାକୁ ବାରମ୍ବାର ବାଧ କରୁଥିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ବୋଲି କହିଛନ୍ତି।

# ପୋଲିସ ଗୁଳିରେ ୨ ହାର୍ଡକୋର ମାଓବାଦୀ ନିହତ


ଜବତ ଅସ୍ତ୍ରଶସ୍ତ୍ର।

ମାଲକାନଗିରି,୧୬।୪(ଦୁର୍ଯ୍ୟୋଧନପାତ୍ର)

ଛତିଶଗଡ଼ କୋଣ୍ଡାଗାଁ ଜିଲାରେ ପୋଲିସ ସହ ଗୁଳି ବିନିମୟ ଘଟି ୨ ହାର୍ଡକୋର ମାଓବାଦୀ ବୁଧବାର ନିହତ ହୋଇଛନ୍ତି। ମୃତକ ଡିଭିସିଏମ୍ କ୍ୟାଡର ମାଓବାଦୀ ହଳଧର ଏବଂ ଏସିଏମ୍ କ୍ୟାଡର ରାମେ। କୋଣ୍ଡାଗାଁ ଜିଲା କିଲମ ଜଙ୍ଗଲରେ ଡିଆର୍‌ଜି ଯବାନମାନେ କୋମ୍ବିଂ କରୁଥିବା ସମୟରେ ମାଓବାଦୀଙ୍କ ବୈଠକ ଚାଲିଥିଲା। ଯବାନମାନେ ଆସୁଥିବା ଦେଖି ମାଓବାଦୀମାନେ ଗୁଳିଚାଳନା କରିଥିଲେ। ଜବାବରେ ଯବାନମାନେ ମଧ୍ୟ ଗୁଳି ଚଳାଇବା ପରେ ସେମାନେ ଜଙ୍ଗଲରେ ଛତ୍ରଭଙ୍ଗ ଦେଇଥିଲେ। ସର୍ଚ୍ଚ ସମୟରେ ୨ଜଣ ହାର୍ଡକୋର ମାଓବାଦୀଙ୍କ ମୃତଦେହ ଯବାନମାନେ ଜବତ କରିଥିଲେ। ଏହି ୨ଜଣଙ୍କ ନାମରେ ୧୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ସୂଚନା ମିଳିଛି। ଏଥିସହ ଘଟଣାସ୍ଥଳରୁ ଏକେ ୪୭, ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଏନ୍‌କାଉଣ୍ଟରରେ ଅଧିକ ମାଓବାଦୀ ମୃତାହତ ହୋଇଥିବା ଆଶଙ୍କାକରି ସର୍ଚ୍ଚ ଅପରେଶନ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଦୁର୍ଗରୁ ଫେରିଲା ନବଜାତ ଶିଶୁକନ୍ୟା

## ବଲାଙ୍ଗୀରରୁ ଛତିଶଗଡ଼କୁ ନବଜାତ ଶିଶୁକନ୍ୟା ଚାଲାଣ ଘଟଣା

ବଲାଙ୍ଗୀର,୧୬।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧୀନ କର୍ଲା ଗାଁର ଜଣେ ମହିଳାଙ୍କ ନବଜାତ ଶିଶୁକନ୍ୟା ଛତିଶଗଡ ଚାଲାଣ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଛତିଶଗଡ ପ୍ରଦେଶର ଦୁର୍ଗ ଅଞ୍ଚଳରୁ ସମ୍ପୃକ୍ତ ନବଜାତ ଶିଶୁକନ୍ୟାକୁ ବୁଧବାର ଅପରାହ୍ନରେ ଉଦ୍ଧାର କରିଛି। ପୋଲିସ ଟିମ୍ ଉଦ୍ଧାର ଶିଶୁକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ଲାଇନ୍ ସଦସ୍ୟଙ୍କ ଉପସ୍ଥିତିରେ ଶିଶୁ ମଙ୍ଗଳ ସମିତିରେ ହାଜର କରିଥିଲା। ଏହାପରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲସ୍ଥିତ ଏମ୍‌ସିଏଚ୍ ୱାର୍ଡରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ଘଟଣାରେ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ଘଟଣା ସମ୍ପର୍କରେ କହିଛନ୍ତି, ମୁରିବାହାଲ ଥାନା ଅଞ୍ଚଳର ଜଣେ ମହିଳା ଗତ ୯ ତାରିଖରେ ଯାଆଁଳା ଶିଶୁକନ୍ୟା ଜନ୍ମ ଦେଇଥିଲେ। ଦୁଇ ଛୁଆର ଲାଳନପାଳନ କରିବାରେ ଅସୁବିଧା ହେବ ଭାବି ଏକ ନବଜାତ ଶିଶୁକନ୍ୟାକୁ ଦୁର୍ଗର ଜଣେ ଦମ୍ପତିକୁ ଦେଇଥିଲେ ବୋଲି ସେ କହିଛନ୍ତି।

# ଓଡ଼ିଆ ଜାତି ସବୁଠୁ ଉଚ୍ଚରେ: ତଥାଗତ

## ଦ୍ୱିତୀୟ ଦିନରେ ବୈଶାଖୀ ଉତ୍ସବ

ଭୁବନେଶ୍ୱର, ୧୬।୪ (ସୌମ୍ୟରଞ୍ଜନ ରାଉତ)



ବୈଶାଖୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁଙ୍କ ସହ ଅନ୍ୟ ଅତିଥିମାନେ। (ଫଟୋ-ବିକାଶ)

ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୮ତମ ବୈଶାଖୀ ଉତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଲେ, ଓଡ଼ିଆ ଜାତି ସବୁଠୁ ଉଚ୍ଚରେ। କଳା, ସାହିତ୍ୟ, ରାଜନୀତିରେ ସବୁଠୁ ଆଗରେ। ଏହା ଜଗନ୍ନାଥଙ୍କ ମାଟି। ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଭାବର ଦେବତା। ଆମେ ସମସ୍ତେ ତାଙ୍କ ପାଖରେ ସମର୍ପଣ ହେଉଛେ। ଜଗନ୍ନାଥଙ୍କ ପାଖରେ ହାତ ଟେକି ସମର୍ପଣ ହେବା କେବଳ ଓଡ଼ିଆ ଜାତି ହିଁ କରିପାରେ ବୋଲି ସେ କହିଛନ୍ତି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ରାଷ୍ଟ୍ରୀୟ ମହାସଚିବ ସୁରେନ୍ଦ୍ର ଦାସ, କେନ୍ଦ୍ର ସାହିତ୍ୟ ଏକାଡେମୀର ଯୁଗ୍ମ ସଚିବ ଡ. ମିହିର ସାହୁ, ଦୂରଦର୍ଶନ ଉପସ୍ଥାପକ ଅଶୋକ ପାଣ୍ଡେ, ଅବସରପ୍ରାପ୍ତ ପ୍ରଧାନ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କସ୍ତୁରୀକା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହରେକୃଷ୍ଣ ମହତାବ, ପୂର୍ବତନ ଜାତୀୟ ଅଧ୍ୟକ୍ଷା ତଥା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଏବଂ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ମଞ୍ଚକୁ ଅଣାଯାଇଥିଲା। ସଭା ପରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ତ୍ରିଧାରା ଅନୁଷ୍ଠାନ, ଭୁବନେଶ୍ୱର ପକ୍ଷରୁ ରାମାୟଣ ଆଧାରିତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତ୍ରିନେତ୍ର କଳାକୁଞ୍ଜ କଟକ ପକ୍ଷରୁ କାଳୀନୃତ୍ୟ, ଗଞ୍ଜାମର ପଲ୍ଲୀ ନୃତ୍ୟ ଆଦି ଦର୍ଶକଙ୍କ ମନ ମୋହିଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଥିବାବେଳେ ଆଗାମୀ ୨ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ଅନୁଷ୍ଠାନର ରାଷ୍ଟ୍ରୀୟ ମହାସଚିବ ଦାସ ସୂଚନା ଦେଇଛନ୍ତି।





ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୮ତମ ବୈଶାଖୀ ଉତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ମହାପ୍ରଭୁଙ୍କୁ ପହଣ୍ଡି କରି ମଞ୍ଚକୁ ନିଆଯାଉଛି। ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଗର୍ଭବତୀଙ୍କ ଆକାଉଣ୍ଟରୁ ଠକିନେଲେ ୩୭ ହଜାର

## ସାଇବର ଠକେଇ

ଯାଁଳା, ୧୬।୪ (ବୁଲା ବାରିକ)

ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ସାଇବରଠକମାନେ ବିଭିନ୍ନ ଅଭିନବ ଉପାୟ ଅବଲମ୍ବନ କରି ଲୋକଙ୍କୁ ଠକୁଛନ୍ତି। ବୁଧବାର ମମତା ଯୋଜନା ନାଁରେ ଜଣେ ଗର୍ଭବତୀଙ୍କୁ ଫୋନ କରି ତାଙ୍କ ଆକାଉଣ୍ଟରୁ ୩୭ହଜାର ୫ଶହ ଟଙ୍କା ଠକି ନେଇଯାଇଛନ୍ତି। ଠକାମିର ଶିକାର ହୋଇଥିବା ଯାଁଳା ପଞ୍ଚାୟତ ଓଗାଳପଡା ଗ୍ରାମର ପୁଷ୍ପଲତା ବେହେରା ଏନେଇ ଇନଫୋସିଟି ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ପୂର୍ବାହ୍ନ ୧୦ଟାରେ ସ୍ୱାସ୍ଥ୍ୟ ବିଭାଗରୁ କହୁଛି କହି ଏକ ଫୋନ କଲ ସ୍ଥାନୀୟ ଅଞ୍ଚଳର ଜଣେ ଅଙ୍ଗନୱାଡି କର୍ମୀଙ୍କ ପାଖକୁ ଆସିଥିଲା। ଆପଣଙ୍କ ଅଞ୍ଚଳରେ ଗର୍ଭବତୀ ଓ ପ୍ରସୂତିମାନଙ୍କ ପୋଷଣ ଖାଦ୍ୟ ଓ ମମତା ଯୋଜନା ବିଷୟରେ ଜଣାନ୍ତୁ। ଏହା ପରେ ଠକ ଜଣକ ଅଙ୍ଗନବାଡି କର୍ମୀଙ୍କୁ କନଫରେନ୍ସ କଲରେ ରଖି ମମତା ଯୋଜନାରେ ଅନ୍ତର୍ଭୁକ୍ତ ପୁଷ୍ପଲତାଙ୍କ ସହ ମଧ୍ୟ କଥା ହୋଇଥିଲେ। ପରେ ଠକ ଜଣକ ଅଙ୍ଗନୱାଡି କର୍ମୀଙ୍କୁ କଲରୁ ବାଦ୍ ଦେଇ ପୁଷ୍ପଲତାଙ୍କ ସହ କଥା ହୋଇଥିଲେ। ତୁମ ଆକାଉଣ୍ଟକୁ ଏବେ ମମତା ଯୋଜନାରେ ୬ହଜାର ଟଙ୍କା ପଠାଯିବ। ତେଣୁ ତୁମକୁ ଏକ ଲିଙ୍କ ଦିଆଗଲା। ଲିଙ୍କ ପାଇବା ପରେ ଏକ ଓଟିପି ଯିବ ଏବଂ ସେହି ଓଟିପି ନମ୍ବର ଆମକୁ ଦେଲେ ତୁମ ଆକାଉଣ୍ଟକୁ ୬ ହଜାର ଯିବ। ପୁଷ୍ପଲତା ମଧ୍ୟ ବିଶ୍ୱାସରେ ଠକ ଜଣକ ଯାହା କହିଲେ ସେହି ଅନୁସାରେ କାମ କଲେ। ପୁଷ୍ପଲତା ଓଟିପି ଦେବା ମାତ୍ରେ ତାଙ୍କ ଆକାଉଣ୍ଟରୁ ସଙ୍ଗେ ସଙ୍ଗେ ୩୭ହଜାର ୫ ଶହ ଟଙ୍କା କଟିଯାଇଥିଲା। ଟଙ୍କା କଟିବା ମେସେଜ ପାଇବା ପରେ ଏନେଇ ପୁଷ୍ପଲତା ସ୍ଥାନୀୟ ଅଙ୍ଗନୱାଡି କର୍ମୀଙ୍କୁ ପଚାରିଥିଲେ। କିନ୍ତୁ ଅଙ୍ଗନୱାଡି କର୍ମୀ ଜଣଙ୍କ କିଛି ସମୟ କଥା ହେବା ପରେ ତାଙ୍କୁ ଫୋନକଲରୁ କାଟି ଦେଇଥିବା କହିଥିଲେ। ଏନେଇ ପୁଷ୍ପଲତା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କୁନ୍ମୁନ୍



@ ବିଜୟ



@ ସରୋଜ



@ ଲିଙ୍ଗରାଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧାର୍ଯ୍ୟ ସମୟରେ ରଥ କାମ ସାରିବାକୁ ଗୁରୁତ୍ୱ

ପୁରୀ, ୧୬।୪ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୁଧବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରଥ ନିର୍ମାଣ, ସେବାୟତ କଲ୍ୟାଣ ଯୋଜନା ଏବଂ ଶ୍ରୀମନ୍ଦିର ଆନନ୍ଦବଜାର ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରାଯାଇଛି। ଏଥିସହ ଏହି ପରିପ୍ରେକ୍ଷୀରେ ନୀତି ସବ୍‌କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।

ଚଳିତ ମାସ ୩୦ ତାରିଖରେ ଅକ୍ଷୟତୃତୀୟା ପଡୁଛି। ଉକ୍ତ ଦିନଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ସେହିପରି ଏହି ଦିନ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥଖଳାରେ ରଥ ଅନୁକୂଳ ଓ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ରଥ ନିର୍ମାଣ ସମ୍ପର୍କରେ ବିଶ୍ୱକର୍ମା ମହାରଣା ସେବାୟତମାନଙ୍କ ସହ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଆଲୋଚନା କରିଛନ୍ତି। ସମସ୍ତେ ପ୍ରସ୍ତୁତ ହୋଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ରଥକାଠ ପର୍ଯ୍ୟାୟକ୍ରମେ ଆସି ପହଞ୍ଚିଛି। ବଳକା କାଠ ଖୁବଶୀଘ୍ର ରଥଖଳାରେ ପହଞ୍ଚିବ। ସମସ୍ତେ ନିଷ୍ଠା ଓ ସମର୍ପଣ ଭାବ ନେଇ କାମ କଲେ ଧାର୍ଯ୍ୟ ସମୟରେ କାର୍ଯ୍ୟ ସରିବ ବୋଲି ସ୍ୱାଇଁ କହିଛନ୍ତି। ଧାର୍ଯ୍ୟ ସମୟ ପୂର୍ବରୁ ରଥ ନିର୍ମାଣ କାମ ସାରିବା ଉପରେ ସ୍ୱାଇଁ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ପ୍ରତିଦିନ ସକାଳ ୮ଟାରୁ କାର୍ଯ୍ୟ ଆରମ୍ଭ କରିବା ଲାଗି ବିଶ୍ୱକର୍ମା ମହାରଣାମାନଙ୍କୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଅକ୍ଷୟତୃତୀୟା ଓ ଚନ୍ଦନ ଯାତ୍ରାର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ

ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ନୀତି ସବ୍‌କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅକ୍ଷୟତୃତୀୟା ଓ ଚନ୍ଦନ ଯାତ୍ରାର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ତେବେ ଆସନ୍ତା ୧୮ ତାରିଖରେ ହେବାକୁ ଥିବା ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯାଇ ତାହାକୁ ଅନୁମୋଦନ ଦିଆଯିବ ବୋଲି ସୂଚନା ମିଳିଛି।



### ସେବାୟତ ପିଲାଙ୍କ ପାଇଁ ହେବ ସମର କ୍ୟାମ୍ପ

ସେବାୟତ କଲ୍ୟାଣ ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ସେବାୟତଙ୍କ ବିକାଶ ପାଇଁ ଶ୍ରୀମନ୍ଦିର ପ୍ରଶାସନରେ ସେବାୟତ କଲ୍ୟାଣ ଯୋଜନା ରହିଛି। ଚଳିତବର୍ଷ ଏହି ଯୋଜନା ଅନ୍ତର୍ଗତ ସେବାୟତ ଘରର ପିଲାଙ୍କ ପାଇଁ ସମର କ୍ୟାମ୍ପ ଆୟୋଜନ ଲାଗି ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ନିଯୋଗର ସେବାୟତଙ୍କ ପିଲାମାନଙ୍କୁ ଦୁଇଟି ବିଭାଗ କରାଯାଇ ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡ଼ିୟମରେ ସନ୍ତରଣ ପ୍ରଶିକ୍ଷଣ ଦିଆଯିବ। ଯେଉଁ ସେବାୟତ ପିଲାମାନେ ଭଲ ସନ୍ତରଣ କରିବେ ସେମାନେ ଏହାକୁ ଖେଳ ରୂପେ ଗ୍ରହଣ କରି ନିଜ କ୍ୟାରିୟର ଗଢିପାରିବେ। ଏହି ଶିବିର ଆସନ୍ତା ମେ ୧୦ରୁ ଆରମ୍ଭ ହୋଇ ପ୍ରାୟ ୨୫ ଦିନ ଧରି ଚାଲିବ। ନିଯୋଗଗୁଡ଼ିକ ସେମାନଙ୍କ ପିଲାଙ୍କ ତାଲିକା ଦେବା ପରେ ଏହି ସମର କ୍ୟାମ୍ପ କରାଯିବ ବୋଲି ସୂଚନା ମିଳିଛି।

### ଖଜା, ଅନ୍ନ ମହାପ୍ରସାଦ ଦୋକାନ ପୃଥକ ହେବ

ଆନନ୍ଦବଜାର ଶୃଙ୍ଖଳା ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମ୍ପୃକ୍ତ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ଆନନ୍ଦ ବଜାରରେ ବିକ୍ରି ହେଉଥିବା ଖଜା ମହାପ୍ରସାଦ ଏବଂ ଅନ୍ନ ମହାପ୍ରସାଦ ଦୋକାନ ପୃଥକୀକରଣ ଉପରେ ଆଲୋଚନା ହୋଇଛି। ଏନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଆନନ୍ଦବଜାରରେ ଖଜା ଓ ମହାପ୍ରସାଦ ଏକତ୍ର ବିକ୍ରି କରାଯାଉଛି। ତେବେ ଖଜା ବିକ୍ରି ପାଇଁ ସ୍ୱତନ୍ତ୍ର ଭାବେ ଘର ନିର୍ମାଣ ହୋଇଛି। ସେଠାରେ ଖଜା ବିକ୍ରି କରିବାକୁ ନିଷ୍ପତ୍ତି ହୋଇଛି। ସେଠାକୁ ଖଜାଦୋକାନଗୁଡ଼ିକୁ ସ୍ଥାନାନ୍ତର କରାଯିବ। ସେହିପରି ଧାର୍ଯ୍ୟ ସ୍ଥାନରେ ମହାପ୍ରସାଦ ବିକ୍ରି କରାଯିବ। ସକାଳ ଧୂପରେ ନିର୍ଦ୍ଧାରିତଠାରୁ ଅଧିକ ଭୋଗ ତୋଳାଯାଉଛି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିଲା। ତେଣୁ ଏ ନେଇ ମଧ୍ୟ ଆଲୋଚନା ହୋଇଛି। ଆଗାମୀ ଦିନରେ ପାଳିଆ ସେବାୟତଙ୍କୁ ଡାକି ପ୍ରଶାସନ ଏକ ବୈଠକ କରିବ। ବୈଠକ ପରେ ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆଲୋଚନା ହୋଇଛି।

# ଦୋଷୀଙ୍କୁ ୫ ବର୍ଷ ଜେଲଦଣ୍ଡ

## ଛୁରି ଭୁସି ହତ୍ୟା ଉଦ୍ୟମ ମାମଲା

ଭୁବନେଶ୍ୱର, ୧୬।୪ (ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଛୁରି ଭୁସି ହତ୍ୟା ଉଦ୍ୟମ ମାମଲାରେ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କମ୍ ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ କୋର୍ଟରେ ବୁଧବାର ରାୟ ପ୍ରକାଶ ପାଇଛି। ବିଚାରପତି ଶରତ କୁମାର ଜେନା ଅଭିଯୁକ୍ତ ଶିବ ପ୍ରସାଦ ସାହୁ(୨୮)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଶିବଙ୍କ ଘର ପୁରୀ ଜିଲା ନିମାପଡ଼ା ଅଞ୍ଚଳରେ ହୋଇଥିବା ବେଳେ ସେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୯ରେ ରୁହନ୍ତି। ଶିବଙ୍କୁ ୫ ବର୍ଷ ଜେଲ ସହ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ପୀଡ଼ିତ ମହମ୍ମଦ ଶୋଭାନି ଓ ଶିବଙ୍କ ମଧ୍ୟରେ ପୂର୍ବଶତ୍ରୁତା ଥିଲା। ୨୦୨୨ ଡିସେମ୍ବର ୧୭ ରାତିରେ ଶୋଭାନି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗ୍ରୀନ୍‌ଫିଲ୍ଡ ବାର୍‌ରେ କାମ କରୁଥିବାବେଳେ ଶିବ ତାଙ୍କୁ ବାହାରକୁ ଡାକି ସହଯୋଗୀଙ୍କ ସହ ମିଶି ଛୁରିରେ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ଶୋଭାନିଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏନେଇ ଶୋଭାନିଙ୍କ ମା'ଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ.୪୮୨/୨୦୨୨) ରୁଜୁ କରିବା ସହ ପରେ ଶିବଙ୍କୁ ଗିରଫ କରିଥିଲା।



ଲଣ୍ଡନର ୱେମାଉଥ୍‌ଠାରେ ଅନୁଷ୍ଠିତ ସ୍ୟାଣ୍ଡ ୱାର୍ଲ୍ଡ-୨୦୨୫ ପ୍ରଦର୍ଶନୀରେ ପ୍ରଥମ ଭାରତୀୟ ଭାବେ 'ଫ୍ରେଡ୍ ଡାରିଙ୍ଗଟନ୍ ବ୍ରିଟିଶ ସ୍ୟାଣ୍ଡ ମାଷ୍ଟର ଆୱାର୍ଡ' ପାଇଥିବା ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିନନ୍ଦନ ଜଣାଉଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404

No. 1123// Dt. 11.04.2025

2nd Corrigendum to Bid Identification No. Building Online-AGL-26/2024-25

**No.O-55** : Due to some unavoidable circumstances the last date of Online for bidding and opening of the date has been modified as follows in respect of the tender for Building work invited vide Tender Call Notice Bid Identification No. Building Online-AGL-26/2024-25 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 24.03.2025 at 10.00 A.M. | 30.04.2025 upto 5.00 P.M. | 01.05.2025 at 09.00 A.M. |

All other terms and conditions remain unchanged.
OIPR-25180/11/0049/2526 Sd./- Chief Construction Engineer



**OFFICE OF THE PRINCIPAL, BHADRAK AUTONOMOUS COLLEGE, BHADRAK**
Advertisement

**No.CAD-135** : Applications are invited for the position of **Project Assistant** (01) in the Department of Mathematics, Bhadrak Autonomous College, Bhadrak for the project entitled **"Generalized numerical radius of operators and its applications"** under the Mukhyamantri Research and Innovation Program (MRIP)-2024(Mathematics 24EM/MT/94) by the Odisha Higher Education Council, Govt. of Odisha under the Principal Investigator(PI) Dr. Nirmal Chandra Rout, Assistant Professor of Mathematics. Interested candidates are advised to visit the website www.bhadrakcollege.ac.in for further details.

Sd./- Principal Investigator, Bhadrak Autonomous College
Sd./- Principal, Bhadrak Autonomous College
OIPR-11028/11/0008/2526



GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
E-Mail ID - acephcbam@gmail.com
NATIONAL COMPETITIVE BIDDING THROUGH e-Procurement

No.C-117 Invitation For Bids (IFB)

| Sl. No. | Name of Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of WTP and Laying of RWRM and CWRM with ancillary works for Sorada NAC under AMRUT 2.0, SWAP-III | Identification No. ACEPHCBAM 01/2025-26 Dt.08.04.2025 | 684.70 | 12 (Twelve) Calendar Months | 11.00 Hrs. of 19.04.2025 | 17.30 Hrs. of 05.05.2025 | Additional Chief Engineer, P.H. Circle, Berhampur |
| 2 | Laying of Clear Water Rising Main Pipe Line in connection with " Sharing of Drinking Water from RWSS" for Water Supply to Buguda NAC under BASUDHA 2024-25 | Identification No. ACEPHCBAM 02/2025-26 Dt.08.04.2025 | 187.18 | 09 (Nine) Calendar Months | 11.00 Hrs. of 19.04.2025 | 17.30 Hrs. of 05.05.2025 | Additional Chief Engineer, P.H. Circle, Berhampur |

The technical bid shall be opened on dt.09.05.2025 at 12.30 P.M.
Further details can be seen from the e-Procurement portal http://tendersodisha.gov.in
OIPR-13004/11/0014/2526 SD./- ADDITIONAL CHIEF ENGINEER (PH)



GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, PURI (R&B) DIVISION, PURI**
WORKS DEPARTMENT
Short Tender Call Notice
E-mail : eerbpuri@yahoo.co.in
Bid Identification No. SE (R&B) Puri-02/2025-26

**No.B-32** : The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double Cover** system in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government / Railways :

1. Nature of Work : Civil Work
2. No. of Work : 3 Nos.
3. Tender Cost : Rs. 10000.00/ each (On-Line)
4. Class of bidders : 'B' Class
5. Available of Bid document in the Website : From 10.00 A.M. of Dt. 19.04.2025 to 03.00 P.M. of Dt. 25.04.2025
6. Last Date of receipt of tender : Dt. 25.04.2025 up to 03.00 P.M.
7. Date of opening of Bid : Dt. 25.04.2025 at 04:00 P.M.
8. The Bidders have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

OIPR-34064/11/0025/2526 Sd./- Superintending Engineer, Puri (R&B) Division, Puri

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଏମ୍‌ଏନ୍‌ଏସ୍ ଇଣ୍ଡିଆରେ ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସବୁଜ ଇସ୍ପାତ ବର୍ଗୀକରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହାର ବିଦ୍ୟମାନ ଏବଂ ପ୍ରତ୍ୟାଶିତ ଉତ୍ପାଦନ ଉପସ୍ଥିତି ଏବଂ ଦୀର୍ଘ ସ୍ଥାୟିତ୍ୱ ପଦକ୍ଷେପ ସୁନିଶ୍ଚିତ କରିବାକୁ ଯାଉଛି। କମ୍ପାନୀ ଭାରତର ନୂତନ ସବୁଜ ଇସ୍ପାତ ବର୍ଗୀକରଣର ଅନୁରୂପ ସବୁଜ ଇସ୍ପାତର ଏକ ମହତ୍ତ୍ୱପୂର୍ଣ୍ଣ ଅନୁପାତ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛି। ଏହାକୁ ୨୦୨୬-୨୭ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରାଯିବ ବୋଲି ଆଶା କରାଯାଉଛି। କମ୍ପାନୀର ଏହି ପ୍ରୟାସ ସହ ଏହା ପ୍ରଥମ ସମନ୍ୱିତ ଇସ୍ପାତ କମ୍ପାନୀ ଭାବେ ୩ ଷ୍ଟାର ରେଟିଂ ହାସଲ କରିବାକୁ ପ୍ରସ୍ତୁତ ରହିଛି।

AM/NS INDIA
ArcelorMittal Nippon Steel India

ଭାରତ ଇସ୍ପାତ ଶିଳ୍ପର ଡିକାର୍ବନାଇଜେଶନକୁ ଆଗେଇନେବା ଏବଂ ଭାରତ ପାଇଁ ଓ ଭାରତରୁ ସବୁଜ ଇସ୍ପାତର ଚାହିଦାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ କାର୍ବନ ଇସ୍ପାତର ସରଞ୍ଜନା ଉପରେ ଏକ ସାଧାରଣ ପରିଭାଷା ଏବଂ ରୂପରେଖ ପ୍ରଦାନ କରିବା ଲକ୍ଷ୍ୟରେ ଇସ୍ପାତ ମନ୍ତ୍ରଣାଳୟ ଦ୍ୱାରା ୨୦୨୪ ଡିସେମ୍ବରରେ ଭାରତ ପାଇଁ ସବୁଜ ଇସ୍ପାତ ବର୍ଗୀକରଣର ପ୍ରକାଶନ କରାଯାଇଥିଲା। ବର୍ଗୀକରଣରେ ପରିଭାଷିତ ସବୁଜ ଇସ୍ପାତକୁ ଉତ୍ପାଦନ ହେଉଥିବା ଇସ୍ପାତ କାରଖାନାର ନିର୍ଗମନ ତୀବ୍ରତା ଆଧାରରେ ବର୍ଗୀକୃତ କରାଯାଇଥାଏ। ଏପରିକି ଯୋଗ୍ୟତା ଅର୍ଜନ କରିବା ପାଇଁ କାର୍ବନ ଡାଇଅକ୍ସସାଇଡ୍ ସମକକ୍ଷ (କାର୍ବନ ଡାଇଅକ୍ସସାଇଡ୍) ନିର୍ଗମନ ତୀବ୍ରତା ପ୍ରତି ଟନ ପିଛା ପ୍ରସ୍ତୁତ ଚୂଡ଼ାନ୍ତ ଇସ୍ପାତରେ ୨.୨ ଟନ କାର୍ବନ ଡାଇଅକ୍ସସାଇଡ୍‌ରୁ କମ୍ ହେବା ଆବଶ୍ୟକ ବୋଲି କୁହାଯାଉଛି। ଏହି ସୀମାଠାରୁ ଅଧିକ ନିର୍ଗମନ ତୀବ୍ରତା ଥିବା ଇସ୍ପାତ ସବୁଜ ରେଟିଂ ପାଇଁ ଯୋଗ୍ୟ ହେବ ନାହିଁ ଏବଂ ଏହା ତଳେ ଉତ୍ପାଦିତ ଇସ୍ପାତକୁ ତ୍ରିସ୍ତରୀୟ ବ୍ୟବସ୍ଥା ଯଥା ୩ ଷ୍ଟାର, ୪ ଷ୍ଟାର କିମ୍ବା ୫ ଷ୍ଟାର ସବୁଜ ଇସ୍ପାତରେ ମୂଲ୍ୟାଙ୍କନ କରାଯିବ। ଏ ସମ୍ପର୍କରେ ଇସ୍ପାତ ସଚିବ ସନ୍ଦୀପ ପାଉଣ୍ଡ୍ରିକ୍ ଏହାର ବାଧ୍ୟତାମୂଳକ ସ୍ଥିତି ଉପରେ ଗୁରୁତ୍ୱାରୋପ କରି କହିଥିଲେ, ସବୁଜ ଇସ୍ପାତର ବର୍ଗୀକରଣକୁ ଗ୍ରହଣ କରିବା ବିକଳ୍ପ ନୁହେଁ; ଏହା ନିତ୍ୟାନ୍ତ ଜରୁରୀ। ଏହା ୨୦୩୦ ସୁଦ୍ଧା ଇସ୍ପାତ ପ୍ରସ୍ତୁତିରେ ଟନ୍ ପିଛା କାର୍ବନ ଡାଇଅକ୍ସସାଇଡ୍ ନିର୍ଗମନ ତୀବ୍ରତା ୨.୨ ଟନ୍‌କୁ ହ୍ରାସ କରିବାରେ ସହାୟତା କରିବ ଓ ଏହା ଦ୍ୱାରା ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦ୍ୱିତା ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରାଯାଇପାରିବ। ସେହିଭଳି ଏଏମ୍‌ଏନ୍‌ଏସ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ଉମେନ କହିଛନ୍ତି, ଭାରତ ୨୦୭୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପାଇଁ ନିଜର ଡିକାର୍ବନାଇଜେଶନ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଥିବାବେଳେ ଏହା ବିଶ୍ୱର ପ୍ରଥମ ସବୁଜ ଇସ୍ପାତ ବର୍ଗୀକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି। ଏହି ଐତିହାସିକ ପଦକ୍ଷେପ ଇସ୍ପାତ ଶିଳ୍ପକୁ ଦୀର୍ଘସ୍ଥାୟୀ ହେବା ପାଇଁ ଏକ ସ୍ପଷ୍ଟ ରୋଡ୍ ମ୍ୟାପ୍ ପ୍ରଦାନ କରୁଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଏହି ଦୃଷ୍ଟିକୋଣ ସହ ଦୃଢ଼ଭାବେ ଯୋଡ଼ିହୋଇଛି ଏବଂ ଆମେ ଯେଉଁ ପଦକ୍ଷେପ ନେଇଛୁ ତାହା ଆମକୁ ବର୍ଗୀକରଣ କାର୍ଯ୍ୟକାରୀ ହେବା ସମୟରେ ଏଥି ପାଇଁ ପ୍ରସ୍ତୁତ ରଖିବ ବୋଲି ଆମର ଆତ୍ମବିଶ୍ୱାସ ରହିଛି। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସବୁଜ ଏବଂ ସ୍ୱତନ୍ତ୍ର ଇସ୍ପାତ ଉତ୍ପାଦ ଗ୍ରାହକମାନଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବା ଦକ୍ଷତାର ସହ ରପ୍ତାନିକରିବା ଏବଂ ଏକ ସବୁଜ ମୂଲ୍ୟ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିବାରେ ସହାୟତା କରୁଛି। ଏହି କମ୍ପାନୀ ଭାରତର ସର୍ବନିମ୍ନ କାର୍ବନଭିତ୍ତିକ ଇସ୍ପାତ ନିର୍ମାତାମାନଙ୍କ ମଧ୍ୟରୁ ଅନ୍ୟତମ, ଯାହା ଭାରତକୁ ସବୁଜ ଇସ୍ପାତ ବର୍ଗୀକରଣ ପ୍ରଣାଳୀ କାର୍ଯ୍ୟକାରୀ କରାଇବା ଦିଗରେ ଅଗ୍ରଗାମୀ କରାଉଛି।

# ବ୍ୟାଙ୍କର କଲ୍ୟାଣମୂଳକ କାର୍ଯ୍ୟକୁ ଗୁରୁତ୍ୱାରୋପ

**ଭୁବନେଶ୍ୱର,୧୬।୪**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ପକ୍ଷରୁ ବାବା ସାହେବ ଭାରତରତ୍ନ ଡ. ବି. ଆର୍. ଆମ୍ବେଡକରଙ୍କର ୧୩୫ତମ ଜନ୍ମଦିବସ ନିକଟରେ ପାଳିତ ହୋଇଯାଇଛି। ତ୍‌ସଂଘର ସଭାପତି ସୌରଭ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ସଭା ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥ୍ୱୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବ୍ୟାଙ୍କର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ ଉପରେ ବିସ୍ତୃତ ଭାବେ ଆଲୋକପାତ ସହ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ବରିଷ୍ଠ ଆଇପିଏସ୍ ଅଧିକାରୀ ସତୀଶ କୁମାର ଗଜଭିୟେ ମୁଖ୍ୟବକ୍ତା ଭାବେ ଦେଇ ଏସ୍‌ବିଆଇର ସେବାଗୁଡ଼ିକକୁ ଉଚ୍ଚପ୍ରଶଂସା କରିଥିଲେ। ସେହିପରି ଉକ୍ତ ସଭାରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ଏନ୍‌ଡବ୍ଲ୍ୟୁ-୧) ପୁନ୍ନାବଲମ୍ ମ., ମହାପ୍ରବନ୍ଧକ (ଏନ୍‌ଡବ୍ଲ୍ୟୁ-୨) କୌଶଲ କିଶୋର ସିଂହ, ମହାପ୍ରବନ୍ଧକ (ଜିଏମ୍-ସିଏଓ) ସୁସୀମ ଦାସ, ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ କୁମାର ସିଂହ, ଉପ-ମହାପ୍ରବନ୍ଧକ (ଡିଜିଏମ୍, ବି ଆଣ୍ଡ ଓ) ଭୁବନେଶ୍ୱର ପ୍ରଶାନ୍ତ କୁମାର, ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା, କର୍ମଚାରୀ ସଂଘର ସଭାପତି ଡ. ତପନ କୁମାର ପାଲ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘର ସଭାପତି ଅମିତାଭ ଦାସ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାସ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଗଣେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ସହାୟତାରେ ଏବଂ ଏସ୍‌ବିଆଇ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ ଜରିଆରେ ଏସ୍‌ବିଆଇ ସାମାଜିକ ଜନକଲ୍ୟାଣ ଯୋଜନା ମାଧ୍ୟମରେ ତିନୋଟି ଶିକ୍ଷା ଅନୁଷ୍ଠାନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାଏକ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସଂଘ ବିଷୟରେ ସାମ୍ୟକ୍ ସୂଚନା ପ୍ରଦାନ ଏବଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରିଶେଷରେ ସଂଯୁକ୍ତା ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜାରରେ ଫ୍ରିଡମ୍ ଅଏଲର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୬।୪ (ଅଭୟ ଦାଶ)**

ଦେଶର ପ୍ରମୁଖ ଖାଇବାତେଲ ତଥା ଜେମିନୀ ଏଡିବେଲ୍ସ ଆଣ୍ଡ ଫାଟସ ଇଣ୍ଡିଆ ଲିମିଟେଡ୍ (ଜିଇଏଫ୍ ଇଣ୍ଡିଆ)ର ଅଗ୍ରଣୀ ବ୍ରାଣ୍ଡ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍ସର ନୂତନ ଉତ୍ପାଦ 'ନ୍ୟୁ ଫ୍ରିଡମ୍ ଗ୍ରାଉଣ୍ଡନଟ୍ ଅଏଲ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ନୂତନ ଡିଜିଟାଲ ପଦକ୍ଷେପର ମଧ୍ୟ ଅନାବରଣ କରାଯାଇଛି। ଏ ସମ୍ପର୍କରେ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲର ବରିଷ୍ଠ ଉପାଧ୍ୟକ୍ଷ (ବିକ୍ରି ଓ ବିପଣନ) ପି.ଚନ୍ଦ୍ରଶେଖର ରେଡ୍ଡୀ କହିଥିଲେ, ଆମେ ଆମର ନୂତନ ଉତ୍ପାଦ 'ନ୍ୟୁ ଫ୍ରିଡମ ଗ୍ରାଉଣ୍ଡନଟ୍ ଅଏଲ'କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଭିନ୍ନ ଧରଣ ସ୍ୱାଦ ଓ ଆଧୁନିକ ପ୍ରଣାଳୀରେ ସୁସ୍ଥକର ଉତ୍ପାଦକୁ ବଜାରରେ ପ୍ରବେଶ କରାଇ ଗ୍ରାହକଙ୍କ ଆବଶ୍ୟକତା ପୂରଣ ପାଇଁ ପ୍ରୟାସ କରିଛୁ। ଗ୍ରାହକଙ୍କୁ ଗୁଣାତ୍ମକ ଉତ୍ପାଦ ସହ ଖାଦ୍ୟରେ ସ୍ୱାଦିଷ୍ଟତା ପ୍ରଦାନ ପାଇଁ ଫ୍ରିଡମ୍ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଓ ପ୍ରଣାଳୀର ପ୍ରୟୋଗ କରାଯାଇଛି। ସେହିଭଳି ଜେମିନୀ ଏଡିବେଲ୍ସ ଆଣ୍ଡ ଫାଟସ୍ ଇଣ୍ଡିଆ ଲିମିଟେଡ୍‌ର ଜିଏମ୍ (ମାର୍କେଟିଂ) ଚେତନ ପିମ୍ପଲକୁଟେ କହିଥିଲେ, ଆମେ ନ୍ୟୁ ଫ୍ରିଡମ୍ ଗ୍ରାଉଣ୍ଡନଟ୍ ଅଏଲ'କୁ ଅନାବରଣ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ପୂରଣ ସହ ବ୍ରାଣ୍ଡ ମୂଲ୍ୟବୋଧକୁ ସବୁ ସ୍ତରର ଗ୍ରାହକଙ୍କ ନିକଟରେ ପହଞ୍ଚାଇବାକୁ ଆମେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛୁ।



'ନ୍ୟୁ ଫ୍ରିଡମ୍ ଗ୍ରାଉଣ୍ଡନଟ୍ ଅଏଲ'କୁ କମ୍ପାନୀର ବରିଷ୍ଠ ଅଧିକାରୀ ଉନ୍ମୋଚନ କରୁଛନ୍ତି।

# ପାରମିତା ଓଡ଼ିଶାର ନୂତନ ପ୍ରଧାନ ମୁଖ୍ୟ ଆୟକର କମିଶନର

**ଭୁବନେଶ୍ୱର,୧୬।୪**

ଓଡ଼ିଶାର ନୂତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ପାରମିତା ଶତପଥୀ ତ୍ରିପାଠୀ ବୁଧବାର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶାର ଆୟକର ବିଭାଗ କାର୍ଯ୍ୟାଳୟର ବିଭିନ୍ନ ପଦବୀରେ କାର୍ଯ୍ୟ କରିବା ସହ ଦୀର୍ଘ ୬ ବର୍ଷ ଧରି ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି)ର ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଅପରପକ୍ଷରେ ସେ ଜଣେ ସୁଲେଖିକା ଏବଂ ଔପନ୍ୟାସିକା ଭାବେ ମଧ୍ୟ ସୁପରିଚିତା। ୨୦୦୬ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୬ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୨୦୨୧ରେ ଶାରଳା ପୁରସ୍କାର ସମେତ ଅନେକ ଅନୁଷ୍ଠାନ ଦ୍ୱାରା ସେ ପୁରସ୍କୃତ ହୋଇଛନ୍ତି। ସେହିଭଳି ସେ ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ କରଦାତାଙ୍କ ସୁବିଧାକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୧୯୮୯ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ପାରମିତା ସରକାରଙ୍କ ବିଭିନ୍ନ ବିଭାଗରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି।


ପାରମିତା ଶତପଥୀ ତ୍ରିପାଠୀ

# ଶେୟାର ବଜାର କାରବାରରେ ଉତ୍ସାହ



**ମୁମ୍ବାଇ,୧୬।୪**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୩୦୯ (୩୦୯.୪୦) ପଏଣ୍ଟ ବୃଦ୍ଧି ଘଟି ୭୭,୦୪୪ (୭୭,୦୪୪.୨୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୦୯ (୧୦୮.୬୫) ପଏଣ୍ଟ ବଢ଼ି ୨୩,୪୩୭ (୨୩,୪୩୭.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ରେଡ୍‌ମି ଏ୫ରେ ଶୁଭାରମ୍ଭ

**ଭୁବନେଶ୍ୱର,୧୬।୪**

ଜିଓମି(ଏମ୍‌ଆଇ) ଇଣ୍ଡିଆର ନୂତନ ଉତ୍ପାଦ ତଥା ରେଡ୍‌ମି ଏ୫'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ୧୨୦ ଏଚ୍‌ଜେଡ୍ ଉଚ୍ଚ ରିଫ୍ରେସ ହାର ଡିସ୍‌ପ୍ଲେ, ୩୨ଏମପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡ୍‌ମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ। ଏ ସମ୍ପର୍କରେ ଜିଓମି (ଏମ୍‌ଆଇ) ଇଣ୍ଡିଆର ମୁଖ୍ୟ ବିପଣନ ଅଧିକାରୀ ଅନୁଜ ଶର୍ମା କହିଛନ୍ତି, ରେଡ୍‌ମି ଏ୫ ଏକ ପ୍ରବେଶ ସ୍ତରୀୟ ସ୍ମାର୍ଟଫୋନ ଓ ଏହା ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରିବ। ସେଗମେଣ୍ଟରେ ସବୁଠାରୁ ବଡ଼ ସ୍ମୁଥ ୧୨୦ଏଚ୍‌ଜେଡ୍ ଡିସ୍‌ପ୍ଲେ ସହ ଏହା ଏକ ଅତୁଳନୀୟ ସ୍ତରର ଦୃଶ୍ୟ ପ୍ରଦାନ ଓ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଥାଏ। ୧୨୦ ଏଚଜେଡ ଉଚ୍ଚ ରିଫ୍ରେସ ହାର ଡିସପ୍ଲେ, ୩୨ଏମ୍‌ପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ସ୍ମୁଥ ପ୍ରସେସର ସହ ରେଡମି ଏ୫ ଉନ୍ନତ ବୈଶିଷ୍ଟ୍ୟ ଖୋଜୁଥିବା ଉପଯୋଗକାରୀଙ୍କ ନିମନ୍ତେ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବ।


# Classified Everyday


0674-2580101, 9692975378



REAL ESTATE

SALE

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258


FOR RENT

For rent (Residential/Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Around 1800sft at Chintamaniswar, Walkable distance to Bhubaneswar Railstation, Ground Floor, Both side road for godown. Call-7978968374. D-188

Spacious empty land of 70000sft (1.58 acres) available at Balikuda (Oppo- Cuttack Sadar P.S) ideal for warehouse/storage or logistics will connected location with easy access to transportation. Interested parties/person may contact: 7682829927. D-187




Newly open Jyoti SPA positively health benefits (Expert therapist). 8458067955. D-76908

Positively health benefited SPA by expert female therapist, Bapujinagar. 8328803811. D-76909

Herbal full body massage by smart/expert therapist. Contact- 8327740003. D-76442

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

**Full body massage experience, good looking therapist @999 (Bhubaneswar). 9078484455.** D-152

Full body massage by experience therapist with homely atmosphere. 9114559860. D-76910

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

By virtue of an affidavit sworn before Notary Public, Bhubaneswar, dated 15.04.2025, I, Smt. Jyotsna Prava Mohapatra, At Village- Benupur, P.O.- Chasapada, P.S.- Balikuda, Dist.- Jagatsinghpur, PIN Code- 754106, Odisha, at present residing at EB- 140, Badagada, Brit Colony, P.S.- Badagada, Bhubaneswar- 751018, Dist.- Khurda, Odisha, declare that I have changed my name from Smt. Jyotsna Prava Patra to Smt. Jyotsna Prava Mohapatra. Henceforth, I shall be known as Smt. Jyotsna Prava Mohapatra for all purposes.
Jyotsna Prava Mohapatra. D-76443

By virtue of an affidavit sworn before the Executive Magistrate, Muniguda on dated 16.04.2025 (Sl No.- 523/25), I Yuddhesti Behera of Village- Bagicha Sahi, P.O./P.S.- Muniguda, Dist.- Rayagada, date of birth is 20.04.1997, declare that I have changed my name to Judhisthi Behera. Henceforth, I shall be known as Judhisthi Behera for all purposes and my date of birth is 20.04.1997. D-190

By virtue of an affidavit sworn before Notary Public, Bhubaneswar, dated 10.04.25, I, Panchanan Das, Village- Baku, Srimakundapur, Dist.- Puri declare that I have changed my son's name Suryaprasad Das to Sanjay Das. Henceforth, he shall be known as Sanjay Das for all purposes.
Sanjay das
Applicant name D-191

I, Lipsa Pattanaik about the age of 42, Wife/o- Sibabrata Pattanaik, resident of P201, Trident Galaxy, Kalinga Nagar, Bhubaneswar, Dist.- Khorda, PIN- 751003 Odisha declare by this affidavit No.- Vol-I, SL.No.- 369, dtd 15.04.2025, that now onwards I shall be known as **LIPSA MOHANTY** for all future purposes.

I, Kulamani Dewan, R/o- Village/P.O.- Panimora, P.S.- Sohela, Dist.- Bargarh, declare that my daughter's name has been wrongly mentioned as Aryahi Dewan instead of Gargi Dewan in her Aadhaar card bearing No.- xxxx xxxx 7570. By this affidavit No.- 801 dated 15.04.25 sworn before the Notary Public, Sohela, I have changed her name to Gargi Dewan for all future purposes. D-192


By virtue of an affidavit sworn before the Executive Magistrate, Bhubaneswar, dated- 17.02.2025, I, Biswaranjan Acharya, Plot No.- 112, Saheednagar, Bhubaneswar, declare that I have changed my daughter's name from Rajnandini Singh to Rajnandini Acharya. Henceforth, she shall be known as Rajnandini Acharya for all purposes.
Biswaranjan Acharya D-067

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



ୱପ୍ରଫୁଲ କୁମାର ଭଞ୍ଜ
ମୀନାବଜାର, ଢେଙ୍କାନାଳ
ପୂର୍ବତନ ବିଧାୟକ, ଗଁଦିଆ ନିର୍ବାଚନ ମଣ୍ଡଳୀ, ଢେଙ୍କାନାଳ
ଆପଣଙ୍କ ସ୍ନେହ ଓ ମାର୍ଗଦର୍ଶନ ସର୍ବଦା ସ୍ମରଣୀୟ।
ସୌଜନ୍ୟ:- ଶ୍ରୀ ରଜତ କର, ଢେଙ୍କାନାଳ
ତା- ୧୭।୦୪।୨୦୨୫
ଧ-୧୯୪

ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ୱ ପ୍ରଫୁଲ କୁମାର ଭଞ୍ଜ
ପୂର୍ବତନ ବିଧାୟକ, ପୂର୍ବତନ ନଗରପାଳ, ପୂର୍ବତନ ମୀନା ବଜାର ଅଧ୍ୟକ୍ଷ
ଆର୍ବିଭାବ : ୦୧.୦୮.୧୯୩୯
ତିରୋଧାନ : ୦୭.୦୪.୨୦୨୫
ଏକାଦଶାହ କର୍ମ
ତା୧୭.୦୪.୨୦୨୫ (ଗୁରୁବାର)
ହତଭାଗ୍ୟ ପୁତ୍ର
ପ୍ରଶାନ୍ତ ଭଞ୍ଜ
ଓ ଭଞ୍ଜ ପରିବାର
ଧ-୧୯୩

‘ହେରାଫେରି-୩’ରେ ଅକ୍ଷୟ-ପରେଶ-ସୁନୀଲ



# ହେରା ଫେରି-୩

**ବି**ଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶିତ ଏବଂ ଏ.ଜି. ନାଦିଓ୍ୱାଦଓ୍ୱାଲାଙ୍କ ପ୍ରଯୋଜିତ ‘ହେରା ଫେରି’ ୨୦୦୦ ମସିହାରେ ପରଦା ଉପରକୁ ଆସିଥିଲା। ମାତ୍ର ୭କୋଟି ବଜେଟରେ ପ୍ରସ୍ତୁତ ଏହି ଫିଲ୍ମଟି ବକ୍ସ ଅଫିସରେ ୨୧ କୋଟିର ବିଜନେସ୍ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ଏବେ ଏହାର ପାର୍ଟ ୩ ‘ହେରା ଫେରି ୩’ର ଶୁଟିଂ ଆରମ୍ଭ ହୋଇଯାଇଛି। ଆରମ୍ଭରୁ ଏହା ସହ ଜଡିତ ଅଛନ୍ତି ତ୍ରିମୂର୍ତ୍ତି-ଅକ୍ଷୟ କୁମାର, ସୁନୀଲ ସେଟ୍ଟୀଏବଂ ପରେଶ ରାଓ୍ୱଲ। ଏମାନଙ୍କର ନିଖୁଣ ଅଭିନୟକୁ ଏ ପର୍ଯ୍ୟନ୍ତ ଦର୍ଶକ ମନେ ରଖିଛନ୍ତି। ତେଣୁ ଏହାର ପାର୍ଟ ଥ୍ରୀରେ ମଧ୍ୟ ଏହି ଯୋଡିକୁ ରିପିଟ୍ କରାଯାଇଛି। ଏଥର ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ପ୍ରିୟଦର୍ଶନ-ଫରହାଦ ସାମ୍‌ଜି ଯୋଡି। ଏ ନେଇ ପ୍ରିୟଦର୍ଶନ କହନ୍ତି, ‘‘ସତ କଥା କହିବାକୁ ଗଲେ, ଯେତେବେଳେ ଏକ ହାସ୍ୟରସ ଏବଂ ଅନେକ ଶିକ୍ଷଣୀୟ କଥାକୁ ନେଇ ନିର୍ମିତ ‘ହେରା ଫେରି’ର ନିର୍ଦ୍ଦେଶନା ଦେଲି, ସେତେବେଳେ ମୋ ପାଇଁ ଏହା ଏକ ଚ୍ୟାଲେଞ୍ଜ ଥିଲା। ଯାହାହେଉ ସେତେବେଳେ ଏହାକୁ ଦର୍ଶକ ଯେମିତି ଗ୍ରହଣ କଲେ ସେଥିପାଇଁ ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।’’ ଅକ୍ଷୟ କୁମାର, ସୁନୀଲ ସେଟ୍ଟୀ, ପରେଶ ରାଓ୍ୱଲଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ଜାଭେଦ ଜାଫ୍ରି ଏବଂ ଶକ୍ତି କପୁର ପ୍ରମୁଖ ଅଭିନୟ କରୁଛନ୍ତି।



ସାରା

# ଯାହା ଚାହୁଁଥିଲେ ପ୍ରଶାନ୍ତ..

**ଥ**ରେ ମନେ ପକାନ୍ତୁ ନା ସୁପରହିଟ୍ ଫିଲ୍ମ ‘କେଜିଏଫ’କୁ। ଏହା ତାଙ୍କୁ ରାତାରାତି ଜଣେ ନାମୀ ନିର୍ଦ୍ଦେଶକର ମାନ୍ୟତା ଦେଇଥିଲା। ହଁ, ସେ ହେଲେ ବିଶିଷ୍ଟ ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍। ବାଙ୍ଗାଲୋରରେ ଜନ୍ମିତ ପ୍ରଶାନ୍ତଙ୍କ ପ୍ରଥମ ନିର୍ଦ୍ଦେଶିତ ସିନେମା ଥିଲା ଆକ୍ସନ ଥ୍ରୀଲର ‘ଉଗ୍ରମ’ (୨୦୧୪)। ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ସେ। ପରିବାର ଚଳାଇବା ପାଇଁ ପ୍ରଶାନ୍ତ ଚଳଚ୍ଚିତ୍ର ଦୁନିଆରେ ପାଦ ରଖିଥିଲେ। ତାଙ୍କର ମନରେ ଗୋଟିଏ ଆଶା ଥିଲା ଦିନେ ନା ଦିନେ ମୁଁ ଜଣେ ଭଲ ନିର୍ଦ୍ଦେଶକ ହେବି। ଯାହାହେଉ ତାଙ୍କର ଆଶା ପୂରଣ ମଧ୍ୟ ହୋଇଛି। ପାଠ ପଢୁଥିବା ସମୟରେ ସେ ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରୁଥିଲେ। ପ୍ରଶାନ୍ତଙ୍କ ବାପାଙ୍କ ଜନ୍ମସ୍ଥାନ ହେଉଛି ଆନ୍ଧ୍ରପ୍ରଦେଶର ନୀଲାକଣ୍ଠପୁରମ। ସେ ନିୟମିତ ସମୟ ବ୍ୟବଧାନରେ ସେଠାକୁ ଯାଇଥାଆନ୍ତି। ତାଙ୍କର ପ୍ରକୃତ ନାମ ହେଉଛି ପ୍ରଶାନ୍ତ ନୀଲାକଣ୍ଠପୁରମ। ହେଲେ ସେ ଏହାକୁ ସଂକ୍ଷିପ୍ତ କରି ପ୍ରଶାନ୍ତ ନୀଲ୍ ରଖିଛନ୍ତି।



## ଅ|ତୀ|ତ|ରୁ

- ଅଜିତ ଦାସ, ଉତ୍ତମ ମହାନ୍ତି, ଶୁଭ୍ରା ପତିଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ଝିଅଟି ସୀତା ପରି’। ଏହାର ନିର୍ଦ୍ଦେଶନା ଦେଇଥିଲେ ବିଧୂ ଭୂଷଣ ନନ୍ଦ। ଗୀତଗୁଡିକୁ ସ୍ୱର ଦେଇଥିଲେ ସରୋଜ ପଟ୍ଟନାୟକ।
- ଓଡ଼ିଆ ସିନେମା ‘ସୁବର୍ଣ୍ଣ ସୀତା’ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା। ଏଥିରେ ତାଙ୍କର ନାୟିକା ସାଜିଥିଲେ ତ୍ରିପୁରା ମିଶ୍ର। ଶ୍ରୀଦୁର୍ଗା ଫିଲ୍ମସ, କଟକ ବ୍ୟାନରରେ ଏହାର ପ୍ରଯୋଜନା କରିଥିଲେ ପ୍ରଭାତ ମିଶ୍ର। ଉକ୍ତ ସିନେମାର ନିର୍ଦ୍ଦେଶନା ଦେଇଥିଲେ ଶିଶିର ମିଶ୍ର।
- ସୁବୋଧ ଚନ୍ଦ୍ର ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ତଅପୋଇ’। ଏହାର ନିର୍ଦ୍ଦେଶନା ଦେଇଥିଲେ ଶରତ ପୂଜାରୀ। ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ପ୍ରଶାନ୍ତ ନନ୍ଦ, ସାମୁଏଲ ସାହୁ (ବାବି), କ୍ଷଣପ୍ରଭା, ଅନୀତା ଦାସ ଏବଂ ଧୀର ବିଶ୍ୱାଳ ପ୍ରମୁଖ ଏଥିରେ ଅଭିନୟ କରିଥିଲେ।
- ଓଡ଼ିଆ ଚିତ୍ର ‘ପ୍ରିୟତମା’ର ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱଜିତ ଦାସ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱରାୟିତ କରିଥିଲେ ଶାନ୍ତନୁ ମହାପାତ୍ର। ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।
- ଘନଶ୍ୟାମ ମହାପାତ୍ରଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ପ୍ରସ୍ତୁତ ‘କନକଲତା’ରେ ହରିଶ ମହାପାତ୍ର, ସୁଜାତା ଆନନ୍ଦ, ଶାନ୍ତିଲତା ଏବଂ କାଶୀନାଥ ପ୍ରମୁଖ ଅଭିନୟ କରିଥିଲେ। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ବାଳକୃଷ୍ଣ ଦାଶ।

# ସବୁ ଗୁଜବ

**ଏ**ଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା ସାରା ଅଲ୍ଲୀ ଖାଁ ବାଦ୍ ପଡନ୍ତେ କିପରି ? କଥା କ’ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ସାରା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ତେଣୁ ସେଥିପାଇଁ ସେ ପରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି। ଯେତେବେଳେ ଏହି କଥା ତାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, ‘ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ମୁଁ ଯେ ମୋର ପାରିଶ୍ରମିକକୁ ଏକାଥରେ ଡବଲ କରିଦେବି-ଏକଥା କଦାପି ସମ୍ଭବ ନୁହେଁ।’’

## ଅନୁତାପ କରୁଛନ୍ତି ଜାହ୍ନବୀ

**ଆ**ଗଧାଡ଼ିର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ସିନେମା ‘ଶିମ୍ବା’ ପାଇଁ ତାଙ୍କର ପ୍ରଥମ ପସନ୍ଦ ଥିଲେ ଜାହ୍ନବୀ କପୁର। ହେଲେ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଶେଷରେ ଏହି ରୋଲ୍ ପାଇଁ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରାଯାଇଥିଲା। ଏ ବିଷୟରେ ସେ କହନ୍ତି, ‘‘ କେତେକ କାରଣରୁ ମୁଁ ଅଫରଟିକୁ ହାତଛଡା କରିଥିଲି। ଏବେ ସେ କଥା ମନେ ପଡିଲେ ଦୁଃଖ ଲାଗେ।’’ ଜାହ୍ନବୀଙ୍କ ମା’ ତଥା ବଲିଉଡ୍‌ର ବିଶିଷ୍ଟ ଅଭିନେତ୍ରୀ ଶ୍ରୀଦେବୀ କଦାପି ଚାହୁଁ ନ ଥିଲେ ଯେ ତାଙ୍କର ଝିଅ ଅଭିନୟ ଦୁନିଆରେ ପାଦ ଦେଉ। କିନ୍ତୁ ଜାହ୍ନବୀ ବଲିଉଡ୍‌ରେ ଏଣ୍ଟ୍ରି କଲେ ତା’ପରେ ସେ ତାଙ୍କ ପଛରେ ଛାଇ ଭଳି ରହିଥିଲେ।



ଜାହ୍ନବୀ

# ଫୁଲ ଗଜରା

**ଫୁ**ଲ ଗଜରା ଦେଖିବାକୁ ବେଶ୍ ସୁନ୍ଦର। ବିଶେଷଭାବରେ ମହିଳାଙ୍କ କେଶ ବିନ୍ୟାସକୁ ଏହା ଆହୁରି ଆକର୍ଷଣୀୟ କରିଥାଏ। ସେହି ଫୁଲ ଗଜରାରେ ରହିଛି ଅନେକ କଥା। କେତେବେଳେ ସେ ପ୍ରେମର ସାକ୍ଷୀ ସାଜୁଛି ତ କେତେବେଳେ ପ୍ରେମୀ ଯୁଗଳଙ୍କ ମନର କଥାକୁ ବଖାଣି ବସୁଛି। ହଁ, ଏଭଳି ବିଷୟବସ୍ତୁ ନେଇ ପ୍ରସ୍ତୁତ ହୋଇଛି ଏକ ରୋମାଣ୍ଟିକ ଆଧୁନିକ ସମ୍ବଲପୁରୀ ଆଲବମ୍ ଯାହାର ଟାଇଟଲ ରହିଛି ‘ଫୁଲ ଗଜରା’। କେବଳ ସେତିକି ନୁହେଁ, ଏହି ଶୀର୍ଷକକୁ ନେଇ ଆଲବମ୍‌ର ଟାଇଟଲ ଗୀତ ମଧ୍ୟ ରଚନା କରାଯାଇଛି। ତା’ସହ ଏହାର ଦୃଶ୍ୟାୟନ ସମୟରେ ଗୀତଟିକୁ କିପରି ଶତ ପ୍ରତିଶତ ଜଷ୍ଟିସ ମିଳିବ ସେ ନେଇ ଚେଷ୍ଟା କରିଛନ୍ତି ଏହାର ନିର୍ଦ୍ଦେଶକ ଡେଭିଲ୍ ରାଜ୍। ମ୍ୟୁଜିକ୍ ମନ୍ତ୍ର ପ୍ରା.ଲି. ଏହାର ପ୍ରଯୋଜନା କରିଛନ୍ତି। ଅଜୟ ନାଗ ଏହି ରୋମାଣ୍ଟିକ ଗୀତଟିକୁ ରଚନା କରିଥିବା ବେଳେ ତାହାକୁ ସ୍ୱରରେ ସଜାଇଛନ୍ତି ଦିବ୍ୟଲୋଚନ ଦୀପ୍। କଣ୍ଠଦାନ କରିଛନ୍ତି ଅଜୟ ନାଗ ଏବଂ ସୁଶ୍ରୀ ଜିପି। ସ୍ନେହାଶିଷ ରାଉତ ଏବଂ ମେଘା ଶାହା ଗୀତଟିରେ ଅଭିନୟ କରିଛନ୍ତି। ଏହାର ମିଡିଆ ପ୍ଲାନର ଅଛନ୍ତି ଅମରେଶ ବେଉରା।



ସ୍ନେହାଶିଷ-ମେଘା

# ଆଖି କହିବ ମନ କଥା

**ଆ**ଖିର ଚାହାଣିରେ ଅନେକ କଥା କହି ହୁଏ। ତେବେ ଜଣକ ମନର କଥାକୁ କିପରି ଆଖି ବୟାନ କରୁଛି ତାହା ‘ରାକେଟ୍’ ଫିଲ୍ମରେ ଦେଖିବାକୁ ମିଳିବ। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। ହେମନ୍ତ ପାତ୍ରଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ବିଜୟ ମଲ୍ଲ। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫି କରିଛନ୍ତି ଏସ. କେ ମୁରଲୀଧରନ। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଡ୍ଡୀ, ସ୍ମୃତି ରଞ୍ଜନ ମହାନ୍ତି ( ନଟିଆ ), ପିଣ୍ଟୁ, ଶୀତୁଲ ଓ କୁନୁରୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ରାଜ୍ୟର ଅଗ୍ରଣୀ ବିତରଣକାରୀ ସଂସ୍ଥା ପ୍ରକାଶ ଫିଲ୍ମସ ଏହାର ବିତରଣ ଦାୟିତ୍ୱରେ ଅଛନ୍ତି।



‘ରାକେଟ୍’ ଫିଲ୍ମରେ ଶୀତୁଲ

# ସିନେମା-ଯାତ୍ରା ଯନ୍ତ୍ରଣା

**ଗ**ତ କିଛିବର୍ଷ ହେଲା ଓଡ଼ିଆ ସିନେମାକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି। ଚଳିତ ବର୍ଷ ଓଡ଼ିଆ ଅପେରା ଜଗତ ଆଲୋଚନାର ପରିସରଭୁକ୍ତ ହୋଇଛି। କେଉଁ କଳାକାର କେଉଁ ଯାତ୍ରା ପାର୍ଟିରେ ଅଭିନୟ କରିବେ ସେ ନେଇ ଯାତ୍ରା ଋତୁ ଶେଷରେ ପରିବେଶ ବେଶ୍ ଉଷ୍ମ ରହିଥାଏ। କଳାକାରମାନେ ଏପଟସେପଟ ହେବା କିଛି ନୂଆ କଥା ନୁହେଁ। ଅନେକ ବର୍ଷ ଧରି ଏହି ଧାରା ଚାଲିଆସିଛି। ହେଲେ ଏବର୍ଷ ଅପେରା ଜଗତରେ ଯେଉଁ କେତୋଟି ଘଟଣା ଘଟିଛି ତାହାକୁ ନେଇ ଆଲୋଚନା ଶେଷ ହେବାର ନାଁ ଧରୁନାହିଁ। ଏ ବିଷୟରେ ତ ଆଲୋଚନା କରିବା ହେଲେ ଆମ ସିନେମା ଜଗତର ଅବସ୍ଥା ମଧ୍ୟ କିଛି କମ୍ ନୁହେଁ। ମାଳ ମାଳ ସିନେମା ରିଲିଜ ହେଉଛି, ହେଲେ ସଫଳ ଚିତ୍ର ସଂଖ୍ୟା କେତେ ତାହା କହିବା ବାହୁଲ୍ୟ। ସ୍ୱପ୍ନ ଦେଖିବା ମନା ନାହିଁ। ଉତ୍ତାରୁ ସିନେମା କରି ବାହା ବା ନେବାକୁ ପ୍ରୟାସ କରିବା ଅପେକ୍ଷା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଚଳଚ୍ଚିତ୍ର ନିର୍ମାଣ ହେବା ଦରକାର। ୧୯୯୯ ମହାବାତ୍ୟା ବେଳଠାରୁ ପ୍ରେକ୍ଷାଳୟ ସଂଖ୍ୟା କମିବାକୁ ଲାଗିଛି। ଆମ ରାଜ୍ୟରେ ଏବେ ପ୍ରାୟ ୬୦ଟି ପ୍ରେକ୍ଷାଳୟ ଅଛି। ଅନେକ ପ୍ରେକ୍ଷାଳୟଗୁଡିକର ପୁନରୁଦ୍ଧାର ହେବା ଦରକାର। ସିନେମାଟିଏ ପ୍ରଯୋଜନା କରିବା ପୂର୍ବରୁ ସେ ସମ୍ପର୍କରେ ନିଜର କିଛି ଜ୍ଞାନ ରହିବା ନିହାତି ଆବଶ୍ୟକ। ଜଣଙ୍କୁ ମାୟାଜାଲରେ ଫସାଇ ସିନେମା ନିର୍ମାଣ କରିବାକୁ କେତେକ ବ୍ୟକ୍ତିବିଶେଷ ପୂରାଦମ୍‌ରେ ଲାଗିପଡନ୍ତି। ଆଉ ତା’ପରେ ଫଳ କ’ଣ ହୁଏ ତାହାର ଉଦାହରଣ ଅନେକ ରହିଛି। କେତେକ ସିନେମାର ଭାଗ୍ୟ କେବଳ ପ୍ରିମିୟର ଶୋ’ରେ ସୀମିତ ରହିଯାଉଛି। ଅବଶ୍ୟ ୟା ଭିତରେ ‘ଦମନ’ ଏବଂ ‘କର୍ମ’ ଭଳି ଓଡ଼ିଆ ଚଳଚ୍ଚିତ୍ର ଦର୍ଶକାଦୃତ ହୋଇପାରିଛି। ତେଣୁ ଏଭଳି ପ୍ରୟାସ ଜାରି ରହିଲେ ଆମେ ଓଡ଼ିଆ ସିନେମାକୁ ନେଇ ନୂଆ ସ୍ୱପ୍ନ ଦେଖିପାରିବା।



ଏବେ ଯାତ୍ରା କଥାକୁ ଆସିବା। ମଞ୍ଚ ଉପରେ ଜୀବନ୍ତ ଅଭିନୟ କରି ଦର୍ଶକଙ୍କୁ ବିଳମ୍ବିତ ରାତ୍ରିରେ ଟେଣ୍ଟ ଭିତରେ ପାଖାପାଖି ପାଞ୍ଚ ଘଣ୍ଟା ବାନ୍ଧି ରଖିବା ଛୋଟିଆ କଥା ନୁହେଁ। ଯାତ୍ରା ସହ ଜଡିତ କଳାକାରଟିଏ ନିଜ ଦକ୍ଷତା ଷ୍ଟେଜ ଉପରେ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣିବାକୁ ଚେଷ୍ଟା କରେ। କେବଳ କଳାକାର ନୁହନ୍ତି, ନାଟ୍ୟକାର, ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଗୀତିକାର ଏବଂ ମଞ୍ଚ ପଛରେ ରହି ସାଜସଜା, ଇଲେକ୍ଟ୍ରି, ଶବ୍ଦ ପରିଚାଳନା ଏବଂ ବ୍ୟବସ୍ଥାପନା ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ରୋଜଗାର ଏକମାତ୍ର ମାଧ୍ୟମ ହେଲା ଯାତ୍ରା। ଅପେରା ପାର୍ଟିର ମାଲିକ ଟଙ୍କା ଖଟାଇ ଯାତ୍ରା ପାର୍ଟିଟିଏ ଗଢ଼େ। ତା’ପରେ କଳାକାର ଚୟନ, ନାଟକ ଆଦି କାମ ତୁଲାଇବାକୁ ପଡେ। ତେଣୁ ଯାତ୍ରା ହେଉଛି ଏକ ଟିମ୍ ଇଫୋର୍ଟ। ଗୋଟିଏ ଯାତ୍ରା ସିଜନ ପରେ କଳାକାର ଏପଟ ସେପଟ ହୁଅନ୍ତି। କିନ୍ତୁ ଚଳିତ ବର୍ଷ ଏହି ପରିବେଶ କେତେ ଉଷ୍ମ ହୋଇଛି ତାହା ପ୍ରାୟ ସମସ୍ତେ ଜାଣନ୍ତି। ଏକାଥରେ ଦୁଇଟି ପାର୍ଟିରୁ ଅଗ୍ରିମ ଟଙ୍କା ନେବା ଏବଂ ପରବର୍ତ୍ତୀ ସମୟରେ ସେ ନେଇ ହାଇଭୋଲଟେଜ ଡ୍ରାମା ହେବା ଓ ଶେଷରେ ଦୁଇ ପାର୍ଟିକୁ ଅଗ୍ରିମ ଟଙ୍କା ଫେରସ୍ତ ଦେଇ ଆସନ୍ତା ଯାତ୍ରା ସିଜନରୁ ବିରତ ରହିବାକୁ ନିଷ୍ପତ୍ତି ନେଇଛନ୍ତି ଅନ୍ୟତମ ଚର୍ଚ୍ଚିତ କଳକାର ପୀୟୂଷ ତ୍ରିପାଠୀ। କେବଳ ସେତିକି ନୁହେଁ ହାସ୍ୟାଭିନେତା ନରି ପଣ୍ଡା ଜଣେ ଯାତ୍ରା ମାଲିକ ତାଙ୍କୁ ମାଡ ମାରିବା ଅଭିଯୋଗ ଆଣିଛନ୍ତି। ଏବେ ଏମିତି ଆରୋପ ପ୍ରତ୍ୟାରୋପ ଯାତ୍ରା ଜଗତରେ ଲାଗି ରହିଛି। ତେବେ ଏହାକୁ ସମାଧାନ କରିବାକୁ କଳାକାର ସଂଘ, ମାଲିକ ସଂଘ ଆଗେଇ ଆସିବା ଉଚିତ। ଯାତ୍ରାରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି ହେଲେ ଯାତ୍ରା ପ୍ରତି ଲୋକଙ୍କର ଆସ୍ଥା ରହିବ। କଳା ଈଶ୍ୱର ପ୍ରଦତ୍ତ। ଏହାକୁ ଟଙ୍କାର ନିକିତିରେ ମାପିବା ଏବଂ ତାହାକୁ ମୂଳଚାଲ କରି ସମାଲୋଚିତ ହେବା କେତେଦୂର ଠିକ୍ ତାହା ବିଚାରଯୋଗ୍ୟ। କଳା ପରିବେଷଣ କରି ପରିଶ୍ରମର ଉପଯୁକ୍ତ ମୂଲ୍ୟ ପାଇବାକୁ ପ୍ରତିଟି କଳାକାର ହକଦାର। ହେଲେ ଏହାକୁ ନେଇ ଯଦି ବେପାର ଚାଲେ ତେବେ ସେତେବେଳେ ନା କଳାର ମୂଲ୍ୟ ରହିବ ନା କଳାକାରର। ତେଣୁ ଯାତ୍ରା ଜଗତ ସୁସ୍ଥ ପରିବେଶକୁ ଆସି ତାହାର ପୂର୍ବ ଗରିମା ବଜାୟ ରଖୁ-ଏତିକି ଆଶା ରଖୁଛି।

**-ଦିଲ୍ଲୀପ ହାଲି,** ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଜନସଚେତନତାମୂଳକ ନାଟକକୁ ଗୁରୁତ୍ୱ ଦିଏ

**ରୋହିତ ନାଗେଶ ଏକାଧାରରେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ଗୀତିକାର ଏବଂ ଅଭିନେତା। ନିଜ କ୍ୟାରିୟର ବିଷୟରେ ସେ ଯାହା କହନ୍ତି..**

**କେ**ବଳ ଅଭିନୟ ନୁହେଁ, ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱକୁ ବେଶ୍ ସୁଚାରୁ ଭାବରେ ତୁଲାଇ ପାରନ୍ତି । ଏ କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି ରୋହିତ ନାଗେଶ। ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଅନକାପୁର ଗ୍ରାମର ତାଙ୍କର ଜନ୍ମ। ପ୍ରଥମେ ତାଙ୍କୁ ଗୀତିନାଟ୍ୟରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ନିଜ ଅଭିନୟ ତଥା ନିର୍ଦ୍ଦେଶନା କ୍ୟାରିୟର ବିଷୟରେ ସେ କହନ୍ତି, ‘‘ଅଭିନୟରୁ ମୋତେ ଯେତେବେଳେ ଆତ୍ମତୃପ୍ତି ମିଳିଲା ପରେ ମାତ୍ର ୧୬ ବର୍ଷରୁ ମୁଁ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲି। ଅଭିନୟ ଏବଂ ନିର୍ଦ୍ଦେଶନା ବ୍ୟତୀତ ମୁଁ ନାଟକ ଓ ଗୀତ ରଚନା ମଧ୍ୟ କରିଛି। ମୋ ନାଟକଗୁଡିକରେ ଜନସଚେନତାମୂଳକ ବାର୍ତ୍ତା ଭରି ରହିଥାଏ। ନାଟକଟିଏ ରଚନା କରିବା ସମୟରେ ମୁଁ ଦର୍ଶକଙ୍କ ମାନସିକତାକୁ ମଧ୍ୟ ପ୍ରାଥମିକତା ଦେଇଥାଏ।’’ ପିତା ଭାସ୍କର ନାଗେଶ ଓ ମାତା ଜୟମନି ନାଗେଶଙ୍କ ଏହି ଜ୍ୟେଷ୍ଠ ପୁତ୍ରଙ୍କ ରଚିତ ପ୍ରମୁଖ ନାଟକଗୁଡିକ ହେଉଛି- ସାଗର ଝୁରୁଛି ଝରଣା ପାଇଁ , ସଧବା ନାରୀର ବିଧବା ବେଶ, ଘର ଭାଙ୍ଗିଲା ପର କଥାରେ ଏବଂ ସାଥୀକୁ ସବାରି ସାତ ସପନ।

-ମକାରୁ ବେମାଲ, ନୂଆପଡ଼ା



ରୋହିତ

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୧୭/୨୦୨୫ Bhubaneswar, Thursday, April 17/ 2025

# ସୁପର ଓଭରରେ ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ,୧୬।୪

ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ସୁପର ଓଭରରେ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍)କୁ ପରାସ୍ତ କରିଛି। ଚଳିତ ସଂସ୍କରଣର ଏହା ପ୍ରଥମ ସୁପର ଓଭର ଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୫ ଉଇକେଟ ହରାଇ ୧୮୮ ରନ କରିଥିବା ବେଳେ ରାଜସ୍ଥାନ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୪ ଉଇକେଟ ହରାଇ ୧୮୮ ରନ କରିବାକୁ ସକ୍ଷମ ହୋଇଥିଲା। ସୁପର ଓଭରରେ ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୧୨ ରନର ଟାର୍ଗେଟ୍‌କୁ ଦିଲ୍ଲୀ ୪ଟି ବଲରେ ହାସଲ କରି ନେଇଥିଲା। ଏହା ଦିଲ୍ଲୀର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ସମାନ ସଂଖ୍ୟକ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୮୮ ରନ୍ କରିଥିଲା। ଦଳ ପାଇଁ ଅଭିଷେକ ପୋରେଲ ସର୍ବାଧିକ ୪୯ (୫ ଚୌକା ଓ ୧ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୩୮ (୨ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ଅକ୍ଷର ପଟେଲ ୩୪ (୪ ଚୌକା ଓ ୨ ଛକା) ରନ କରିଥିବା ବେଳେ ଟ୍ରିସ୍ତାନ ଷ୍ଟବ୍ସ ୩୪ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର ଦୁଇଟି ଉଇକେଟ ନେଇଥିଲେ। ଜବାବରେ ଜଶସ୍ୱି ଜୟସ୍ୱାଲ ଓ ଅଧିନାୟକ ସଞ୍ଜୁ ସାମସନଙ୍କ ଓପନିଂ ଯୋଡ଼ି ୫.୩ ଓଭରରେ ୬୧ ରନ ଯୋଡ଼ିଥିଲା। ସାମସନ ୧୯ ବଲରେ ୨ ଚୌକା ଓ ୩ ଛକା ସହିତ ୩୧ ରନ କରି ଦୁର୍ଭାଗ୍ୟବଶତଃ ଇଞ୍ଜୁରୀ କାରଣରୁ ରିଟାୟର୍ଡ ହର୍ଟ ହୋଇଥିଲେ। ତାଙ୍କ ବଦଳରେ ଆସିଥିବା ରିୟାନ ପରାଗ (୮) ଫେଲ୍ ମାରିଥିଲେ। ଜୟସ୍ୱାଲ ୫୧ (୩ ଚୌକା ଓ ୪ ଛକା) ଓ ନୀତିଶ ରାଣା ୫୧ (୬ ଚୌକା ଓ ୨ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଧ୍ରୁବ ଜୁରେଲ ୨୬(୨ ଛକା) ଓ ଶିମରନ ହେଟମାୟର ୧୫ ରନ କରିଥିଲେ। ଫଳରେ ରାଜସ୍ଥାନ ୨୦ ଓଭରରେ ୪ ଉଇକେଟ ହରାଇ ୧୮୮ ରନ କରିବାରୁ ମ୍ୟାଚ୍ ଟାଇ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୮୮/୫ (ଅଭିଷେକ ପୋରେଲ-୪୯, ଲୋକେଶ ରାହୁଲ-୩୮, ଅକ୍ଷର ପଟେଲ-୩୪, ଟ୍ରିସ୍ତାନ ଷ୍ଟବ୍ସ-୩୪*, ଜୋଫ୍ରା ଆର୍ଚର-୨/୩୨, ୱାନିନ୍ଦୁ ହସରଙ୍ଗା-୧/୩୮)। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୧୮୮/୪ (ଜଶସ୍ୱି ଜୟସ୍ୱାଲ-୫୧, ନୀତିଶ ରାଣା-୫୧, ସଞ୍ଜୁ ସାମସନ-୩୧, ଅକ୍ଷର ପଟେଲ-୧/୨୩, କୁଲଦୀପ ଯାଦବ-୧/୩୩, ମିଚେଲ ଷ୍ଟାର୍କ-୧/୩୬ )।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ ହାଇଦ୍ରାବାଦ**

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




ସୁପର୍ ଓଭରରେ ଚମତ୍କାର ବୋଲିଂ କରି ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହୋଇଥିବା ମିଚେଲ ଷ୍ଟାର୍କ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୦.୭୪୪ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ କିଙ୍ଗ୍ସ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | +୦.୦୨୭ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

# ଦୁଃସାହସିକ କ୍ରୀଡ଼ା ପାଇଁ ଦେବୀଦତ୍ତ ପୁରସ୍କୃତ

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)



ଦୁଃସାହସିକ କ୍ରୀଡ଼ାରେ ଉତ୍କର୍ଷତା ପାଇଁ ୱିଙ୍ଗ୍ କମାଣ୍ଡର ଦେବୀଦତ୍ତ ପଣ୍ଡା ସମ୍ମାନଜନକ ମ୍ୟାକ୍ ଗ୍ରେଗୋର ପଦକ ହାସଲ କରିଛନ୍ତି। ନୂଆଦିଲ୍ଲୀର ୟୁନାଇଟେଡ୍ ସର୍ଭିସ ଇନ୍‌ଷ୍ଟିଚ୍ୟୁଟ୍ (ୟୁଏସ୍‌ଆଇ)ରେ ଅନୁଷ୍ଠିତ ଏକ ଉତ୍ସବରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ଜେନେରାଲ ଅନିଲ ଚୌହାନ ତାଙ୍କୁ ପୁରସ୍କୃତ କରିଛନ୍ତି। ଦେବୀଦତ୍ତ ୨୨ଥର ବିଭିନ୍ନ ପର୍ବତାରୋହଣ ଅଭିଯାନରେ ସାମିଲ ହୋଇଛନ୍ତି। ଏହା ମଧ୍ୟରେ ମାଉଣ୍ଟ ଏଭରେଷ୍ଟ, ମାଉଣ୍ଟ ଧଉଳାଗିରି, ମାଉଣ୍ଟ ଲୋହୋଟ୍‌ସେ ଆଦି ଅନ୍ୟତମ। ସେ ଶେରପାଙ୍କ ବିନା ସହାୟତାରେ ମଧ୍ୟ ଅନେକ ପର୍ବତ ଆରୋହଣ କରିଛନ୍ତି। ଏହା ବ୍ୟତୀତ ସେ ୨୦୨୩ ଓ ୨୦୨୪ରେ ୭୨ କିଲୋମିଟର ରନ୍‌ବିଶିଷ୍ଟ କରଦୁଙ୍ଗଲା ଚ୍ୟାଲେଞ୍ଜ, ୱାଟରଫଲ୍ସ ଏବଂ ଅନେକ ଲଙ୍ଗ୍ ଡିଷ୍ଟାନ୍ସ ସାଇକ୍ଲିଂ ଅଭିଯାନରେ ସାମିଲ ଥିଲେ। ଏହାଛଡ଼ା ସେ ହିମାଳୟାନ ମାଉଣ୍ଟେନିଅରିଂ ଇନ୍‌ଷ୍ଟିଚ୍ୟୁଟ୍‌ର ଭାଇସ୍ ପ୍ରିନ୍ସିପାଲ ମଧ୍ୟ ଥିଲେ।

# ଆଇପିଏଲ୍ ଉପରେ ଫିକ୍ସିଂର କଳାବାଦଲ

ମୁମ୍ବାଇ,୧୬।୪

**ବିସିସିଆଇ ପକ୍ଷରୁ ସତର୍କତା ଜାରି**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆଇପିଏଲ୍‌ର ସମସ୍ତ ଫ୍ରାଞ୍ଚାଇଜ୍ ପାଇଁ ସମ୍ଭାବ୍ୟ ଦୁର୍ନୀତି ଲାଗି ପ୍ରଲୋଭନ ସମ୍ପର୍କରେ ସତର୍କତା ଜାରି କରାଯାଇଛି। ସନ୍ଦେହଜନକ ପରିଚୟପତ୍ର ସହିତ ଜଣେ ବ୍ୟବସାୟୀ ଆଇପିଏଲ୍ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସକ୍ରିୟ ଭାବେ ପ୍ରଲୋଭିତ କରିବାକୁ ଉଦ୍ୟମ କରୁଥିବା ନେଇ ବିସିସିଆଇ ପକ୍ଷରୁ କୁହାଯାଇଛି। ଏ ନେଇ ଫ୍ରାଞ୍ଚାଇଜ୍‌ର ମାଲିକ, ଖେଳାଳି, କୋଚ୍, ସପୋର୍ଟ ଷ୍ଟାଫ୍ ଓ ଏପରିକି ଭାଷ୍ୟକାରଙ୍କୁ ମଧ୍ୟ ସତର୍କ କରାଯାଇଛି।

ଆଣ୍ଟି-କର୍ପସନ ସିକ୍ୟୁରିଟି ୟୁନିଟ୍(ଏସିଏସ୍‌ୟୁ) ମୁତାବକ, ଉକ୍ତ ବ୍ୟବସାୟୀଙ୍କ ଘର ହାଇଦ୍ରାବାଦ। ବୁକିଙ୍କ ସହ ତାଙ୍କର ଲିଙ୍କ୍ ରହିଛି ଏବଂ ଅତୀତରେ ଦୁର୍ନୀତି ସମ୍ପର୍କିତ କାର୍ଯ୍ୟକଳାପରେ ତାଙ୍କ ସମ୍ପୃକ୍ତି ଥିବାର ରେକର୍ଡ ମଧ୍ୟ ରହିଛି। ଉକ୍ତ ବ୍ୟବସାୟୀ ଆଇପିଏଲ୍ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ସହିତ ବନ୍ଧୁତା କରିବାକୁ ଉଦ୍ୟମ କରୁଛନ୍ତି। ସେହି ବ୍ୟବସାୟୀଙ୍କ ପକ୍ଷରୁ ହୋଇଥିବା ସମ୍ଭାବ୍ୟ ଯୋଗାଯୋଗ ସମ୍ପର୍କରେ ରିପୋର୍ଟ କରିବାକୁ ଏସିଏସ୍‌ୟୁ ପକ୍ଷରୁ ଆଇପିଏଲ୍‌ର ସମସ୍ତ ଅଂଶୀଦାରଙ୍କୁ କୁହାଯାଇଛି। ଏଥିସହିତ ଆଇପିଏଲ୍ ସହ ଜଡ଼ିତ ସମସ୍ତଙ୍କୁ ଆଲର୍ଟ ରହିବାକୁ କୁହାଯାଇଛି। ଏସିଏସ୍‌ୟୁ ପକ୍ଷରୁ ଆଇପିଏଲ୍ ଦଳଗୁଡ଼ିକୁ କୁହାଯାଇଥିଲା ଯେ, ଅତ୍ୟାଧୁନିକ ଟେକ୍ନୋଲୋଜି ଯୋଗୁ ଚ୍ୟାଲେଞ୍ଜ ବୃଦ୍ଧି ପାଇଛି।

# ଆଇଡବ୍ଲ୍ୟୁଏଲ୍‌ରୁ ଓଡ଼ିଶା ଏଫ୍‌ସି ରିଲିଗେଟେଡ୍

**ଭୁବନେଶ୍ୱର,୧୬।୪ (ଅନାଦି କର):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଏକ ମ୍ୟାଚ୍‌ରେ ଶ୍ରୀଭୂମିଠାରୁ ୩-୦ ଗୋଲରେ ଓଡ଼ିଶା ଏଫ୍‌ସି ପରାସ୍ତ ହୋଇଛି। ଏହି ପରାଜୟ ସହ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଏଫ୍‌ସି ଲିଗ୍‌ରୁ ରିଲିଗେଟେଡ୍ ହୋଇଛି। ଲିଗ୍‌ର ଆଗାମୀ ସଂସ୍କରଣରେ ଖେଳିବା ପାଇଁ ଓଡ଼ିଶା ଏଫ୍‌ସିକୁ ଏହି ମ୍ୟାଚରେ ନିଶ୍ଚିତ ବିଜୟର ଆବଶ୍ୟକତା ଥିଲା। ଭାରତୀୟ ମହିଳା ଫୁଟ୍‌ବଲ ଇତିହାସରେ ପ୍ରଥମ ଥର ପାଇଁ ଲିଗ୍‌ର ଡିଫେଣ୍ଡିଂ ଚାମ୍ପିୟନ ଦଳକୁ ରିଲିଗେଟେଡ୍ ହେବାକୁ ପଡ଼ିଛି। ଓଡ଼ିଶା ଏଫ୍‌ସି ଓ ହୋପ୍ସ ଫୁଟ୍‌ବଲ କ୍ଲବକୁ ଆଗାମୀ ସଂସ୍କରଣରୁ ଇଣ୍ଡିଆନ ଓମେନ୍ସ ଲିଗ୍-୨ରେ ଖେଳିବାକୁ ପଡ଼ିବ।

# ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ

ଭୁବନେଶ୍ୱର, ୧୬।୪ (ତପନ ସ୍ୱାଇଁ)

**ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଯାପିତ**

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)-୨୦୨୫ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ନୀତା ଫୁଟବଲ ଏକାଡେମୀ ଓ ସ୍ପୋର୍ଟ୍ସ ଓଡ଼ିଶା ୨୬ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଛନ୍ତି। ମାତ୍ର ଗୋଲ ବ୍ୟବଧାନ ରେ ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ ଓ ସ୍ପୋର୍ଟ୍ସ ଓଡ଼ିଶା ରନରଅପ୍ ହୋଇଛି। ନୀତା ଏକାଡେମୀର ଗୋଲ ବ୍ୟବଧାନ ୪୮ ଓ ସ୍ପୋର୍ଟ୍ସ ଓଡ଼ିଶାର ୩୨ ରହିଥିଲା। ୨୫ ପଏଣ୍ଟ ପାଇଥିବା ଓଡ଼ିଶା ପୋଲିସ ତୃତୀୟ ସ୍ଥାନ ହାସଲ କରିଛି। ଏହି ଦଳର ଗୋଲ ବ୍ୟବଧାନ ୫୩ ରହିଥିଲେ ହେଁ ଗୋଟିଏ ପଏଣ୍ଟ ପାଇ ପଛରେ ପଡ଼ି ଯାଇଛି। ୧୮ ପଏଣ୍ଟ ସହ କିଟ୍ ଓ କିସ୍ ଚତୁର୍ଥ ସ୍ଥାନ ଅଧିକାର କରିଛି। ୧୧ଟି ଦଳକୁ ନେଇ ଲିଗ୍‌ରେ ମୋଟ ୫୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି, ଯୁଗ୍ମ ସଚିବ ବିଜୟାନନ୍ଦ ନାୟକ, ଉପ ସଚିବ ଅମିତ କୁମାର ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ଦିଲୀପ କୁମାର ସାହୁ, ମହମ୍ମଦ ସହିଦ ଜବାର, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ସଦସ୍ୟ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧ ଲକ୍ଷ ଓ ରନରଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।




ଚାମ୍ପିୟନ ନୀତା ଫୁଟବଲ ଏକାଡେମୀ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଶ୍ରୀଭୂମି ସହିତ ଭଲ ଅଭିଜ୍ଞତା ରହିଲା: ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୬।୪(ତପନ ସ୍ୱାଇଁ)

**ଇଣ୍ଡିଆନ ଓମେନ୍ସ ଲିଗ୍**

କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ମ୍ୟାଚରେ କୋଲ୍‌କାତାର ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୩-୦ ଗୋଲରେ ଘରୋଇ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଛି। ଶ୍ରୀଭୂମି ଦଳର ଫରୱାର୍ଡ ନଙ୍ଗମେଇକାପାମ ଶିବାନୀ ଦେବୀଙ୍କ ହାଟ୍ରିକ ଗୋଲ ବଳରେ କୋଲକାତା ଦଳକୁ ଏହି ସଫଳତା ମିଳିଛି। ପୂରା ମ୍ୟାଚ୍‌ରେ ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଆଧିପତ୍ୟ ବିସ୍ତାର କରି ଖେଳିଥିବାବେଳେ ମଣିପୁରର ଶିବାନୀ ୧୦ମ, ୧୮ଶ ଓ ୩୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ହାଟ୍ରିକ ପୂରଣ କରିଥିଲେ। ଶ୍ରୀଭୂମି ଫୁଟ୍‌ବଲ କ୍ଲବ ଦଳର ସଫଳତା ପଛରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ବେଶ୍ ଅବଦାନ ରହିଛି। ପୂରା ସିଜନରେ ଶ୍ରଦ୍ଧାଞ୍ଜଳି ଏହି ଦଳର ସହକାରୀ କୋଚ୍ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ତେଣୁ ଦଳର ବିଜୟରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଶ୍ରଦ୍ଧାଞ୍ଜଳି।

"ପୂର୍ବରୁ ମୁଁ ରାଜ୍ୟରୁ ଆରମ୍ଭ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳିଛି। ଏହାପରେ କୋଚ୍ ଏବଂ ଚୟନକର୍ତ୍ତା ଦାୟିତ୍ୱ ଅନେକଥର ତୁଲାଇଛି। ମାତ୍ର ଓଡ଼ିଶା ବାହାର ଏକ କ୍ଲବରେ ଏଥର ପ୍ରଥମଥର ପାଇଁ ପିଲାଙ୍କୁ ପ୍ରଶିକ୍ଷଣରେ ଭିନ୍ନ ଅନୁଭୂତି ମିଳିଛି। ଦଳରେ ଗୋଲ୍‌କିପର ଅଦିତି ଚୌହାନଙ୍କ ପରି ଅନେକ ଭଲ ଖେଳାଳି ଥିଲେ। ଫାଇନାଲରେ ନଙ୍ଗମେଇକାପାମ ଶିବାନୀ ଦେବୀ ଅତି ଚମତ୍କାର ଖେଳି ହାଟ୍ରିକ୍ ଅର୍ଜନ କଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ କ୍ଲବ ବିଜୟୀ ହେବା ସହିତ ଚଳିତ ସିଜନରେ ତୃତୀୟ ସ୍ଥାନରେ ରହିଲା। ମୁଁ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବା ସହ ବ୍ୟକ୍ତିଗତ ଭାବେ ଅନେକ କିଛି ଶିଖିଛି। କାରଣ ମୁଁ ସବୁବେଳେ ଜ୍ଞାନ ଆହରଣକୁ ଭଲପାଏ। ଜଣେ କୋଚ୍‌ଭାବେ ଏହି କ୍ଲବ ସହ କାର୍ଯ୍ୟକରି ମୋତେ ଯେଉଁ ଅନୁଭୂତି ମିଳିଛି ତାହା ଆଗାମୀ ଦିନରେ ନିଶ୍ଚିତ ସାହାଯ୍ୟ କରିବ। ଆଗାମୀ ସିଜନରେ ମଧ୍ୟ କୌଣସି ନା କୌଣସି କ୍ଲବ ସହ ଯୋଡ଼ିହୋଇ ରହିବାର ଯୋଜନା ରହିଛି" ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଶ୍ରୀଭୂମି ଫୁଟ୍‌ବଲ କ୍ଲବ ୧୪ ମ୍ୟାଚ୍‌ରୁ ୭ ବିଜୟ ସହ ୨୨ ପଏଣ୍ଟ ପାଇଛି। ଫଳରେ ଏହି ଦଳ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଆଉ ଗୋଟିଏ ମ୍ୟାଚ୍ ଖେଳିବାକୁ ଥିଲେ ମଧ୍ୟ ଇଷ୍ଟ ବେଙ୍ଗଲ ଏଫ୍‌ସି ୩୪ ପଏଣ୍ଟ ପାଇଥିବାରୁ ଚାମ୍ପିୟନ ହେବା ନିଶ୍ଚିତ ହୋଇସାରିଛି। ଗୋକୁଲମ କେରଳ ୨୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ୧୪ ମ୍ୟାଚ୍‌ରୁ ୮ମ ପରାଜୟ ସହ ତା'ର ଅଭିଯାନ ଶେଷ କରିଛି।



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ



ଇଣ୍ଡିଆନ୍ସ ଓମେନ୍ସ ଲିଗ୍‌ରେ ଅଂଶଗ୍ରହଣ କରିଥିବା ଶ୍ରୀଭୂମି ଫୁଟ୍‌ବଲ କ୍ଲବର ଖେଳାଳି ଓ ଅଫିସିଆଲ।

# ସୁରୁଚିଙ୍କୁ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ, ମନୁଙ୍କୁ ରୌପ୍ୟ




ସୁରୁଚି ଇନ୍ଦର ସିଂ

ଲିମା,୧୬।୪(ପି.ଟି.)

**ଶୁଟିଂ ବିଶ୍ୱକପ୍**

ସୁରୁଚି ଇନ୍ଦର ସିଂ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଜବରଦସ୍ତ ପ୍ରଦର୍ଶନ ଜାରି ରଖି ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ଲଗାତର ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଥିବା ବେଳେ ପ୍ୟାରିସ୍ ଅଲିମ୍ପିକ୍ସ ମେଡାଲିଷ୍ଟ ମନୁ ଭାକର ରୌପ୍ୟ ପଦକ ଅର୍ଜନ କରିଛନ୍ତି।

୧୮ ବର୍ଷୀୟା ସୁରୁଚି ନିକଟରେ ସିଜନର ପ୍ରଥମ ବିଶ୍ୱକପ୍ ଇଭେଣ୍ଟରେ କ୍ୟାରିୟରର ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୨୪ ଶଟ୍‌ବିଶିଷ୍ଟ ଫାଇନାଲରେ ୨୪୩.୬ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କଠାରୁ ମାନୁ ୧.୩ ପଏଣ୍ଟ ପଛରେ ରହିଯାଇଥିଲେ। ଚାଇନାର ୟାଓ କ୍ୱିନଜୁନ ବ୍ରୋଞ୍ଜ ପଦକ ଜିତିଥିଲେ। ୬୦ ଶଟ୍‌ବିଶିଷ୍ଟ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ୫୮୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ମାନୁ ୫୭୮ ପଏଣ୍ଟ ସହ ଚତୁର୍ଥ ସ୍ଥାନ ପାଇଥିଲେ। ଅନ୍ୟତମ ଭାରତୀୟ ଶୁଟର ସେନୟାମ ୫୭୧ ପଏଣ୍ଟ ସହ ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପୁରୁଷ ୧୦ ମି. ଏୟାର ପିସ୍ତଲ ଫାଇନାଲରେ ସୌରଭ ଚୌଧାରୀ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲେ। ଭାରତୀୟ ଶୁଟରଙ୍କ ଏଭଳି ପ୍ରଦର୍ଶନ ଯୋଗୁ ଟୁର୍ନାମେଣ୍ଟର ପଦକ ତାଲିକାରେ ଭାରତ ୩ ପଦକ ସହ ଶୀର୍ଷରେ ରହିଛି। ଏହି ତାଲିକାରେ ପୁରୁଷ ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି।

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ